
অগষ্ট ২০২০ • ৫০টঙ্কা
রেবতী
আম মাটির স্বর
website :
www.rebatee.in



New Product
HDPE Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
HDPE Pipes
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଦ୍ୱିତୀୟ ବର୍ଷ : ୧୦ମ ସଂଖ୍ୟା, ଅଗଷ୍ଟ ୨୦୨୦ ■ Vol-2, Issue : 10, August 2020



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କମ୍ପ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**ସମ୍ପାଦକୀୟ କାର୍ଯ୍ୟାଳୟ**
ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

**Editorial Office**
Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ସୂ ଚୀ ପ ତ୍ର

୨ୟ ବର୍ଷ ୧୦ଶ ସଂଖ୍ୟା । ଅଗଷ୍ଟ ୨୦୨୦ ।

ଆମ ମାଟିର ସ୍ୱର

୭ ସମ୍ପାଦକୀୟ : ନାରୀର ପରିଚୟ...: ସୁବାସିନୀ ଜେନା








୯ ଦେବାଳୟ-୧ : ସିଦ୍ଧି ବିନାୟକ : ପାରମିତା ଷଡ଼ଙ୍ଗୀ

୧୪ ମୋ ଗାଁ : ଶ୍ରୀଜଙ୍ଗର ଶ୍ରୀ : ଉଦୟ ନାରାୟଣ ଦାସ

୨୪ ମୋ ବାପା : ପରିପୂର୍ଣ୍ଣ ପୂର୍ଣ୍ଣଚନ୍ଦ୍ର : ଶ୍ରୀଦେବ

୨୯ ଅନୁଶୀଳନ-୧ : ସ୍ୱାଧୀନ ସାହିତ୍ୟ : ଡକ୍ଟର ସୁବାସ ଚନ୍ଦ୍ର ପାତ୍ର

୩୫ ପ୍ରେରଣା : ମମତାର ମନ୍ଦିର : ଶ୍ରୀଗୋବିନ୍ଦ

୩୬ ନଦନଦୀ : କୋରାପୁଟର ଜୀବନରେଖା: ରଂଜନ ପ୍ରଧାନ

୪୬ ଦେବାଳୟ-୨ : ଉଡୁପିର ଶ୍ରୀକୃଷ୍ଣ : ସ୍ୱୟଂପ୍ରଭା ପଣ୍ଡା

୪୫ ଆଇନକାନୁନ୍ : ସ୍ନିଗ୍ଧା ତ୍ରିପାଠୀ

୫୦ ପଚ୍ଛ-ଝର୍କା : ନେତାଜୀ ଅଭିନନ୍ଦନ

୫୪ ଦ୍ୱି-ପ୍ରଚ୍ଛଦ : ରାମେଶ୍ୱରୀ ଲେଙ୍କା

୫୬ ସମକାଳ କବିତା : ଦେବାଶିଷ ପାତ୍ର

୫୭ : ପ୍ରତୀକ୍ଷା ଜେନା

୫୮ : ଡା. ଦୀନବନ୍ଧୁ ସାହୁ

: ଶର୍ମିଷ୍ଠା ସାହୁ

୫୯ : ପ୍ରୀତିଧାରା ସାମଲ

୬୦ : ପ୍ରମୋଦ ପ୍ରଧାନ


୬୧ : ମାଧୁରୀ ପଣ୍ଡା


୬୨ : ସଂପ୍ରୀତି ଶତଭିଷା


୬୩ ଅନୁଶୀଳନ-୨ : ଡକ୍ଟର ହରିଶ୍ଚନ୍ଦ୍ର ବେହେରା

















୬୭ ମନେପଡ଼େ. : ଜୟନ୍ତ ଶେଠ୍

: ତପନ କୁମାର ପଣ୍ଡା

୭୪ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୮୧ କଥା-କାହାଣୀ : ସୁକାନ୍ତି ରାଉତ

୮୫ ଗୃହସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ

୮୯ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ





## ନିୟମିତ ବିଭାଗ


୯୨ ଫ୍ୟାଶନ୍ : ସ୍ନିଗ୍ଧା ତ୍ରିପାଠୀ

୯୪- ୧୦୫ ରୋଷେଇଶାଳ :

ଡୋଲା ଗୁହନିୟୋଗୀ

ଅନୁରାଧା ସିଂହ

ମଞ୍ଜୁଲତା ନନ୍ଦ

ଇନ୍ଦୁଲତା ତ୍ରିପାଠୀ

ଶୁଭଶ୍ରୀ ମହାପାତ୍ର

ସ୍ମିତପ୍ରଜ୍ଞା ମେହେର










୧୦୬ ଶେଷପୃଷ୍ଠା : ଲେଖକର ଲାଇସେନ୍ସ: କୃଷ୍ଣ କୁମାର ମହାନ୍ତି



ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି

ପ୍ରଚ୍ଛଦ ଫଟୋଗ୍ରାଫି : ସୌଭାଗ୍ୟ ରଂଜନ ମିଶ୍ର, ଭୁବନେଶ୍ୱର

ପ୍ରଚ୍ଛଦ ଡିଜାଇନ୍ : ଶିବ୍‌ରାଜ୍ କମ୍ପ, ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର

ପ୍ରଚ୍ଛଦ ମଡେଲ୍ : ତପସ୍ୱିନୀ ମହାଳିକ, ବାଲେଶ୍ୱର

ଉଚ୍ଚତା : ୫ ଫୁଟ୍

ଶିକ୍ଷା : ସାମ୍ବାଦିକତାରେ ସ୍ନାତକୋତ୍ତର

ବୃତ୍ତି : ସମ୍ବାଦ ଉପସ୍ଥାପିକା

କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : ରେବତୀ ମହାଳିକ

ସ୍ଥାନ : ବାଲେଶ୍ୱର


**ମଲାଟ କଥା :** ମୁକ୍ତିର ଆନନ୍ଦ ଅନନୁଭବ୍ୟ । ସେ ଅନୁଭବ ଏକ ମହାର୍ଘ ଅନୁଭବ । ଜୀବନର ସାବଳୀଳତା ବାଧାପ୍ରାପ୍ତ ହେଲେ ସେଥିରୁ ମୁକୁଳିବା ପାଇଁ ଆମେ ଖୋଜୁ ମୁକ୍ତିର ଆଲୋକ । କାରଣ ମୁକ୍ତି ଆମକୁ ଯାହା ଦେଇପାରେ, ତାହା ଆଉ କେଉଁ ପ୍ରାପ୍ତିରୁ ମିଳେନାହିଁ । ନାରୀଟିଏ ତା' ଜୀବନକାଳ ଭିତରେ ଖୋଜୁଥାଏ ଏଇ ମୁକ୍ତି । ଖୋଜୁଥାଏ ସ୍ୱାଧୀନତାର ଟିକିଏ ସ୍ୱାଦ । ତାର ସଂଗ୍ରାମ ଜାରିଥାଏ । କେବେଦିନେ କେହିଜଣେ ତାକୁ ଧରେଇ ଦେବ ମୁକ୍ତିର ହଳେ ଡେଣା ଓ କହିବ : ଉଡ଼୍ । ଏଇ ଆଶାରେ ସେ ବଞ୍ଚିଥାଏ । ମୁକ୍ତିର ସେଇ ଭାବଟି ଏଥର 'ରେବତୀ'ର ପ୍ରଚ୍ଛଦ ଭାବନା ।




## କବିତା ପୃଷ୍ଠା ମନ ମୋହିନେଲା

● 'ରେବତୀ'ର ଜୁଲାଇ ଡିଜିଟାଲ୍ ସଂଖ୍ୟାରେ ପ୍ରକାଶିତ ସବୁ କବିତା ବେଶ୍ ହୃଦୟସ୍ପର୍ଶୀ ଓ ସୁଖପାଠ୍ୟ । କବି ସୁରେଶ କୁମାର ନାୟକଙ୍କ 'ଜୋତା' କବିତାରେ ଦଳିତର ଅଭିମାନ, କବି ଅଙ୍ଗୁରବାଳା ପରିଡ଼ାଙ୍କ 'ଲୁହ' କବିତାରେ ବନ୍ଧ୍ୟାର ବେଦନା, କବି ଜୟନ୍ତିକାଙ୍କ କବିତାରେ ବାସୁଭାଇ ଚାଲିଯିବା ଖବର ପାଇବା ପରେ ସାହସୀ ଭାବରେ ଶହ ଶହ ସଂଖ୍ୟାରେ ବଞ୍ଚୁଥିବା ରେବତୀର କଥା ଖୁବ୍ ଭଲ ଲାଗିଲା । ଜୀବନକୁ ସାଲିସ୍ କରି ବଦଳି ଯାଉଥିବା କବି ଦେବ ପ୍ରସାଦ ଦାଶ, ବିଳାସୀ ପ୍ରିୟତମାକୁ ବାସ୍ତବିକତା ଦେଖାଇ ମୁହୂର୍ତ୍ତେ ବଞ୍ଚିବାକୁ ଚାହୁଁଥିବା କବି ଯାଦବେନ୍ଦ୍ର ସାହା, ନିଜକୁ ଖୋଜିବା ବେଳେ ବାପା ମା'ଙ୍କ ଭରସା ପାଇଥିବା କବି ମମତା ପ୍ରିୟଦର୍ଶିନୀ, ପୁରାତନର କାତି ଛଡ଼ାଇ ଆଗକୁ ବଢୁଥିବା ସମୟର କବି ସରୋଜ ବଳ ଓ ସମ୍ମୋହକ ସ୍ୱରର ଅନୁଧାବନରେ ଆତ୍ମବିସ୍ମୃତ କବି ଅକ୍ଷୟ ପାତ୍ରଙ୍କୁ ଶୁଭେଚ୍ଛା । ପ୍ରେମ କବିତାରେ ବଂଶୀବାଦକ କବି ପୂରବୀ ଶତପଥୀ, ବର୍ଷାଭିଜା କବି ଦେବଯାନୀ ତ୍ରିପାଠୀ, ଗଲାପରେ ବି ପାଖରେ ଥିବାର ଅନୁଭବର କବି ପିନାକୀ ମିଶ୍ର, ପ୍ରେମଚିଠିର କ୍ରମଶଃ ପରେ ନିର୍ନିମେଷ ଅପେକ୍ଷାର କବି ଲିପିକା ଦାସ, ଜୁଆରିଆ ପ୍ରେମର ସ୍ମୃତିର କବି ନୀଳମାଧବ କର ଓ ଗହଳ ବନରେ ନିରବତା ଖୋଜୁଥିବା କବି ସିପୁନୁ ଜେନାଙ୍କୁ ଶୁଭେଚ୍ଛା । ଛାତିତଳ ବେଦନାକୁ ଗୋପନୀୟ ରଖିବା ପ୍ରୟାସରେ କବି ମମତା ସାହୁ, ମୋହନ ଦାସଙ୍କ ଜିଜ୍ଞାସାରେ କବି ଅମରେନ୍ଦ୍ର ମାଧବ ଦାଶ, ଫଜେରା ଫାଟିବା ପରେ ବି ବଦଳୁ ନଥିବା ପ୍ରବୃତ୍ତି ଭିତରେ କବି ମାନମୟୀ ରଥଙ୍କୁ ଅଭିନନ୍ଦନ । ସବାଶେଷରେ ସୁନ୍ଦର କବିତାଗୁଡ଼ିକୁ ପଢ଼ିବାର ସୁଯୋଗ ଦେଇଥିବାରୁ 'ରେବତୀ' ପରିବାରକୁ ଅଶେଷ ଧନ୍ୟବାଦ । 'ରେବତୀ'ର ଅଳଙ୍କରଣ, ପରିପାଟୀ ଆକର୍ଷଣୀୟ ।

**ଉମାଶଙ୍କର ପାଳ,** ଭୁବନେଶ୍ୱର

## ଅଜୟ ସ୍ୱାଇଁଙ୍କ ଲେଖା ଭଲ ଲାଗିଲା

● ବହୁତ ପ୍ରୟାସ ପରେ 'ରେବତୀ' ପାଖରେ ପହଞ୍ଚିଲି । ଆଉ ଫେରି ପାରିଲିନି । ପ୍ରାୟ ସବୁ ପଢ଼ିଲି । ମହଲର ପଛରେ ଥିବା ମଣିଷଟି ସଂପର୍କରେ ଅଜୟ ସ୍ୱାଇଁଙ୍କ ଲେଖାଟି ବେଶ୍ ଟାଣିଲା । 'ମହଲ'ରେ ମୋ ଲେଖା ବି ପ୍ରକାଶିତ ହେଉଥିଲା । ମନେ ପକାଇଲି ।

**ସଂଘମିତ୍ରା ମିଶ୍ର,**ଭୁବନେଶ୍ୱର

## ସଂପାଦକୀୟ ସର୍ବଦା ଶିକ୍ଷଣୀୟ ବିଷୟ ଉପରେ ଆଧାରିତ

● ମୋର ନମସ୍କାର ନିଅନ୍ତୁ । ସମ୍ମାନନୀୟ ରବୀନ୍ଦ୍ର ବାବୁଙ୍କୁ ମୋର ନମସ୍କାର ଏବଂ ପ୍ରିୟ କୃଷ୍ଣବାବୁଙ୍କୁ ମୋର ଶୁଭେଚ୍ଛା ଜଣାଇବେ । ଆଶା ଆପଣମାନେ ସମସ୍ତେ ପ୍ରଭୁ ଜଗନ୍ନାଥଙ୍କ ଦୟାରୁ କୁଶଳରେ ଥିବେ । ଆପଣ ଫେସ୍‌ବୁକ୍‌ରେ ଇ-ସଂସ୍କରଣ କରି ଛାଡ଼ିଥିବା ଡିଜିଟାଲ୍ 'ରେବତୀ'କୁ ପଢ଼ିଲି । ଏଇ ସଂଖ୍ୟା କେବଳ ନୁହଁ, ଆପଣଙ୍କର ପ୍ରତିଟି ସଂଖ୍ୟା ସାଇତି ରଖିଲା ଭଳି ଏବଂ ରଖିଛି ମଧ୍ୟ । ସବୁବେଳେ ଆପଣଙ୍କ ସମ୍ପାଦକୀୟ ଶିକ୍ଷଣୀୟ ବିଷୟ ଉପରେ ଆଧାରିତ ହୋଇଥାଏ । ଯେମିତି ଏ ସଂଖ୍ୟାରେ 'ନାରୀର ସଂଜମତା ଓ ସଂଗ୍ରାମ' ଉପରେ ଲେଖିଛନ୍ତି । ତା' ମଧ୍ୟରେ କରୋନାକୁ ନେଇ ଯେଉଁ ଦୁଃଖଦ ବାର୍ତ୍ତା ଦେଇଛନ୍ତି ତାହା ସବୁଠୁ ମର୍ମସ୍ପର୍ଶୀ । ମଣିଷ କ୍ରମଶଃ ଅଛୁଆଁ ପାଲଟି ଯାଉଛି ଆପଣାର ମଣିଷମାନେ ନିମିଷକେ ହୋଇଗଲେ ଅସ୍ପୃଶ୍ୟ । ସମୟ ଛଡ଼ାଇ ନେଲା ଆମ ପାଖରୁ ଆମ ଖୁସି, ଆମ ସ୍ୱାଧୀନତା, ସବୁକିଛି । ସଙ୍ଗରୋଧ ହୋଇ ରହିଗଲୁ ଆମେ । ଏ ଦୁଃଖ ଆମର ନୁହେଁ, ସମଗ୍ର ପୃଥିବୀବାସୀଙ୍କର । ତେବେ ସେ ଯାହାହେଉ, ଜୁନ୍ ସଂଖ୍ୟାରେ ମୋ କବିତାଟିକୁ ପତ୍ରସ୍ଥ କରିଥିବାରୁ ଆପଣଙ୍କୁ ଅଶେଷ ଧନ୍ୟବାଦ । କୃଷ୍ଣ କୁମାର ମହାନ୍ତିଙ୍କ ଭଳି ଯୋଗ୍ୟ ସମ୍ପାଦନା ସହଯୋଗୀ ପାଇଛନ୍ତି ଯେତେବେଳେ, ପତ୍ରିକା ନିହାତି ଭଲ ହେବାକଥା । ତାହା ପ୍ରମାଣ କରିଛନ୍ତି ଆପଣ । ବାଲେଶ୍ୱର ଓଡ଼ିଆ ଭାଷା ପାଇଁ ଯେଭଳି ଗର୍ବିତ ପତ୍ରପତ୍ରିକା ପ୍ରକାଶନ କ୍ଷେତ୍ରରେ ସେଭଳି ଉନ୍ନତ । ସମୟ ସହିତ ତାଳ ଦେଇ 'ଚନ୍ଦ୍ରଭାଗା', 'ପରିଚୟ', 'ରୂପରଂଗ' ଏବଂ ଏବେ 'ରେବତୀ' ସବୁବେଳେ ଆଗରେ । କୃଷ୍ଣବାବୁଙ୍କୁ ଦୀର୍ଘବର୍ଷରୁ ଜାଣିଛି । କିଶୋର ବୟସରୁ କାଗଜ ଖଣ୍ଡରେ ଜେରକ୍ସ କରି ପତ୍ରିକା ସମ୍ପାଦନା କରିବା ଓ ପାଠକ ସୃଷ୍ଟି କରିବାରେ ସେ ମାହିର୍ । ଆପଣଙ୍କର ବହୁଦିନର ସ୍ୱପ୍ନକୁ ଆପଣ ସାର୍ଥକ କରି ପାରିଛନ୍ତି ତାଙ୍କ ମାଧ୍ୟମରେ, ସେଲାଗି ଆପଣଙ୍କୁ ଧନ୍ୟବାଦ । ଆପଣ ଓ କୃଷ୍ଣବାବୁଙ୍କ ସୁସମ୍ପାଦନାରେ 'ରେବତୀ' ଆଗକୁ ମାଡ଼ିଚାଲୁ- ଏଇ ଆଶା ମୁଁ ରଖିବି ନିଶ୍ଚୟ ।

ଏ ସଂଖ୍ୟାରେ ଶାବର ଶ୍ରୀକ୍ଷେତ୍ର ଉପରେ ଯାହା ତଥ୍ୟ ପ୍ରକାଶ ପାଇଛି ତା ମୂଳରେ ସେଠାରେ ଥିବା ଅଧ୍ୟାପକ ରମେଶ ଦାସଙ୍କର ବହୁ ଅବଦାନ ଯେ ରହିଛି ତାକୁ ଲେଖକ ପାଶୋରି ଯାଇଛନ୍ତି । 'ମହଲ୍' ପତ୍ରିକାର ସଂପାଦକଙ୍କ ଉପରେ ପ୍ରକାଶିତ ଅଜୟ ସ୍ୱାଇଁଙ୍କ ଆଲେଖ ପାଇଁ ତାଙ୍କୁ ଧନ୍ୟବାଦ । ଗୋଟାଏ ସମୟ ଥିଲା 'ମହଲ' ଆମମାନଙ୍କର ପ୍ରିୟ ପତ୍ରିକା ଥିଲା । ସେଥିରେ ମୋ ଲେଖା ମଧ୍ୟ ପ୍ରକାଶ ପାଇଛି । ଏବେ ବି ଖୋଜିଲେ 'ମହଲ'ର କେତୋଟି ସଂଖ୍ୟା ମୋ ପାଖରେ ଥିବ । ଡିମାଇ ସାଇଜ୍ ଠୁ ଟିକେ କମ୍ ସାଇଜ୍‌ର ସେ ପତ୍ରିକା । ଗଳ୍ପ ଓ ଉପନ୍ୟାସର ଚମତ୍କାରିତା ଥାଏ ସେଥିରେ ।ନୂଆଦିଲ୍ଲୀର ଜଗନ୍ନାଥଙ୍କ ମନ୍ଦିର ସଂପର୍କରେ ଲେଖାଟି ପଢିଲି । ସେ ଜଗନ୍ନାଥ ମନ୍ଦିରର ଅତିଥିଶାଳାରେ ମୁଁ ଦିଲ୍ଲୀରେ ପଢୁଥିବା ସମୟରେ କିଛିଦିନ ରହିଥିଲି । ଲାଉତୁମ୍ବା, ଯାହା ଯୋଗୀମାନଙ୍କର ଏକ ମାଧ୍ୟମ, ସେ ଲାଉତୁମ୍ବା ସଂପର୍କରେ ଆଲେଖ ମୁଗ୍ଧ କଲା । ଏଇଭଳି ଭାବେ ଆପଣଙ୍କ ପତ୍ରିକା ଆମକୁ ଅନେକ ସମୟରେ ତାଜା କରିଦିଏ । ସେଥିପାଇଁ ପତ୍ରିକାଟି ଅତି ନିଜର ନିଜର ଲାଗେ । କୃଷ୍ଣବାବୁ ଖୋଜିଲୋଡ଼ି ସଂଯୋଜନା ଓ ସଂପାଦନା ଉପଯୁକ୍ତ ଭାବେ କରୁଥିବାରୁ ମୋ ତରଫରୁ ତାଙ୍କୁ ଧନ୍ୟବାଦ ଜଣାଉଛି ।

**ଅଶୋକ କୁମାର ମହାନ୍ତି,**ପାଳିଆବିନ୍ଧା, ଭଦ୍ରକ

**ଆମ ଉତ୍ତର :** ଆପଣଙ୍କୁ ଆନ୍ତରିକ ଧନ୍ୟବାଦ ଯେ ଆପଣ ଆମ ପତ୍ରିକାର ଜଣେ ନିୟମିତ ଦରଦୀ ଓ ଦୀକ୍ଷିତ ପାଠକ ଭାବରେ ଦାୟିତ୍ୱ ନିର୍ବାହ କରୁଛନତି । ଶାବର କ୍ଷେତ୍ର ସଂପର୍କରେ ଆପଣ ଯାହା ସୂଚନା ଦେଇଛନ୍ତି ସେଥିପାଇଁ ଆପଣଙ୍କୁ ସାଧୁବାଦ । ଏ ଲେଖାର ଲେଖକ ଡମ୍ବରୁଧର ପଟ୍ଟନାୟକଙ୍କୁ ଆମେ ଅନୁରୋଧ କରିବୁ ସେ ଏ ସଂପର୍କରେ ସଠିକ କଥାଟି ଲେଖି ଜଣାଇବେ ।

## 'ରେବତୀ'ର କବିତା ପୃଷ୍ଠା ହୃଦୟସ୍ପର୍ଶୀ

● 'ରେବତୀ'ର ଜୁନ୍ ଡିଜିଟାଲ୍ ସଂଖ୍ୟାର ସମସ୍ତ କବିତା ହୃଦୟସ୍ପର୍ଶୀ ହୋଇଛି । ଓଡ଼ିଆ ସାହିତ୍ୟର ଚର୍ଚ୍ଚିତ କବି ଯଥା, ବଂଶୀଧର ଷଡ଼ଙ୍ଗୀ, ଧନଞ୍ଜୟ ସ୍ୱାଇଁ, ଦିବ୍ୟସିଂହ ଦାସଅଧିକାରୀ, କୁମାର ହସନ, ରବି ଶତପଥୀ ଓ ଅଶୋକ କୁମାର ମହାନ୍ତି ପ୍ରମୁଖ କବିତାମାନଙ୍କୁ ନିଜ ନିଜ ମୌଳିକ ଶବ୍ଦ, ଭାବ ଓ ଶୈଳୀରେ ସମୃଦ୍ଧ କରିଛନ୍ତି । ସମସ୍ତଙ୍କୁ ଅଶେଷ ଅଭିନନ୍ଦନ ଓ ଶୁଭେଚ୍ଛା । କୃଷ୍ଣ ମହାନ୍ତିଙ୍କୁ ବିଶେଷ ଧନ୍ୟବାଦ, କବିତାର ବର୍ଣ୍ଣବିଭାରେ ପୃଷ୍ଠାସବୁକୁ ସଜାଇଛନ୍ତି ।

**ସୌଭାଗ୍ୟବନ୍ତ ମହାରଣା,**ସମ୍ବଲପୁର

## ସମ୍ପାଦକୀୟ ବେଶ୍ ପ୍ରଭାବଶାଳୀ

● 'ରେବତୀର' ଜୁନ ଡିଜିଟାଲ ସଂଖ୍ୟା ପଢ଼ିଲି । ସୁବାସିନୀ ଜେନାଙ୍କ ସମ୍ପାଦକୀୟ ଓ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷକଥା' ବେଶ୍ ସୁନ୍ଦର ଓ ପ୍ରଭାବଶାଳୀ । ଏ ସଂଖ୍ୟାରେ ମୋତେ ସବୁଠୁ ବେଶି ପ୍ରଭାବିତ କଲା ଅଜୟ ସ୍ୱାଇଁଙ୍କ ଆଲେଖ୍ୟଟି । ନିଖୁଣ ବର୍ଣ୍ଣନା, ଅନୁଭବର ସାନ୍ଦ୍ରତାରେ ଓଡ଼ିଆ ସାହିତ୍ୟର ଏକ ମହକିତ ଇତିହାସକୁ ପେଶ୍ କରିବାର ଶୈଳୀ ଓ ବଂଶୀଧର ରାଉତଙ୍କ ସମ୍ପର୍କରେ ଢେର୍ ସାରା ଅଜଣା ଅଶୁଣା ତଥ୍ୟ ଖୁବ୍ ସ୍ପର୍ଶ କଲା । ଯୁବଗାଳ୍ପିକ ଆଲୋକ ବାରିକଙ୍କ ଗଳ୍ପରେ ଢେର୍ ସମ୍ଭାବନା ଅଛି ।

**ଚିତ୍ତରଂଜନ ନାୟକ,**ଏବିଡ଼ିଓ, ଘଷିପୁରା

ସମ୍ପାଦକୀୟ

# ନାରୀର ପରିଚୟ ଓ ପରିସୀମା

ଆମ ସମାଜରେ ନାରୀର ଭୂମିକାକୁ ନେଇ ସବୁବେଳେ ଏକ ନକାରାତ୍ମକ ନାରା ଶୁଣିବାକୁ ମିଳିଥାଏ । କିନ୍ତୁ ନାରୀ ଯେ ସକଳ ଶକ୍ତିର ଆଧାର, ଏ କଥା ସମାଜ ଭୁଲିଯାଏ । ଆମେ ଜାଣୁ, ସୃଷ୍ଟି ଓ ବିନାଶ- ଏ ଉଭୟଟିରେ ନାରୀର ଭୂମିକା କ'ଣ । କାରଣ ନାରୀ ସୃଷ୍ଟି କରିପାରେ ଯେମିତି, ଆବଶ୍ୟକ ପଡ଼ିଲେ ବିନାଶ ବି କରିପାରେ ସେ । ଏଥିପାଇଁ ପ୍ରକୃତି ତାକୁ ସେଇଭଳି ହିଁ ନିର୍ମାଣ କରିଛି । କିନ୍ତୁ ଆମର ଦୁର୍ଭାଗ୍ୟ ଯେ, ନାରୀର ଅସଲ ପରିଚୟ ଓ ନାରୀର ପ୍ରକୃତ ପରିସୀମା ବିଷୟରେ ଆମେ ସବୁବେଳେ ଅଜ୍ଞ ଥାଉ । ଥାଉ ଏଇଥିପାଇଁ ଯେ, ଆମ ଭିତରେ ନାରୀକୁ ଚିହ୍ନିବାର, ପରଖିବାର, ନାରୀକୁ ନେଇ ଗର୍ବ କରିବାର ସାମାନ୍ୟତମ ସ୍ୱାଭିମାନ ନଥାଏ । ନାରୀର ନିୟତିରେ ଦୁଃଖ, ଯନ୍ତ୍ରଣା ଓ କଷଣ ଭରିଦେବାରେ ଯେଉଁମାନଙ୍କର ହାତ ଥାଏ, ସେମାନେ ବି ସେଇ ନାରୀର ଏକ ଅଂଶ ବୋଲି ଭୁଲି ଯାଆନ୍ତି । ସେଇଥିପାଇଁ ତ ନାରୀ ହିଁ ପ୍ରକୃତି । ନାରୀ ହିଁ ଏ ସମାଜର ଆଇନା । ନାରୀର ପ୍ରତିବିମ୍ବ ଯେଭଳି ବିମ୍ବିତ ହେବ, ସମାଜ ସେଭଳି ହିଁ ଦୃଶ୍ୟ ହେବ- ଏଥିରେ ଭାବିବାର କିଛି ନାହିଁ । ନାରୀର ଯନ୍ତ୍ରଣା, ନାରୀର ପୀଡ଼ା, ନାରୀର ଦୁର୍ଭାଗ୍ୟ- ଏସବୁ ହିଁ ଆମ ସମାଜର ପ୍ରତିଫଳନ । ମନ୍ଦିରର ମୁଖଶାଳା ପରି ସମାଜର ମୁଖଶାଳା ହେଉଛି ନାରୀର ପରିଚୟ । ନାରୀକୁ ସମାଜର 'ମୁଖଶାଳା' କରି ଛିଡ଼ା ହେବାକୁ ଦେବା ଆମର କର୍ତ୍ତବ୍ୟ କେବଳ ନୁହଁ, ଆମର ଧର୍ମ ହେବା ଉଚିତ ।

ଆମେ କହୁ ସମାଜ କଳୁଷିତ । କିନ୍ତୁ ସମାଜର ଏ କଳୁଷତା, ସମାଜର ଏ ରୁଗ୍ଣ ଚେହେରା ପାଇଁ ଦାୟୀ କରୁନା କେବେ ନିଜକୁ । ସମାଜର ଚେହେରା ବଦଳିଥାଏ, ଆମର ଭାବନା, ଆମର ଦୃଷ୍ଟିଭଙ୍ଗୀ, ଆମର କାର୍ଯ୍ୟକଳାପ ଯୋଗୁଁ । ନାରୀଟିଏ ଯେଉଁ ସମାଜରେ ତା'ର ପରିଚୟ ଓ ପରିସୀମାକୁ ନେଇ ପ୍ରତିନିୟତ ସଂଘର୍ଷ କରୁଥାଏ, ଲାଞ୍ଛିତ ହେଉଥାଏ, ସଂଗ୍ରାମ କରୁଥାଏ, ସେ ସମାଜ କେବେ ବି ସୁସ୍ଥ ସମାଜ ନୁହେଁ । ସେପରି ଏକ ସମାଜରେ ଥାଇ ଆମେ କିପରି କହି ପାରିବା ଯେ, ସମାଜରେ ନାରୀଟେ ବେଶ୍ ସ୍ୱଚ୍ଛନ୍ଦରେ ଅଛି ? ଯେଉଁଠି ନାରୀ ଏକ 'ବସ୍ତୁ' ମାତ୍ର, 'ମଣିଷ' ନୁହେଁ, ସେପରି ସମାଜରେ ଆମେ ରହୁ । କହିପାରିବା କି ଆମେ ସୁସ୍ଥ ସମାଜର ମଣିଷ ବୋଲି ?

ଯୁଗେ ଯୁଗେ ନାରୀର ସ୍ନେହଶ୍ରଦ୍ଧା, ସେବାଭାବ, ପ୍ରେମ, ସହନଶୀଳତା, ପ୍ରେରଣା ଓ ସମର୍ପଣଭାବ, ତ୍ୟାଗ ଓ ତିତିକ୍ଷା ତାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ନାରୀଟିଏ ସହନଶୀଳା ଓ କ୍ଷମାଶୀଳା ନହୋଇଥିଲେ ସମାଜରେ ବଞ୍ଚିରହିବା କଷ୍ଟକର ହୁଅନ୍ତା । ଏ କଥା ଆମେ ଭୁଲିଯିବା ଉଚିତ ନୁହେଁ । ସୁତରାଂ ନାରୀର ସେବା ଓ ତ୍ୟାଗ ହିଁ ସମାଜ ଗଠନ ପାଇଁ ଅଭିପ୍ରେତ । ନିଜ ପାଇଁ କମ୍ ଭାବେ ସେ । ନିଜକୁ କଷ୍ଟର ଆଢୁଆଳେ ରଖି ସେ ହସେ । ଅନ୍ୟର ସେବାରେ ନିଜକୁ ସେ ଅଚିରେ ନଈ ଭଳି ବୁହାଇ ଦିଏ । ନିଜ ସନ୍ତାନ, ନିଜ ପରିବାର, ନିଜ ଦେଶ, ନିଜ ମାଟି ପାଇଁ ନିଜକୁ ଉତ୍ସର୍ଗ କରିଦେବା ବେଳେ ନାରୀଟିଏ କେବେ ବି ଭାବେ ନାହିଁ ସ୍ୱାର୍ଥର କଥା । ତା'ର ଏଇ ନିଃସ୍ୱାର୍ଥ ସେବା, ତା'ର ଏଇ ଆତ୍ମୀୟପଣ ତାକୁ କେବଳ ମହିମାମଣ୍ଡିତ କରେ ନାହିଁ, ତାକୁ ଅସାମାନ୍ୟା କରି ତୋଳେ । ତାକୁ ମିଳେ ଏକ ଅନନ୍ୟ ପରିଚୟ । ଏ ଅନନ୍ୟତାକୁ ସେ ନିଜ ଭଳି ଅନୁଭବ କରିବା ପାଇଁ ଟିକେ 'ରାହା' ଖୋଜେ । ଚେନାଏ ଆକାଶର 'ନୀଳ' ଖୋଜେ । ପାପୁଲିଏ 'ପ୍ରେମ' ଖୋଜେ । ଢାଙ୍କିହେବାକୁ ଫୁଲ ପରି ପାଖୁଡ଼ାଟିଏ ଖୋଜେ । ପାଏ କି ? ଆମେ ତାକୁ ଦେଉ କି ? କେବେ ଆମେ ଭାବୁ, ବାସ୍ନାଟିଏ ହୋଇ ଭରିଦେବା ତା' ଅଗଣାକୁ ! ଭରିଦେବା ତା' ଯିବାଆସିବା ରାସ୍ତାକୁ ! ଭରିଦେବା ତା' ସ୍ୱପ୍ନକୁ ! ନା, ଆମେ ସେପରି ତ କେବେ ଭାବୁନା । ଅଧିକନ୍ତୁ ଆମେ କାଟିଦେଉ ତା' ପରିଚୟର ପର । ସଂକୁଚିତ କରିଦେଉ ତା' ପରିସୀମାର ଭୂଗୋଳ । 'ଏଇଟା ନୁହେଁ, ସେଇଟା ନୁହେଁ' ଭଳି ନାନା ରକମର 'ନାହିଁ ନାହିଁ'ରେ ତା' ଜୀବନକୁ ଆମେ ନାରଖାର କରିଦେଉ । ତା'ର କୋମଳ ମନରେ ପ୍ରହାର ପରେ ପ୍ରହାର କରି ତାକୁ ବିଷାକ୍ତ କରି ତୋଳୁ । ନାରୀ ହୋଇଉଠେ ନାଚାର । ନାରୀ ହୋଇଉଠେ ନିରୁପାୟ । ଆଉ ଆମେ 'ସୁସ୍ଥସମାଜ' ଖୋଜିଲେ କେଉଁଠୁ ଆସିବ ? କିଏ ଦେବ ଆମକୁ ଆମର ଈପ୍ସିତ ସମାଜ ? ଯେତେବେଳେ ଆମେ ନିଜେ ହିଁ ନିଜ ହାତରେ ନଷ୍ଟ କରୁଛୁ ତାକୁ ।


ନାରୀ ନିଃଶେଷ ହେବାକୁ ଜନ୍ମ ନେଇଛି- ଏପରି ଏକ ଭାବନା ମନରୁ ପରିହାର କରିଦେବା ଶ୍ରେୟସ୍କର । କାରଣ ନାରୀର ସରିଯିବାରେ ଅନେକ କିଛି ଶେଷ ହୋଇଯିବାର ଭାଗ୍ୟ ନିର୍ଭର କରେ । କାହିଁକି ବା ନାରୀଟିଏ ଜୀବନ ସାରା ଜଳିଜଳି ଶେଷ ହେବ ! କାହିଁକି ସେ ନିଜ ପୃଥିବୀଟେ ଗଢ଼ି ନିଜ ଭଳି ବଞ୍ଚି ପାରିବନି ! କାହିଁକି ତାକୁ ପ୍ରତିଟି ପଦପାତରେ କୈଫିୟତ୍ ଦେବାକୁ ହେବ । କୈଫିୟତ୍ଟ ଦେବ ତ କାହାକୁ ଦେବ ? କାହିଁକି ବା ଦେବ ? ସେଇ ପୁରୁଷଟିଏ ହିଁ ତାକୁ କୈଫିୟତ୍ ମାଗୁଥିବ । ସେ ପୁରୁଷଟି ହୋଇପାରେ ତା'ର ବାପା, ତା'ର ଭାଇ, ତା'ର ସ୍ୱାମୀ ବା ସମାଜର କେହି ବଡ଼ପଣ୍ଡା ! କିନ୍ତୁ ତାକୁ ସେଇ ଅଧିକାର ଦେଲା କିଏ, କୈଫିୟତ୍ ମାଗିବାର ? ସେଇ ସମାନ ଅଧିକାର ନାରୀଟିଏ ପାଇବ ନାହିଁ କାହିଁକି- ଏ ପ୍ରଶ୍ନ ଆମେ କେବେ ନିଜକୁ ପଚାରିଛୁ କି !

ନାରୀର ସ୍ୱାଧୀନତା, ନାରୀର ସ୍ୱାଧିକାର- କେବଳ ତା'ର । ତା' ଉପରେ ହସ୍ତକ୍ଷେପ କରିବାର ଅଧିକାର କାହାର ବି ଅଛି- ସେପରି ଭାବନ୍ତୁନି । ଆମେ ସବୁଥିରେ ସ୍ୱାଧୀନତା ଖୋଜୁ । ଦେଶ, ଜାତି, ଧର୍ମ, ଅଭିବ୍ୟକ୍ତି, ସବୁଥିରେ । କିନ୍ତୁ ନାରୀର ସ୍ୱାଧୀନତା କଥା ପଡ଼ିଲେ ଆମେ କାହିଁକି ନିରବି ଯାଉ ? ତାକୁ ତା'ର ସ୍ୱାଧୀନତା ଟିକକ ଦେଇ ପାରିଲେ ହିଁ ଆମେ ନିଜକୁ ସୁସ୍ଥ ସମାଜର ଦାୟାଦ କହି ପାରିବା । ଅନ୍ୟଥା ଆମେ ନିଜକୁ ସଭ୍ୟ ସମାଜର ମଣିଷ ବୋଲି କେମିତି କହିବା ?

ମୁକ୍ତିର ଆନନ୍ଦ ଅନନୁଭବ୍ୟ । ତାକୁ ଯିଏ ଭୋଗିଛି, ସେ ଜାଣିଛି । ପରାଧୀନତାର ପରିଭାଷା ଭିତରେ ପୀଡ଼ା ଓ କ୍ଳେଶ ଥାଏ । କିନ୍ତୁ ସ୍ୱାଧୀନତାର ଶ୍ରୀକ୍ଷେତ୍ରରେ ଥାଏ ଖାଲି ଆନନ୍ଦ ହିଁ ଆନନ୍ଦ । ନାରୀକୁ ଏଇ ଆନନ୍ଦ ଟିକକ ଦେଇ ପାରିବାର ମାନସିକତା ହିଁ ପ୍ରକୃତ ପରିଚୟ ହେବ ଆମର । ମୁକ୍ତିର ଆନନ୍ଦ ଭିତରେ ନାରୀଟି ଯେଉଁ 'ପରମାନନ୍ଦ'ର ଭାବ ଚେତନାରେ ନିମଜ୍ଜିତ ହେବ, ତାହା କେବଳ ନୂଆ ସମାଜ ଗଢିବନି, ତାହା ହେଇପାରେ ମୁକ୍ତିର ନୂତନ ସୂର୍ଯ୍ୟୋଦୟ ।

'କରୋନା'ର ଭୟବହତା ଭିତରେ ଆପଣମାନଙ୍କ ସୁରକ୍ଷା ଓ ସ୍ୱାଭାବିକତା ବେଶି ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ ଆମେ ସମସ୍ତେ ସେଇ ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରିବା, ମାନବସମାଜକୁ ସେଇ ସ୍ୱଚ୍ଛନ୍ଦତା, ସେଇ ନିରାମୟତା ଓ ସେଇ ପ୍ରାକୃତିକତା ସେ ପୁଣି ଫେରାଇ ଦିଅନ୍ତୁ । ସ୍ୱାଧୀନତା ଦିବସ, ଜନ୍ମାଷ୍ଟମୀ ଓ ଶ୍ରୀଗଣେଶ ଚତୁର୍ଥୀର ଶୁଭକାମନା ସହ 'ରେବତୀ'ର ଏହି ଡିଜିଟାଲ୍ ସଂଖ୍ୟାଟି ଆପଣମାନଙ୍କୁ ଅର୍ପଣ କରୁଛି ।

ସମ୍ପାଦିକା




LM®
मानकः पथप्रदर्शकः
Bureau of Indian Standards
Ph : 06782-267028
Mob : 099370-26428
Mahalaxmi
jewellery
ଧନୀଠୁ ଗରିବ ସମସ୍ତଙ୍କ ପାଇଁ ଉପଲବ୍ଧ ।
V. N. Marg, Front of Durga Nursing Home, Balasore-1
:lmdrana@gmail.com
:www.mahalaxmijewellery.com



## ସ୍ୱପ୍ନନଗରୀର
# ସିଦ୍ଧି ବିନାୟକ

# ସିଦ୍ଧି ବିନାୟକ ମନ୍ଦିର




## ପାରମିତା ଷଡ଼ଙ୍ଗୀ

ମାର୍ଫତ : ବଂଶୀଧର ଷଡ଼ଙ୍ଗୀ, ଗୁହାଳପଡ଼ା, ନିମାପଡ଼ା, ପୁରୀ-୭୫୨୧୦୬

ଫୋନ : ୮୮୫୦୧୯୯୩୪୯, ୯୮୬୭୧୧୩୧୧୩


ଫଟୋ ସୌଜନ୍ୟ : ଲେଖିକା

ସମୁଦ୍ର କୂଳରେ ଅବସ୍ଥିତ ସ୍ୱପ୍ନନଗରୀ । ଯେମିତି ସକାଳର କଅଁଳିଆ କିରଣ, ଶୀତଳ ପବନ ଓ ସମୁଦ୍ରର ଲହରୀ ଉଠାଇ ଦିଏ ମୁମ୍ବାଇବାସୀଙ୍କୁ ଠିକ୍ ସେମିତି ଆରମ୍ଭ ହୋଇଯାଏ ଗତିଶୀଳ ଜୀବନ-ଯାତ୍ରା । ସେଇ ଯାତ୍ରାମୟ ଦୁନିଆରେ ଲମ୍ବି ଯାଇଥିବା କେତେଗୁଡ଼ିଏ ରାସ୍ତାରୁ ଗୋଟେ ରାସ୍ତା ଛୁଇଁଥାଏ ପରମ ଶକ୍ତିଙ୍କ ଧାମକୁ । ଯେଉଁଠି ଭକ୍ତଙ୍କ ସବୁ ମନସ୍କାମନା ପୂର୍ଣ୍ଣ ହୁଏ । ମିଳିଥାଏ ସିଦ୍ଧି ଓ ସମୃଦ୍ଧି । ଏଇ ପରମ ପବିତ୍ର ଧାମ ହେଉଛି ମୁମ୍ବାଇର ପ୍ରଭାଦେବୀ ସ୍ଥିତ **ଶ୍ରୀସିଦ୍ଧି ବିନାୟକ ମନ୍ଦିର** ।

### ଇତିହାସ

ଭଗବାନ ଗଣପତିଙ୍କୁ ସମର୍ପିତ ଏହି ସିଦ୍ଧି ବିନାୟକ ମନ୍ଦିରର ଇତିହାସ ଅତ୍ୟନ୍ତ ରୋମାଞ୍ଚକର । ଅଷ୍ଟାଦଶ ଶତାବ୍ଦୀର ଆରମ୍ଭ ପୂର୍ବରୁ ମହାରାଷ୍ଟ୍ରର ପ୍ରସିଦ୍ଧ ସାଧୁ ସ୍ୱାମୀ ସମର୍ଥ ଓ ରାମକୃଷ୍ଣ ଜାମ୍ଭେକର ନିଜ ଗୁରୁଙ୍କ ଆଦେଶରେ ଗଣେଷଙ୍କର ଦୁଇ ପବିତ୍ର ପ୍ରତିମାକୁ ଯେଉଁ ସ୍ଥାନରେ ପୋତିଥିଲେ, ତା'ର ୨୧ ବର୍ଷ ପରେ ସେଇଠି ଏକ ଅରଖ ଗଛ ନିଜ ଶରୀରରେ କେତେଗୁଡ଼ିଏ ସ୍ୱୟଂଭୂ ଗଣେଷଙ୍କୁ ଧାରଣ କରି ଶାଖାପ୍ରଶାଖା ବିସ୍ତାର କରିଥିଲା । ସ୍ୱାମୀ ସମର୍ଥ ଓ ରାମକୃଷ୍ଣ ଜାମ୍ଭେକର ମହାରାଜଙ୍କୁ ତାଙ୍କର ଗୁରୁ ଏପରି ଆଦେଶ କାହିଁକି ଦେଇଥିଲେ, ତାର କୌଣସି ପ୍ରମାଣ ନାହିଁ । ଅନୁମାନ କରାଯାଏ ଯେ ତତ୍କାଳୀନ ବ୍ରିଟିଶ୍ ଶାସନ କାରଣରୁ ବୋଧହୁଏ ସେହି ପବିତ୍ର ପ୍ରତିମାକୁ ବଞ୍ଚାଇବାକୁ ଯାଇ ସେ ଏପରି ଆଦେଶ ଦେଇଥିଲେ । ତେବେ ସେ ଯାହା ହେଉ ନା କାହିଁକି ଗଣେଷଙ୍କର କେତେଗୁଡ଼ିଏ ଆକୃତିକୁ ଧାରଣ କରି ସେହି ଅରଖ ଗଛଟି ଶ୍ରଦ୍ଧାଳୁଙ୍କର ଭକ୍ତି ଓ ବିଶ୍ୱାସର କେନ୍ଦ୍ର ହୋଇ, ଏବେ ବି ଏହି ମନ୍ଦିର ଭିତରେ ବିରାଜମାନ ଅଛି ।

ସିଦ୍ଧି ବିନାୟକ ମନ୍ଦିରର ସ୍ଥାପନା ୧୯ ନଭେମ୍ବର ୧୮୦୧ ମସିହାରେ କରାଯାଇଥିଲା । ଏହି ମନ୍ଦିରର ନିର୍ମାଣ ଲକ୍ଷ୍ମଣ ବିଥୁ ଓ ଅର୍ଥଦାନ ଦେଓବାଇ ପାଟିଲ୍ କରିଥିଲେ । ଦେଓବାଇ ପାଟିଲ୍ ଜଣେ ଧନୀ ଓ ନିଃସନ୍ତାନ ମହିଳା ଥିଲେ । ସନ୍ତାନ ପ୍ରାପ୍ତି କାମନା ରଖି ଏହି ମନ୍ଦିରର ନିର୍ମାଣରେ ସାହାଯ୍ୟ କରିଥିଲେ । ସେ ଗଣପତିଙ୍କ ପାଖରେ ଏହି ପ୍ରାର୍ଥନା କରିଥିଲେ ଯେ, ନିଃସନ୍ତାନ ଥିବା କୌଣସି ମହିଳା ଯଦି ସନ୍ତାନ ପ୍ରାପ୍ତିର କାମନା କରି ସିଦ୍ଧି ବିନାୟକଙ୍କୁ ଦର୍ଶନ କରେ, ତେବେ ଈଶ୍ୱର ତା'ର ଇଚ୍ଛା ପୂରଣ କରନ୍ତୁ । ସେଥିପାଇଁ ଏହି ମନ୍ଦିରରେ ସ୍ଥାପିତ ବିନାୟକଙ୍କୁ 'ନବସାଚା





ଗଣପତି' ଓ 'ନବସାଳା ପାଓଶାରା' ଗଣପତି କୁହାଯାଏ । ଏହି ନାମ ମରାଠି ଭାଷାରେ । ଏହାର ଅର୍ଥ 'ମନୋକାମନା ପୂରଣ କରୁଥିବା ଗଣପତି' । ଯେଉଁ ଭକ୍ତ ହୃଦୟର ସହ ପ୍ରଭୁଙ୍କ ଆରାଧନା କରିବ, ପ୍ରଭୁ ଅବଶ୍ୟ ତାର ମନୋକାମନା ପୂରା କରିବେ ।

## ମନ୍ଦିରର ଶିଳ୍ପକଳା

ମନ୍ଦିରର ଶିଳ୍ପ କାର୍ଯ୍ୟ ଅତି ସୂକ୍ଷ୍ମ ଓ ଆକର୍ଷଣୀୟ । ମନ୍ଦିର ସ୍ତମ୍ଭଗୁଡ଼ିକ ଓ ପ୍ରବେଶ ଦ୍ୱାର ଧଳା ମାର୍ବଲ୍‌ରେ ତିଆରି ଏବଂ ସେଥିରେ ନିର୍ମିତ ଫୁଲ, ଲତାର କାରୁକାର୍ଯ୍ୟ ଶ୍ରଦ୍ଧାଳୁମାନଙ୍କୁ ଆହ୍ଲାଦିତ କରେ । ମନ୍ଦିର ଭିତରେ ପ୍ରବେଶ କଲା ପରେ ଛାତରେ ଥିବା ସୁନାରଙ୍ଗ କାରୁକାର୍ଯ୍ୟ ମହାରାଷ୍ଟ୍ର ଶିଳ୍ପକଳାର ପ୍ରମାଣ ଦିଏ ।

ଏହି ମନ୍ଦିର ପ୍ରଥମ ଅବସ୍ଥାରେ ଖୁବ୍ ଛୋଟ ଥିଲା । ପରେ ବାରମ୍ବାର ନିର୍ମାଣ କରାଯାଇ ଏହି ମନ୍ଦିର ବର୍ତ୍ତମାନ ପାଞ୍ଚ ମହଲାରେ ପରିଣତ ହେଲାଣି । ଏହି ମନ୍ଦିରର ଦ୍ୱିତୀୟ ମହଲାରେ ଏକ ଡାକ୍ତରଖାନା ମଧ୍ୟ ଅଛି । ଯେଉଁଠି ଗରିବଲୋକଙ୍କୁ ମାଗଣାରେ ଚିକିତ୍ସା କରାଯାଏ । ଏହାର ତୃତୀୟ ଓ ଚତୁର୍ଥ ମହଲାରେ ପୁରୋହିତଙ୍କର ରହିବା ବ୍ୟବସ୍ଥା, ପ୍ରସାଦ ପାଇଁ ରୋଷେଇ ଘର ଓ ଟ୍ରଷ୍ଟର କାର୍ଯ୍ୟାଳୟ ଭାବରେ ବ୍ୟବହାର କରାଯାଏ । ୧୯୯୧ ମସିହାରେ ମହାରାଷ୍ଟ୍ର ସରକାର ମନ୍ଦିରର ନିର୍ମାଣ ହେତୁ ୨୦୦୦୦ ବର୍ଗ ଫୁଟ୍ ଜମି ପ୍ରଦାନ କରିଥିଲେ । ସେହି ଜମିରେ ବର୍ତ୍ତମାନର ଭବ୍ୟ ମନ୍ଦିର ଓ ତା ମଧ୍ୟରେ ଥିବା ପ୍ରବଚନ ଗୃହ ଓ ଗଣେଷ ସଂଗ୍ରହାଳୟ ରହିଛି, ଯାହା ଭକ୍ତମାନଙ୍କୁ ଆକର୍ଷିତ କରିଥାଏ ।

## ଗର୍ଭଗୃହ ଓ ବିଗ୍ରହ

ନବନିର୍ମିତ ମନ୍ଦିରର ନିର୍ମାଣ ଏପରି କରାଯାଇଛି ଯେ ଭକ୍ତମାନେ ସଭାମଣ୍ଡପରୁ ମଧ୍ୟ ଗଣପତିଙ୍କୁ ଦର୍ଶନ କରିପାରିବେ । ଏହି ଗର୍ଭଗୃହ ଦଶଫୁଟ୍ ଚୌଡ଼ା ଓ ତେର ଫୁଟ୍ ଉଚ୍ଚ । ଗର୍ଭଗୃହର ଏବଂ ସୁନ୍ଦର ମଣ୍ଡପ ଉପରେ ଗଣେଷ ବିରାଜମାନ । ଗର୍ଭଗୃହର ତିନିପଟେ ତିନୋଟି କବାଟ ଅଛି । ସୂକ୍ଷ୍ମ ଶିଳ୍ପକଳାରେ ପରିପୂର୍ଣ୍ଣ, ଏହି କବାଟରେ ଅଷ୍ଟ ବିନାୟକଙ୍କ ପ୍ରତିମୂର୍ତ୍ତି, ଅଷ୍ଟଲକ୍ଷ୍ମୀ ଓ ଦଶ ଅବତାରଙ୍କର ଆକୃତି ଖୋଦିତ ହୋଇଛି । ଗର୍ଭଗୃହର ଛାତ୍ର ଓ ପ୍ରବେଶ ଦ୍ୱାରର ପାର୍ଶ୍ୱକୁ ସୁନାର ଆବରଣ କରାଯାଇ, ସେଥିରେ ଖୁବ୍ ସୁନ୍ଦର କାରୁକାର୍ଯ୍ୟ ଅଙ୍କିତ କରାଯାଇଛି ।

ସିଦ୍ଧି ବିନାୟକ ମନ୍ଦିର ଗର୍ଭଗୃହରେ ବିରାଜମାନ ଗଣେଷଙ୍କ ପ୍ରତିମାଟି କଳା ରଂଗର ଶିଳାଖଣ୍ଡର ନିର୍ମିତ । ଏହା ଦୁଇ ଫୁଟ୍ ଚଉଡ଼ା ଓ ଅଢ଼େଇ ଫୁଟ ଉଚ୍ଚ । ଏହି ବିଗ୍ରହଟି ଚତୁର୍ଭୁଜ ଏବଂ ଏହାର ଉପର ଡାହାଣ ହାତରେ ପଦ୍ମଫୁଲ, ବାମ ହାତରେ ଅଙ୍କୁଶ । ତଳ ଡାହାଣ ହାତରେ ମୋତିମାଳ ଓ ବାମ ହାତରେ ମୋଦକଭରା ଗିନା । ଗଣେଷଙ୍କ ଦୁଇ ପାଖରେ ତାଙ୍କର ଦୁଇ ପତ୍ନୀ ରିଦ୍ଧି ସିଦ୍ଧି ମଧ୍ୟ ବିରାଜମାନ । ପିତା ମହାଦେବଙ୍କ ପରି ଏହି ପ୍ରତିମାର ମସ୍ତକରେ ତୃତୀୟ ନେତ୍ର ଓ ଶରୀରରେ ପଇତା ପରି ସର୍ପ ଶୋଭା ପାଉଛି ।

ସାଧାରଣତଃ ବାମ ପଟକୁ ମୋଡ଼ି ହୋଇଥିବା ଶୁଣ୍ଢର ମୂର୍ତ୍ତିକୁ ପୂଜା କରାଯାଏ । କିନ୍ତୁ ସିଦ୍ଧି ବିନାୟକଙ୍କ ଶୁଣ୍ଢଟି ଡାହାଣ ପଟକୁ ମୋଡ଼ି ହୋଇଛି । ଏହି ମୁଦ୍ରା



ଅତ୍ୟନ୍ତ ଦୁର୍ଲଭ । ଗଣପତିଙ୍କ ଏହି ମୁଦ୍ରାର ପ୍ରତିମା ସିଦ୍ଧିପୀଠ ଅଟେ । ଏହି ରୂପରେ ଗଣପତି ଯେତେ ଶୀଘ୍ର ସନ୍ତୁଷ୍ଟ ହୁଅନ୍ତି । ସେତେ ଶୀଘ୍ର କୋପତିତ ବି । ସେ ଯାହା ବି ହେଉ ଭଗବାନ ମଣିଷ ହୃଦୟର ନିଶ୍ଚଳ ଭକ୍ତଭାବକୁ ହିଁ ଦେଖିଥାନ୍ତି । ସେଥିପାଇଁ ନିଷ୍ଠାବାନ ବ୍ୟକ୍ତିର ସଦ୍‌ଭକ୍ତିରେ ସେ ସଦା ସର୍ବଦା ପ୍ରସନ୍ନ ହୋଇଥାନ୍ତି ।

ମନ୍ଦିର ଭିତରେ ପ୍ରଭୁଙ୍କ ସାମ୍ନାରେ ତାଙ୍କର ପ୍ରିୟ ବାହାନ ମୂଷିକଙ୍କର ରୂପରେ ତିଆରି ଦୁଇଟି ପ୍ରତିମା ଅଛି । କୁହାଯାଏ ଯଦି କେହି ଭକ୍ତ ତା'ର ଗୁହାରି ମୂଷିକଙ୍କର କାନରେ କୁହେ ତେବେ ତାହା ସିଧା ଗଣପତିଙ୍କ ପାଖରେ ପହଞ୍ଚିଥାଏ । ସେଥିପାଇଁ ମନ୍ଦିର ଭିତରେ ଏପରି ଦୃଶ୍ୟ ସବୁବେଳେ ଦେଖାଯାଇଥାଏ ।

## ପ୍ରବେଶ

ସିଦ୍ଧି ବିନାୟକଙ୍କୁ ଦର୍ଶନ କରିବାକୁ ହେଲେ ପ୍ରଥମେ ମୁମ୍ବାଇରେ ପହଁଚିବାକୁ ପଡ଼ିବ । ମୁମ୍ବାଇର ଯେକୌଣସି ସ୍ଥାନରୁ ଦାଦର୍ ଷ୍ଟେସନ୍‌କୁ ଲୋକାଲ୍ ଟ୍ରେନ୍, ବସ୍ ଓ ଟ୍ୟାକ୍‌ସି ଦ୍ୱାରା ଯୋଗାଯୋଗ ଅତି ସୁବିଧାଜନକ । ଦାଦର୍ ଷ୍ଟେସନ୍‌ରୁ ପ୍ରଭାଦେବୀର ସିଦ୍ଧି ବିନାୟକ ମନ୍ଦିରକୁ ଚାଲି ଚାଲି ଗଲେ ପନ୍ଦରରୁ କୋଡ଼ିଏ ମିନିଟ୍ ଓ ଟ୍ୟାକ୍‌ସିରେ ଲାଗିବ ପାଞ୍ଚରୁ ସାତ ମିନିଟ୍ । ତେଣୁ ଭକ୍ତମାନଙ୍କ ପାଇଁ ଯାତାୟାତରେ କୌଣସି ଅସୁବିଧା ହୋଇ ନଥାଏ ।

ମନ୍ଦିର ଭିତରେ ପ୍ରବେଶ କରିବାର ଦୁଇଟି ଦ୍ୱାର ଅଛି । ବୟସ୍କ ବ୍ୟକ୍ତି, ବିକଳାଙ୍ଗ ଓ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ରହିଛି । ମନ୍ଦିରର ପ୍ରବେଶ ପୂର୍ବରୁ ରାସ୍ତାର ଦୁଇ ଧାରରେ ଫଳ, ଫୁଲମାଳ, ମୋଦକର ବିଭିନ୍ନ ଦୋକାନ ମାନ ଦେଖାଯାଏ । ପ୍ରବେଶ ଦ୍ୱାରରେ କେତେକ ସୁରକ୍ଷା ଯାଞ୍ଚ୍ ପରେ ମନ୍ଦିର ପରିସର ଭିତରେ ପ୍ରବେଶ କରିବା ପରେ ଧାଡ଼ି ଧାଡ଼ି କରି ପୁଣି ମିଷ୍ଟାନ୍ନ, ମୋଦକ, ଫୁଲ, ଗଣପତିଙ୍କ ଆକର୍ଷଣୀୟ ବିଗ୍ରହ ଓ ଗୃହ ସଜାଇବାର ଉପକରଣର ବିଭିନ୍ନ ରଙ୍ଗବେରଙ୍ଗ ଦୋକାନ ଗୁଡ଼ିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ନିଜର ଇଷ୍ଟଦେବଙ୍କ ଦର୍ଶନ ନିମନ୍ତେ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ମନ୍ଦିର ପରିସରକୁ ପ୍ଲାଷ୍ଟିକ୍ ଛାତର ଛାଉଣି ଦ୍ୱାରା ଢଙ୍କା ଯାଇଛି । ଖରା ହେଉ କି ବର୍ଷା, ଦର୍ଶନ ନିମନ୍ତେ ଲମ୍ବା ଲାଇନ୍‌ରେ ଠିଆ ହୋଇଥିବା ଭକ୍ତଗଣଙ୍କର ଯେପରି କିଛି ଅସୁବିଧା ନହୁଏ ସେହି ପ୍ଲାଷ୍ଟିକ ଛାତକୁ ଢେରା ଦେଇ ଠିଆ ହୋଇଥିବା ଲୁହାରଡ଼ରେ ଟି.ଭି.ଟିଏ ଟଙ୍ଗା ହୋଇଥାଏ । ଶୃଙ୍ଖଳିତ ଭାବରେ ଧାଡ଼ିରେ ଠିଆ ହୋଇଥିବା ଭକ୍ତଗଣ ସେହି ଟିଭିରେ, ଗର୍ଭଗୃହରେ ହେଉଥିବା ପୂଜା ଓ ଆଳତୀକୁ ଦେଖି ଦେଖି 'ଗଣପତି ବାପ୍‌ପା ମୋରିଆ'ର ନାରା ଦେଉଥାନ୍ତି ।

ଏମିତି ତ ସିଦ୍ଧି ବିନାୟକଙ୍କ ମନ୍ଦିରରେ ସବୁଦିନ ଭିଡ଼ ଲାଗି ରହିଥାଏ । କିନ୍ତୁ ମାଘ ମାସରେ, ଗଣେଷ ପୂଜାରେ, ମଙ୍ଗଳବାରରେ ଓ ଚତୁର୍ଥୀ ତିଥିରେ, ଭିଡ଼ ଏତେ ବଢ଼ିଯାଏ ଯେ ଗଣପତିଙ୍କ ଦର୍ଶନ ପାଇଁ ପ୍ରାୟ ନଅରୁ ଦଶ ଘଣ୍ଟା ଲାଗିଯାଏ । କିନ୍ତୁ ଉପସ୍ଥିତ ଭକ୍ତଗଣ ଧୈର୍ଯ୍ୟର ସହ ମନ୍ଦିର ଦ୍ୱାରା ବ୍ୟବସ୍ଥିତ ଲାଇନ୍‌ରେ ଠିଆ ହୋଇ ଧିରେ ଧିରେ ଆଗକୁ ବଢ଼ିଥାନ୍ତି ।

**ସମୟ :** ପ୍ରାତଃ ୫.୩୦ ମିନିଟ୍‌ରୁ ରାତି ୯.୫୦ ମିନିଟ୍ ପର୍ଯ୍ୟନ୍ତ ମନ୍ଦିର ଖୋଲାଥାଏ ।

**ପ୍ରାତଃ ଆଳତି :** ସକାଳ ୫.୩୦ରୁ ୬ଟା

**ଦର୍ଶନ:** ପ୍ରାତଃ ୬ଟାରୁ ଦ୍ୱିପ୍ରହର ୧୨.୧୫ ଯାଏଁ

**ନୈବେଦ୍ୟ:** ଦ୍ୱିପ୍ରହର ୧୨.୧୫ରୁ ୧୨.୩୦ ଯାଏଁ

**ଦର୍ଶନ :** ୧୨.୩୦ରୁ ସଂଧ୍ୟା ୭.୨୦ଯାଏଁ



**ସମୟ**

ପ୍ରାତଃ ୫.୩୦ମିନିଟ୍‌ରୁ ରାତି ୯.୫୦ ମିନିଟ୍ ପର୍ଯ୍ୟନ୍ତ ମନ୍ଦିର ଖୋଲାଥାଏ ।

**ପ୍ରାତଃ ଆଳତୀ**

ସକାଳ ୫.୩୦ ରୁ ୬.୦୦

**ଦର୍ଶନ**

ପ୍ରାତଃ ୬.୦୦ ରୁ ଦ୍ୱିପ୍ରହର ୧୨.୧୫

**ନୈବେଦ୍ୟ**

ଦ୍ୱିପ୍ରହର ୧୨.୧୯ରୁ ୧୨.୩୦

**ଦର୍ଶନ**

୧୨.୩୦ରୁ ସନ୍ଧ୍ୟା ୭.୨୦

**ସନ୍ଧ୍ୟା ଆଳତୀ**

୭.୩୦ରୁ ୮.୦୦

**ଦର୍ଶନ**

ରାତି ୮.୦୦ରୁ ୯.୫୦

**ସଂଧ୍ୟା ଆଳତୀ** : ୭.୩୦ରୁ ୮.୦୦ଯାଏଁ

**ଦର୍ଶନ** : ରାତି ୮.୦୦ରୁ ୯.୫୦ଯାଏ ।

ଦିନର ଶେଷ ଆଳତି ରାତି ୯.୫୦ରେ ହୋଇ ମନ୍ଦିର ଦ୍ୱାର ବନ୍ଦ କରି ଦିଆଯାଏ । ପ୍ରାତଃ ଆଳତି ଦେଖିବାକୁ ଭକ୍ତମାନଙ୍କର ଭିଡ଼ ମଧ୍ୟ ଅନ୍ୟ ସମୟ ପରି ଲାଗି ରହିଥାଏ ।

## ନିଜ ଅନୁଭୂତି

ସିଦ୍ଧି ବିନାୟକ ମନ୍ଦିରକୁ ଅନେକ ଥର ଯାଇଛି । କିନ୍ତୁ ସେଦିନର ଦର୍ଶନ ଓ ଅନୁଭୂତି ଅଲଗା ଥିଲା । ଏହି ମନ୍ଦିର ବିଷୟରେ 'ରେବତୀ' ପାଇଁ କିଛି ଲେଖିବାକୁ ଅଗ୍ରଜ ପ୍ରତିମ କୃଷ୍ଣ କୁମାର ମହାନ୍ତି କହିଥିଲେ । ଯଦିଓ ତାଙ୍କ ଠୁ କିଛି ସମୟ ମାଗିଥିଲି ହେଲେ ମନ ଅସ୍ଥିର ହଲା । ଯେମିତି ଗଣପତି ଆଦେଶ ଦେଉଥିଲେ । ବାନ୍ଧବୀ ସୋନାଲ୍ ଶାହଙ୍କ ସହ ପହଞ୍ଚିଗଲୁ ପ୍ରଭାଦେବୀରେ । ସୁରକ୍ଷା ଯାଞ୍ଚକୁ ଅତିକ୍ରମ କରି ପ୍ରାୟ ଚାରିଘଣ୍ଟା ଲାଇନ୍‌ରେ ଠିଆ ହେଲା ପରେ ପ୍ରଭୁ ଦର୍ଶନ ଦେଲେ । ତାଙ୍କ ସେବାରେ ଦୁଇଧାଡ଼ି ଲେଖିବି, ଏପରି ଧାରଣାରେ ମନ ପୁଲକିତ ଓ ଆଖିରୁ ଧାର ଧାର ଲୁହ ବହି ଯାଉଥିଲା । ସବୁ ସୁଖଦୁଃଖ, ହସଲୁହକୁ ତାଙ୍କ ପାଦତଳେ ସମର୍ପଣ କରି ପୂର୍ଣ୍ଣତାର ଏକ ଅନନୁଭବ୍ୟ ଉପଲବ୍ଧି ପାଉଥିଲି ।

ସୋନଲ୍‌ଙ୍କ ଚେଷ୍ଟାରେ ମନ୍ଦିର ଟ୍ରଷ୍ଟ୍‌ର କିଛି ସଦସ୍ୟ ଓ ପୂଜାରୀଙ୍କୁ ଦେଖା କରିଥିଲୁ । ମନ୍ଦିରଟି ଆତଙ୍କବାଦୀଙ୍କ ଦୃଷ୍ଟିରେ ଥିବାରୁ, ସେମାନେ ମନ୍ଦିର ବିଷୟରେ କିଛି କହିବାକୁ ମନାକରି ଦେଇଥିଲେ ମଧ୍ୟ କେଉଁ ବ୍ୟକ୍ତିଙ୍କ ସାହାଯ୍ୟ ନେବା ଉଚିତ ପରୋକ୍ଷ ଭାବରେ ଈଶାରା କରିଥିଲେ । ତାଙ୍କ ଈଶାରା ଅନୁସାରେ ପରିସର ଭିତରେ ଗଣପତିଙ୍କ ପ୍ରତିମା ବିକ୍ରି କରୁଥିବା ଦୋକାନୀ ଭାଇଟିଏ ଆମ ଜିଜ୍ଞାସାକୁ ପ୍ରଶମିତ କରିଥିଲେ । ଏ ଆଲେଖ୍ୟଟିକୁ ପ୍ରସ୍ତୁତ କଲାବେଳେ ତାଙ୍କୁ ଅଶେଷ ଧନ୍ୟବାଦ ନଜଣାଇଲେ ଅକୃତଜ୍ଞ ରହିଯିବି ।

ହିନ୍ଦୁଧର୍ମରେ ଭଗବାନ ଗଣେଷଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେ ଦେବତାମାନଙ୍କ ମଧ୍ୟରେ ପ୍ରଥମ ପୂଜ୍ୟ । ସବୁ ଶୁଭକାର୍ଯ୍ୟର ଆରମ୍ଭରେ ତାଙ୍କୁ ହିଁ ଆରାଧନା କରାଯାଏ । ସେଥିପାଇଁ ସିଦ୍ଧି ବିନାୟକ ମନ୍ଦିରକୁ କେବଳ ସାଧାରଣ ବ୍ୟକ୍ତି ନୁହଁନ୍ତି, ବିଶିଷ୍ଟ ବ୍ୟକ୍ତିମାନେ (ବ୍ୟବସାୟୀ, ରାଜନୀତିଜ୍ଞ, ଖେଳ ଜଗତ ଓ ଫିଲ୍ମ ଜଗତ) ମଧ୍ୟ ମଥା ନୁଆଁଇ ଆଶୀର୍ବାଦ ନେବାକୁ ଆସିଥାନ୍ତି । ଏପରି ଧନୀକ ଶ୍ରଦ୍ଧାଳୁଙ୍କ ସେବା ହେତୁ ଏବେ ମନ୍ଦିରର ଗମ୍ବୁଜରେ ମଧ୍ୟ ସୁନାର ଆବରଣ ସମ୍ଭବ ହୋଇପାରିଛି । ଛୟାଳିଶ୍ କୋଟି ବାର୍ଷିକ ଆୟ ହେତୁ ଏହି ମନ୍ଦିର ଭାରତର କେତେକ ଧନୀ ମନ୍ଦିର ଭିତରେ ଗଣା ହୁଏ ।



# ଶ୍ରୀଜଣର





# ମୋ ଘର ଶ୍ରୀଜଙ୍ଗ

**ଉଦୟ ନାରାୟଣ ଦାସ**

ଚୁନଭାଟି, ଗୋପାଳଗାଁ, ବାଲେଶ୍ୱର
ଫୋନ : ୯୪୩୯୩୭୫୦୨୭

ଫଟୋ ସୌଜନ୍ୟ : ଲେଖକ



▶ଲେଖକ ଉଦୟନାରାୟଣ ଦାସ

ଶ୍ରୀଜଂଗ ମୋ ପ୍ରିୟ ଜନ୍ମମାଟି । ମନେପଡ଼େ ସେ ଗାଁର ନଈନାଳ, ମାଟିପାଣି, ଗଛପତ୍ର, ପ୍ରଜାପତିର ରଂଗୀନ ଡ଼େଣା, ପକ୍ଷୀର କଳରବ, ମଣିଷ, କିଶୋରୀ ଝିଅଙ୍କ ଗଣେଷ ପୂଜା ପାଇଁ ଫୁଲ ତୋଳା, ବର୍ଷା, ଶୀତ, ବସନ୍ତ, ଗ୍ରୀଷ୍ମର ବଦଳୁଥିବା ପ୍ରକୃତି, ଅନେକ କିଛି । ସବୁ ସ୍ୱପ୍ନମୟ ଲାଗେ । ଆହୁରି ମନେ ପଡ଼ିଯାଏ ଶ୍ରାବଣ/ଭାଦ୍ରଅ ମାସରେ ମାଟି କାଦୁଅରେ ଘାଣ୍ଟି ହେଇ ହଳ କରୁଥିବା ଚାଷୀର ଗୀତ ବା ସଂଧ୍ୟାରେ ଗାଈଆଳ ଅଡ଼େଇ ଆଣୁଥିବା ଗାଈବାଛୁରୀଙ୍କ ହମ୍ବାରଡ଼ି ।

ଅନେକ ଥର ମନ ଭାବେ, ମୋ ଗାଁର ନାମକରଣ କିଏ କରିଛି ! କେହି କେହି ବୁଝାନ୍ତି 'ଶ୍ରୀ' ଅର୍ଥ ସୁନ୍ଦର, 'ଜଂଗ୍' ଅର୍ଥ ଯୁଦ୍ଧ । ତେଣୁ 'ଶ୍ରୀଜଂଗ'ର ସରଳ ଅର୍ଥ 'ଶୁଭଯୁଦ୍ଧ' । ଅବଶ୍ୟ ଏ ଗାଁର ଐତିହ୍ୟ କହେ ଗାଁର ଲୋକମାନେ ଦୀର୍ଘ ବର୍ଷ ଧରି ଯୁଦ୍ଧ କରିଛନ୍ତି, ହେଇପାରେ ଅନ୍ୟ ରାଜ୍ୟ ସହ ବା ଇଂରେଜ ମାନଙ୍କ ସହ । ସେଥିପାଇଁ ଏମିତି ହୋଇଛି ଗାଁର ନାମ ।

କିନ୍ତୁ ଐତିହାସିକମାନଙ୍କର ଭିନ୍ନମତ । ଷୋଡ଼ଶ ଓ ସତରଶହ ଶତାବ୍ଦୀରେ ବଙ୍ଗୋପସାଗରରେ ଯାତାୟାତ କରୁଥିବା ଜାହାଜର ଅଧିନାୟକମାନେ ସେମାନଙ୍କର ଦୈନିକ ବିବରଣୀ ଲିପିବଦ୍ଧ କରୁଥିଲେ । ସେଇ ତଥ୍ୟରୁ ଜଣାପଡେ ସମୁଦ୍ର ଉପକୂଳ ସମାନ୍ତରାଳ ଭାବରେ ଏକ ରାସ୍ତା ପାମିରାସ ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । ଏହି ରାସ୍ତା ପାର୍ଶ୍ୱରେ 'ସଟ୍ ଗଙ୍ଗ' (Short Gang) ନାମରେ ଏକ ବନ୍ଦରର ନାମ ଉଲ୍ଲେଖ ଅଛି । ଯାହା ଅନୁମିତ ହୁଏ 'ସଟ୍ ଗଙ୍ଗ'ର ସଂସ୍କାରିତ ନାମ ହୁଏତ ହେଇଛି 'ଶ୍ରୀଜଂଗ' ।

ଶ୍ରୀଜଂଗ ଗ୍ରାମରୁ ଗୁପ୍ତ ସମ୍ରାଟ, କୁମାର ଗୁପ୍ତ ସମୟର (ପଞ୍ଚମ ଓ ଷଷ୍ଠ ଶତାବ୍ଦୀ) ଦୁଇଟି ସ୍ୱର୍ଣ୍ଣ ମୁଦ୍ରା ଗ୍ରାମସ୍ଥିତ କାନ୍ଥି (ଉଚ୍ଚକୁଦ)ରୁ ଖନନ ସମୟରେ ମିଳିଥିଲା । ଗୋଟିଏ ମୁଦ୍ରାରେ କୁମାର ଗୁପ୍ତ ଘୋଡ଼ାରେ ଯୁଦ୍ଧବେଶରେ ଆରୋହଣ କରିଥିବା ଚିତ୍ର ଥିବା ବେଳେ ଅନ୍ୟଟିରେ ଖୋଲା ଦେହର ଚିତ୍ର ଅଛି । ନୌବାଣିଜ୍ୟରେ ଏପରି ସ୍ୱର୍ଣ୍ଣ ମୁଦ୍ରା ବ୍ୟବହୃତ ହେଉଥିଲା । ଏଥିରୁ ଏହା ପ୍ରମାଣିତ ହୁଏ ଯେ, ଶ୍ରୀଜଂଗ ଏକ ବନ୍ଦର ଥିଲା ଏବଂ କଣ୍ଟିଆଚରା ନଦୀ ମାଧ୍ୟମରେ ନୌକାଗୁଡ଼ିକ ସମୁଦ୍ର ଭିତରକୁ ପ୍ରବେଶ କରୁଥିଲା । ଏମିତି ଅନେକ ଐତିହାସିକ ତଥ୍ୟରେ ଭରପୁର ମୋ ଗାଁର ଗାଥା ।

ବାସ୍ତବିକ ଶ୍ରୀଜଂଗ ପରି ଗୌରବମୟ ଓ ଗାରିମାମୟ ଗାଁରେ ମୋର ଜନ୍ମ ହେଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରେ । ଆଜକୁ ବା'ଷଠି ବର୍ଷ ତଳେ ଶରତର ଏକ ସ୍ମରଣୀୟ ପ୍ରତ୍ୟୁଷରେ ଏ ଗାଁ ମାଟିରେ ମୋର ଶଠିଘର ନିର୍ମିତ ହେଇଥିଲା । ଗାଁର ପାଣିପବନ ଓ ବୋଉର କୋଳ ମୋତେ ଉଜ୍ଜୀବିତ କରୁଥିଲା ଧୀରେ ଧୀରେ । ମୁଁ ଗାଁ ମାଟିରେ ଆଣ୍ଠୋଉ ଆଣ୍ଠୋଉ ଚାଲି ଶିଖିଲି । ଏ ଗାଁର ପବିତ୍ର ମାଟିକୁ ଖାଉଁ ଖାଉଁ ମୁଁ ପ୍ରଥମ କଥା କହିଲି । ଗାଁର ଐତିହାସିକ ଅଚ୍ୟୁତାସାଗର ପାଣିରେ ପହଁରୁ ପହଁରୁ ତା ଆଡ଼ି ବରଗଛ ଓହଳରେ ଝୁଲୁଝୁଲୁ, ପୋଖରୀ ଆଡ଼ିରେ ବୋହୂବୋହୂକା ଖେଳୁ ଖେଳୁ, ବଣରୁ ଜାମୁ, ଆଂକକୋଳି ଖାଉଁ ଖାଉଁ, ପୋଖରୀରୁ ନୀଳ କଇଁ ତୋଳୁ ତୋଳୁ, ପୂଝାରୀ ଘର ରାଧାବଲ୍ଲଭ ମନ୍ଦିରରୁ ପ୍ରସାଦ ସେବନ କରୁ କରୁ, ପଞ୍ଚୁଆ ପୋଖରୀ ମୁନୀ ମେଳାରେ ବୁଲୁ ବୁଲୁ, ଭାଲୁକ ଗୁଡ଼ିଆ ଦୋକାନ ପ୍ରାଙ୍ଗଣରେ ସନ୍ଧ୍ୟାରେ ଚଢେଆ ନାଟ / ପାଲା ବା ମହେନ୍ଦ୍ର ମାଷ୍ଟରଙ୍କ ଘରେ ଅପେରା ଆଖଡ଼ା ଦେଖୁଦେଖୁ ବା ବାସନ୍ତୀ ପୂଜାରେ ଉଠା ବହି ଦୋକାନୀର କରୁଣ ସୀତା ଚୋରି ଗୀତ ଶୁଣୁ ଶୁଣ ମୁଁ ବଡ଼ ହେଉଥିଲି । ବାଲ୍ୟ ଚପଳତା ସରି ଆସୁଥିଲା ।

ପଞ୍ଚୁଆ ପୋଖରୀ ମୁନୀ ଘରେ ମୋର ଚାଟଶାଳୀ ପଢା ଆରମ୍ଭ ହୋଇଥିଲା । ବିଦ୍ୟାରମ୍ଭ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ତା' ପରକୁ ବର୍ଣ୍ଣବୋଧ । ପୁଣି ସନ୍ଧ୍ୟା ବେଳକୁ ସମୂହ ଭକ୍ତି ସଂଗୀତ – "ଦିଅ ଭକ୍ତି ପ୍ରଭୁ, ହୃଦୟେ ମୋହର, ବିରାଜ ନିତ୍ୟ ତହିଁରେ, ସତ୍ୟ ପଥେ ରହି, ତୁମ୍ଭର ଆଶ୍ରାରେ, ଯାଉ ମୋ ଦିନ ମହୀରେ ।"

ଏମିତି ଥରେ ଏକା ଏକା ପୋଖରୀ କୂଳରେ ବସି ଈଶ୍ୱରଙ୍କୁ ଧ୍ୟାନ କରୁଥିଲା ବେଳେ ଆମ ଗାଁର ବେଶି ଭଲ ପାଠ ପଢୁଥିବା ହୃଷୀ ନନା ପଚାରିଥିଲେ, "ଆରେ ବାପା, ବଡ଼ ହେଲେ କ'ଣ ହେବୁ ?" ମୁଁ ସେଦିନ ବୁଝି ପାରିନଥିଲି ବଡ଼ ହେବା କ'ଣ ?

ଏବେ ବି ସ୍ମୃତିରେ ଅଛି ମୋ ଗାଁର ବର୍ଷା ରାତିରେ ପଖିଆ ମୁଣ୍ଡେଇ ଖାଲି ଧରି ବାପାଙ୍କ ସହ ଗାଁ ଗୋହିରୀରେ ମାଛ ଧରିବାର ରୋମାଞ୍ଚକର କଥା । ରାତିରେ ତାଙ୍କ ଠୁଁ ଆମ ଗାଁର ଭୂତପ୍ରେତ ଡ଼ାହାଣୀ ଗପ ଶୁଣିବାର ଅପୂର୍ବ ଅନୁଭବ । ପୁଣି ବର୍ଷଣ ରାତିରେ ଆମମାନଙ୍କୁ 'ରାମାୟଣ', 'ମହାଭାରତ', 'ହା ଅନ୍ନ' ଶୁଣାଇବାର ଅପୂର୍ବ ମୁହୂର୍ତ୍ତ ସବୁ । ପୁଣି ମୋ ପାଳକ ବାପା ବନ ବା'ଙ୍କ ସହ ପଖାଳ ଖାଇବା ବେଳେ ରାଧାନାଥଙ୍କ କୀଚକବଧର ପଦ୍ୟାବଳୀ ଶୁଣି ବିହ୍ୱଳ ହେବାର କଥା ।

ବାପା ସେମିତି । ବେଳେବେଳେ ରାତିରେ ବାପା ସହ ଚାଲୁଚାଲୁ ଗୋଟେ ଢାଲୁ ଜାଗା ପାଖରେ ଆମେ ପହଞ୍ଚୁ । ସେ କହନ୍ତି, "ଏଇଟା ନଥିଆ ପିଟା ଚତରା ।" ମୁଁ ଏ ଚତରା ବିଷୟରେ ଆଉ ପ୍ରଶ୍ନ

## ସେଦିନ ଓ ଆଜି :ଶ୍ରୀଜଂଗର ଅମ୍ଳାନ ପ୍ରତିଭାମାନେ

**ଗୌରମୋହନ ଦାସ :** ବିପ୍ଳବୀ ସ୍ୱାଧୀନତା ସଂଗ୍ରାମର ଅଗ୍ରନେତା । ଶ୍ରୀଜଂଗର ଗାନ୍ଧୀ । ହଜାରିବାଗ ଜେଲରେ ୬ବର୍ଷ ଜେଲ ଦଣ୍ଡ ଓ ଅନ୍ୟାନ୍ୟ ଜେଲରେ ଅନୁନ୍ୟ ଏକ ବର୍ଷ ।

**ବିଦ୍ୟାଧର ରଥ :** ଶ୍ରୀଜଂଗ ଆନ୍ଦୋଳନର ମୁଖ୍ୟ ନେତୃତ୍ୱ । ବାଲେଶ୍ୱର ଜେଲରେ କାରାବାସ ।

**ବାସୁଦେବ ରଥ :** ଶ୍ରୀଜଂଗ ଆନ୍ଦୋଳନରେ ପୁଲିସ୍ ଦ୍ୱାରା ପ୍ରଥମେ ଗିରଫ । ବାଲେଶ୍ୱର ଜେଲରେ କାରାବାସ । ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ।

**ଭୋଲାନାଥ ଦାଶ :** ଶାଳଙ୍ଗା କଂଗ୍ରେସ ଆଶ୍ରମର ମୁଖ୍ୟ । ଲବଣ ସତ୍ୟାଗ୍ରହ ଓ ଶ୍ରୀଜଂଗ ଆନ୍ଦୋଳନରେ ଅଂଶଗ୍ରହଣ ।

**ଭିକାରି ମଳିକ :** ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଶ୍ରୀଜଂଗ ଆନ୍ଦୋଳନ, ଭାରତ ଛାଡ଼ ଆନ୍ଦୋଳନ ସାହସୀ ଅଗ୍ରଣୀ ଭୂମିକା । ୧୯୩୦ ଲୁଣ ମରା ଆନ୍ଦୋଳନରେ ଲୁଣ ନେଇ ପ୍ରଥମେ ବାଲେଶ୍ୱରରେ ପହଞ୍ଚାଇ ଥିଲେ ।

**ରଘୁନାଥ ପାତ୍ର :** ପ୍ରସିଦ୍ଧ ପାଲା ଗାୟକ, ରାଧାକୃଷ୍ଣ ଶ୍ରୀରାମ ଲୀଳା ଗୀତି ନାଟିକାର ରଚୟିତା । ସେ ବି ଜଣେ କୁଶଳୀ ଯାତ୍ରା ନିର୍ଦ୍ଦେଶକ ।

**ଗୋପୀନାଥ ମହାନ୍ତି :** ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା । ବିଭିନ୍ନ ସଂଗଠନ ଓ ପୁସ୍ତକ ରଚନାରେ ବ୍ରତୀ । ଶ୍ରୀଜଂଗ ଐତିହ ଆନ୍ଦୋଳନର ମୁଖ୍ୟ ବିନ୍ଧାଣୀ । ତାଙ୍କର ବହୁ ଗଳ୍ପ ଓ ଉପନ୍ୟାସ ପୁସ୍ତକ ପ୍ରକାଶିତ ।

**ପ୍ରଦୀପ୍ତ ଦାସ :** ସାଂସ୍କୃତିକ ଓ ସାରସ୍ୱତ ସଂଗଠକ, କବି ଓ ଗାଳ୍ପିକ ।

**ରତିକାନ୍ତ ଦାସ :** ଜଣେ ସୁଖ୍ୟାତ ଗାଳ୍ପିକ । ତାଙ୍କର ଗଳ୍ପ ପୁସ୍ତକ 'ଏକା ଏକା', 'ଦରବାର' ଓ ଅନ୍ୟାନ କାହାଣୀ ଏବଂ 'ପାନ୍ଥଶାଳା'ପ୍ରକାଶିତ ।

**ଗଂଗା ନାରାୟଣ ରଥ :** ଅଧୁନା ହାଇଦ୍ରାବାଦରେ ଅବସ୍ଥାନ । ଇଂରାଜୀରେ ଲେଖନ୍ତି । ରିଜର୍ଭ ବ୍ୟାଙ୍କ୍‌ର ବରିଷ୍ଠ ସାଧାରଣ ପ୍ରବନ୍ଧକ ଭାବେ ସେବାନିବୃତ୍ତ।

**ସୁଧାକର ରଥ :** ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ୱ ବିଭାଗର ପ୍ରଫେସର୍ ଥିଲେ । ତାଙ୍କ ସଂଦର୍ଭ, ପ୍ରବନ୍ଧ ଓ ପୁସ୍ତକ ଦେଶବିଦେଶରେ ପ୍ରକାଶିତ ।

**ଡାକ୍ତର ଶଶିଭୂଷଣ ରଥ :** ବାଲେଶ୍ୱରର ପ୍ରସିଦ୍ଧ ସ୍ତ୍ରୀରୋଗ ବିଶେଷଜ୍ଞ ସୁନାମ ଅର୍ଜନ କରିଛନ୍ତି ।

**ସଂଚିତା ମହାନ୍ତି :** ଓଡିଶାର ବିଶିଷ୍ଟ ନାରୀ ନେତ୍ରୀ, ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୁରୋଧା, ପୂର୍ବତନ ବିଧାୟିକା ।

**ବସନ୍ତ ମହାନ୍ତି :** ଜଣେ ଦରଦୀ ସମାଜ ସେବକ । ଠାକୁରା ପୋଖରୀ ପାଖରେ ସେ ସୁରମ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କରିଛନ୍ତ ।

**ବାସନ୍ତୀ ରଥ :** ପ୍ରଫେସର ସୁଧାକର ରଥଙ୍କ ସହଧର୍ମିଣୀ, ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ଆନ୍ଥ୍ରୋପଲଜି ବିଭାଗର ପ୍ରଫେସର୍ । ତାଙ୍କର ଅନେକ ପ୍ରବଂଧ ଦେଶବିଦେଶର ପତ୍ରିକାରେ ପ୍ରକାଶିତ । ସେ ଆମ ଗାଁର ଗୌରବ ।

**କମଳାକାନ୍ତ ଦାଶ :** ସୁସାହିତ୍ୟ ଓ ସାଂସ୍କୃତିକ ସଂଗଠକ । ଶ୍ରୀଜଂଗ ସହରୀ ସଂଗଠନ'ର ପ୍ରତିଷ୍ଠାତା ।

**ଫକୀର ମୋହନ ବିଶ୍ୱାଳ :** ଷ୍ଟେଟ୍ ବ୍ୟାଙ୍କ୍‌ର ସହକାରୀ ସାଧାରଣ ପ୍ରବନ୍ଧକ ଭାବେ ଚାକିରୀରୁ ଅବ୍ୟାହତ । ଜଣେ ସୁସାହିତ୍ୟିକ ।

**ବନମାଳୀ ସେନାପତି :** ଶ୍ରୀଜଂଗ ଅପର୍ ପ୍ରାଇମେରୀ ସ୍କୁଲରେ ଶିକ୍ଷକତା । ଗାଁର ବହୁ ପ୍ରତିଭାବାନ୍ ମଣିଷଙ୍କୁ ସେ ଇଂରାଜୀ ଶିଖାଇଛନ୍ତି ।

**ଭାସ୍କର ମଳିକ :** ନିମିକି ସଡ଼କ ପାର୍ଶ୍ୱରେ ବିରାଟ ଶିବ ମନ୍ଦିର ନିଜେ ନିର୍ମାଣ କରିଛନ୍ତି । ଓଡ଼ିଶା ସରକାରଙ୍କ ସେ ଜଣେ ବରିଷ୍ଠ ଯନ୍ତ୍ରୀ ।

କଲେ ବାପା କହୁଥିଲେ, "ବଡ଼ ହେଲେ ଜାଣିବୁ ।" ଆମ ଗାଁରେ ଏମିତି ଏମିତି ଅନେକ ଅସମାଧିତ କୁହୁକ କଥା ବି ଥିଲା ।

ଏସବୁ ଭିତରେ ବାପା ଦିନେ ମୋର ବହିବସ୍ତାନୀ ସହ ମୋତେ ନେଇ ଶ୍ରୀଜଂଗ ପ୍ରାଇମେରୀ ସ୍କୁଲ୍‌ରେ ନାମ ଲେଖାଇ ଦେଇଥିଲେ । ସେଠି ଶଚୀ ଗୁରୁଜୀ, ହରି ଗୁରୁଜୀ ଓ ବିଷ୍ଣୁ ସାର୍‌ଙ୍କ ବେତର ଭୟ ଭିତରେ ମୁଁ ପଢୁଥିଲି, "ଏଇ ଯେ ମୋର ବହି, ରଂଗ ରଂଗିଆ ଏହାର ଛବି ନିଏ ମୋ ମନ ମହି ।" ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ପରେ ପରେ ଫକୀରମୋହନ ବିଶ୍ୱାଳଙ୍କ ସହ ମୋର ଠାକୁରା ପୋଖରୀ କୂଳ ମନ୍ଦିରରେ ସଂଗାତ ବସା ବେଳେ ନାଲି କାଞ୍ଚିଆ ଗାମୁଛାର ଆଦାନପ୍ରଦାନ ହିଁ ଥିଲା ମୋର ଶେଷ ମହାର୍ଘ ସମୟ ଗାଁରେ ଅବାଧ ବୁଲିବାର ।

ତା' ପରଠୁ ମୁଁ ଗାଁ ବାହାରେ ପାଠ ପଢି ସହରରେ ଚାକିରୀ କଲି । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୁଁ ଗାଁ ଠୁଁ ବସ୍ତୁଗତ ଭାବେ ଯେତିକି ଯେତିକି ଦୂରେଇ ଯାଇଥିଲି, ମୋ ଗାଁ ମୋ ମାନସପଟରେ ସେତେ ସେତେ ଉଦ୍‌ଭାସିତ ହୋଇଛି । କେତେବେଳେ ଇତିହାସ ପୃଷ୍ଠାର ବୀରାଙ୍ଗନା ତ କେତେବେଳେ ସବୁଜ ଶସ୍ୟ ଶ୍ୟାମଳା ହୋଇ । ପୁଣି ରକ୍ତାକ୍ତ ସ୍ୱାଧୀନତା ସଂଗ୍ରାମର ଗାଥା ଗାଉଥାଏ ଭବାନୀ ରୂପରେ ବା ପୂଜାରିଣୀ ହେଇ ପଢୁଥାଏ ଆମ ଗାଁ ବୀର ପୁରୁଷଙ୍କ କୀର୍ତ୍ତିର ଗାଥା । ଏମିତି ଏମିତି ଅଶେଷ ରୂପର ସଂଭାର ନେଇ ବହୁରୂପୀ ଭୂବନମୋହିନୀ ମୋ ଗାଁ ଆସେ ମୋ ହୃଦୟର ନିଭୃତ କୋଠରୀକୁ । ତେବେ ଆସନ୍ତୁ ପଢିବା ମୋ ଗାଁର ଭିନ୍ନ ସ୍ୱରୂପ ଧାରିଣୀର ମହାନ୍ ଅଭୁଲା କଥା ସବୁ ।

### ଇତିହାସ ଓ କିମ୍ବଦନ୍ତୀର ଭିତ୍ତିଭୂମି

ଗାଁର ଉତ୍ତର ଦିଗରେ ବାଲେଶ୍ୱର-ବାସୁଦେବପୁର ନିମିକି ସଡକର ପାର୍ଶ୍ୱରେ ମଲ୍ଲିକା ସାଗର ପୁଷ୍କରିଣୀ ଅଛି । ଜନଶ୍ରୁତି ଅଛି, ଏହାର ଆୟତନ ବାର ମାଣ, ବାର ଗୁଣ୍ଠ ଓ ବାର ବିଶ୍ୱା । ଗାଁର ଦକ୍ଷିଣ ଦିଗରେ ଅଛି ଅଚ୍ୟୁତାସାଗର ପୁଷ୍କରିଣୀ । କିନ୍ତୁ ମଲ୍ଲିକାସାଗର ଠୁଁ ଆୟତନରେ ସାମାନ୍ୟ କମ୍ ହେବ । ଏ ଦୁଇଟି ପୁଷ୍କରିଣୀ ଖନନ ପରେ ପରେ ଦୁଇଟି ଶିଳାଲେଖ ପ୍ରତି ପୋଖରୀ କୂଳରେ ଆରୋପିତ ହୋଇଥିଲା । ଏ ଯାବତ୍ ଅଚ୍ୟୁତାସାଗର କୂଳସ୍ଥ ଶିଳାଲିପି ରହିଥିଲା ବେଳେ ମଲ୍ଲିକା ସାଗର କୂଳରେ ଥିବା ଶିଳାଲିପିକୁ ରାଜ୍ୟ ସଂଗ୍ରହାଳୟ ଭୁବନେଶ୍ୱରରେ ସଂରକ୍ଷିତ କରି ରଖିଛି ।

ଏହି ଦୁଇ ଶିଳାଲେଖରୁ ଜଣାପଡେ, ଅଚ୍ୟୁତାସାଗର ୧୫୧୭ ଶକାବ୍ଦ ଅର୍ଥାତ ୧୫୯୫ ମସିହା ଓ ମଲ୍ଲିକାସାଗର ୧୫୨୦ ସକାବ୍ଦ ଅର୍ଥାତ ୧୫୯୮




INSCRIPTION AT THE BANK OF ACHUTA SAGAR

## ଡ଼. ହରେକୃଷ୍ଣ ମହତାବଙ୍କ ପ୍ରସିଦ୍ଧ ଗଳ୍ପ 'ମୋର ଘର ଶ୍ରୀଜଂଗ' ଲେଖାର ଭିତରି କଥା

ଏକଦା ଡ଼କ୍ଟର ମହତାବ ଶ୍ରୀଜଂଗର କଂଗ୍ରେସ ଅନୁଷ୍ଠାନର ଦିଗ୍‌ଦର୍ଶକ ଥିଲେ । ଶ୍ରୀଜଂଗ ଗାଁ ତାଙ୍କ ରାଜନୈତିକ ଜୀବନର ପ୍ରଥମ ପୁଲକ । ସେଇଠି ତାଙ୍କର ବନ୍ଧୁତା ହେଇଥିଲା ଗାଁର ସଂଗ୍ରାମୀ ଭୋଳାନାଥ ଦାଶଙ୍କ ସହ ।

ତା'ପରେ ସମୟ କାଳଚକ୍ରରେ ବହି ଯାଇଛି । ଭାରତ ସ୍ୱାଧୀନ ହେଲା ପରେ ଓଡିଶାର ମୁଖ୍ୟମନ୍ତ୍ରୀ ହେଇଛନ୍ତି ମହତାବ । ତାଙ୍କୁ ଦେଖା କରିବା ପାଇଁ ଯାଇଛନ୍ତି ଭୋଳାନାଥ । ତଥାକଥିତ ସମ୍ଭ୍ରାନ୍ତ ଅତିଥିଙ୍କ ଗହଣରେ ଆଣ୍ଠୁ ଲୁଚା ଖଦଡ ପରିହିତ ଗାନ୍ଧୀ ଯୁଗର ତ୍ୟାଗୀ ସତ୍ୟାଗ୍ରହୀ ବୃଦ୍ଧ ମନ୍ତ୍ରୀଙ୍କ ସଦନରେ ଉପସ୍ଥିତି ଥିଲା ଏକାନ୍ତ ଅବାଞ୍ଛିତ । ହଠାତ୍ ପୁରୁଣା ବନ୍ଧୁ ହିସାବରେ ଲୋକଟି ଯେତେବେଳେ ମନ୍ତ୍ରୀଙ୍କ ହାତ ଧରି ନେଇଥିଲେ, ସେତେବେଳେ ମନ୍ତ୍ରୀଙ୍କ ଦେହ ଘୃଣାରେ ଶିହରି ଉଠିଥିଲା । ଦେହରକ୍ଷୀ ଟାଣିଆଣି ଦୁଇ ଧକ୍କା ଦେଇ ଦୂରକୁ ଠେଲି ଦେଇଥିଲେ ।



ଚକ୍ଟର ମହତାବ ଏ ସତ୍ୟ ଘଟଣାକୁ ନେଇ 'ମୋ ଘର ଶ୍ରୀଜଂଗ' ଗଳ୍ପ ଲେଖିଛନ୍ତି । ଗଳ୍ପର ମର୍ମସ୍ପର୍ଶୀ ଶେଷ କେତେ ଧାଡ଼ି ଏହିପରି - "ଲୋକନାଥଙ୍କ ନାମ ପଚାରି ବୁଝି ଧର୍ମଶାଳାରେ ପି.ଏ. କହିଲେ, 'ମନ୍ତ୍ରୀ ଆପଣଙ୍କୁ ଚିହ୍ନି ପାରିଲେ ନାହିଁ । ସେ ମୋତେ ପଠାଇଛନ୍ତି ଆପଣଙ୍କୁ ନେଇ ଯିବା ପାଇଁ । କ'ଣ କଥା ହେବେ । କୌଣସି ପ୍ରକାର ଉତ୍ତେଜନା ଭାବ ପ୍ରକାଶ ନକରି ଲୋକନାଥ କହିଲେ - 'ମନ୍ତ୍ରୀ ଭୁଲି ଯାଇ ଠିକ୍ କରିଛନ୍ତି । ମୁଁ ନ ଭୁଲି ଭୁଲ୍ କରିଛି । ଏ ଭୁଲ ପାଇଁ ମୁଁ କ୍ଷମା ମାଗୁଛି କହିବେ । ସେ ମୋତେ ଭୁଲି ଯାଆନ୍ତୁ ପଛକେ, ସେ ଶ୍ରୀଜଂଗକୁ ଭୁଲି ନାହାନ୍ତି, ଆନନ୍ଦର ବିଷୟ । ଶ୍ରୀଜଂଗ କିନ୍ତୁ ତାଙ୍କୁ ସମ୍ପୂର୍ଣ୍ଣ ଭୁଲି ଯାଇଛି । କାରଣ ସେ ବର୍ତ୍ତମାନ ମନ୍ତ୍ରୀ, ଶ୍ରୀଜଂଗର ସମସ୍ତ ଗ୍ରାମବାସୀ ପ୍ରଜା । ସେ ଗ୍ରାମବାସୀ ସ୍ତରକୁ ଆସି କେବେ ଶ୍ରୀଜଂଗ ଆସିଲେ ସେଠି ମୋର ଦେଖା ହେବ । ଏଠି ତାଙ୍କ ଠି ମୋର କିଛି କାମ ନାହିଁ ।"

ମସିହାରେ ଖନନ ହୋଇଥିଲା । ମଲ୍ଲିକା ସାଗରକୁ 'ଅଚ୍ୟୁତ ଗଂଗ' ବୋଲି ଶିଳାଲେଖରେ ଅଭିହିତ କରାଯାଇଛି । ଶିଳାଲିପିରୁ ଜ୍ଞାତ ହୁଏ ଦୈତାରୀ ବିଶ୍ୱାଳଙ୍କ ଯୋଗ୍ୟ ସନ୍ତାନ ଏବଂ ରାଜ୍ୟ ମୁଖ୍ୟ ଅଚ୍ୟୁତ ବଳିଆର ସିଂ ମୃତ ଲୋକଙ୍କ ଶ୍ରାଦ୍ଧ କର୍ମ ପାଇଁ ଏ ପୁଷ୍କରିଣୀ ଦ୍ୱୟ ଖନନ କରାଇଥିଲେ ।

ଠିକ୍ ଏହି ସମୟରେ ଉତ୍କଳର ଶେଷ ଗଜପତି ମୁକୁନ୍ଦ ଦେବ ବେଙ୍ଗଲର ସୁଲେମାନ କରେନଙ୍କ ଦ୍ୱାରା ବାରମ୍ବାର ପରାଜିତ ହେଉଥିଲେ । ଶେଷକୁ ୧୫୭୭ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦ ଦେବ ଷଡଯନ୍ତ୍ରର ଶିକାର ହେଇ ତାଙ୍କ ନିଜ ଲୋକ ରାମଚନ୍ଦ୍ର ଭଂଜଙ୍କ ଦ୍ୱାରା ନିହତ ହେଇଥିଲେ । ସେତେବେଳେ ଦିଲ୍ଲୀ ସମ୍ରାଟ ଆକବରଙ୍କର ପ୍ରତିନିଧି ରାଜା ମାନସିଂହ ବଙ୍ଗଳା ଓ ବିହାରର ଶାସନ ଦାୟିତ୍ୱକୁ ଆସିଥିଲେ । ସେ ଦୁଇଥର ଉତ୍କଳ ଜୟ କରି ପୁରୀକୁ ତାଙ୍କ ଶାସନକୁ ଆଣିଥିଲେ ।

୧୫୯୮ ବେଳକୁ ଉତ୍କଳରେ ଆଫଗାନ୍ ମାନେ ପୁଣି ବିଦ୍ରୋହ କରିଥିବାରୁ ମାନସିଂହ ତୃତୀୟବାର ଆକ୍ରମଣ କରିଥିଲେ । ଇତିହାସରୁ ଜଣାପଡେ ଅଚ୍ୟୁତ ବଳିଆରସିଂଙ୍କ ରାଜଧାନୀ ଶ୍ରୀଜଂଗ ଠାରୁ ୩୦ ମାଇଲ ଦୂର ଭଦ୍ରକରେ ଏ ଯୁଦ୍ଧ ହେଇଥିଲା । ଏଥିରେ ମାନସିଂହଙ୍କ ପୁତ୍ର ନିହତ ହେବା ସହ ଆଫଗାନ୍ ମାନେ ଓଡିଶା ଓ ଦକ୍ଷିଣ ବଙ୍ଗଳା(ମେଦିନିପୁର)କୁ ଦଖଲକୁ ନେଇଯାଇଥିଲେ ।

କିନ୍ତୁ ସେତେବେଳେ ଅଚ୍ୟୁତ ବଳିଆରସିଂଙ୍କ ବିଷୟରେ ଆଉ ଅଧିକ କିଛି ଐତିହାସିକ ତଥ୍ୟ ମିଳି ପାରିନାହିଁ । କିମ୍ୱା ଶ୍ରୀଜଂଗରୁ କୌଣସି ରାଜପ୍ରାସାଦର ଭଗ୍ନାବଶେଷ ମିଳିନାହିଁ । ପ୍ରଣିଧାନଯୋଗ୍ୟ ଯେ ଶ୍ରୀଜଂଗ ଗ୍ରାମ ମଧ୍ୟ ସ୍ଥଳରେ ଏଯାବତ୍ ଏକ ବିରାଟ ମାଟିକୁଦ ଚାରି ଏକର ଜମି ଆୟତନକୁ ନେଇ ରହିଅଛି । ଏହା ଗାଁରେ କାନ୍ଥି ନାମରେ ପ୍ରସିଦ୍ଧ । କିନ୍ତୁ ଏ କାନ୍ଥିକୁ କେନ୍ଦ୍ର ସରକାରଙ୍କ ପତ୍ନତତ୍ତ୍ୱ ବିଭାଗ ଗବେଷଣା କରିବାକୁ ଆସିନାହିଁ । ସେଥିପାଇଁ ରାଜା ଅଚ୍ୟୁତଙ୍କ ସମ୍ପର୍କରେ ଅଧିକ କିଛି ତଥ୍ୟ ସଂଗୃହୀତ ହେଇପାରିନାହିଁ ।

କିନ୍ତୁ ଯାହା ଅନୁମେୟ ହୁଏ ଅଚ୍ୟୁତ ଜଣେ ତାଲୁକାଦାର କିମ୍ୱା ସେହି ସ୍ତରର ପଦାଧିକାରୀ ଥିଲେ ଶ୍ରୀଜଂଗରେ । ତଥ୍ୟ କୁହେ ମୁକୁନ୍ଦ ଦେବଙ୍କ ପତନର ୨୮ତମ ଓ ୩୦ତମ ବର୍ଷରେ ଏ ଦୁଇଟି ପୁଷ୍କରିଣୀ ଖନନ ହୋଇଥିଲା । ସେଠି ଥିବା ଦୁଇଟି ଶିଳା ଲେଖର ଭାଷା ପାଖାପାଖି ସମାନ । ଏହା ପୁରାତନ ଓଡିଆ ଲିପିରେ ଖୋଦିତ ହୋଇଛି । ଓଡିଆରେ ଲେଖା ଯାଇଥିବା ଶିଳାଲେଖ ମାନଙ୍କ ଭିତରେ ଏହା ସମ୍ଭବତଃ ପ୍ରାଚୀନତମ ବୋଲି ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କ ମତ ପ୍ରକାଶ ପାଏ । ପ୍ରଥମେ ଶିଳାଲେଖରେ ଧର୍ମକୁ ସମ୍ବୋଧନ କରାଯାଇଛି । ତେଣୁ ଅନୁମାନ କରାଯାଏ ଶ୍ରୀଜଂଗର ଅଧିପତି ଅଚ୍ୟୁତ ବଳିଆରସିଂ ବୌଦ୍ଧ ଧର୍ମରେ ଦୀକ୍ଷିତ କିମ୍ୱା ସୂର୍ଯ୍ୟ ଉପାସକ ଥିଲେ ।


ଶ୍ରୀଜଂଗରେ ୧୫୯୮ ରୁ ୧୯୨୦ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୦୦ ବର୍ଷରୁ ଉର୍ଦ୍ଧ କାଳ ଇତିହାସ ଅତଳ ଗର୍ଭରେ ବିଲୀନ ହୋଇଯାଇଛି । ଦୈତାରୀ ବିଶ୍ୱାଳ କିମ୍ୱା ଅଚ୍ୟୁତ ବଳିଆରସିଂଙ୍କ ବଂଶଧରଙ୍କ କୌଣସି କାର୍ଯ୍ୟ ଐତିହାସିକ ବା ପ୍ରତ୍ନତାତ୍ତ୍ୱିକ ଗବେଷଣା ପରିସରକୁ ଆସି ପାରିନାହିଁ ।

ଅନ୍ୟ ପଟେ ଏଇ ପୋଖରୀ ସମ୍ପର୍କିତ କିଛି ତଥ୍ୟ ଦ୍ୱାଦଶ କୁମାର/ଦ୍ୱାଦଶ କୁମାରୀ କିମ୍ୱଦନ୍ତି / ଲୋକକଥାରୁ ସଂଗୃହୀତ ହେଇଛି । ଗଳ୍ପ ପୁସ୍ତକରେ ସ୍ପଷ୍ଟ ବର୍ଣ୍ଣିତ ଅଛି ବିଶାଳ ଖଣ୍ଡ ରାଜ୍ୟର କଥା । ଶ୍ରୀଜଂଗ ହିଁ ବିଶାଳ ଖଣ୍ଡ ପ୍ରଗଣା । ତହସିଲ ପ୍ରଗଣା ମେପ୍‌ରେ ବି ଏହା ଉଲ୍ଲିଖିତ ଅଛି । କାହାଣୀରେ ଅଚ୍ୟୁତ ଓ ମଲ୍ଲିକା ନାମ ବି ଲିଖିତ ଅଛି ।

ବିଶାଳ ଖଣ୍ଡ ରାଜ୍ୟର ରାଜା ଥିଲେ ସୁର ପ୍ରତାପ । ରାଣୀ ଚମ୍ପାବତୀ । ରାଜାରାଣୀ ଥିଲେ ନିଃସନ୍ତାନ । କିନ୍ତୁ ଦେବାଦେବୀ ପୂଜାର୍ଚ୍ଚନା ପରେ ତାଙ୍କ କୋଳକୁ ଆସିଥିଲା ସର୍ବଗୁଣ ସମ୍ପନ୍ନା ସୁକନ୍ୟା ମଲ୍ଲିକା । ଅପୂର୍ବ ରୂପଲାବଣ୍ୟରେ ଭରା । ବିଶାଳ ଖଣ୍ଡ ରାଜ୍ୟ ଥିଲା ଘନ ଅରଣ୍ୟରେ ପରିପୂର୍ଣ୍ଣ । ମଲ୍ଲିକା ଯୋଦ୍ଧା



ଲବଣ ସତ୍ୟାଗ୍ରହ ସମୟରେ ରମା ଦେବୀଙ୍କ ନେତୃତ୍ୱରେ ଦେଢ଼ହଜାର ମହିଳାମାନଙ୍କ ଶୋଭାଯାତ୍ରା
(ପ୍ରଦୀପ ମହାପାତ୍ର ଘର ୧ କି:ମି:ପୂର୍ବରେ, ଶୋଭାଯାତ୍ରା ହୋଇଥିବା ସ୍ଥଳର ଫଟୋ - ତା ୧୩।୩।୧୯ରିଖ)




ବେଶରେ ଘୋଡ଼ା ଚଢ଼ି ଅରଣ୍ୟରେ ଭ୍ରମଣ କରୁଥିଲା ।

ଏକଦା ସେ ଅରଣ୍ୟରେ ଏକା ବୁଲୁଥିଲା ବେଳେ ଏକ ଶରବିଦ୍ଧ ହରିଣୀକୁ ଦେଖି ଘୋଡ଼ାରୁ ଅବତରଣ କରି ତା'ର ସେବା କରିଥିଲା । ଏଇ ସମୟରେ ଜଣେ ଅପୂର୍ବ ସୁନ୍ଦର ପୁରୁଷ ଉଭା ହୋଇ ଶିକାରୀଟି ତାଙ୍କର ବୋଲି ଦାବି କରିଥିଲେ । ସେଇଠି ମଲ୍ଲିକା ସହ ପରିଚୟ ହେଲା । ସେ ଥିଲେ ମାନଗଡ଼ (ଅଧୁନା ନୀଳଗିରି)ର ରାଜକୁମାର । ଉଭୟ ଆସକ୍ତ ହେଲେ । ପ୍ରେମରୁ ଅନୁରାଗ ହେଲା । ପରିଶେଷକୁ କାଳନ୍ଦ୍ରୀ ଠାକୁରାଣୀ ମଣ୍ଡପରେ (ଅଧୁନା ତାଳପଦାରେ ଅବସ୍ଥିତ) ଉଭୟ ପରସ୍ପରକୁ ବରଣମାଳା ଦେଇ ବିବାହ ବନ୍ଧନରେ ଛନ୍ଦି ହେଲେ । ଏହା ତାଙ୍କ ଭିତରେ ଗୁପ୍ତ ଥିଲା, ଯେହେତୁ ଦୁଇ ରାଜ୍ୟ ଭିତରେ ଘୋର ଶତ୍ରୁତା ଥିଲା ।

କିନ୍ତୁ ଏ ଗୋପନ ପ୍ରେମ ରାଜାଙ୍କ କାନକୁ ଗଲା । ଏଥିପାଇଁ ଦୁଇ ରାଜ୍ୟ ଭିତରେ ଯୁଦ୍ଧ ହେଲା । ଶେଷକୁ ଯୁବରାଜ ଯୁଦ୍ଧରେ ପ୍ରାଣ ହରାଇଲେ । ଏଥିରେ ବ୍ୟଥିତ ହୋଇ ରାଜକୁମାରୀ ମଲ୍ଲିକା ବାପାଙ୍କ ବିରୁଦ୍ଧରେ ଯୁଦ୍ଧ କରି ବି ନିହତ ହେଲା ।

ରାଜା ତାଙ୍କ ଭୁଲ ପାଇଁ ଅନୁତପ୍ତ ହେଲେ । ଝିଅ ଜ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇଟି ପୋଖରୀ ଖନନ ହେଲା । ଶିଳାଲେଖ ଓ ଜନଶ୍ରୁତି ବା କିମ୍ବଦନ୍ତୀ ଭିତରେ ଅନେକ ସାମଞ୍ଜସ୍ୟ ଅଛି । ସେତେବେଳେ ରାଜତନ୍ତ୍ରରେ ବି ଏପରି ଖିଆଲ୍ ଓ ଅଦ୍ଭୁତ ଘଟଣା ସବୁ ଘଟୁଥିଲା ।

ଯାହା ହେଉନା କାହିଁକି, ବ୍ୟାସକବି ଫକୀରମୋହନଙ୍କ ଉପନ୍ୟାସ, 'ଛ ମାଣ ଆଠ ଗୁଣ୍ଠ'ରେ 'ଅସୁରଦୀଘୀ' ପୋଖରୀର ବର୍ଣ୍ଣନା ମଲ୍ଲିକାସାଗର ସହ ସାମଞ୍ଜସ୍ୟ ରହିଛି ବୋଲି ଜଣାପଡେ । ପୁରୁଣା ଲୋକେ କହନ୍ତି ଫକୀରମୋହନ ଏ ପୋଖରୀକୁ ଲକ୍ଷ୍ୟ କରି 'ଅସୁରଦୀଘୀ' କଥା ଲେଖିଥିଲେ ।

## ସ୍ୱାଧୀନତା ସଂଗ୍ରାମରେ ଶ୍ରୀଜଂଗ

ସଂଗ୍ରାମର ପ୍ରଥମ ପର୍ଯ୍ୟାୟ, ଡକ୍ଟର ହରେକୃଷ୍ଣ ମହତାବ ୧୯୨୧ ମସିହାରେ ବାଲେଶ୍ୱର କଂଗ୍ରେସ ସାଂଗଠନିକ ଦାୟିତ୍ୱ ନେଇଥିଲେ । ତାଙ୍କ ନେତୃତ୍ୱରେ ଶ୍ରୀଜଂଗରେ ଦୁଇଟି କଂଗ୍ରେସ କାର୍ଯ୍ୟାଳୟ ଖୋଲିଥିଲା । ଗୋଟିଏ ଗାଁ ମଧ୍ୟ ଭାଗ ସ୍କୁଲ ଛକରେ ଓ ଅନ୍ୟଟି ଶାଳଙ୍ଗାରେ । ଶ୍ରୀଜଂଗ କଂଗ୍ରେସ ଅଫିସକୁ ପରିଚାଳନା କରୁଥିଲେ ଗୌରମୋହନ ଦାସ ଓ ଶାଳଙ୍ଗାକୁ ପରିଚାଳନା କରୁଥିଲେ ମୁକୁନ୍ଦ ଦାସ ଓ ଭୋଳାନାଥ ଦାଶ । ତୁଣ୍ଡୁରା, ବଡକିଆ, କୁଅଁରପୁର, ଭୀମପୁର, ଗେଙ୍ଗୁଟି, ବର୍ଦ୍ଧନପୁର ଆଦି ଗ୍ରାମରେ କଂଗ୍ରେସ ଅଫିସ ଲୁକ୍କାୟିତ ଭାବରେ ଖୋଲା ହେଇଥିଲେ ବି ଶ୍ରୀଜଂଗ ଥିଲା ମୁଖ୍ୟ ଅଫିସ । ଏଇଠି ଶିକ୍ଷା ଦିଆ ଯାଉଥିଲା ଅସହଯୋଗ ଆନ୍ଦୋଳନ ବ୍ରିଟିଶ ସରକାର ବିରୁଦ୍ଧରେ । ସରକାରଙ୍କ ସହ ଅସହଯୋଗ କରି ପ୍ରଶାସନିକ କାର୍ଯ୍ୟ ପରିଚାଳନା ନିମିତ୍ତ ପଞ୍ଚାୟତ ପ୍ରତିଷ୍ଠା କରାଯାଇଥିଲା । ଏହା ଥିଲା ସର୍ବଭାରତୀୟ ସ୍ତରରେ ପ୍ରଥମ ପଦକ୍ଷେପ । ପଞ୍ଚାୟତ ମୁଖିଆଙ୍କ ବ୍ୟତୀତ ମାଲିମକଦ୍ଦମା ବିଚାର ପାଇଁ ଜଣେ ବିଚାରପତି ଓ ଜମି କିଣା ବିକା ପାଇଁ ଜଣେ ରେଜେଷ୍ଟ୍ରୀ ଅଧିକାରୀ ଗଣତାନ୍ତ୍ରିକ ଭାବେ ନିଯୁକ୍ତି ଦିଆ ଯାଇଥିଲା । ଏହା ବାଦ୍ ଗାଁ ସଫେଇ, ପରିଷ୍କାର ପରିଚ୍ଛନ୍ନତା, ଗ୍ରାମ୍ୟ ଚକଡା, ସ୍ୱରାଜ୍ୟ ପ୍ରତିଷ୍ଠା, ଆନ୍ଦୋଳନ ପ୍ରଶିକ୍ଷଣ, ସମାଜ ସେବା, ବିଦେଶୀ ବସ୍ତ୍ର ବର୍ଜନ, ଅରଟରେ ସୂତା କାଟିବା, ଆତ୍ମନିର୍ଭରଶୀଳ ହେବା ଓ ଗାନ୍ଧୀଙ୍କ ସତ୍ୟାଗ୍ରହ ଓ ଅହିଂସା ନୀତିକୁ ପାଳନ କରିବା ଓ ପ୍ରଚାର କରିବା ଥିଲା କଂଗ୍ରେସ ଅଫିସର ପ୍ରଶିକ୍ଷଣ । ଡକ୍ଟର ହରେକୃଷ୍ଣ ମହତାବ ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ମାନେ ଏସବୁ ମୂଳ ମନ୍ତ୍ରରେ ଲୋକମାନଙ୍କୁ ଦୀକ୍ଷିତ କରୁଥିଲେ । ଗୌରମୋହନ ପଞ୍ଚାୟତ ଓ କଂଗ୍ରେସ ଅଫିସର ପ୍ରମୁଖ ଦାୟିତ୍ୱ ତୁଲାଉଥିଲେ । ଶ୍ରୀଜଂଗ ଥିଲା ସମଗ୍ର ଅଂଚଳରେ ସଂଗ୍ରାମର ଆଲୋକ ବର୍ତ୍ତିକା ।

## ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ

୧୯୩୦ ମସିହା ବେଳକୁ ଲୁଣମରା ଆନ୍ଦୋଳନ ଓଡିଶାରେ ଏକ ବିଶିଷ୍ଟ ରୂପ ନେବାକୁ ଯାଉଥିଲା । ବାସ୍ତବିକ ସେତେବେଳେ ସମଗ୍ର ଦେଶରେ ଓଡିଶାର ଲୁଣ ଥିଲା ସବୁଠୁଁ ଉତ୍କୃଷ୍ଟ । 'ଉତ୍କଳ ଇତିହାସ'ର ଲେଖକ କୃପାସିନ୍ଧୁ ମିଶ୍ରଙ୍କ ଭାଷାରେ – "ଓଡିଶାର ଲୁଣ ସମଗ୍ର ଓଡିଶାବାସୀଙ୍କ ଅଭାବ ପୂରଣ କରି ଓଡିଶାର ନଦୀ ବାଟେ ସୁଦୂର ମଧ୍ୟପ୍ରଦେଶ ଓ ଛୋଟନାଗପୁର ଅଂଚଳକୁ ରପ୍ତାନୀ ହେଉଥିଲା । ଓଡିଶା ଲୁଣ ସମଗ୍ର ଭାରତ ମଧ୍ୟରେ ସର୍ବାପେକ୍ଷା ଉତ୍କୃଷ୍ଟ ଓ ଆଦରଣୀୟ ବୋଲି ପ୍ରଶଂସିତ ।"



THE ANCIENT JOGESWARI TEMPLE,THE ABODE OF THE MOTHER JOGESWARI LORD SHIVA AND LORD JAGANATH

ଇଷ୍ଟ ଇଣ୍ଡିଆ କମ୍ପାନୀ କିନ୍ତୁ ୧୮୬୧ ସମିହା ପର୍ଯ୍ୟନ୍ତ ଏକଚାଟିଆ ନୀତିରେ ଲୁଣମାରି ଓ ବିଦେଶକୁ ରପ୍ତାନି କରି ଅର୍ଥ ସଂଗ୍ରହ କରୁଥିଲା । ତେବେ ସ୍ଥାନୀୟ ଲୋକମାନଙ୍କୁ ଲୁଣ ମାରିବାକୁ ନଦେଇ କେବଳ କତିପୟ ଲୋକଙ୍କୁ ପଟ୍ଟା ସୂତ୍ରରେ ଦିଆ ଯାଇଥିଲା । ଓଡିଶାର ବହୁ ଉପକୂଳବର୍ତ୍ତୀ ଲୋକମାନେ ଲୁଣମରାରୁ ବଂଚିତ ହେଉଥିଲେ । ୧୯୦୦ ମସିହା ବେଳକୁ ଦେଶୀ ଲୋକଙ୍କ ଲୁଣ ମାରିବା ସମ୍ପୂର୍ଣ୍ଣ ବନ୍ଦ କରି ଦିଆ ଯାଇଥିଲା ।




ଏ କାରଣରୁ ଓଡିଶାର ଲବଣ ସତ୍ୟାଗ୍ରହ ସର୍ବଭାରତୀୟ ସ୍ତରରେ ବିଶିଷ୍ଟ ସ୍ଥାନ ଅଧିକାର କରିବାର ଦାନା ବାନ୍ଧିଥିଲା । ଓଡିଶାର ସମୁଦ୍ର ଉପକୂଳବର୍ତ୍ତୀ ସମସ୍ତ ସ୍ଥାନରେ ଏହି ଆନ୍ଦୋଳନ ଓ ବିଦ୍ରୋହ ଚାଲିଥିଲା କମ୍ ବେଶୀ । ଶେଷକୁ ବିଧିବଦ୍ଧ ଭାବେ ଇଞ୍ଚୁଡ଼ିରେ 'ଲବଣ ଆଇନ ଭଙ୍ଗ' ପାଇଁ ରାଜ୍ୟ କଂଗ୍ରେସ ସଂଗଠନ ସ୍ଥିରୀକୃତ କରିଥିଲା । ଇଞ୍ଚୁଡ଼ିର ଏ ଆଇନ ଭଙ୍ଗ ଆନ୍ଦୋଳନରେ ମୁଖ୍ୟତଃ ସେ ଗାଁ ଠୁଁ ଏକ କି.ମି. ଦୂରସ୍ଥ ଶ୍ରୀଜଂଗ ଅଧିବାସୀ ଓ କଂଗ୍ରେସ କର୍ମୀମାନେ ଅଂଶଗ୍ରହଣ କରିଥିଲେ ।

ଜାତୀୟ କଂଗ୍ରେସ ନିଷ୍ପତ୍ତି ନେଇ ସାରିଥିଲା ୦୬.୦୪.୧୯୩୦ରେ ଦାଣ୍ଡି ଠାରେ ମହାତ୍ମା ଗାନ୍ଧୀ ଓ ତାଙ୍କ ସହଯୋଗୀମାନେ ଲବଣ ଆଇନ ଭାଙ୍ଗିବେ । ସେଇପରି ରାଜ୍ୟ କଂଗ୍ରେସ ନିଷ୍ପତ୍ତି କଲା ୧୩.୦୪.୧୯୩୦ରେ ଇଞ୍ଚୁଡ଼ିରେ ଲୁଣ ଆଇନ ଅମାନ୍ୟ ହେବ ।

ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ସର୍ଦ୍ଦାର ସୁରେନ୍ଦ୍ରନାଥ ଦାସ, ଜୀବରାମ କଲ୍ୟାଣ ଜୀ, ରମା ଦେବୀ, ମାଳତୀ ଦେବୀ, ସାରଳା ଦେବୀ, ମଣିଭଦ୍ର ଦାସ, କୋକିଳ ଦେବୀ, ଚନ୍ଦ୍ରମଣୀ ଦେବୀ ପ୍ରମୁଖ ଶ୍ରୀଜଂଗ ଗ୍ରାମର ମଧ୍ୟ ସ୍ଥଳରେ ଥିବା ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ କଂଗ୍ରେସ ଅଫିସରେ 'ଆଇନ୍ ଅମାନ୍ୟ ଆନ୍ଦୋଳନ'ର ରୂପରେଖ ଓ ଖସଡା ପ୍ରସ୍ତୁତ କରିଥିଲେ ।

ଶ୍ରୀଜଂଗରୁ ଇଞ୍ଚୁଡ଼ି ଯିବାକୁ ହେଲେ କଣ୍ଟିଆଚରା ନଈ ପାର୍ ହେବାକୁ ପଡେ । ଏହାର ପାଣି ସମୁଦ୍ରରେ ମିଶି ଥିବାରୁ ଲୁଣିଆ । ସେତେବେଳେ ନଦୀରେ ପୋଲ ନଥିଲା । ଶ୍ରୀଜଂଗର ଲୋକମାନେ କଣ୍ଟିଆଚରା ନଈ କୂଳରେ ଲୁଣ ମାରୁଥିଲେ ଓ ଖରାଦିନ ଇଞ୍ଚୁଡ଼ି ବେଳାଭୂମିକୁ ଯାଇ ଲୁଣ ମାରୁଥିଲେ ।

'ଲବଣ ସତ୍ୟାଗ୍ରହ' ଆରମ୍ଭ ହେଲା ୧୩.୦୪.୧୯୩୦ରେ । ପ୍ରଣିଧାନ ଯୋଗ୍ୟ ଯେ ଏ ଆନ୍ଦୋଳନରେ ଶ୍ରୀଜଂଗରେ କେଶରୀ ଚରଣ ବିଶ୍ୱାଳ, ହୃଷିକେଶ ବିଶ୍ୱାଳ, ଶ୍ୟାମସୁନ୍ଦର ଅଗସ୍ତି, ଭୋଳାନାଥ ଦାଶ, ଗୋଲକ ଅଗସ୍ତି, ଗୌର ମୋହନ ଦାସ, ଭିକାରୀ ମଳିକ, ବିଦ୍ୟାଧର ରଥ, ମହେନ୍ଦ୍ର ଦାସ, ରାମନାରାୟଣ ଦାସ, ଶ୍ରୀଧର ମହାନ୍ତି ଇତ୍ୟାଦି ଲୁଣମରାରେ ସାମିଲ ହେଇଥିଲେ । ଆନ୍ଦୋଳନକାରୀଙ୍କୁ ନିବୃତ୍ତ କରିବା ପାଇଁ ପୁଲିସ୍ ଲାଠି ଚାର୍ଜ କଲା । ଫାଙ୍କା ଗୁଳି ଚାଳନା ବି । ତାହାରି ଭିତରେ ୧୮୦ ଜଣ କର୍ମୀ ଲୁଣ ନେଇ ବାଲେଶ୍ୱରରେ ବିକ୍ରି କରିବାକୁ ଯାଉଥିଲା ବେଳେ ସୁନ୍ଦରୀ ଚାଉଳିଆ ବରଠାରେ ଇଂରେଜ ପୁଲିସଙ୍କ ବିରୋଧ ଓ ଅତ୍ୟାଚାରରେ ଶିକାର ହେଇଥିଲେ ।

କିନ୍ତୁ ଶ୍ରୀଜଂଗର ସାହସୀ ଭିକାରୀ ମଳିକ ଲୁଣକୁ ଗାମୁଛା କୁଞ୍ଚ କାନିରେ ଲୁଚାଇ କିଆବୁଦା ଭିତରେ ଲୁଚି ଲୁଚି ବାଲେଶ୍ୱର ପରମିଟ୍ ପଡିଆରେ ପହଞ୍ଚି ଲୁଣକୁ ବିକ୍ରି କରି ପାରିଥିଲେ । ଗାନ୍ଧୀଜୀ ପରେ ଓଡିଶାକୁ ଆସିଲା ସମୟରେ ଭିକାରୀଙ୍କୁ କଂଗ୍ରେସ ପଗଡି ପିନ୍ଧାଇ ସମ୍ମାନିତ କରିଥିଲେ । ସେହିପରି ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ ରମାଦେବୀ ଶ୍ରୀଜଂଗ ଆସି ଗାଁର ୧୫୦୦ ସ୍ତ୍ରୀ ଲୋକଙ୍କୁ ଧରି କଣ୍ଟିଆଚରା ଅବବାହିକାରେ ୨୧.୦୪.୧୯୩୦ରେ ସମୁହ ଲୁଣ ମାରିଥିଲେ । ସ୍ତ୍ରୀଲୋମାନଙ୍କୁ ପୁଲିସ ବିରୋଧ କରି ପାରିନଥିଲା । ସ୍ତ୍ରୀଲୋକଙ୍କ ଏ ଆନ୍ଦୋଳନ ଓ ଶୋଭାଯାତ୍ରା ଭାରତର ଥିଲା ସର୍ବପ୍ରଥମ । ଏହି ଲୁଣମରା ଆନ୍ଦୋଳନରେ ଆଇନ ଭାଙ୍ଗି ଶ୍ରୀଜଂଗର ବହୁଲୋକ କାରାବରଣ କରିଥିଲେ ।

## ସ୍ୱାଧୀନତା ସଂଗ୍ରାମର ତୃତୀୟ ପର୍ଯ୍ୟାୟ

ଶ୍ରୀଜଂଗର ଗ୍ରାମବାସୀଙ୍କ ଠାରୁ ବ୍ରିଟିଶ ସରକାର ଚୌକିଦାରୀ ଟିକସ ୧୯୩୦ ମସିହା ଲବଣ ସତ୍ୟାଗ୍ରହ ପରେ ବସାଇ ଥିଲା । ଏ ଟିକସ ଦେବାକୁ ଅକ୍ଷମ ହେଲେ ଘର, କବାଟ, କଂସାବାସନ, ଖଟପଲଙ୍କକୁ ନିଲାମ କରିଦେବାର ଧମକର ବିଜ୍ଞପ୍ତି ହୋଇଥିଲା ।

ବର୍ଷା ଋତୁ ଆସିଲାରୁ ଲବଣ ସତ୍ୟାଗ୍ରହ ବନ୍ଦ ହେଇ ଯାଇଥିଲା । କିନ୍ତୁ କଂଗ୍ରେସ ନେତାମାନେ ଏ ଟିକସ ଆଦାୟ ବିରୁଦ୍ଧରେ ଜନମତ ସୃଷ୍ଟି କରୁଥିଲେ ।



MAA BADAMBA ABODE WHERE THE BATTLE BETWEEN BRITISH AND VLLAGERS WAS MADE



THAKURA HISTORICAL POND

ନବକୃଷ୍ଣ ଚୌଧୁରୀ ଏ ଟିକସ ନ ଦେବାକୁ ବିଶେଷ ଅନୁରୋଧ କରିଥିଲେ । ଗାଁର ପ୍ରମୁଖ ନେତା ଶ୍ରୀଜଂଗର ଗାନ୍ଧୀ ଗୌରମୋହନ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଅଫିସରେ ସମବେତ ହେଇ ଟିକସ ନଦେବାକୁ ପ୍ରତିଜ୍ଞାବଦ୍ଧ ହେଇଥିଲେ । ତଥାପି ଗୌରମୋହନ ଓ ବିଦ୍ୟାଧର ରଥ ଗାଁର ପ୍ରତି ଘର ଘର ବୁଲି ଲୋକମାନଙ୍କୁ ସଚେତନ କରାଉଥିଲେ । ପୁଲିସ ଟିକସ ପାଇଁ ଜୁଲୁମ କଲେ ସଂପୃକ୍ତ ଘରର ସ୍ତ୍ରୀଲୋକ ଶଙ୍ଖ ଫୁଙ୍କିବାକୁ ସ୍ଥିର ହେଲା ଏବଂ ଏହା ଶୁଣିଲା ପରେ ପ୍ରତ୍ୟେକ ଗ୍ରାମବାସୀ ଘଟଣା ସ୍ଥଳରେ ଉପସ୍ଥିତ ହେବେ ।

୧୯.୦୭.୧୯୩୦ରେ ପ୍ରେସିଡ଼େଣ୍ଟ ଭାଗିରଥି ଦାସ, ଦଫାଦାର ଗଦାଧର ଦାସ, ପୁଲିସ ସବ୍‌ଇନିସପେକ୍ଟର ସୁଧାକର ତ୍ରିପାଠୀ ଓ ଅନ୍ୟ ପାଞ୍ଚ ଜଣ କନେଷ୍ଟବଳ, ଗାଁ ଚୌକିଦାରକୁ ଧରି ବିଦ୍ୟାଧର ରଥଙ୍କ ଘରେ ଟିକସ୍ ଆଦାୟ ପାଇଁ ପହଞ୍ଚି ଥିଲେ । ଯୋଗକୁ ସେହି ଦିନ ଗୌରମୋହନ ଓ ବିଦ୍ୟାଧର ଗାଁରେ ଅନୁପସ୍ଥିତ ଥିଲେ । ବିଦ୍ୟାଧରଙ୍କ ବଡ ଭାଇ ବାସୁଦେବ ଟିକସ ନ ଦେବା କଥା କହିଲାରୁ ସେମାନେ ତାଙ୍କୁ ଘରୁ ଟାଣି ଆଣିଥିଲେ ।

ଗ୍ରାମବାସୀମାନେ ପୁଲିସ ବଡାମ୍ବା ଠାକୁରାଣୀ ପାଖରେ ବାସୁଦେବଙ୍କୁ କାବୁ କରିଥିବାର ଦେଖି କହିଥିଲେ, "ଏ ଟିକସ ଅନ୍ୟାୟ । ଆମେ ଦେବୁ ନାହିଁ ।" ଦୁଇ ପକ୍ଷ ଭିତରେ ଯୁକ୍ତି ହେଲା । କାହାର ଶଙ୍ଖଧ୍ୱନିରେ ଅଚ୍ୟୁତସାଗର ଓ ବଡାମ୍ବା ଠାକୁରାଣୀ ପାଖରେ ବହୁ ସଂଖ୍ୟାରେ ଲୋକ ସମବେତ ହେଇ ଯାଇଥିଲେ । ପୁଲିସ ଲୋକମାନଙ୍କୁ ଗିରଫ କରିବାକୁ ଆରମ୍ଭ କରିଥିଲା । ଏଇ ସମୟରେ ଧସ୍ତା ଧସ୍ତିରେ ବାସୁଦେବ ରଥଙ୍କ ମୁଣ୍ଡ ଫାଟି ଯାଇଥିଲା । କ୍ରୋଧାନ୍ୱିତ ହେଇ ଗାଁ ଲୋକେ ମଧ ଗଣ୍ଡଗୋଳ କରିଥିଲେ, ପୁଲିସର ଲାଠି ଚାର୍ଜକୁ ପ୍ରତିରୋଧ କରି । ପୁଲିସମାନେ ଛତ୍ରଭଂଗ ଦେଇ ପଳାଇ ଯାଇଥିଲେ ।

ସେଇ ରାତ୍ରିରେ ପୁଲିସ ସୁପରିଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ମାଜିଷ୍ଟ୍ରେଟ୍ ଓ ଶହ ଶହ ବ୍ରିଟିଶ ଫୌଜ ଆସି ମଲ୍ଲିକା ସାଗର ପୋଖରୀ ପାଖରେ ପହଞ୍ଚି ଯାଇଥିଲେ । ଏ ରାତି ଥିଲା ଶ୍ରୀଜଂଗ ପାଇଁ କାଳ ରାତି । ରାତି ତିନିଟାରେ ପୁଲିସ ଫ୍ଲାଗମାର୍ଚ୍ଚରେ ରାତିର ନିସ୍ତବ୍ଧତା ଭାଙ୍ଗି ଯାଇଥିଲା । ଚାରିଆଡ଼େ ଫୌଜଙ୍କ ବୁଟ୍ ଜୋତାର ଟପ୍ ଟାପ୍ ଓ ବେତର ସାଇଁ ସାଇଁ ଶବ୍ଦ । ନିରୀହ ନିରନ୍ନ ଗ୍ରାମବାସୀ ପୁଲିସ୍‌ର କୋରଡା ମାଡ଼ ଖାଉଥିଲେ । ପୁରୁଷ ଲୋକମାନେ ଭୟରେ ଗାଁ ଛାଡ଼ି ଜଂଗଲ ଭିତରେ ଲୁଚିଲେ ।

ସେଇଠି ତମ୍ବୁ ପକାଇ ପୁଲିସ ରହିଲେ ତିନି ବର୍ଷ । ଗୌରମୋହନଙ୍କ ଘରକୁ ଦଖଲ କରି ସେଠି ମାଜିଷ୍ଟ୍ରେଟ ଜଗନ୍ନାଥ ମିଶ୍ର ଓ ପୁଲିସ ସବଇନିସପେକ୍ଟର ଅତୁଲ ବାବୁ ଅବସ୍ଥାନ କଲେ । ତାଙ୍କ ଘରର ଷାଠିଏ ହଜାର ଟଙ୍କାର ସମ୍ପତ୍ତି ଲୁଟ୍ ହେଇଗଲା । ତାଙ୍କ ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ହେଇଗଲା । ପୁଲିସ ଲୋକଙ୍କ ଧାନ, ଚାଉଳ, ପନିପରିବା, ଦୁଧ, ଘିଅ, କୁକୁଡ଼ା, ଛେଳି, କଂସା, ସୁନାରୂପା ସବୁ ଲୁଟ୍ କରିନେଲେ । ପୁଣି ପିଟୁଣୀ ଟିକସ ବି ଆଦାୟ କରାଗଲା । ଗୌରମୋହନ, ବିଦ୍ୟାଧର, ସୋମନାଥ ଦାଶ, ମହେନ୍ଦ୍ର ଦାସ ଓ ଶରତ ଦାସ ଗିରଫ ହେଇ ହଜାରିବାଗ, ପାଟଣା, କଟକ ଓ ବ୍ରହ୍ମପୁର ଜେଲରେ ଥିଲେ ।

ଭାରତୀୟ ସେବକ ସମାଜର ସଦସ୍ୟ ଲକ୍ଷ୍ମୀ ନାରାୟଣ ସାହୁ ଓ ବିଧାନ ସଭା ସଦସ୍ୟ ଭୁବନାନନ୍ଦ ଦାସ ଶ୍ରୀଜଂଗ ଆସି କରୁଣ ବିବରଣୀ ପ୍ରକାଶ କଲାପରେ ସମଗ୍ର ଦେଶରେ ଚହଳ ପଡି ଯାଇଥିଲା । ମହାତ୍ମା ଗାନ୍ଧୀ ଏ ଅନ୍ୟାୟର ଦୃଢ ପ୍ରତିବାଦ ତାଙ୍କ ଇଂରାଜୀ ପତ୍ରିକା 'ୟଙ୍ଗ୍ ଇଣ୍ଡିଆ'ରେ ପ୍ରକାଶ କରିଥିଲେ । ମାଳତୀ ଚୌଧୁରୀ ଶ୍ରୀଜଂଗର ଘର ଘର ବୁଲି ଅସହାୟା ସ୍ତ୍ରୀ ଲୋକମାନଙ୍କର ଲୁହ ବନ୍ଦ କରିବାକୁ ଆପ୍ରାଣ ଚେଷ୍ଟା କଲେ । 'ଉତ୍କଳ ଦିପିକା'ରେ ୨୬.୦୭.୧୯୩୦ରେ ମଧ ଶ୍ରୀଜଂଗ ଅତ୍ୟାଚାରର ଖବର ପ୍ରକାଶ ପାଇଥିଲା । ଶ୍ରୀଜଂଗରେ ପୁଲିସ ଅତ୍ୟାଚରର ଖବର ଶୁଣି ଗାନ୍ଧୀଙ୍କ ଆଖିରୁ ବି ଲୁହ ଝରି ଆସିଥିଲା । ଏହା ପରେ ପରେ ପଶ୍ଚିମା ପୁଲିସ ମାନେ ଗାଁକୁ ଆସି ଏ ଅତ୍ୟାଚାରକୁ ବନ୍ଦ କରିଥିଲେ ୧୯୩୨ ମସିହା ଶେଷ ଭାଗକୁ ।

କିନ୍ତୁ ଶ୍ରୀଜଂଗରେ ସଂଗ୍ରାମ ସରି ନଥିଲା । ଗାନ୍ଧୀଙ୍କ 'ଭାରତ ଛାଡ଼' ଡ଼ାକରା ପାଇ ପୁଣି ଗୌରମୋହନଙ୍କ ନେତୃତ୍ୱରେ ଗାଁର ଏ ଆନ୍ଦୋଳନ ଉଗ୍ର ରୂପ ନେଇଥିଲା । ଅନେକ ଗ୍ରାମବାସୀ ଗିରଫ ହେଇଥିଲେ । ଦୀର୍ଘ ତିନି ଦଶନ୍ଧି ଧରି ଶ୍ରୀଜଂଗର ଅଧିବାସୀମାନେ ସଂଗ୍ରାମରେ ସେମାନଙ୍କର ଧନ ଜୀବନ ବିପନ୍ନ କରି ଦେଇଥିଲେ । ଶ୍ରୀଜଂଗ ଗ୍ରାମରେ ପିଟୁଣୀ ଟିକସ ଆଦାୟ ଭାରତର ପ୍ରଥମ ଘଟଣା ଥିଲା । ଲବଣ ଆଇନ ଭଂଗରେ ବି ଶ୍ରୀଜଂଗ ଥିଲା ଓଡିଶାର ପ୍ରଥମ ।

## ଶ୍ରୀଜଂଗର ଭୌଗୋଳିକ ଅବସ୍ଥିତି

ବାଲେଶ୍ୱର ସହରରୁ ୨୦ କି.ମି. ଗଲେ ଶ୍ରୀଜଂଗ ଆନନ୍ଦବଜାର ଛକ ପଡେ । ପୂର୍ବକୁ ୪ କି.ମି. ଦୂରରେ ସମୁଦ୍ର । ପଶ୍ଚିମ ଓ ଉତ୍ତର ପଟକୁ ବେଢି



ଯାଇଛି ନିମିକି ସଡକ । ଗାଁର ଦକ୍ଷିଣ ଦିଗକୁ କୁଆପଦା ଗାଁ ଓ ଖଜିରଗଡ ଜଂଗଲ । ଉତ୍ତରପୂର୍ବ ପଟରେ କଣ୍ଟିଆଚରା ନଈ ଯାଇ ସମୁଦ୍ରରେ ମିଶିଛି । ଗାଁର ମୁଖ୍ୟ ଫସଲ ଧାନ । ଗାଁର ତଫସିଲଭୁକ୍ତ ଜାତିର ଲୋକମାନଙ୍କ ପାଇଁ ସମୁଦ୍ର ଓ ଦେଶୀ ମାଛ ପ୍ରମୁଖ ବ୍ୟବସାୟ । ଶ୍ରୀଜଂଗର ପଡାଗାଁ ମହମଦାବାଦ, ଅପଲା, ବରହମପୁର, ଶ୍ରୀରାମପୁର ଇତ୍ୟାଦି । ଶ୍ରୀଜଂଗର ଘର ସଂଖ୍ୟା ଅନ୍ୟୂନ୍ୟ ୨୦୦୦ ।

## କବିଙ୍କ କଲମରେ ଶ୍ରୀଜଂଗ

ଜାତୀୟ କବି ବିର କିଶୋର ଦାସ ଶ୍ରୀଜଂଗର ସଂଗ୍ରାମକୁ ନେଇ କବିତା ଲେଖିଥିଲେ– "ଭାଇ ହେ ମାର କେତେ ମାରିବ / ଦେଶ ଲାଗି ଆମେ ଜୀବନ ଦେଇଛୁ / ତୁମେ କି ଆମକୁ ପାରିବ ?" ବିପ୍ଳବୀ କବି ବାଞ୍ଛାନିଧି ମହାନ୍ତି ଶ୍ରୀଜଂଗ କବିତାର ପଂକ୍ତି– "ଦୁଃଖିନୀ ଉତ୍କଳେ ଶ୍ରୀଜଂଗ କାହାଣୀ / ପ୍ରତି ପ୍ରାଣେ ଦେଲା କି ସନ୍ତାପ ଆଣି / ପ୍ରତି ଲୋମ କୂପ ଶିହରି ଉଠିଲା / ଜାଣେ ଯେ ମନକୁ ଆଣିଛି ଗୋ" ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ମିଶ୍ର 'ଜାତୀୟ ଜୀବନର ଆତ୍ମ ବିକାଶ' ଗ୍ରନ୍ଥର ନବମ ଭାଗ ପ୍ରଥମ ପରିଚ୍ଛେଦରେ ଲେଖିଛନ୍ତି, "ଶ୍ରୀଜଂଗର ଦୁଃଖ ।" ଏହା କିଛି ବର୍ଷ ଯୁକ୍ତ ଦୁଇ ସିଲାବସ୍‌ଯୁକ୍ତ ସାହିତ୍ୟ ବହିରେ ପାଠ କରା ଯାଉଥିଲା । ସୁରେନ୍ଦ୍ରନାଥ ପଟ୍ଟନାୟକ ତାଙ୍କର 'ଓଡିଶାର ସ୍ୱାଧୀନତା ଆନ୍ଦୋଳନ' ପୁସ୍ତକରେ 'ଶ୍ରୀଜଂଗ ଅତ୍ୟାଚାର' ସମ୍ପର୍କରେ ଲେଖିଛନ୍ତି । ହରେକୃଷ୍ଣ ମହତାବ ତାଙ୍କର ଗ୍ରନ୍ଥ 'ଦଶ ବର୍ଷ ଓଡିଶା'ରେ ଶ୍ରୀଜଂଗ ଆନ୍ଦୋଳନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ରମାଦେବୀଙ୍କ ଆତ୍ମଜୀବନୀ ଗ୍ରନ୍ଥ 'ଜୀବନ ପଥେ' ପୁସ୍ତକରେ ଶ୍ରୀଜଂଗ ଅନୁଭୂତି ପରିସ୍ଫୁଟ ହୁଏ । ସେହିପରି ଐତିହାସିକ ଜଗନ୍ନାଥ ପଟ୍ଟନାୟକ ତାଙ୍କ ପୁସ୍ତକ 'ଓଡିଶାରେ ସ୍ୱାଧୀନତା ସଂଗ୍ରାମ'ରେ, 'ଚୌକିଦାରୀ ଟିକସ ଦୈଠ ନ କରିବା ଓ ଶ୍ରୀଜଂଗ ଘଟଣା' ଆଲେଖ୍ୟ ଉପସ୍ଥାପିତ କରିଛନ୍ତି ।

## ଶ୍ରୀଜଂଗର ସ୍ୱାଧୀନତା ସଂଗ୍ରାମ ସ୍ମୃତି ପରିଷଦ

ଗୋପୀନାଥ ମହାନ୍ତିଙ୍କ ପୃଷ୍ଠପୋଷକତାରେ ଗଠିତ ହେଇଛି ଏ ପରିଷଦ । ଗାଁର ସମାଜସେବୀ ପ୍ରବୀର କୁମାର ଦାସ, ରାଜେନ୍ଦ୍ର ଦାସ, ଦୁର୍ଯ୍ୟୋଧନ ବାରିକ ଓ ଭାରତୀ ପଣ୍ଡା ପରିଷଦ ଗଠନର ଥିଲେ ମୂଳ ଉଦ୍ୟୋକ୍ତା । ଏହି ପରିଷଦ ଆନୁକୂଲ୍ୟରେ ମଲ୍ଲିକାସାଗର ପଶ୍ଚିମ ପାର୍ଶ୍ୱରେ ସ୍ୱାଧୀନତାର ସୁଦୀର୍ଘ ସ୍ମୃତି ସ୍ତମ୍ଭ ନିର୍ମିତ ହୋଇଛି । ଏହାର ଉଚ୍ଚତା ୩୫ ଫଟ୍ । ଏହି ସ୍ମୃତି ସ୍ତମ୍ଭ ୨୦୦୩ରେ ସ୍ଥାପିତ ହୋଇଥିଲା । ଏହି ସ୍ତମ୍ଭ ନିକଟକୁ ଏକ ଛୋଟ ସଂଗ୍ରହାଳୟ ଓ ପୁସ୍ତକାଳୟ ମଧ୍ୟ କରାଯାଇଛି । ୧୫.୦୫.୧୯୮୪ରେ ତତ୍କାଳିନ ଓଡିଶା ରାଜ୍ୟପାଳ,

### ଐତିହାସିକ ମନ୍ମଥ ଦାସଙ୍କ ଭାଷାରେ



**ଶ୍ରୀଜଂଗର ମହିଳାମାନେ ଯେଉଁ ପ୍ରକାର ଅବର୍ଣ୍ଣନୀୟ ପରିସ୍ଥିତିରେ ସମକାଳୀନ ହେବାକୁ ସାହସବାନ ଥିଲେ ତାର ଦ୍ୱିତୀୟ ଦୃଷ୍ଟାନ୍ତ ସଂଗ୍ରାମ ଯୁଗର ଇତିହାସରେ ବସ୍ତୁତଃ ଦେଖିବାକୁ ମିଳେ ନାହିଁ । ନାରୀଶକ୍ତିର ଜାଗରଣ ଶ୍ରୀଜଂଗ ଦୁଃଖିନୀ ବିପ୍ଳବିନୀମାନଙ୍କ ପ୍ରେରଣାର ଉତ୍ସ ରୂପେ ଚିର ସ୍ମରଣୀୟ ରହିବେ । ସେମାନଙ୍କ ତ୍ୟାଗ ଓ କଷ୍ଟ ଓଡିଆବାସୀ ପାଇଁ ଗର୍ବ ଓ ଗୌରବର ବିଷୟ ।**

ବିଖ୍ୟାତ ଐତିହାସିକ ତଥା ମଙ୍ଗଳ ପାଣ୍ଡେଙ୍କ ସୁଯୋଗ୍ୟ ସନ୍ତାନ ବିଶ୍ୱମ୍ଭରନାଥ ପାଣ୍ଡେ ଏହି ସ୍ମୃତି ସ୍ତମ୍ଭ ନିର୍ମାଣର ଭିତ୍ତି ପ୍ରସ୍ତର ଦେଇଥିଲେ । ୨୦.୦୧.୨୦୦୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ମୃତି ସ୍ତମ୍ଭର ଲୋକାର୍ପଣ କରିଥିଲେ ।

## ଶ୍ରୀଜଂଗଙ୍କ ଐତିହ୍ୟ ଓ ସଂସ୍କୃତି

ଶ୍ରୀଜଂଗରେ ମା' ବାସନ୍ତୀଙ୍କ ପୂଜାର୍ଚ୍ଚନା ଗ୍ରାମୀଣ ସାଂସ୍କୃତିକ ବୈଭବର ଏକ ସ୍ମରଣୀୟ ଗାଥା । ଗାଁରେ ବହୁ ଆଡ଼ମ୍ବରରେ ପାଳିତ ହେଉଥିବା ଅନନ୍ୟ ପୂଜା ସମଗ୍ର ଖଣ୍ଡମଣ୍ଡଳ ସହ ବାଲେଶ୍ୱର ସହରରେ ବି ପ୍ରସିଦ୍ଧ । ଗାଁ ଝିଅ ବୋହୂ, ସାଂଗସାଥୀ ତଥା ବିଦେଶରେ ଥିବା ସମସ୍ତ ଜ୍ଞାତି ନିଶ୍ଚୟ ଏ ପୂଜାରେ ଯୋଗ ଦିଅନ୍ତି । ଗାଁ ପାଞ୍ଚ ଦିନ ଧରି ସହର ଠୁଁ ଅଧୀକ ଜନଗହଳି ହେଇଯାଏ । ଅପେରା, ପାଲା, ଚଢ଼ିଆ ନାଟରେ ସମଗ୍ର ରାତି ଝଲସି ଉଠେ । ଶହ ଶହ ଦୋକାନ ଓ ହଜାର ହଜାର ଲୋକ ସମାଗମ ପରିବେଶକୁ ଉଲ୍ଲସିତ କରିଦିଏ । ମାଆଙ୍କ ସମ୍ମୁଖରେ ଅଢେଇ ଘଣ୍ଟା ସାନ୍ଧ୍ୟ ଆଳତୀ ଚିତାକର୍ଷକ ଓ ମନ ମୁଗ୍ଧକର । ୧୯୫୪-୫୫ ମସିହାରୁ ଏ ପୂଜା ହେଇ ଆସୁଅଛି । ଗ୍ରାମର ରଥ ବଂଶ ଏ ପୂଜା ପାଇଁ ୫/୬ ଏକର ଜମି ସ୍ୱଇଚ୍ଛାରେ ଦାନ କରିଛନ୍ତି । ବାସନ୍ତୀ ପୂଜା ଶ୍ରୀଜଂଗର ଜାତୀୟ ପର୍ବ ।

## ପୋଥି ବୈଭବ

ଶ୍ରୀଜଂଗର ଅମୂଲ୍ୟ ସମ୍ପଦ ଦୁଇଟି ପୋଥି ମଣ୍ଡପ । ହୃଷିକେଶ ରଥ ଓ ବେଂଗ ଦାସ ଘର ପୋଥି ମଣ୍ଡପ ଏବେ ସୁଦ୍ଧା ବି ଅଛି ଯେଉଁଥିରେ ବହୁ ମୂଲ୍ୟବାନ ଶାସ୍ତ୍ର, ସାହିତ୍ୟ ସବୁ ଲିପିବଦ୍ଧ ହୋଇ ରହିଛି । ଏ ପୋଥି ପ୍ରତି ସନ୍ଧ୍ୟା ଓ ସକାଳେ ବିଧିବଦ୍ଧ ଭାବେ ପୂଜା ହେଉଛି । ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରି ରଖା ହେଉଛି । କିନ୍ତୁ ପରିତାପର କଥା ଏହି ଯେ ଏବେ ଗାଁରେ କେହି ଏ ପୋଥି କେହି ବି ପଢି ପାରନ୍ତି ନାହିଁ । ପୋଥି ପଢିବାର ଶେଷ ଲୋକ ଥିଲେ ମୋ ବାପା ସ୍ୱର୍ଗତ ସୁରେନ୍ଦ୍ର ପ୍ରସାଦ ଦାସ । ସେ ପ୍ରତି ସନ୍ଧ୍ୟାରେ ବେଂଗ ଦାସ ପୋଥି ଘରେ ଏସବୁ ପାଠ କରୁ କରୁ ବିଷ୍ଣୁ ପ୍ରେମରେ ଗଦ୍ ଗଦ୍ ହେଇ ଆଖିରୁ ଅଶ୍ରୁ ବିସର୍ଜନ କରୁଥିଲେ । ତାଙ୍କ ଆଖି ଖରାପ ହେଇଗଲା ପରେ ସେ ଆଉ ପୋଥି ପଢି ପାରିଲେ ନାହିଁ; ସେହି ଦିନୁ ସବୁ ପୋଥି ଅପଠ୍ୟ ହୋଇ ରହି ଆସିଛି ।

ଏହା ବାଦ୍ ଯୁଗେଶ୍ୱରୀ ମନ୍ଦିରର ରଥ, ବଉଳ ପଡ଼ିଆ ଦୋଳ ମେଳଣ, ଅଚ୍ୟୁତ ସାଗର ଚନ୍ଦନ ଯାତ୍ରା, ପୁଝାରୀ ଘର ରାଧାବଲ୍ଲଭ ମନ୍ଦିରର ରାସପୂର୍ଣ୍ଣିମୀ ପାଳନ, ଠାକୁରା ଜଗନ୍ନାଥ ମନ୍ଦିର ରଥ ଗାଁର 'ଶ୍ରୀ'କୁ ଆହୁରି ପରିବର୍ଦ୍ଧିତ



THE MUSEUM OF THE VILLAGE

କରିଥାଏ ।

## ଆଦର୍ଶର ଭିନ୍ନ ନାଁ ଶ୍ରୀଜଂଗ ଓ ବିଜୁ ପଟ୍ଟନାୟକ

୧୯୮୪ ମସିହାରେ କଳିଙ୍ଗ ବୀର ବିଜୁ ପଟ୍ଟନାୟକ ଘୋଷଣା କଲେ 'ଶ୍ରୀଜଂଗ ଆଦର୍ଶ ଗ୍ରାମ' । ଷାଠିଏ ବର୍ଷ ତଳର ଶ୍ରୀଜଂଗ ଓ ଆଜିର ଶ୍ରୀଜଂଗ ଭିତରେ ଅନେକ ପ୍ରଭେଦ । ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଏଇ ଆଦର୍ଶ ଗାଁର କଥା କେମିତି ଦିଲ୍ଲୀ ଦରବାରରେ ପହଞ୍ଚିବ, ସେଥିପାଇଁ ଅନେକ ବ୍ୟବସ୍ଥା କରିଛନ୍ତି । ଏବେ ଗାଁର ଆର୍ଥିକ ସ୍ଥିତି ବଦଳି ଯାଇଛି । ଗାଁ ଏବେ ସହର ସହିତ ସଂଯୋଜିତ । କରାଳିନୀ କଣ୍ଟିଆଚରା ପୋଲ ତିନୋଟି ହେଇଗଲା ପରେ କଂକ୍ରିଟ୍ ରାସ୍ତା ବାଲେଶ୍ୱରରୁ ବାସୁଦେବପୁର । ପଶ୍ଚିମ ପଟେ ନୂଆବଜାରରେ ପକ୍କା ପୋଲ ହେଇଗଲା ପରେ ପକ୍କା ରାସ୍ତା ଖନ୍ତାପଡାକୁ । ଗାଁ ରାସ୍ତା ଦେଇ ପ୍ରତି ପାଞ୍ଚ ମିନିଟରେ ବସ୍ ଓ ଟ୍ରେକର୍ । ଗାଁ ପ୍ରବେଶ ଛକ ଏବେ ବ୍ୟବସାୟିକ କେନ୍ଦ୍ରବିନ୍ଦୁ । ଛକରେ ଏସ.ବି.ଆଇ. ଶାଖା, ବିଦ୍ୟୁତ ଆଞ୍ଚଳିକ କାର୍ଯ୍ୟାଳୟ, ଡ଼ାକ୍ତରଖାନା, ଦି'ଟା ବରଫ କଳ । ଆମେ ପଢୁଥିବା ଅଳିଆ ଦିସ୍ତା ଘର ବଦଳରେ ପି.ଏମ.ଆର୍.ଏଫ ଯୋଜନାରେ ପକ୍କା ଘରେ ପ୍ରଥମରୁ ଦଶମ ଯାଏଁ ନୋଡ଼ାଲ୍ ସ୍କୁଲ୍ ।

ପକ୍କା ବାସନ୍ତୀ ମଣ୍ଡପ । ଗାଁରେ ଆଉ କାଦୁଅ ଓ ବନ୍ୟା ପ୍ଲାବିତ ଗୋହିରୀ ନାହିଁ । ସବୁଆଡେ ପକ୍କା ରାସ୍ତା । ସମଗ୍ର ଗାଁରେ ବିଜୁଳୀ ବତି, ପାଇପ୍ ପାଣି, ସେଫଟି ଲେଟ୍ରିନ୍, ଡ଼ିସ୍ ଆଣ୍ଟିନା, ନେଟ୍, କମ୍ପ୍ୟୁଟର । ଏଠି ଆଉ ସକାଳ ସନ୍ଧ୍ୟାରେ ଭାଗବତ ଶୁଣାଯାଏ ନାହିଁ ବରଂ ମନୋରଂଜନ ପାଇଁ ସଦାସର୍ବଦା ଟି.ଭି.ରେ ଶହ ଶହ ଚ୍ୟାନେଲ୍ ।

ଗାଁର ଲୋକମାନେ ଆଉ ପାରମ୍ପରିକ ଧାନ ଚାଷକୁ ଜୀବିକା କରି ରହି ନାହାନ୍ତି । ମୌସୁମୀ ବର୍ଷା ଉପରେ ନିର୍ଭର କରି ଧାନଚାଷ କରିବାର ଯୁଗ ଶେଷ ହେଇ ଯାଇଛି । ଲୋକେ ସେଲୋ ବା ଡ଼ିପ୍ ଟିଉବ୍‌ୱେଲ୍ ପକାଇ ତିନି ଫସଲି ଧାନ, ଗହମ, ରବି ଫସଲ କରି ବେଶ୍ ଭଲ ରୋଜଗାର କରୁଛନ୍ତି । ଗାଁରେ ଚାଷ ଜମିକୁ ଚିଙ୍ଗୁଡ଼ି ଘେର ଓ ପୋଖରୀ କରି ଚିଙ୍ଗୁଡ଼ି ଚାଷରୁ ଲୋକେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ତା' ସହ ସମୁଦ୍ରରୁ ମାଛଧରା ବି ଅନ୍ୟତମ ବ୍ୟବସାୟ । ଏଇସବୁ ମାଛକୁ ବାହାରକୁ ଚାଲାଣ ପାଇଁ ଦୁଇଟି ବରଫ କଳ ଗାଁରେ ଅଛି । ମାଛସବୁ ବରଫରେ ପ୍ୟାକିଂ ହୁଏ ସେଠି ।

ଲୋକେ ଧାନଚାଷ ଠୁଁ ପିଜୁଳି, ଅମୃତଭଣ୍ଡା, କଦଳୀ ଓ ନଡ଼ିଆ ଚାଷ କରିବାକୁ ମୁହେଁଇଲେଣି । ଏସବୁ ଫଳ ଉତ୍ପାଦନରେ କମ୍ ପୁଞ୍ଜି ନିବେଶ ଓ ପାରିଶ୍ରମ, କିନ୍ତୁ ମୁନାଫା ବେଶି ବୋଲି ଗାଁର ଯୁବକମାନେ ସଚେତନ ହେଲେଣି । ଗାଁର ପିଲାମାନେ ଆତ୍ମନିର୍ଭର ଭାରତକୁ ଆପଣାଇବାକୁ ଯାଉଛନ୍ତି । କୁକୁଡ଼ା ଓ ଛେଳି ଚାଷ ବି ଗାଁରେ ବଢିଛି । ଧୀରେ ଧୀରେ ଗାଁର ଅର୍ଥନୀତି ସୁଦୃଢ ହେଉଛି ।

ତଥାପି ଗାଁରେ ଥିବା କଣ୍ଟିଆଚରା ଓ ନୂଆ ନଈକୁ ଯଦି ବନ୍ଧ ବାନ୍ଧି ସଂରକ୍ଷିତ କରାଯାଇ ପାଣିକୁ ଗାଁ ଚାଷ ଜମିରେ ଜଳସେଚିତ କରାଯାଇ ପାରନ୍ତା, ତେବେ ଶ୍ରୀଜଂଗ ହେଇ ପାରନ୍ତା ସଦା ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା । ଏଥିପାଇଁ ଗୋଟେ ବଡ଼ ନଦୀବନ୍ଧ ଯୋଜନାର




GODESS BASANTI MANDAP WITH BHAGABATA TUNGI

ଆବଶ୍ୟକତା ଅଛି ।

ବିଭିନ୍ନ ଦୃଷ୍ଟିକୋଣରୁ ଶ୍ରୀଜଂଗକୁ ମିନି ପର୍ଯ୍ୟଟନ ସ୍ଥଳୀ ଭାବେ ମନୋନୀତ କରି ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରାଗଲେ ଶ୍ରୀଜଂଗର ଶ୍ରୀ ପ୍ରସାରିତ ହୁଅନ୍ତା । ଗାଁ ବନୀକରଣ ଯୋଜନାରେ ପ୍ରବଳ ଗଛ ବି ଲଗାଯାଇ ଗାଁକୁ ସବୁଜ ଭୂମିରେ ପରିଣତ କରାଯାଉଛି ।

### ଶ୍ରୀଜଂଗର ଶେଷକଥା

ହଁ, ମୁଁ ସହରକୁ ଚାଲି ଆସିବା ଠିଁ କଥା ରଖିଥିଲି । କିନ୍ତୁ ମୁଁ ଯେଉଁଠି ରହିଲେ ବି ମୋ ପ୍ରିୟ ଗାଁର ମାଟି / ତା ନରମ ପରଶକୁ କେବେ ବି ବିସ୍ମରି ପାରିନାହିଁ । ସେ ସ୍ୱପ୍ନରେ ସ୍ୱପ୍ନରେ ବିଭୋର କରେ ଅହରହ ମୋତେ ।

ମୁଁ ଗାଁକୁ ଫେରିବାକୁ ବାଧ ହୁଏ ଭିନ୍ନ ଭିନ୍ନ ଅବସ୍ଥା ଚକ୍ରରେ । କେବେ ଦିନେ ଆଷାଢର ବର୍ଷାରାତିରେ ବର ହେଇ ପାଲଙ୍କିରେ ବସି ଗାଁକୁ ବିଭା ହେବାକୁ ଆସେ ।

କେବେ ପୁଣି ମୋ ସ୍ତ୍ରୀପିଲାଙ୍କୁ ଧରି ଗାଁର ସବୁଜ ବନାନୀ ଓ ଶସ୍ୟକ୍ଷେତ  ବାପା, ବୋଉ ଓ ପ୍ରିୟ ପରିଜନଙ୍କୁ ଛାଡ଼ି ଚାକିରି ସ୍ଥାନକୁ ଆଖିରେ ଆଖିଏ ଲୁହ ଧରି ଫେରେ ।

ଗାଁକୁ ଫେରେ ବାପାଙ୍କ ଅନ୍ତିମ ଯାତ୍ରା ସମୟରେ । ସେଦିନ ବାପାଙ୍କୁ ଭାଗବତ ଶୁଣାଇଲା ବେଳେ ବାପା ଠାରରେ ମୋତେ କିଛି କହିବାକୁ ଚାହୁଁଥିଲେ । କହିପାରି ନଥିଲେ । ଚିରଦିନ ପାଇଁ ଆଖି ବୁଜି ଦେଇଥିଲେ ବାପା । ସଦାସର୍ବଦା ଭୟ କରୁଥିବା ମଶାଣିରେ ତାଙ୍କ ମୁହଁରେ ନିଆଁ ଦେଲାବେଳେ ମୁଁ ଭିନ୍ନ ଏକ ଦାୟିତ୍ୱବାନ ମଣିଷଟେ ହେଇଯାଇଥିଲି ।


ସେଇ ଏକା କଥା ବୋଉ ଶେଷଯାତ୍ରା । ବାପାଙ୍କ ଦାହ ହେଇଥିବା ପାଖ ଜାଗାରେ ବୋଉର ଦେହ ବି ଜଳି ଯାଏ । ବାପା ବୋଉଙ୍କ ଶେଷ ସ୍ମୃତି କେବଳ ଦୁଇଟି ଛୋଟ ସମାଧିରେ ସୀମିତ ହେଇଯାଏ ଓ ସେଇଠି ଥିବା ଆଉ ଟିକେ ଜାଗା ବି ମୋ ପାଇଁ ବାକି ରହିଥାଏ ।

ଦେଶବିଦେଶର ଯେତେ ଯେତେ ଠାକୁର ମନ୍ଦିରକୁ ଯାଏ, ଯେତେ ସୁମିଷ୍ଟ ପ୍ରସାଦ ଖାଇଲେ ବି ମନ ବୁଝେ ନାହିଁ । ହୃଦୟ ବ୍ୟାକୁଳିତ ସଦା, ମୋ ଗାଁ ରାଧାବଲ୍ଲଭ ମାଟି ମନ୍ଦିରର ବିଶ୍ୱବ୍ରହ୍ମାଣ୍ଡ ଠାକୁରଙ୍କ ଦର୍ଶନ ପାଇଁ ଓ ତାଙ୍କ ମହ ମହ ବାସ୍ନାୟିତ ଖେଚୁଡ଼ି ଭୋଗ ଖାଇବା ପାଇଁ । ମୁଁ ସ୍ତ୍ରୀ ଓ ପିଲାଙ୍କୁ ଧରି ଗାଁକୁ ଫେରି ଆସେ । ସେଇ ଛଇଳା ଠାକୁରଙ୍କୁ କେବଳ ପ୍ରାର୍ଥନା କରେ: "ହେ ଠାକୁର, ମୋତେ ଫେରାଇ ଦିଅ ମୋ ଗାଁରେ ବିତିଥିବା ମୋର ପିଲାଦିନ ।"

ଏବେ ଗାଁକୁ ଗଲେ ଗାଁର ନୂଆ ପିଲାମାନେ ମୋତେ ଚିହ୍ନି ପାରନ୍ତି ନାହିଁ ବା ଚିହ୍ନିଲେ ବି ପୁରୁଷାନୁକ୍ରମିକ ଫାଙ୍କ ଯୋଗୁଁ ମୋ ନିକଟତର ହେଇପାରନ୍ତି ନାହିଁ । ତଥାପି ବି ମୋ ଗାଁର ଐତିହ୍ୟ, ଇତିହାସ, ମୋ ଗାଁର ସଂଗ୍ରାମୀ ପୁରୁଷ, ଗୌରବ ମୋ ପାଇଁ ଅବିସ୍ମରଣୀୟ । ଗାଁରୁ ଯେତେଥର ଫେରେ ସହରର ମୋ ଘରକୁ ମୋ ଭିତରେ କିଏ ଜଣେ ଗାଏ : "ମାଟିର ସେଇ ସରଗ ମୋର, /ସେଇଠି ଅଛି ମୋ ଷଠିଘର, /ଜଳିବ ପୁଣି ସେଇଠି ଶେଷେ / ମୋ ଚିତା ନିଆଁଟି / ଛୋଟ ମୋର ଗାଁଆଟି ।"

ମୋ ବାପା

# ପରିପୂର୍ଣ୍ଣ ପୂର୍ଣ୍ଣଚନ୍ଦ୍ର



# ବାପା ଥିଲେ ଲୋକଙ୍କର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ


**ଶ୍ରୀଦେବ**

ସମ୍ପାଦକ: ଚନ୍ଦ୍ରଭାଗା
ମୋତିଗଞ୍ଜ, ବାଲେଶ୍ୱର-୭୫୬୦୦୩
ଫୋନ : ୯୪୩୭୧୨୩୮୨୩


ଫଟୋ ସୌଜନ୍ୟ : ଲେଖକ
ତୈଳଚିତ୍ର : ନିତ୍ୟାନନ୍ଦ ସାହୁ



▶ ସ୍ରଷ୍ଟା ଶ୍ରୀଦେବ
▶ ଫଟୋ : ଉତ୍ପଳ ମାଝୀ

## ବାପଟିଏର ତ୍ୟାଗ ପାଲଟିଲା କିମ୍ବଦନ୍ତୀ
## SACRIFICES FOR THE CAUSE BECOMES A LEGEND



▶ ସଂଗ୍ରାମ ସାହସ ସାଥୀ : ଉତ୍କଣ୍ଠା

### ଥିଲା ଗୋଟେ ଗାଁ

ଥିଲା ଗୋଟେ ଗାଁ ।

ଗୋଟେ ପରିବାର । ଭାଇଭଉଣୀ ଆମେ ସାତଜଣ । ବାପ, ମାଆ । ଗୋଟେ ଗୁହାଳ ।

ଗୁଣ୍ଠେ ଜମିରେ ଖଳା ଓ ଚଳିବା ମୁତାବିକ୍ ଚାଳିଘର । ମନେପଡ଼େ ଏଇମିତି ମୋଡ଼ିମଚ୍‌କି ଖାଲଢିପର ଦିନ ।

ଆମଘର ଠୁ ମାମୁଘର ଡାକେବାଟ । ମା'ର ଚାରିହାତି କରିଆ ତ ବାପାର ଖାଲିଦେହକୁ ଆଂଠୁ ଉପରେ ଖୋର୍ଦ୍ଧା ନାଳିଗାମୁଛା । ମା' ବୋଇତାଳୁ, କଖାରୁ, ଜହ୍ନି, ଛଚିନ୍ଦ୍ରା, କୁନ୍ଦୁରୀ, କାକୁଡ଼ିଲତା ବଢ଼େଇବାରେ ବ୍ୟସ୍ତ । ବାପ ଭାରତଛାଡ଼ ଆନ୍ଦୋଳନ ବାନରସେନାର ସୈନିକ । ଇମିତି ଗୋଟେ ସଂଜ ଆସିଲା –

ଶ୍ରାବଣର ଅସ୍ରାଅସ୍ରା କଚଡ଼ା ବର୍ଷା ବର୍ଷୁଥାଏ । କୁଟାଛପରି ଆମ ଚାଳଘର ଥକ୍‌କି ପଡ଼ିଥିଲା । ନିଗିଡ଼ି ପଡୁଥିଲା ଠପ୍‌ଠପ୍ ପାଣି ଟୁଇ ଅଗରୁ ଚଟ୍‌କା ତସଲା ଗର୍ଭକୁ । ଗୋଇଠିଛୁଆଁ ପଚ୍‌ପଚ୍ କାଦରେ ମଥା ଉପରକୁ ଓଢ଼ଣା ଟାଣି, ଆରହାତରେ ଶଂଖସଂଜ ବଇଠାକୁ ପବନ ଅଦଉତିରୁ ଆକଟ କରେଇ ମା' ଚାଲି ଯାଉଥିଲା ଯି'ଦିନ ପରି ଈଶାଣକୋଣ ତୁଳସୀଚଉରା ପାଖକୁ । ବାପା ଆମ, କପାଳରେ ଦି'ହାତ ଆଂଗୁଳି ଠେକି ଜୁହାର ହେଉଥିଲେ କାହାକୁ – ଆମେ ଭାଇଭଉଣୀ ଅନେଇଥାଉ କେତେବେଳେ ଉଡ଼ି ଆସିବ ତାଗିଦା ଗଳା– 'ଆଣତ, ସେ କାଳିବଇଁଶୀ (କ୍ଲେରିଓନେଟ୍)ଟାକୁ ।'

ହସି ଉଠିଲା ତତ୍‌କାଳ ଆକାଶପାତାଳ ଆମ ମନମିଂଜାସ୍

ଭାଇଭଉଣୀଙ୍କ ଭିତରେ ଆମର ଆରମ୍ଭ ହେଇଗଲା ଧାଁ-ଦୌଡ଼, ରଗଡ଼ଝଗଡ଼ । କିଏ ଆଣିଦବ

▼ ବାପାଙ୍କ କାଳିବଇଁଶୀ (କ୍ଲେରିଓନେଟ୍)



ଆଗ ସେଇ ବଇଁଶୀ । ତା'ରି ହେବ ବିଜୟ । ସେଇଠୁ ସୁରୁ ହେଲା ସ୍ୱର-ସ୍ପନ୍ଦନ । ଫିଟି ପଡ଼ିଲା ଫର୍ଚ୍ଚା ଏକାସାଂଗେ – ଆମ ଆଖି ଓ ଓଠର । ତା'ପରେ ବାପାଙ୍କ ଫୁଲାଗାଲ ଆଉ ଜିଭ ଅଗରେ ବଂଶୀ ସଂଯୋଗ । ଓ ତୂରୀ ମୁହଁ ବାଟେ ବାହାରିଲା ପହିଲା ଧୂନ୍- ଓଡ଼ିଶାର ଘରେଘରେ ଅଭିନନ୍ଦିତ ପୂଜିତ ପଲ୍ଲୀକବି କୃଷ୍ଣଚରଣ ବେହେରାଙ୍କ ଗୀତର ମୁଖୁଡ଼ା – 'ଏଇ ଆମରି ଗାଁ' ।

## ବାପା ମରିବାକୁ ହେଲାଣି ୧୩ବର୍ଷ

ବାପା ମରିବାକୁ ହେଲାଣି ୧୩ ବର୍ଷ ।

୯୩ ବର୍ଷରେ ଆମକୁ ଛାଡ଼ି ଚାଲି ଯାଇଥିଲେ ସେ । ଖଣ୍ଡେ ମଜ୍‌ଭୁତ୍ ଭୁଷ୍‌ଭୁଷିଆ କାଳଖଣ୍ଡ –

ଥାକ ଥାକ ଚଉତାଚଉତି ... ପରିପୂର୍ଣ୍ଣ ପୂର୍ଣ୍ଣଚନ୍ଦ୍ର ।

**ପୂର୍ଣ୍ଣଚନ୍ଦ୍ର ଜୀ** । ୧୯୧୪ ଫେବ୍ରୁଆରି ୨୧ ତାରିଖ । ଅହିରା (ଅଇଘରା) ପୁନେଇଁରେ ତାଂକ ଜନ୍ମ ।



▼ ପୂର୍ଣ୍ଣଚନ୍ଦ୍ରଙ୍କୁ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଚିଠି

୨୦୦୭ ସେପ୍ଟେମ୍ବର ୮ ତାରିଖରେ ତାଂକ ତିରୋଭାବ ।

ଯେଉଁ ଗାଁ ତାଂକ-ଆମଂକ ଥିଲା ଏନ୍ତୁଡ଼ିଶାଳ, ସେ ଗାଁ ନାଁ 'ରସାଳପୁର' ।

## ମାଟି ଝିଂକା ଚୂଲିରେ ଫୁଟୁଚି ଏବେବି ବେପରୁଆ ବାପର ଦୁଃଖ

'ମୋ ବାପା ବରଗଡ଼ା
ତାଂକ ଭାଗ୍ୟେ ଫଳିଥିଲା ପିତା ତରଡ଼ା ।'

– ଏକଥା ମୁଁ ନୁହଁ, ସେ ନିଜେ, ତାଂକ ଆତ୍ମଜୀବନୀ 'ମୋ ଦୁଃଖ ମୋ ଜୀବନ'ରେ କବି ଯଦୁମଣିଙ୍କୁ ଉଦ୍ଧୃତ କରି କହିଛନ୍ତି ।

୫ମ ଶ୍ରେଣୀରେ ବାପାଙ୍କ ପାଠରେ ପଡ଼ିଲା ଡୋରି । ମାଟିବଂଶ ଅବଧାନଙ୍କ ଗାଁ-ଚାଟଶାଳୀରେ ପାଠପଢ଼ା ଗୋଟେ ପ୍ରକାର – ଭୂଇଁରେ ଖଡ଼ିରେ ।

ମୁଣ୍ଡଳାକୁ ମଣ୍ଡେଇବାରେ – 'ଗାଇ ମୂତେ ଘୁରିଘୁରିକା, ବଳଦ ମୂତେ ... ଧୂ' ।

ଔଡା ଔଡା ଦିନ ଦିନ । ହାତଗଣତା ମାସ କେଇଟାରେ ସେ କଣ୍ଠସ୍ଥ କରିଦେଲେ ବର୍ଣ୍ଣମାଳା, ମୁଖସ୍ଥ ହେଲା ଯୁକ୍ତାକ୍ଷର ଓ କଷିବା ଶିଖିଗଲେ ହରଣ-ଗୁଣନ, ମିଶାଣ-କଟାଣ; ୨୫କ ଯାକେ ପଣକିଆ । ତଥାପି ବି ବାପା ଡରୁଥିଲେ କିଆଁ କେଜାଣେ 'ଅଙ୍କ' ପରି ପିସ୍ତଲମରା ପାଠକୁ ।

ହଁ, ୫ମ ଶ୍ରେଣୀ ବେଳକୁ ରାତି ତିନିଟାରୁ ଉଠି ମାଆଙ୍କ ତିଆରି 'ମହୁଲ ପୋଡ଼ପିଠା' ଝୁଲାରେ ପୂରେଇ ନିଜଗାଁ ରସାଳପୁରରୁ ୫ମାଇଲ୍ ଦୂର ନଈନାଳ ବିଲବାଡ଼ି ଡେଇଁ ବରୁଣସିଂ ଗାଁ (ଶେରଗଡ଼)ର ଦାଶରଥି ବିଦ୍ୟାପୀଠ ମ.ଇ. ସ୍କୁଲ୍‌କୁ ଗଲେ ପାଠ ପଢ଼ିବାକୁ, ଯେଉଁଠି ଉ.ପ୍ରା. ବୃତ୍ତି ପରୀକ୍ଷାକୁ ବାପା ମନୋନୀତ ହୋଇ ପ୍ରଥମ ପରୀକ୍ଷା ସାମ୍ନା କରିଥିଲେ । ବିଧିନିର୍ଧାର୍ଯ୍ୟ ପରୀକ୍ଷାଫଳରେ ଅଣୁମାତ୍ର ବିମର୍ଷ ନହୋଇ, ସେ ନିଜକୁ ବ୍ୟଙ୍ଗବଖାଣରେ ଥୋଇଥିଲେ ଏଇମିତି –

'ଅତି ଯତନରେ ବାରିଆଡ଼େ ଆଣି
ଲଗାଇଲି ବରଗଡ଼ା

# ବାପା ନାହାନ୍ତି

## ଶ୍ରୀଦେବ

ଚିଠି ଯାଇଥିଲା
ଫେରିଆସିଲା, ତାଂକୁ ନପାଇ

ଫେରନ୍ତା ଚିଠି ପିଠିରେ ଥିଲା
ଡାକମୋହର ଚିହ୍ନ

ତାରିଖ ମାସ ବର୍ଷ ଛଡ଼ା
ମୋହର ଭିତରୁ ଦିଶୁଥିଲା
ହଳେ ଗୋଲ ଚଷମା । କାତିଛେଲା
ଚପଲ । ସୁତୁଲୀ ବଂଧା
୧୨ବର୍ଷ ତଳ ଥାକେ ପାଞ୍ଜି, ଟୁକୁରା ଚିର୍‌କୁଟ୍
ଟିପ୍‌ପଣୀ । ଫାଶୀ ଦିଆଗଲା ପରି
କାଂଥକଂଟାରେ ଓହଳା ଅକଟା ଗାମୁଛା
ଅଳଂଦୁ ଝୁଂଦା ଖଦଡ଼ ଫତେଇ
ମନଖିଆଲୀ ମୌସୁମୀରେ
ଭିଜିବାକୁ ଦେଉନଥିବା
ତାଂକ ପ୍ରିୟ ପଖିଆ
ଅଭିମାନରେ ମୁହଁ ଫୁଲେଇଥିବା
ବଂକୁଲୀବାଡ଼ି

ବାପା ଚାଲିଯାଇଛନ୍ତି କୁଆଡ଼େ
ଭୋଅରୁ, ଅନ୍ୟମାନେ ଉଠିବା ଆଗରୁ
କେହି ଜାଣନ୍ତିନି



ସେ ଥିଲେ
ଘର ଦାଂଡ଼ଦୁଆର ପୁନେଇଁ ଉଆଁସ
ଠାକୁର ଖଟୁଲି, ତୁଳସୀ ଚଉରା,
ଟଗର ଫୁଲଗଛ
ଆଜି ସେ ନଥାନ୍ତି ବୋଲି
ଶ୍ରୀଶୂନ୍ୟ ଦିଶୁଚି ପିଂଢ଼ା, ଅଗଣା, ଧାନଖଳା
ଅଶୌଚ ଅପଖଳା
ବିଧବାର ବିପରୀତ ବ୍ରତ

ଦୁମୁକା ବର୍ଷାରେ ସୁରାକ୍ ନଥାଏ
ତିଳାର୍ଦ୍ଧ ଗଂଧବର୍ଣ୍ଣ
ଧୋଇଯାଇଥାଏ ୯୩ ବର୍ଷର ଓସାରିଆ
ତାଂକ ପାଦଚିହ୍ନ

ସେତକ ଦିଶୁଥିଲେ
ତାଂକୁ ଖୋଜିହେଇଥା'ନ୍ତା କେଉଁଠୁ ଅନ୍ତତଃ
ବେରିଙ୍ଗ ନହେଇବି ଫେରିଆସିଲା ଚିଠି
କରିବାର ଥିଲା ତାଂକର
କେତୋଟି ଜରୁରୀ ଦସ୍ତଖତ





▲ ପୂର୍ଣ୍ଣଚନ୍ଦ୍ରଙ୍କ ପତ୍ନୀ କଞ୍ଚମଣି ଦେବୀ

ବୋଲେ ଯଦୁମଣି, କରମକୁ ତାହା
ଫଳିଲା ପିତା ତରଡ଼ା ।'

('ମୋ ଦୁଃଖ ମୋ ଜୀବନ'/ପୃ-୦୩)

ବାପା ଥିଲେ ପିତା ତର୍ଡ୍ରୀ ।

ଆମେ ଛୁଆବେଳେ କହ୍ନିଭାବି ବଣୁଆ ତର୍ଡ୍ରୀ ଆଣି ଖାଇଚୁ । ହଜମ କରିଚୁ ।

ଆମ ଅଶାଢ଼ ପିଲାଦିନର ହେତୁ ଆସିବାକୁ ଲାଗିଗଲା ବେଶ୍ କିଛିବର୍ଷ । ପିତା-କଷା ଭଲ-ଖରାପ ବାରିବାକୁ, କବି ଯଦୁମଣିଙ୍କୁ ଚିହ୍ନିବାକୁ, ବେପରୁଆ ଆମ ବାପଟିକୁ ବୁଝିବାକୁ ଲଂବିଗଲା କେତେ କଡ଼ି ଚେନ୍ ତା'ର ହିସାବ ନାହିଁ ମୋ'ଠି । ତେବେ ବେକ ଟେକି ଅନେଇଲା ବେଳକୁ ଆଖି ପାଉନଥାଏ ବେଧଡ଼କ ବାପ ମୋର ଛିଡ଼ା ହେଇଚି ପତାକାଟେ ଧରି ଦୁଃଖପାହାଡ଼ ମଥାରେ, ମାଟି ଝିଂକା ଚୁଲିନିଆଁର ତତଲା ଜିଭରେ !

## ୧୨ବର୍ଷ ବୟସରେ ବୁରେ ବଦ୍‌ନସିବ୍ ଭବିଷ୍ୟତ ପାଇଁ ଫର୍ଲଙ୍ଗ ଫର୍ଲଙ୍ଗ ବାଟଚାଲିଲା ବାପଟି

ଭାଂଗିଗଲା ବାକି ଚଲାପଥ । ହିଡ଼ବାଡ଼ ।

ମୋଡ଼ି ହେଇଗଲା ଜୀବନ ଜିଜୀବିଷା, ମଣିଷଟିର । ଖରାତରା, ବର୍ଷାଶୀତ, ଭୋକଉପାସ କିଛି ବି ମାନିଲାନି ବାପ ହେଇନଥିବା ମଣିଷଟି । ଶୁଣିଲା: କିଏ ସେ କୁହାଟୁଚି ନିରବରେ, ଘୁରୁଛି ସାଉଥ୍ ଆଫ୍ରିକାର ଡରବାନ୍‌ରୁ ଆମ ସାରା ଦେଶ, ସାବରମତିରୁ ଇଂଚୁଡ଼ି ସର୍ବତ୍ର, ଦ୍ରୁତ ଚାଲିରେ ।

ଏତିକିବେଳେ କିଏ ସେ ଉଡ଼ାଇଦେଲା ସର୍ଗର ଶଙ୍ଖ ଟହଟହ ଖରା ଉଚ୍ଛଳା ଆକାଶକୁ । କିଏ ସେ ବୁଣିଲା 'ମୁକ୍ତିଯୁଦ୍ଧ ମଂଜି' ଲୁହଭିଜା ମାଟିର ଦେହରେ-

'ଉଡ଼ାଇ କେତନ ଚାଲଭାଇ ଆଜି ବଜାଇ ବାଦ୍ୟ / ପରାଧୀନ କିଏ କରିବ ଆମକୁ ଜଗତରେ କା'ର ସାଧ / ଲୁହାବାଡ଼ ମଧ୍ୟେ ଛଂଦି, ଆମ ମନ ତ ନୁହଁଇ ବନ୍ଦୀ ହେ, ଲୁହାବାଡ଼ ମଧ୍ୟେ ଛଂଦି'

ପୁଣି

'ତମେ କେତେଜଣ ଜୀବନକୁ ପାଣି ଛଡ଼ାଇ ନଦେଲେ ଚଳିବ କି / ଦଧିଚୀର ହାଡ଼ ଉଜାଡ଼ି ନଦେଲେ ଏ ଜାତିର ଭାଗ୍ୟ ଫେରିବ କି ?'

୧୮୮୯ରୁ ୧୯୭୩ ଯାଏଁ ୮୪ବର୍ଷର ଜୀବନ ଅବଧିରେ ଜାତୀୟକବି ବୀରକିଶୋର ଦାସ କିଂବା ୧୮୯୭ରୁ ୧୯୩୮ ଯାଏଁ ମାତ୍ର ୪୧ବର୍ଷ ବୟସ ବଂଚି ଯେଉଁ ଅଗ୍ନିବର୍ଷୀ ଅଣଚାଶ ପବନରେ କବିତା ବିଂଚି ଭାରତୀୟ ଜନମାନସରେ ସ୍ୱାଧୀନତାର ଅଂଗୀକାର ସମଷ୍ଟି ସୃଷ୍ଟି କରିଥିଲେ ସେଥିରୁ ବା ବାଦ୍ ପଡ଼ନ୍ତା କିଏ ?

'କି ହେବ ସେ ସ୍ୱରାଜ୍ୟ ଘେନି
ଯେବେ ମୋର ନ ପୂରେ ପେଟ
ଖଟିଖଟି ମଲେଣି ମୂଲିଆଚାଷୀ
ଚଷି ଦାନାକନା ନିଅଣ୍ଟ'

ବା

'କହ କହ କେଉଁ ଲଭିଛି ମୁକତି
କରି ହୁରିହାରି ଗୁହାରି
କହ ପାଇଛି କେ ସୁଖ ଲିଭାଇଛି
ମାଗି ମାଗି ପଥ ଭିକାରୀ !'

ବାଦ୍ ବି ପଡ଼ିନଥିଲେ ପୂର୍ଣ୍ଣଚନ୍ଦ୍ର- ମୋ ବାପା । ୧୨ବର୍ଷ ବେଳୁ ଆପାଦମସ୍ତକ ବୋଳି ହେଇଥିଲେ ସଂଘର୍ଷ-ପାଉଁଶ । କ୍ରମଶଃ ବୟସ ଉଦ୍ଦାମତାର ଦୃଷ୍ଟାନ୍ତ ବନି ନିଜେ ଛିଣ୍ଡାଇଥିଲେ



▲ ପୂର୍ଣ୍ଣଚନ୍ଦ୍ର ଜୀ (ମଝି), ତାଙ୍କ ସମୁଦୀ ଗୀତିକାର ନନ୍ଦକିଶୋର ସିଂହ ଓ ନାତୁଣୀ ଝାନ୍‌ସୀ

ବ୍ରିଟିଶ୍ ଜ୍ୟାକ୍ । ନିଜେ ଗାଇଥିଲେ ଅହୋରାତ୍ର ବୀରକିଶୋର ଦାସ ଓ ବାଂଛାନିଧି ମହାନ୍ତିମାନଙ୍କର ଆଗ୍ନେୟ ପଂକ୍ତି ।

୧୨ବର୍ଷର ମୁକ୍ତିଯୋଦ୍ଧାକୁ କିଏ ଶିଖେଇଲା ଦେଶପ୍ରେମ
୧୨ଟା ରାତିରୁ ଯିଏ ବାଣ୍ଟି ଚାଲିଥିଲା 'ରଣଭେରୀ'
୧୨ବର୍ଷର ମୁକ୍ତିଯୋଦ୍ଧାକୁ କିଏ ଶିଖେଇଲା ଦେଶପ୍ରେମ

ଯିଏ ରାତି ୧୨ଟାରୁ ତାଳପତ୍ର ପଖିଆ ମୁଣ୍ଡେଇ ବାଣ୍ଟି ଚାଲିଥିଲେ 'ରଣଭେରୀ' ପତ୍ରିକା । ତିନିତିନିଥର ପ୍ରଥମ କାରାବାସ ବାଲେଶ୍ୱର ଜେଲରେ, ଦ୍ୱିତୀୟ ବିହାରର ବାଙ୍କିପୁର କ୍ୟାମ୍ପ





ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସଙ୍କ ସହ

ଜେଲ୍ ଓ ତୃତୀୟରେ ବରହମପୁର ସର୍କଲ୍ ଜେଲ୍‌ଖାନାରେ କାଟିଥିଲେ ପାଖାପାଖି ତିନିବର୍ଷରୁ ଅଧିକ କାଳ। ସହିଥିଲେ ପିନ୍‌କଣ୍ଟା ଫୋଡ଼ା, ଅମାନୁଷିକ ମସ୍ତକପ୍ରହାର। ଉପହାର ସ୍ୱରୂପ କାଟିଥିଲେ ସାରାଟା ଜୀବନ 'କାଳ' ଓ ପରାଧୀନ ଭାରତକୁ ସ୍ୱାଧୀନତା ଆଣିଦେବା ଭୂମିକାର ଗୋଟିଏ କ୍ଷୁଦ୍ର ଗୁଂଡୁଚି ମୂଷା ହେଇ।

ବାଲେଶ୍ୱର ସହରର ପୂର୍ବପଟ ବଳଙ୍ଗନଈ ପାର୍ଶ୍ୱସ୍ଥ 'ଫରାସୀଡିଙ୍ଗା' ଆଶ୍ରମ ସର୍ଦ୍ଦାର ସୁରେନ୍ଦ୍ରନାଥ ଦାସ (ରସାଳପୁର)ଙ୍କ ପରିଚାଳନାରେ ଚାଲିଥାଏ। ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ଦାସ ଆଶ୍ରମର 'ବାନରସେନା'ଙ୍କୁ ତାଲିମ ପ୍ରଦାନ କରୁଥାନ୍ତି। ପୁରୁଣା ବାଲେଶ୍ୱରର ସ୍ୱର୍ଗତ ଗଙ୍ଗାଧର ମହାପାତ୍ର ସେ ଆଶ୍ରମକୁ ଖାଦ୍ୟ ଯୋଗାଉଥିଲେ। ପୂର୍ଣ୍ଣଚନ୍ଦ୍ର, ଆଶ୍ରମରେ ପହଂଚିବା କ୍ଷଣି 'ବାଳସଂଗ୍ରାମୀ' ଭାବରେ ତାଂକୁ ଗ୍ରହଣ କରି ନିଆଯାଇଥିଲା। ବିପିନବିହାରୀ ଦାସଙ୍କ ସୁପୁତ୍ର ଗୌରଚନ୍ଦ୍ର (ବାରବାଟୀ) 'ରଣଭେରୀ' ସଂପାଦନା ଓ ଲିଥୋକରି ଛାପିବା ଦାୟିତ୍ୱ ନେଇଥାଆନ୍ତି ତ ମୋ ବାପା ବୁଝୁଥାଆନ୍ତି 'ରଣଭେରୀ'ର ପ୍ରସାରଣ। ଏଇପରି ବେପରୁଆ ମଣିଷଟିଏ ଥିଲେ ବାପ ହେବା ପୂର୍ବରୁ ଆମ ବାପା। ଦେଶପ୍ରେମୀର ଉତ୍ତୁଙ୍ଗ ଉତ୍ସାହ – ପୂର୍ଣ୍ଣଚନ୍ଦ୍ର @ ଗଦିଆ।

ସେଦିନ ଅଗିରାପୁନେଇରେ ଜନ୍ମ ନେଇଥିବା ଗୋଲ୍‌ଗାଲ୍ ଭୁଟୁଙ୍ଗା ହେଇ ପିଲା ପୂର୍ଣ୍ଣଚନ୍ଦ୍ରକୁ ତାରା ନାନୀ ଯୋଡ଼ିଦେଲେ ନୂଆ ନାଁ'ଟିରେ – 'ଗଦିଆ'। ଆଉ ଗଦିଆ ହୋଇ ଯାଇଥିଲା 'ସାହସ'ର ପ୍ରତୀକ। 'ସହିଷ୍ଣୁ'ର ପ୍ରତୀକ। 'ଶ୍ରଦ୍ଧା'ର ପ୍ରତୀକ। ସାରା ଜୀବନ, ମୃତ୍ୟୁ ଯାବତ୍।

## ଯେତେବେଳେ ନଈବଢ଼ି ଆସେ

ଯେତେବେଳେ ବଢ଼ି ମାଡ଼େ, ସେତେବେଳେ ଗୋରୁଗାଈ, ଘରଚାଳିଆ ଭାସିଯାଏ କେଉଁ ଅତଳ ଘୂର୍ଣ୍ଣିଗର୍ଭକୁ, ବାପା ମା'ଙ୍କ ଠୁଁ ପିଲାପିଲି ହେଇଯାଆନ୍ତି



▲ ପୂର୍ଣ୍ଣଚନ୍ଦ୍ରଙ୍କର ସାରା ପରିବାର : ୩ ପୁଅବୋହୂ, ୪ ଝିଅଜ୍ୱାଇଁ ଓ ନାତିନାତୁଣୀ

ଲାପତା ଦିଗହରା। ସେଇମିତି ବି ପୂର୍ଣ୍ଣଚନ୍ଦ୍ରଙ୍କ ଜୀବନରେ ଆସିଥିଲା ଆପଣାକୃତ ବନ୍ୟା। କାହାର କିଛି ଥୈଥାନ ମିଳୁନଥାଏ। ସର୍ବାଗ୍ରେ ସବା ବଡ଼ଭଉଣୀକୁ କରିଦେଲେ ବାହା ଆମ ମାମୁଘର। ତା'ପରେ ମୋ ବଡ଼ଭାଇ ଛାଡ଼ିଦେଲେ ଘର। ତା'ପରେ ମୋ ଉପର ଭଉଣୀ ଚାଲିଗଲେ ବାଲେଶ୍ୱର ଫକୀରମୋହନ କଲେଜ୍। ଦେଖିନଥିବା ଜୀବନର ରେସ୍‌କୋର୍ସରେ ମୁଁ ଛୋଟାଘୋଡ଼ାଟିଏ ପରି ଗୋଡ଼ ଘୋଷାରୀ ଚାଲିବାକୁ ଲାଗିଲି।

ଦିଗ୍‌ଭ୍ରଷ୍ଟଙ୍କୁ ଆୟତ୍ତକୁ ଆଣିବା ଏତେ ସହଜ ନୁହେଁ, ଯାହା ଆମ ପରିବାରର ବୟସ୍କ ସଦସ୍ୟ ମୋ ବଡ଼ଭଉଣୀ, ବଡ଼ଭାଇମାନେ ନିର୍ଣ୍ଣୟ କରିପାରିନଥିଲେ। କାହାରିକୁ ପଢ଼େଇବା, ବଢ଼େଇବା ଓ ଏ ଦୁନିଆ ସହ ପରିଚୟ କରାଇବା ଶିଖେଇ ନଥିଲେ ବି ବାପା। ମା' ତ ବିଚାରୀ ନିରିମାଖୀ। ତେବେ ଗାଁ ଛାଡ଼ି ରାଉରକେଲା ଯିବା ଏବଂ ସେଠି ଅର୍ଥସଂକଟ ସହ ମୁକାବିଲା କରିନପାରି ବଡ଼ଭାଇ ଚାଲିଗଲେ ରାଉରକେଲା ଛାଡ଼ି ବେଙ୍ଗାଲୁରୁ। ଆମ ପରିବାରର ଟର୍ଣ୍ଣିଂ ପଏଣ୍ଟ୍ – 'ବଡ଼ଭାଇ'। ବେଙ୍ଗାଲୁରୁରୁ ଏୟାର୍‌ଫୋର୍ସ ଟ୍ରେନିଂ ସାରି ଫେରୁଛନ୍ତି ଘର–



▲ ନାତିନାତୁଣୀଙ୍କ ଗହଣରେ ପୂର୍ଣ୍ଣଚନ୍ଦ୍ର

ଥ୍ରିବ୍ୟାଣ୍ଡ୍ ରେଡ଼ିଓ। ଶ୍ରୀଲଙ୍କା ବ୍ରୋଡ୍‌କାଷ୍ଟିଂ କର୍ପୋରେସନ୍, ସିଲୋନ୍‌ର ବିନାକା ଗୀତ୍‌ମାଲା। ଆଇକନ୍ ଆଙ୍କୋର୍ ଅମୀନ୍ ସାହାନୀ – ଉଚ୍ଛୁଳା ଶବ୍ଦର ନଈ, ପ୍ରାକ୍‌ପ୍ରେମର ସୁଅ, ବସନ୍ତବିଳାସ। ଆଉ ସବୁ ସନ୍ଧ୍ୟାରେ ଯୁବବାଣୀ, ସାପ୍ତାହିକ ଗୋପାଳ ଛୋଟରାୟଙ୍କ ଶ୍ରୀହରି ସଂସାର, ଗୁରୁବାର ରାତି ୯.୩୦ରେ ସାହିତ୍ୟ ସଂସଦ– ୟେ ସବୁର ମେଡ଼େନ୍ କମ୍ପ୍ଲିମେଣ୍ଟ୍ ଯିବ ମୋ ଭାଇଙ୍କୁ – ଯିଏ ଆମ ପାରିବାରିକ ଆର୍ଥିକ ସ୍ୱାସ୍ଥ୍ୟକୁ ସୁଧୁରିବାକୁ ଯାଇ ରାଉରକେଲା ଏସ୍.ଟି.ଆଇ.ରେ ଡିପ୍ଲୋମା ଇଂଜିନିୟରିଂ ପାଠପଢ଼ା ଅଧାରୁ ଛାଡ଼ିଦେଇ ଭାରତୀୟ ବାୟୁସେନା ପାଇଁ ବଛା ହୋଇ ଚାଲିଗଲେ ବର୍ଷେ ପାଇଁ ବାଙ୍ଗାଲୋର ଟ୍ରେନିଂ। ଫେରିଲା ବେଳକୁ ହାତରେ ଧରି ଫେରିଥାଆନ୍ତି ତଏଇ ଫିଲିପ୍‌ସ୍ ରେଡ଼ିଓ, ବୁଶ୍‌ସାର୍ଟ–ଇନ୍–ଜିନ୍‌ପେଣ୍ଟ୍ ଉପରେ ଚମଡ଼ା ବେଲ୍‌ଟ, ପାଦକୁ କଳା ସୁ', ଆଖିରେ କଳାଚଷମା – ପୁରାପୁରି ତାଙ୍କ ସଜ ଥିଲା ବେଙ୍ଗ୍‌ଲୋର୍ ବୟ ପରି।


ହେଲେ ମୋର ଟାର୍ଗେଟ୍ ନଜର ଥ୍ରିବ୍ୟାଣ୍ଡ୍ ଫିଲିପ୍ସ ରେଡ଼ିଓ।×××

କିଏ କାହାକୁ ବେଶି ଭଲ ପାଉଥିଲା ମୁଁ ଜାଣେନି। ସେଦିନ ୨୦୦୭ ସେପ୍ଟେମ୍ବର ସକାଳ ୭ଟାରେ ମୋ ହାତରୁ ଠୋପେ ପାଣି ପିଇଛନ୍ତି କି' ନା – ସେ ବେକ ଭାଙ୍ଗିଦେଲେ। ତା'ପରେ ବାରବାର ରାସ୍ତାର ଛାଇ ପରି ମୋ ସହିତ ଘୂରିଲେ ବେଶ୍ କିଛିକାଳ ଏବଂ ଦିନେ କଥା ହେଲେ ସ୍ୱପ୍ନରେ...। ବାସ୍, ବାପା ଶେଷ୍।



ଅନୁଶୀଳନ- ୧

# ସ୍ୱାଧୀନ ସାହିତ୍ୟ



# ବାଲେଶ୍ୱର ପରିପ୍ରେକ୍ଷୀରେ ସ୍ୱାଧୀନତା
# ଏକ ସାହିତ୍ୟିକ ଦୃଷ୍ଟି




**ଡକ୍ଟର ସୁବାସ ଚନ୍ଦ୍ର ପାତ୍ର**

ପୂର୍ବତନ ଅଧ୍ୟକ୍ଷ,
ଜେଲ ରୋଡ଼, ବାଲେଶ୍ୱର
ଫୋନ : ୯୪୩୭୩ ୭୬୨୧୯


ଫଟୋ ସୌଜନ୍ୟ : ରେବତୀ ଟିମ୍

ସ୍ୱାଧୀନତାକୁ ନେଇ ସଚରାଚର ଭାରତୀୟଙ୍କ ମନରେ ଏକ ବିରୋଧାଭାଷ ଦେଖିବାକୁ ମିଳେ । ଗୋଟିଏ ପକ୍ଷରେ ପରାଧୀନତା କବଳରୁ ମୁକ୍ତି ଏକ ଦିବ୍ୟ ଆନନ୍ଦ ପ୍ରଦାନ କରିଥିବା ବେଳେ ଅପରପକ୍ଷରେ ସ୍ୱାଧୀନତାକୁ ନେଇ ଯେଉଁ ଆଶା, ଯେଉଁ ସ୍ୱପ୍ନ ଭାରତୀୟମାନଙ୍କ ମନ ଭିତରେ ବସାବାନ୍ଧି ଥିଲା, ସ୍ୱାଧୀନୋତ୍ତର ଭାରତରେ ସେ ଆଶା ବା ସ୍ୱପ୍ନ ଧୂଳିସାତ ହେବାକୁ ବେଶି ସମୟ ଲାଗିଲା ନାହିଁ । ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ସେହି ମିଶ୍ର ପ୍ରତିକ୍ରିୟାରୁ ଭାରତୀୟ ମାନସିକତା ମୁକୁଳି ପାରିନାହିଁ । ତା'ର ମୂଳ କାରଣ ହେଲା ସ୍ୱାଧୀନତା ସଂଗ୍ରାମ ପର୍ବରେ ସଂଗ୍ରାମୀମାନେ ଯେଉଁ ତ୍ୟାଗ, କଷ୍ଟ, ନିର୍ଯ୍ୟାତନା ସ୍ୱୀକାର କରି ଦେଶମାତୃକାକୁ ସ୍ୱାଧୀନ କରେଇଥିଲେ ଉତ୍ତର ସ୍ୱାଧୀନତା କାଳରେ, ବିଶେଷତଃ ନିର୍ବାଚନ ରାଜନୀତି ପ୍ରେକ୍ଷାପଟରେ, କେନ୍ଦ୍ରୀୟ ତଥା ପ୍ରାଦେଶିକ ସ୍ତରରେ ରାଜନେତାମାନଙ୍କ ପାଖରେ ତ୍ୟାଗଭରା ସେହି ଉତ୍ସର୍ଗୀକୃତ ମନୋଭାବ ଦେଖିବାକୁ ମିଳିଲା ନାହିଁ । ବେଶି ଆଙ୍ଗୁଠି ଭାରତୀୟ ଜାତୀୟ କଂଗ୍ରେସ ପ୍ରତି ନିର୍ଦ୍ଦେଶିତ ହେଲା, କାରଣ କଂଗ୍ରେସ ହି ଦେଶକୁ ସ୍ୱାଧୀନ କରାଇଥିଲା ଏବଂ ନିର୍ବାଚନରେ କଂଗ୍ରେସ ହିଁ ପ୍ରମୁଖ ଦଳ ଥିଲା । ପ୍ରଥମେ କମ୍ୟୁନିଷ୍ଟ ପରେ ସୋସାଲିଷ୍ଟମାନେ କଂଗ୍ରେସର ଏହି ସ୍ଖଳନକୁ ଲୋକଲୋଚନକୁ ଆଣିଲେ । କଂଗ୍ରେସ ଆତଙ୍କିତ ହେଲା । ଏହାର ନେତୃବର୍ଗ ତଥା ତୃଣମୂଳସ୍ତରୀୟ କର୍ମୀମାନେ ଭାବିଥିଲେ ସ୍ୱାଧୀନତା ପୂର୍ବର ଆସ୍ଥା, ବିଶ୍ୱାସ ଓ ସମ୍ମାନ ପରବର୍ତ୍ତୀ ସମୟରେ ଅତୁଟ ରହିବ । ଦଳର ତ୍ୟାଗକୁ ନିର୍ବାଚନୀ ରାଜନୀତିରେ ଭାଗ ନେଇଥିବା କିଛି ନେତା ସେମାନଙ୍କ ସଫଳତାର ପାସପୋର୍ଟ ହିସାବରେ ବ୍ୟବହାର କରିବାକୁ ଚାହିଁଲେ । ଖାଲି ରାଜନୈତିକ ବା ସାମାଜିକ କ୍ଷେତ୍ର ନୁହେଁ, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହି ନବ ଆତଙ୍କର ପ୍ରତିଫଳନ ଦେଖିବାକୁ ମିଳିଲା ।

ସାହିତ୍ୟ କ୍ଷେତ୍ରରେ ରାଜନୈତିକ ଆକ୍ରମଣର ଚକିତ ହେଲା ଭଳି ଏକ ଉଦାହଣ ଦେଖିବାକୁ ମିଳେ ସାରସ୍ୱତ ସାଧକ ମନୋଜ ଦାସଙ୍କ ଛାତ୍ରଜୀବନରେ ତାଙ୍କ ସାରସ୍ୱତ ଯାତ୍ରାକୁ ନେଇ । ଏହାର ମୁଖ୍ୟ କାରଣ ଥିଲା ମନୋଜ ଦାସଙ୍କ ବାମପନ୍ଥୀ ଆନୁଗତ୍ୟ । ବାଲେଶ୍ୱରର ପ୍ରତିଥଯଶା କବି ବ୍ରଜନାଥ ରଥ ଏହାର ଏକ ତଥ୍ୟଭରା ଚିତ୍ର ପ୍ରଦାନ କରିଛନ୍ତି ।

"ମନୋଜ ବାବୁ ତାଙ୍କର କେତୋଟି ଗଳ୍ପର ପାଣ୍ଡୁଲିପି ପ୍ରସ୍ତୁତ କରି ବାଲେଶ୍ୱରର ଜଣେ ପୁସ୍ତକ ବ୍ୟବସାୟୀଙ୍କୁ ପ୍ରକାଶ ପାଇଁ ଦେଇଥାନ୍ତି । ବାଞ୍ଛାନିଧି ନାୟକ ନାମକ ସେ ଭଦ୍ରଲୋକ ବ୍ରହ୍ମପୁରରୁ ଆସି ଏଠାରେ ବହି ଦୋକାନଟିଏ ଖୋଲିଥାନ୍ତି, କଂଗ୍ରେସ ଅଫିସ ଗଳି ସାମନାରେ । ମୋତିଗଞ୍ଜସ୍ଥ 'ନିଉ ଉତ୍କଳ ପ୍ରେସ୍'ରେ ବହିଟିର ଛାପା କାମ ଆରମ୍ଭ ହୋଇ ଗୋଟିଏ ଦୁଇଟି ଫର୍ମା ଛପାହେବା ପରେ ବାଲେଶ୍ୱରର ତତ୍କାଳୀନ ଜଣେ ପ୍ରଭାବଶାଳୀ କଂଗ୍ରେସ ନେତା 'ମନୋଜ ବାବୁ କମ୍ୟୁନିଷ୍ଟ, ତାଙ୍କ ବହି ଛାପିଲେ ଅସୁବିଧାରେ ପଡ଼ିବ' ବୋଲି ଧମକ ଦେବାରୁ ସେହି ପ୍ରକାଶକ ଆଉ ସେ ବହି ଛାପିଲେ ନାହିଁ । ଛାପା ଫର୍ମାଗୁଡ଼ାକ ଦୀର୍ଘଦିନ ପ୍ରେସ୍‌ରେ ପଡ଼ି ରହିଲା । ଦିନେ ମନୋଜ ବାବୁ ମୋତେ କଲେଜ୍‌ରୁ ସାଙ୍ଗରେ ଡାକି ନେଇ ସେହି ପ୍ରେସକୁ ଗଲେ ଏବଂ ପ୍ରେସର ମ୍ୟାନେଜର ପ୍ରାଣକୃଷ୍ଣ ପ୍ରଧାନଙ୍କୁ ଗୋଟିଏ କଭର ଛାପି ସେହି ଅସଂପୂର୍ଣ୍ଣ ବହିରୁ କେତେଖଣ୍ଡ ବାନ୍ଧି ଦେବାକୁ କହିଲେ । ବାକି ଫର୍ମାତମ ମୋ ସାଇକେଲ ପଛରେ ଲଦି ଆମେ ମୋତିଗଞ୍ଜର ଏକ ଭୁଷାମାଲ ଦୋକାନକୁ ଯାଇ ସେଗୁଡ଼ିକୁ ସେର ଓଜନରେ ବିକ୍ରି କରିଥିଲୁଁ । ଯେଉଁ ପଇସା ମିଳିଥିଲା ସେଥିରେ ସେ ବହିର କଭର ଛପା ହୋଇଥିଲା । ଏହି ବହିଟିର ନାମ 'ସମୁଦ୍ରର କ୍ଷୁଧା' ଏବଂ ଏହା ମନୋଜ ବାବୁଙ୍କ ପ୍ରଥମ ଗଳ୍ପ ସଂକଳନ । ×××× ଉକ୍ତ ଅସଂପୂର୍ଣ୍ଣ ବହିଟିରେ ମାତ୍ର ଦୁଇଟି ଗଳ୍ପ 'ସାମରିକ' ଓ 'ସମୁଦ୍ରର କ୍ଷୁଧା' ଅର୍ନ୍ତଭୁକ୍ତ ଥିଲା ଏବଂ ଦାମ ଥିଲା ମାତ୍ର ଚାରିଅଣା । ପରେ ଦଶଟି ଗଳ୍ପ ସମ୍ବଳିତ ଏହାର ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ('ସାମରିକ' ଗଳ୍ପ ବ୍ୟତୀତ) ୧୯୫୮ ମସିହାରେ କଟକର ଦାଶରଥି ପୁସ୍ତକାଳୟ ପ୍ରକାଶ କରିଥିଲେ । ×× 'ସମୁଦ୍ରର କ୍ଷୁଧା' (ପ୍ରଥମ ସଂ) ବହିର 'ଭୂମିକା ନୁହେଁ' ଶିରୋନାମାରେ ମନୋଜ ବାବୁ ଉଲ୍ଲିଖିତ ନଗ୍ନ ସତ୍ୟ ପ୍ରକାଶ କରି ଲେଖିଥିଲେ ।"

"×××× ମୁଁ ଜଣେ ମାର୍କ୍ସବାଦର ଛାତ୍ର, ଏଟା ଯେ କେଡ଼େ ମାରାତ୍ମକ କଥା, ମୋର ପ୍ରକାଶକଙ୍କୁ ତାହା ହୃଦୟଙ୍ଗମ କରାଇ ଦେଇଛନ୍ତି ଅହିଂସାବାଦର ଜଣେ ସଚ୍ଚୋଟ ନେତା । ×××× ସାହିତ୍ୟକୁ ହତ୍ୟା କରିବା ପାଇଁ ଏହି ଅହିଂସା ଘାତକମାନଙ୍କର ଛୁରୀଚାଳନା ନିଜେ ଦ୍ୱିତୀୟଥର ପାଇଁ ଅନୁଭବ କଲି । ମୁକ୍ତ ସଂସ୍କୃତିର ଗଳାଟିପି ମାରିବା ପାଇଁ ଏଇ ଅକ୍ଟୋପାସମାନଙ୍କର ବାହୁ କେତେ ଶକ୍ତିଶାଳୀ, ଭବିଷ୍ୟତରେ ସେଇଟା ଅନୁଭବ କରିବା

ପାଇଁ ଅପେକ୍ଷା କଲି ।" (ମନୋଜାୟନ : ପୃ ୨୭-୨୮)

ସ୍ୱାଧୀନତୋତ୍ତର ଭାରତର ସ୍ଥିତି ଅନେକଙ୍କୁ ଆନ୍ଦୋଳିତ କରିଛି । ଏହା ଯେମିତି ଆନ୍ଦୋଳିତ କରିଛି ନୋବେଲ ପୁରସ୍କାର ବିଜେତା ପ୍ରଖ୍ୟାତ ଭାରତୀୟ ବୈଜ୍ଞାନିକ ସି.ଭି. ରମଣଙ୍କୁ ସେମିତି ବ୍ୟଥିତ କରିଛି ବାଲେଶ୍ୱରର ପ୍ରଥିତଯଶା କବି ବ୍ରଜନାଥ ରଥଙ୍କୁ । ଭାରତର ରାଜନେତାମାନଙ୍କ ବ୍ୟବହାର ଓ ବୌଦ୍ଧିକତାକୁ ନେଇ ସି.ଭି.ରମଣ ଭୀଷଣ କ୍ଷୁବ୍ଧ ହୋଇ କହିଥିଲେ, 'ଭାରତରେ ରାଜନେତା ହେବାକୁ ହେଲେ ମୁଣ୍ଡ ଉପରେ ଗାନ୍ଧୀ ଟୋପିଟିଏ ଦରକାର, ଟୋପି ତଳେ କିଛି ନ ଥିଲେ ବି ଚଳିବ', ଅର୍ଥାତ ଖପୁରୀ ଉପରେ ଟୋପିଟି ଗୁରୁତ୍ୱପୂର୍ଣ୍ଣ, ଖପୁରୀ ତଳେ ଥିବା 'ଧୂସର ପଦାର୍ଥ' ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ବ୍ରଜନାଥ ତାଙ୍କ କବିତା 'ଶବ୍ଦଟିଏ:ସ୍ୱାଧୀନତା', 'ସ୍ୱାଧୀନତା' ତୁମ ହେବ ନବ ଅଭିଷେକ', 'ସ୍ୱାଧୀନତା କଥା ପଚାରନା'ରେ ସ୍ୱାଧୀନତାକୁ ନେଇ ନିଜର ମନର ଭାବ ସ୍ପଷ୍ଟ କରିଛନ୍ତି । ଏ କବିତାମାନ ତାଙ୍କର 'ହେ ମୋର ସ୍ୱଦେଶ !' ପୁସ୍ତକରେ ପ୍ରକାଶିତ ହୋଇଥିଲା ଯାହାର 'ଆଭାଷ' ରେ ସେ ଲେଖିଛନ୍ତି- "କିନ୍ତୁ ଆଜି ? ପଚାଶ ବର୍ଷର ସ୍ୱାଧୀନତାର ସାଲତମାମି କଲାବେଳେ ପ୍ରଶ୍ନ ଉଠୁଛି ଆମେ ଆଜି କେଉଁଠି ? ଆମ ଦେଶର କୋଟି କୋଟି ସାଧାରଣ ଶ୍ରମଜୀବୀ ମଣିଷ କେଉଁଠି ? ଆମ ସ୍ୱାଧୀନତା କେଉଁଠି ? ଆଉ କେଉଁଠି ଆମର ସୁମହାନ ମୂଲ୍ୟବୋଧ ? ×××× ସବୁ ଯେମିତି ଓଲଟ ପାଲଟ ହୋଇଯାଇଛି । ଏକ ବିରାଟ ସ୍ୱପ୍ନଭଂଗର ସାମ୍ରାଜ୍ୟରେ ଯେମିତି ମୁଁ ଘୂରିବୁଲିଛି ଗୋଟିଏ ଅମୋକ୍ଷ ବେତାଳ !" 'ଶବ୍ଦଟିଏ :ସ୍ୱାଧୀନତା' କବିତାରେ ତାଙ୍କ ଦୃଷ୍ଟିରୁ ସେ ସ୍ୱାଧୀନତାର ସଜ୍ଞା ନିରୂପଣ କରିଥିଲାବେଳେ, "ସ୍ୱାଧୀନତା" ତୁମ ହେଉ ନବ ଅଭିଷେକ' ଏବଂ 'ସ୍ୱାଧୀନତା କଥା ପଚାରନା', ଆଦି କବିତାରେ ସେ ସ୍ୱାଧୀନ ଭାରତରେ ଜନତାର ସ୍ୱପ୍ନଭଙ୍ଗର ଚିତ୍ର ଆଙ୍କିଛନ୍ତି ।

ସ୍ୱାଧୀନତା, ଭୋକିଲାର ଭାତ
କୃଷକର ମୁଠି,
ସ୍ୱାଧୀନତା, ଶୋଷିତର ଆଶା
ଶ୍ରମିକର ଲାଠି,
× × × ×
ସ୍ୱାଧୀନତା କୋଇଲିର କୁହୁ
ସ୍ୱାଧୀନତା ମହୁର ସୋରେଇ
ସ୍ୱାଧୀନତା ମହାନଦୀ ପାଣି
ସ୍ୱାଧୀନତା କାଠଯୋଡ଼ି -ନଈ । (ଶବ୍ଦଟିଏ :ସ୍ୱାଧୀନତା)
× × × ×
ସ୍ୱାଧୀନତା କେଉଁ ବାଉଁଶରାଣୀର ଯାଦୁଖେଳ
କ୍ଷମତା ମାତାଲ ନାଲି ବୋତଲର ଖୋଲା ଠିପି
ଟଙ୍କାଥଳିର ରଣଝଣ ଆଉ କଳରୋଳ,
ରାଜନୀତି ଦଳ ସିନ୍ଦୁକ ତଳ ଅସରପି ।
ସ୍ୱାଧୀନତା ଆଜି ଧଳାହାତୀ ଦଳ ସଂଗିନୀ
ସ୍ୱାଧୀନତା ଆଜି ନାଲିଫିତା ତଳେ ବନ୍ଦିନୀ ।

(ସ୍ୱାଧୀନତୀ କଥା ପଚାରନା)

× × × ×
ଆଜି ଏତେବେଳେ କୋଟି ଜନତାର
ଚିର ଇପ୍‌ସିତ ପ୍ରିୟ
ଶତ ସହୀଦର ରକ୍ତେ ପଖଳା
'ସ୍ୱାଧୀନତା' ତୁମେ କୁହ !
କେଉଁ ଧର୍ଷିତା ଲୁଣ୍ଠିତା ନାରୀ
ଛିନ୍ନ ବସନ ତଳେ
କେଉଁ ଅନାହାରୀ ଶିଶୁ ସନ୍ତାନ
ଆର୍ତ୍ତ ଆକୁଳ ସୁରେ
ଦୂର ରାଜଘାଟ ପୁଣ୍ୟପୀଠେ ବା
ବୋଧିଦ୍ରୁମର ତଳେ
ଚପାଇ ଆପଣା ଦରଦୀ ବୁକୁର
ନିଖିଳ ମର୍ମଦାହ
ତୁମେ କି ଢାଳୁନ ଗୁମୁରି ଗୁମୁରି
ରକ୍ତ-ଅତୀତେ ସୁମରି ସୁମରି
ଆଖିର ତପ୍ତଲୁହ ? ?
× × × ×
'ସ୍ୱାଧୀନାତା' ନୁହେଁ ହର୍ମ୍ୟବାସୀର ଖାଲି
ରାଜନୀତି ନୁହେଁ ସ୍ୱାର୍ଥ-ଦଲାଲି
ପୁଞ୍ଜିର ପଶାପାଲି ।
'ମୁକ୍ତି' ନୁହଁଇ ପୋଥିର ଗୋପନ ତତ୍ତ୍ୱ
'ପ୍ରଗତି' ନୁହଁଇ ନଥିର ଅଳୀକ ତଥ୍ୟ
ଘର୍ମଜୀବୀର ସମ ଅଧିକାରେ
ଦୀନ-ଦଳିତର ଜୀବନେ ହେଉ ତା' ସତ୍ୟ ।

('ସ୍ୱାଧୀନତା' ତୁମ ହେଇ ନବ ଅଭିଷେକ)



ସ୍ୱାଧୀନତାକୁ ନେଇ ଉନ୍ମାଦନା ଏବଂ ସ୍ୱାଧୀନତା ପରବର୍ତ୍ତୀ ଭାରତର ଅବସ୍ଥା ଅନେକ ଚିନ୍ତାଶୀଳ, ଜ୍ଞାନୀ, ଗୁଣିବ୍ୟକ୍ତିଙ୍କୁ ବ୍ୟଥିତ କରିଛି, ମୋହମୁକ୍ତ କରିଛି । ବ୍ରଜନାଥ ରଥ ସ୍ୱାଧୀନ ଭାରତକୁ ନେଇ ନିଜର ମନୋଭାବ ନିଜ ଢଙ୍ଗରେ ପ୍ରକାଶ କରିଥିଲାବେଳେ ସାରସ୍ୱତ ସାଧକ ମନୋଜ ଦାସ ବିଷୟଟିକୁ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି । କିନ୍ତୁ ସ୍ୱାଧୀନ ଭାରତର ଅବସ୍ଥା ଦେଖି ସେ ଯେ ବିବ୍ରତ ଓ ଚିନ୍ତିତ ଏକଥା ତାଙ୍କର ଲିଖିତ "ଅତିକ୍ରାନ୍ତ ଜୟନ୍ତୀ; ଅବ୍ୟାହତ ଭ୍ରାନ୍ତି" ପ୍ରବନ୍ଧରୁ ସ୍ପଷ୍ଟ ଜଣାପଡ଼େ । ସ୍ୱାଧୀନତାପ୍ରାପ୍ତିର ପଚାଶ ବର୍ଷ ପୂର୍ତ୍ତି ଅବସରରେ ଲିଖିତ ଓ 'ସମାଜ'ରେ ୨୩.୮.୧୯୯୮ରେ ପ୍ରକାଶିତ ଏହି ପ୍ରବନ୍ଧରେ ଭାରି ସ୍ପଷ୍ଟ ଭାବରେ ସ୍ୱାଧୀନ ଭାରତର ବିଫଳତା ଏବଂ ତା'ର ନିରାକରଣର ମାର୍ଗ ସେ ପ୍ରକାଶ କରିଛନ୍ତି ।

"ଏକ ଦିଗରେ ସ୍ୱାଧୀନତା ବିନା ମଣିଷର ଚେତନାରେ ପ୍ରଗତି ଅସମ୍ଭବ । "ଯେତେ ଯାହା ସତରେ ମହତ୍ ଏବଂ ପ୍ରେରଣାଦାୟକ, ସେସବୁ ସ୍ୱାଧୀନତା



▶କବି ବ୍ରଜନାଥ ରଥ

ଉପଭୋଗ କରୁଥିବା ବ୍ୟକ୍ତିବିଶେଷଙ୍କ ପରିଶ୍ରମ-ଲବ୍ଧ ଅବଦାନ ।" ଲେଖିଥିଲେ ଆଇନ୍‌ଷ୍ଟାଇନ୍ (Out of my Later Years) । ଇଂଲଣ୍ଡରେ ସ୍ୱାଧୀନତା ନଥିଲେ କାର୍ଲମାର୍କସ୍ ତାଙ୍କ 'ଦାସ କ୍ୟାପିଟାଲ' ଲେଖି ପାରିନଥା'ନ୍ତେ । ଶ୍ରୀ ଅରବିନ୍ଦ ସୋଭିଏଟ୍ ମସ୍କୋରେ ବା ବିଜିଂରେ ବସି 'ଲାଇଫ୍ ଡିଭାଇନ୍' ଲେଖି ପାରିନଥା'ନ୍ତେ । ଏପରିକି ସୋଭିଏଟ୍ ଶାସନକୁ ପ୍ରଶଂସାପତ୍ର ଦେଇଥିବା ଜର୍ଜ ବାର୍ଣ୍ଣାଡ୍‌ଶ ଯଦି ରୁଷିଆରେ ଥା'ନ୍ତେ, ତେବେ କାରାଗାର ଭିତରେ ହିଁ ନିଜକୁ ନିଜେ ପ୍ରଚଣ୍ଡ ଥଟ୍ଟାତାମସା (ଯଦି ସେ ଦିଗରେ ତାଙ୍କ ପ୍ରେରଣା ବଜାୟ ରଖି ପାରିଥା'ନ୍ତେ) ଗୁଣୁଗୁଣୁ କରି ଶୁଣାଇଥା'ନ୍ତେ, କିଛି ପ୍ରକାଶ କରିପାରିନଥା'ନ୍ତେ ।

ଅନ୍ୟ ଦିଗରେ କିନ୍ତୁ ସ୍ୱାଧୀନତାକୁ ସନ୍ତ୍ରାସରେ ପରିଣତ କରିବାକୁ ଯେ ବିଶେଷ ବିଳମ୍ବ ହୁଏନାହିଁ, ଅର୍ଦ୍ଧଶତାବ୍ଦୀର ସ୍ୱାଧୀନ ଭାରତ ହିଁ ତାହାରି ଦୃଷ୍ଟାନ୍ତ । ଏଠାରେ ପାକିସ୍ଥାନୀ ବା ଖଲିସ୍ତାନୀ ସନ୍ତ୍ରାସବାଦ କଥା କୁହାଯାଉ ନାହିଁ । ସେଗୁଡ଼ିକ ପ୍ରଚଣ୍ଡ ବିପଦ ସତ; କିନ୍ତୁ ପ୍ରତ୍ୟେକ ସ୍ଥୁଳ ଘଟଣାର ଅନ୍ତ ହୁଏ ଏବଂ ସେସବୁର ମଧ୍ୟ ଦିନେ ହେବ । ଯାହା ସୂକ୍ଷ୍ମ ସ୍ତରରେ ଚେତନାକୁ ଆକ୍ରାନ୍ତ ଓ ରୁଗ୍‌ଣ କରେ, ତା'ର ଅବସାନ ହୁଏନାହିଁ, ତା'ର ପ୍ରତିକ୍ରିୟା ଅବ୍ୟାହତ ରହେ ପୁରୁଷ ପୁରୁଷ ଧରି ।

ଚେତନା ରାଜ୍ୟରେ ସନ୍ତ୍ରାସ ଯୋଗୁଁହିଁ ଆଜି ଭାରତର ମର୍ମ ନିପୀଡ଼ିତ । ନେତା, କର୍ମଚାରୀ, ବ୍ୟବସାୟୀ କେହି ଅଧିକ କିଛି ନକରନ୍ତୁ, କେବଳ ଅନ୍ୟମାନଙ୍କ ପ୍ରତି ଯଦି ନିଜର ସର୍ବନିମ୍ନ କର୍ତ୍ତବ୍ୟଟିକକ କରୁଥା'ନ୍ତେ, ତେବେ ଭାରତର ପରିସ୍ଥିତି ଉଜ୍ଜ୍ୱଳ ହୋଇଥା'ନ୍ତା । ଅଧିକାଂଶ କ୍ଷେତ୍ରରେ ଭାରତୀୟ ପ୍ରତି ଭାରତୀୟର ଆଚରଣ ଅମାନିବକ । ନିଜର ଅନ୍ଧସ୍ୱାର୍ଥ ହିଁ ପ୍ରତ୍ୟେକର ପ୍ରଥମ ଧ୍ୟେୟ-ଭାରତର ସ୍ୱାର୍ଥ ନୁହେଁ ।" **(ସନ୍ଧାନ ଓ ସଂକେତ -ପୃ୧୮୬-୧୮୭)**

ବାଲେଶ୍ୱର ପରିପ୍ରେକ୍ଷୀରେ ସାହିତ୍ୟର ଆଲୋଚନାବେଳେ ଫକୀରମୋହନ, ରାଧାନାଥ ଆପଣା ଛାଏଁ ପଶି ଆସନ୍ତି । ଅବଶ୍ୟ ଓଡ଼ିଆ ସାହିତ୍ୟର ଏଇ ଦୁଇଜଣ ମହାରଥୀଙ୍କର ଦେଶ ସ୍ୱାଧୀନତା ବା ସ୍ୱାଧୀନତା ସଂଗ୍ରାମକୁ ନେଇ ପ୍ରତ୍ୟକ୍ଷ ଅନୁଭୂତି ନଥିଲା । ରାଧାନାଥ ୧୯୦୮ରେ ପରଲୋକ ଗମନ କରିଥିଲା ବେଳେ ଫକୀରମୋହନ ୧୯୧୮ ମସିହାରେ ସ୍ୱର୍ଗାରୋହଣ କଲେ । କବିବର ରାଧାନାଥ ଜଣେ ସରକାରୀ କର୍ମଚାରୀ ଥିଲେ ଏବଂ ତାଙ୍କ ସମୟରେ ଜାତୀୟତାର ଏତେ ଉନ୍ମେଷ ଘଟି ନଥିଲା । ତଥାପି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଆ ସାହିତ୍ୟକୁ ଆଧୁନିକତା ପ୍ରଦାନ କ୍ଷେତ୍ରରେ ତାଙ୍କର ସ୍ୱୀୟ ଅବଦାନ ଯୋଗୁଁ ସେ ପରୋକ୍ଷରେ ଜାତୀୟ ସ୍ୱାଧୀନତା ହାସଲ କ୍ଷେତ୍ରରେ ଏକ ସୂକ୍ଷ୍ମ ଅବଦାନ ଛାଡ଼ି ଯାଇଛନ୍ତି । ୧୯୦୩ରେ ଉତ୍କଳ ଗୌରବ ମଧୁସୂଦନ ଉତ୍କଳ ସମ୍ମିଳନୀ ଗଠନ ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିମନ୍ତେ ଆନ୍ଦୋଳନର ମୂଳଦୁଆ ସ୍ଥାପନର ବର୍ଷକ ପୂର୍ବରୁ ୧୯୦୨ ମସିହାରେ ବାଲେଶ୍ୱରର ବିଖ୍ୟାତ ଜମିଦାର ରାଜା ବୈକୁଣ୍ଠନାଥ ଦେ ଏକଲକ୍ଷ ଲୋକଙ୍କର ଦସ୍ତଖତ ସମ୍ୱଳିତ ଏକ ସ୍ମାରକ ପତ୍ର ବଡ଼ଲାଟ ଲର୍ଡ଼ କର୍ଜନଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ । ଗୌରବର କଥା ଇଂରାଜୀରେ ଲେଖା ସେହି ସ୍ମାରକପତ୍ରଟି କବିବର ରାଧାନାଥ ଲେଖିଥିଲେ । ଜଣେ ସାହିତ୍ୟର 'ଛାତ୍ର' ହୋଇ ମଧ୍ୟ ସେହି ସ୍ମାରକପତ୍ର ମାଧ୍ୟମରେ ଅବିଭକ୍ତ ଓଡ଼ିଶାର ପ୍ରାଚୀନ ଇତିହାସ, ଭୌଗୋଳିକ ସ୍ଥିତି, କଳା, ସଂସ୍କୃତି, ଜନଜୀବନ ବିଷୟରେ ସେ ଯେଉଁ ସୂଚନା ପ୍ରଦାନ କରିଛନ୍ତି ତାହା ତାଙ୍କ ଗବେଷଣା ମାନସିକତାର ପ୍ରମାଣ ଦିଏ । ଠିକ୍ ଅନୁରୂପ ଭାବରେ ଓଡ଼ିଆ କାବ୍ୟଜଗତକୁ ଆଧୁନିକତାମନସ୍କ କରେଇ ଓଡ଼ିଆ ସାହିତ୍ୟରେ ଏକ ନୂତନ ଯୁଗ ପ୍ରବେଶକୁ ସୁଗମ କରିଥିଲେ ରାଧାନାଥ । କହିବା ବାହୁଲ୍ୟ ଯେ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ, ଏକ ବିଖଣ୍ଡିତ ଉତ୍କଳ ପ୍ରଦେଶ ଅପେକ୍ଷା ସ୍ୱାଧୀନତା ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ଉପରଲିଖିତ ସ୍ମାରକପତ୍ରରେ ସେ ପ୍ରାଚୀନ ଓଡ଼ିଶାର ଭୌଗଳିକ ସୀମା, ତା'ର ପବିତ୍ରତା, ତା'ର ଐତିହାସିକ ଗୁରୁତ୍ୱ, ତା'ର ଭାଷା ଓ ଭାଷାଭାଷୀ ଅଞ୍ଚଳ ଏବଂ ବିଚ୍ଛିନାଞ୍ଚଳ ଏକତ୍ରୀକରଣର କାରଣମାନ ଜଣେ ବହୁଜ୍ଞାନ ବିମଣ୍ଡିତ ବିଦ୍ୱାନ ହିସାବରେ ପରିବେଷଣ କରିଥିଲେ । ସ୍ମାରକପତ୍ରର ପ୍ରାରମ୍ଭ ଓ ଶେଷଭାଗ ନିମ୍ନମତେ ଲେଖାଯାଇଥିଲା ।

"MEMORIAL FOR UNITING THE URIYA SPEAKING LANDS UNDER DIFFERENT ADMINISTRATION INTO ONE ADMINISTRATION SUBMITTED

Rajah Baikunthanath De Behadur
Balasore
1902

To
His Excellency
The Right Hon'ble George Nathaniel
Baron Curzon of Kedldeston,
P.C., G.M.S.I, G.M.I.E.
Viceroy And Governor-General of India

x x x x x

that Your Excellency will be pleased to consider the facts and circumstances stated above, 'UNITE ALL THE URIYA- SPEAKING STATES AND DISTRICTS INTO ONE AND PLACE ALL THE URIYAS UNDER ONE COMMON ADMINISTRATION' for the boundless benefit and welfare of the country, for which act of grace the memorialist shall, as duty bound, ever pray.


The Rajbati
Balasore

The 15th December
1902."

ଫକୀରମୋହନଙ୍କ ଅବଦାନ ଥିଲା ଆହୁରି ପ୍ରତ୍ୟକ୍ଷ, ରାଧାନାଥ ଓଡ଼ିଆ କାବ୍ୟକୁ ଆଧୁନିକତାର ଧାରା ପ୍ରଦାନ କରିଥିଲା ବେଳେ ଫକୀରମୋହନ ସେ ପ୍ରସଙ୍ଗରେ ଆହୁରି ଦୁଇପାଦ ଆଗକୁ ଚାଲିଯାଇଥିଲେ । ଉଭୟ ଭାଷା, ଶୈଳୀ, ବିଷୟବସ୍ତୁ ଚୟନ, ଚରିତ୍ର ଚିତ୍ରଣରେ ସେ ତାଙ୍କ ସମସାମୟିକଠୁ ଆଗରେ ଥିଲେ ଏବଂ ତା' ସାଙ୍ଗକୁ ଓଡ଼ିଆ କଥାସାହିତ୍ୟର ସେ ଥିଲେ ଜନକ । ସାହିତ୍ୟର ଗୋଟିଏ ବିଭାଗରେ ଜନକ ହେବା, ସାହିତ୍ୟର ଉତ୍କର୍ଷ ସାଧନ କରିବା ଅପେକ୍ଷା ସାହିତ୍ୟର ମାଧ୍ୟମ ଭାଷା, କିମିତି ବଞ୍ଚିବ ତାହା ଥିଲା ତାଙ୍କର ପ୍ରଥମ ପ୍ରାଥମିକତା । ଓଡ଼ିଆ ଭାଷାର ସୁରକ୍ଷା, ଭାଷାର ଅଧିକ ପ୍ରଚଳନ ପାଇଁ ଛପାଖାନା ପ୍ରତିଷ୍ଠା, ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷାର ପ୍ରସାର ପାଇଁ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ପୁସ୍ତକ ଲିଖନ, ଓଡ଼ିଆ ଭାଷାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ 'ବାଲେଶ୍ୱର ସମ୍ବାଦ ବାହିକା' ନାମରେ ପାକ୍ଷିକ ପତ୍ରିକା ଏବଂ ସାରସ୍ୱତ ସେବା ପାଇଁ 'ବୋଧଦାୟିନୀ' ପତ୍ରିକା ପ୍ରକାଶନ, ନାରୀ ଶିକ୍ଷାର ପ୍ରଚଳନ ପାଇଁ ବାଳିକା ସ୍କୁଲ ପ୍ରତିଷ୍ଠା ଭଳି କାର୍ଯ୍ୟ ଓଡ଼ିଶା ପ୍ରଦେଶ, ଓଡ଼ିଆ ଭାଷା, ସାହିତ୍ୟ ଓ ସମାଜକୁ ଏକ ନୂତନ ମୋଡ଼ ଦେଲା । ସୂକ୍ଷ୍ମ ଭାବରେ ଏହା ଓଡ଼ିଶାକୁ ନୂତନ ପରିଚୟ ପ୍ରଦାନ କରିବା ସହ ଏହି ଅବଦାନ ସମୂହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ଯେ ଯଥେଷ୍ଟ ସହାୟକ ହୋଇଛି ଏଥିରେ ଦ୍ୱିମତ ନାହିଁ । ଟିକିଏ ସଂପ୍ରସାରିତ କରି କଥାଟିକୁ ଦେଖିଲେ ଜଣାଯିବ ଏ ସମସ୍ତ କାର୍ଯ୍ୟ ଭାରତରେ ଜାତୀୟତାର ଉନ୍ମେଷ ଓ ସ୍ୱାଧୀନତା ଆନ୍ଦୋଳନ ଦିଗରେ ଏକ ଭବିଷ୍ୟତମୁଖୀ ପଦକ୍ଷେପ କାରଣ 'ପ୍ରାଦେଶିକ ଜାତୀୟତା' 'କେନ୍ଦ୍ରୀୟ ଜାତୀୟତା'ଠୁ ଭିନ୍ନ ନୁହେଁ । କି ପ୍ରକାର ଜାତୀୟ ଆନ୍ଦୋଳନରେ ଗୋଟିଏ ପ୍ରଦେଶ ଭାଗନେବ ଯେତେବେଳେ ସେ ତା'ର ଭାଷାର ଭବିଷ୍ୟତ, ତା'ର ଭୌଗଳିକ ସ୍ଥିତି, ତା'ର ସାମାଜିକ ବ୍ୟବସ୍ଥା, ତା'ର ସଂସ୍କାର ଓ ସଂସ୍କୃତି ବିଷୟରେ ନିଶ୍ଚିତ ନୁହେଁ ? ତଥାପି ସ୍ୱାଧୀନତା ଆନ୍ଦୋଳନର ରୂପରେଖ କିପରି ହେବ, ବ୍ରିଟିଶ ଶାସନକୁ ପରାସ୍ତ କରିବାକୁ ଆମର ଦୃଷ୍ଟିଭଙ୍ଗୀ କିପରି ହେବା ଦରକାର ଅତି ସାଙ୍କେତିକ ଭାଗରେ ଫକୀରମୋହନ ଉଲ୍ଲେଖ କରିଛନ୍ତି ତାଙ୍କ ଉପନ୍ୟାସ 'ଛ'ମାଣ ଆଠଗୁଣ୍ଠ'ର 'ଅସୁରଦୀଘି' ପରିଚ୍ଛେଦରେ ।

"ଚାରି-ପାଞ୍ଚ ଗଣ୍ଡା ଧଳା ବଗ, ଚାରି ପାଞ୍ଚଗୋଟି କାଣ୍ଡିଆବଗ ନୀଚଲୋକ ମୂଲିଆଙ୍କ ପରି ସକାଳୁ ସନ୍ଧ୍ୟାବେଳ ଯାଏଁ କାଦୁଅ ଚକଟୁଛନ୍ତି । ଦୀଘିରେ ମାଛ ଥିବାର ଏହା ତୃତୀୟ ପ୍ରମାଣ । ଯୋଡ଼ାଏ ପାଣିକାଉ କେଉଁ ଦେଶରୁ ଉଡ଼ିଆସି ଦୀଘି ମଧ୍ୟରେ ଦୁଇ ଚାରି ଡୁବ ମାରି ପେଟପୂରାଇ ଫରକରି ଉଡ଼ିଗଲେ । ଗୋଟିଏ ପାଣିକାଉ ମେମ୍‌ସାହେବଙ୍କ ଗାଉନ୍ ପରି କୂଳରେ ବସି ଡେଣା ଶୁଖାଉଅଛି । ହେ ହିନ୍ଦୁ ଧର୍ମ ବଗମାନେ ! ଇଂରେଜ ପାଣିକାଉଙ୍କୁ ଦେଖ । କେଉଁ ଦେଶରୁ ଖାଲିପେଟରେ ଉଡ଼ିଆସି ଚେଙ୍ଗ ବେଙ୍ଗ ଗଡ଼ିଶାରେ ପେଟ ପୂରାଇ ଚାଲିଗଲେ । ଦୀଘିକୂଳରେ ବରଗଛରେ ତୁମ୍ଭମାନଙ୍କର ବସା, ଦିନଯାକ ପାଣି ଚକଟି ଚକଟି ଦଣ୍ଡେଇପିଲା କେରାଣ୍ଡିପିଲାରୁ ଅଧିକ କିଛି ପାଉନାହିଁ । ଜୀବନ ସଂଗ୍ରାମ କାଳ ଉପସ୍ଥିତ; ଏଣିକି ଆହୁରି ପଲପଲ ପାଣିକାଉ ଆସି ଚେଙ୍ଗବେଙ୍ଗ ସବୁ ବହିନେଇଯିବେ । ତୁମ୍ଭମାନେ ବିଦେଶକୁ ଯାଇ ସମୁଦ୍ର ପହଁରି ନ ଶିଖିଲେ ଆଉ ରକ୍ଷା ନାହିଁ ।" **(ଛ'ମାଣ ଆଠଗୁଣ୍ଠ :ପୃ-୪୯)**

ସମସ୍ତ କାମ ନହେଲେ ବି ଫକୀରମୋହନଙ୍କ କେତୋଟି ପ୍ରମୁଖ କାମର ପୃଷ୍ଠପୋଷକ ଥିଲ ତଦାନୀନ୍ତନ ଜିଲ୍ଲାପାଳ ଜନ୍ ବିମସ୍ । ଜଣେ ବିଜ୍ଞ ଭାରତୀୟ ଭାଷାତତ୍ତ୍ୱବିଦ୍ ତଥା ପ୍ରଶାସକ ହିସାବରେ ଓଡ଼ିଆ ଭାଷା, ବଙ୍ଗଳା ଭାଷାର ଭଗିନୀ ନୁହେଁ ବୋଲି ତାଙ୍କର ଯୁକ୍ତି ପ୍ରକାରାନ୍ତରେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କାନ୍ତିଲାଲଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାତ କରିଥିଲା ଏବଂ ଏହା ଭାଷା-ସଂଗ୍ରାମରେ ଫକୀରମୋହନଙ୍କୁ ବେଶ୍ ପ୍ରୋତ୍ସାହିତ କରିଥିଲା । ଓଡ଼ିଆ ଭାଷାର ଅଧିକ ପ୍ରଚଳନ ଓ ପ୍ରସାର ପାଇଁ ଫକୀରମୋହନଙ୍କ ଉଦ୍ୟମକୁ ମଧ୍ୟ ବୀମସ୍ ପୃଷ୍ଠପୋଷକତା



ଯୋଗାଇଥିଲେ ଯାହା ଆଜିର ସ୍ୱାଧୀନ ଭାରତ ବା ଓଡ଼ିଶାରେ ଦେଖିବାକୁ ମିଳିବ ନାହିଁ । ଏକ ଘରୋଇ ପ୍ରକାଶନରେ ସରକାରୀ ବିଜ୍ଞାପନ ଛାପିବାର ନିଷ୍ପତ୍ତିକୁ ଖୋଲା ଖୋଲି ଭାବରେ ସେହି ପତ୍ରିକାରେ ପ୍ରକାଶ କରି ଓଡ଼ିଆ ଭାଷାର ସେ କିଛି କମ ସେବା କରିନାହାନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅନ୍ୟ ପତ୍ରିକାରେ ପ୍ରକାଶିତ ଖବରର ସ୍ପଷ୍ଟୀକରଣ ମଧ୍ୟ ସେହି 'ସମ୍ବାଦବାହିକା' ପତ୍ରିକାରେ ପ୍ରକାଶ କରାଯିବାର ନିଷ୍ପତ୍ତି । 'ବାଲେଶ୍ୱର ସମ୍ବାଦବାହିକା'ରେ ୧ ଜୁଲାଇ, ୧୮୭୨ ମସିହାରେ ପ୍ରକାଶିତ ବିଜ୍ଞାପନ ଜଣେ ଓଡ଼ିଆ ହିସାବରେ ଜନ୍ ବୀମ୍‌ସ୍‌ଙ୍କ ପାଖରେ ଆମକୁ ଭାରି କୃତଜ୍ଞ କରେ । ଜନ୍ ବୀମ୍‌ସଙ୍କ ଏହି ପ୍ରୋତ୍ସାହନ ଓଡ଼ିଆ ଭାଷାସୁରକ୍ଷା ଓ ପ୍ରସାର ଦିଗରେ ଏକ ବଡ଼ ପଦକ୍ଷେପ ଯାହା ପ୍ରାଦେଶିକ ଜାତୀୟତା ନିର୍ମାଣରେ ସହାୟକ ହେବା ସଂଗେ ସଂଗେ ପରବର୍ତ୍ତୀ ସମୟରେ ସ୍ୱାଧୀନତା ଆନ୍ଦୋଳନର ଓଡ଼ିଶାର ଅଂଶ ଗ୍ରହଣକୁ ମର୍ଯ୍ୟାଦା ପ୍ରଦାନ କରି ଥିଲା ।

"ବଙ୍ଗଦେଶର ମାନ୍ୟବର ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ୍ ଗବର୍ଣ୍ଣର ସାହେବଙ୍କ ଅନୁମୋଦନ କ୍ରମେ 'ବାଲେଶ୍ୱର ସମ୍ବାଦବାହିକା' ନାମ୍ନୀ ପତ୍ରିକା ଅଦ୍ୟାବଧି ଆଂଶିକ ସରକାରୀ ଓ ଆଂଶିକ ସାଧାରଣ ସମ୍ବାଦବାହିକା ବୋଲି ସ୍ଥାପିତ ହେଲା । ଅତଏବ ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଭବିଷ୍ୟତକୁ ଉକ୍ତ ପତ୍ରିକାର ସରକାରୀ ଅଂଶରେ ଯାହା ପ୍ରକାଶ ହେବ ସେ ସମସ୍ତଙ୍କୁ ସରକାରୀ ଅଭିପ୍ରାୟ ଓ ଆଜ୍ଞା ଜାଣି ପ୍ରତିପାଳନ କରିବେ । ×××× ଯେବେ କେହି ଆଇନ ଅର୍ଥାତ୍ ବ୍ୟବସ୍ଥାଦି ପ୍ରଚାର ପକ୍ଷରେ କୌଣସି ସନ୍ଦେହ ରଖୁଥିବେ ତେବେ ତାହା ଉକ୍ତ ପତ୍ରିକାରେ ଅଥବା ଅନ୍ୟ ପତ୍ରିକାରେ ପ୍ରକାଶ କଲେ ସେଥିର ଉତ୍ତର ଏହି ପତ୍ରିକାରେ ଦେବୁଁ ।

ବାଲେଶ୍ୱର ଜନ୍ ବୀମ୍‌ସ୍
୧୪ ଯୁନ ୧୮୭୨ କଲେକ୍ଟର ଜିଲେ
ବାଲେଶ୍ୱର

ଦେଶ, ସମାଜର ଅଗ୍ରଗତି, ମୂଲ୍ୟବୋଧର ସଂରକ୍ଷଣ ପାଇଁ କବି, ଲେଖକ, କଳାକାର ମାନେ ସେମାନଙ୍କ ଶୈଳୀରେ ଚେଷ୍ଟା କରିଆସୁଛନ୍ତି । ଏହା କିନ୍ତୁ ଏକ ସୂକ୍ଷ୍ମ ଆତ୍ମିକ ପଦକ୍ଷେପ; ସ୍ଥୁଳଭାବରେ ସେ ବାର୍ତ୍ତା ସମୂହ

ପାଳନ କରି ସମାଜ ତଥା ଦେଶର ଆଙ୍ଗିକ ପରିବର୍ତ୍ତନର ଦାୟିତ୍ୱ ରାଜନୈତିକ ନେତୃତ୍ୱର । ଭାରତବର୍ଷ ସ୍ୱାଧୀନତା ଲାଭଜନିତ ଇପ୍‌ସିତ ଫଳପ୍ରାପ୍ତିରୁ ବଞ୍ଚିତହେବାର ଅନ୍ୟତମ କାରଣ ହେଲା ରାଜନେତାମାନଙ୍କ ସ୍ୱାର୍ଥପରତା, ତ୍ୟାଗହୀନତା, ବଂଶବାଦ ପ୍ରୋତ୍ସାହନ, ଅପରାଧପ୍ରବଣତା ଓ ଜନସାଧାରଣଙ୍କୁ କୁକ୍ଷୀଗୀତ କରିବାର ମନୋଭାବ । ଠିକ୍ ସେହିପରି ଭାବରେ ଦାୟୀ ଭାରତୀୟ ନାଗରିକ ସମାଜର ସାମୁହିକ ଉଦାସୀନତା, ସାମୟିକ ସ୍ୱାର୍ଥ ପାଇଁ ବୃହତ୍ତର ସ୍ୱାର୍ଥ ପ୍ରତି ଆଖି ବନ୍ଦକରିଦେବା ଓ ରାଜନୈତିକ ଅପରିପକ୍ୱତା । ଉଭୟ ନେତା ଓ ଜନତାଙ୍କ ମୂଲ୍ୟବୋଧକ୍ଷୟର କାରଣ ହେଲା ପ୍ରାକ୍-ସ୍ୱାଧୀନତା କାଳର ଲକ୍ଷ୍ୟ ଏବଂ ସ୍ୱାଧୀନୋତ୍ତର ରାଜନୈତିକ ଲକ୍ଷ୍ୟ ମଧ୍ୟରେ ବ୍ୟବଧାନ । ରାଜନୀତି, ନିର୍ବାଚନରେ ବିଜୟ ତଥା କ୍ଷମତାଦଖଲ ସହିତ ସଂଶ୍ଲିଷ୍ଟ ହେଲାପରେ, ତା'ର ପବିତ୍ରତା ହରାଇଛି ଏବଂ ପ୍ରକାରାନ୍ତରେ ଏହା ଗଣତନ୍ତ୍ରର ଅସୀମ କ୍ଷତି ସାଧନ କରିଛି । ଗଣତନ୍ତ୍ର ଏବେ ବି ଛଦ୍ମରାଜତନ୍ତ୍ରରେ ବିଦ୍ୟମାନ ଯାହା ପ୍ରକାଶ୍ୟରେ ଭିଡ଼ତନ୍ତ୍ର, ଅର୍ଥତନ୍ତ୍ର, ବାହୁବଳୀତନ୍ତ୍ର ଓ ବଂଶତନ୍ତ୍ରରେ ପରିଣତ ହୋଇଛି । ସ୍ୱାଧୀନତା ସଂଗ୍ରାମ କାଳର ଦେଶପ୍ରୀତି, ସମାଜପ୍ରୀତି, ଅଙ୍ଗୀକାରବଦ୍ଧତା ଏତେ ହ୍ରାସ ପାଇଛି ଯେ ଆଜି କଥା କଥାକେ ଗଣତନ୍ତ୍ର ନାମରେ ଦେଶର ସମ୍ପତ୍ତି, ଲୁଟପାଟ ଓ ପୋଡ଼ାଜଳା ହେଉଛି । 'ବନ୍ଦ' ନାମରେ ଅରାଜକତା ସୃଷ୍ଟିକରି ଏକ ଭୟର ବାତାବରଣ ସଞ୍ଚାର କରାଯାଉଛି । ଏ ସବୁ ଅନୁଷ୍ଠିତ ହେଉଛି ରାଜନୈତିକ ଦଳମାନଙ୍କର ପ୍ରୋତ୍ସାହନ ତଥା ନେତୃତ୍ୱରେ । ଭାରତୀୟ ଗଣତନ୍ତ୍ରର ଚରମ ବିଡ଼ମ୍ବନା ହେଉଛି ଅବିବେକୀ କାର୍ଯ୍ୟ ପାଇଁ ନେତା ଓ ଜନତାର କରମର୍ଦ୍ଦନ ।

ଭାରତୀୟ ଗଣତନ୍ତ୍ର ପାଇଁ ସବୁଠୁ ବଡ଼ ବିପଦ ହେଲା ନାଗରିକ ମାନଙ୍କର ନେତାଙ୍କ ପ୍ରତି ଅହେତୁକ ଆନୁଗତ୍ୟ ଓ ମାତ୍ରାଧିକ ସମ୍ମାନବୋଧ । ଫଳସ୍ୱରୂପ ଭାରତବର୍ଷର ନେତା ଅହଂକାରୀ ରାଜା ଓ ଜନତା ଅନୁଗତ ପ୍ରଜା ଭଳି ବ୍ୟବହାର କରୁଛନ୍ତି । ସ୍ୱାଧୀନତାର ପ୍ରକୃତ ସୁଫଳ ପାଇବାକୁ ହେଲେ ଭାରତୀୟ ଗଣତନ୍ତ୍ରକୁ ରାଜତନ୍ତ୍ରର ଖୋଳପା ଭିତରୁ ବାହାର କରି ଆଣିବାକୁ ପଡ଼ିବ । ଏ ପାଇଁ ଆବଶ୍ୟକ ନାଗରିକମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସଚେତନତା, ସ୍ୱାଭିମାନ ଓ ଆତ୍ମସମ୍ମାନ ତଥା ଆତ୍ମମର୍ଯ୍ୟାଦାବୋଧ । ବିଖ୍ୟାତ ଭାଷାତତ୍ତ୍ୱବିତ୍ ତଥା ଅଭିଧାନ ପ୍ରଣେତା ତଥା ଚିନ୍ତକ ହର୍‌ନି ବି ଓ ଗେଟେନ୍‌ବିଙ୍କ ଭାଷାରେ ସେହିଦିନ ପ୍ରକୃତ ଗଣତନ୍ତ୍ର ପ୍ରତିଷ୍ଠିତ ହେବ ଯେଉଁଦିନ ଦେଶର ସର୍ବନିମ୍ନ ଅଧସ୍ତନ କର୍ମଚାରୀ ଦେଶର ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଡାକନାମ ଧରି ସମ୍ବୋଧନ କରିପାରୁଥିବ ତଥା ଅଭିନନ୍ଦନ ଜଣାଇ ପାରୁଥିବ । ଉଦାହରଣ ସ୍ୱରୂପ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଟି ଯଦି କହିପାରୁଥିବ, 'ନରେନ୍ ସୁପ୍ରଭାତ !'

ସ୍ୱାଧୀନତା ପ୍ରାପ୍ତିର ୭୩ ବର୍ଷ ପରେ ବି ଭାରତ ପ୍ରକୃତ ସ୍ୱାଧୀନତା ପାଇ ଜାପାନ ଭଳି (ଯାହା ୧୯୪୫ରେ ଧ୍ୱଂସ ହୋଇଯାଇଥିଲା, ଆଉ ଭାରତ ସ୍ୱାଧୀନ ହୋଇଥିଲା ୧୯୪୭ରେ) ଏକ ଅଗ୍ରଗାମୀ ଦେଶ ହିସାବରେ ପୃଥିବୀ ବକ୍ଷରେ ତା'ର ପତିଆରା ଜାହିର କରିବାରେ ସମର୍ଥ ହୋଇଛି ବୋଲି କହିହେବ ନାହିଁ । ଏହାର ମୂଳକାରଣ ଆଙ୍ଗିକ ଓ ଆତ୍ମିକ ଭିତରେ ଆତ୍ମୀୟତାର ଅନୁପସ୍ଥିତି । କଳାକାର, ସାହିତ୍ୟିକ, ଚିନ୍ତକ, ବୁଦ୍ଧିଜୀବୀମାନେ ଆତ୍ମିକ, ସୂକ୍ଷ୍ମସ୍ତରରେ ଯାହା ପ୍ରକାଶ କରୁଛନ୍ତି ତାହା ଆଙ୍ଗିକ ସ୍ତରରେ ବାସ୍ତବତାରେ ରୂପାୟିତ କରିବାର ଦାୟିତ୍ୱ ରାଜନେତା ମାନଙ୍କର । ମାତ୍ର ବିଡ଼ମ୍ବନାର କଥା ଲାଭଦାୟକ ଫଙ୍କିଳ ବ୍ୟବସ୍ଥାରୁ ରାଜନେତାମାନେ ଓହରିବେ ନାହିଁ । ଆମକୁ, ନାଗରିକମାନଙ୍କୁ, ଏ ଦିଗରେ ଦାୟିତ୍ୱ ଦେବାକୁ ପଡ଼ିବ, ଅଧିକ ସକ୍ରିୟ ତଥା ଆଗୁସାର ହେବାକୁ ପଡ଼ିବ; ଉଦାସୀନତା ଚଳିବ ନାହିଁ । ମନୋଜ ଦାସଙ୍କ ଭାଷାରେ 'ସେମାନଙ୍କ ଉପରେ ଆମର ବିଶ୍ୱାସ ନାହିଁ, ଆମେ ନିଜେ ନିଜେ ନ ଚେତିଲେ ଆମରି ସର୍ବନାଶ ହେବ । ଆମ ନିଜ ପାଇଁ ପ୍ରଶ୍ନଟି ହେଲା-ସର୍ବନାଶ ଆଗରୁ ଚେତିବୁ ନା ପରେ ଚେତିବୁଁ ?' **(ସନ୍ଧାନ ଓ ସଂକେତ:ପୃ୧୯୦)**

# ଓଡ଼ିଶା ସାହିତ୍ୟ ଏକାଡେମୀର ନୂତନ ସଦସ୍ୟଙ୍କୁ ଶୁଭେଚ୍ଛା

**ସଂଗ୍ରାମ କେଶରୀ ପୃଷ୍ଟି** (ଅନୁଗୋଳ), **ଜ୍ୟୋତିର୍ମୟୀ ସାହୁ** (ବଲାଙ୍ଗିର), **ବାମାପଦ ତ୍ରିପାଠୀ** (ବରଗଡ଼), **ଭରତ ଚନ୍ଦ୍ର ଦାଶ** (ବାଲେଶ୍ୱର), **ସଞ୍ଜୟ କୁମାର ପଣ୍ଡା** (ବୌଦ୍ଧ), **ପବିତ୍ର ପାଣିଗ୍ରାହୀ** (ଭଦ୍ରକ), **ମନୋଜ ପଟ୍ଟନାୟକ** (କଟକ), **ଭାରତ ଭୂଷଣ ନନ୍ଦ** (ଦେବଗଡ଼), **ପୁଷ୍ପଲତା ରଥ** (ଢେଙ୍କାନାଳ), **ମୀନାକ୍ଷୀ ସାହୁ** (ଗଜପତି), **ସିଦ୍ଧାର୍ଥ ଶଙ୍କର ପାଢ଼ୀ** (ଗଞ୍ଜାମ), **ଅଭୟ ବାରିକ** (ଜଗତସିଂହପୁର), **ରୀତାରାଣୀ ନାୟକ** (ଯାଜପୁର), **ଶିବପ୍ରିୟା ମିଶ୍ର** (ଝାରସୁଗୁଡ଼ା), **ସତ୍ୟନାରାୟଣ ମହାପାତ୍ର** (କଳାହାଣ୍ଡି), **ଗିରିଜା ପ୍ରସାଦ ମିଶ୍ର** (କନ୍ଧମାଳ), **ସରୋଜ କୁମାର ମହାନ୍ତି** (କେନ୍ଦ୍ରାପଡ଼ା), **ପିନାକୀ ମିଶ୍ର** (କେନ୍ଦୁଝର), **ଲକ୍ଷ୍ମୀକାନ୍ତ ପାଢ଼ୀ** (କୋରାପୁଟ), **ବିବେକାନନ୍ଦ ପାଣିଗ୍ରାହୀ** (ଖୋର୍ଦ୍ଧା), **କିଶୋର ଚନ୍ଦ୍ର ପ୍ରଧାନ** (ମାଲକାନଗିରି), **ଅଜିତ ପାତ୍ର** (ମୟୂରଭଞ୍ଜ), **ବଲ୍ଲଭ କୁମାର ରାଉତ** (ନବରଂଗପୁର), **ଅଶୋକ କୁମାର ନାୟକ** (ନୟାଗଡ଼), **ସୁରେଶ୍ୱରୀ ବାଘ** (ନୂଆପଡ଼ା), **ପ୍ରତିଭା ମହାରଥୀ** (ପୁରୀ) ଏବଂ **ଡମ୍ବରୁଧର ପଟ୍ଟନାୟକ** (ରାୟଗଡ଼ା) ପ୍ରମୁଖ ନୂତନ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର ଜିଲ୍ଲାୱାରୀ ସଦସ୍ୟ ହୋଇଥିବାରୁ 'ରେବତୀ' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜ୍ଞାପନ କରାଯାଉଛି ।

## ଇଏ ବି ଜଣେ ରେବତୀ





# ମମତାର ମନ୍ଦିର : ମମତା

**ଶ୍ରୀଗୋବିନ୍ଦ**
ସାନମଛୁଆଘାଇ, ଭଦ୍ରକ
ଫୋନ : ୭୦୦୮୯୧୩୫୮୯
ଫଟୋ ସୌଜନ୍ୟ : ଲେଖକ

**ମମତା ଜେନା : ମହିଳାମାନଙ୍କ ପାଇଁ ମମତାର ମନ୍ଦିର । ଭଦ୍ରକ ଜିଲ୍ଲାର ଏ ମହିଳା ଜଣକ ସମଗ୍ର ଓଡ଼ିଶାରେ ରୁନୁଅପା ନାମରେ ପରିଚିତା । ମହିଳାମାନଙ୍କ ନାନାବିଧ ସମସ୍ୟାକୁ ଅଚିରେ ସମାଧାନ କରିଦେବାର କ୍ଷମତା ରଖୁଥିବା ରୁନୁଅପା, ସମାଜସେବାର ଏକ ବତୀଘର କହିଲେ ଭୁଲ ହେବ ନାହିଁ ।**

ମହିଳାମାନେ ଘରକୋଣରେ ରୁହନ୍ତୁ, ଘରକରଣା କାମ କରନ୍ତୁ, ସମାଜରେ ପୁରୁଷଙ୍କ ସହ ଅଣ୍ଟା ଭିଡ଼ି ଆଗକୁ ଆସନ୍ତୁ ନାହିଁ– ଏ ରକ୍ଷଣଶୀଳତାର ମାନସିକତାରୁ ପ୍ରାୟ ଲୋକ ଆଜି ବି ମୁକୁଳି ପାରି ନାହାନ୍ତି । ସେଥିପାଇଁ ମହିଳାଙ୍କୁ ସ୍ୱାଧୀନତା ଦେବାକୁ କୁଣ୍ଠାବୋଧ କରନ୍ତି ଅନେକେ । ଯେତେପ୍ରକାର ଅସୁବିଧା ହେଲେ ବି ମହିଳାଟିଏ ବାହାରକୁ ଗୋଡ଼ କାଢ଼ିବାକୁ ଆଜିର ଦିନରେ ଆଗ୍ରହୀ । କିନ୍ତୁ ଏହି ପୁରୁଷପ୍ରଧାନ ବେଡ଼ିରୁ ନିଜକୁ ମୁକୁଳେଇ ପାିଲେ ତ ! ତେବେ ନିଜ ଘରସଂସାର କାମ ସହ ଲୋକଙ୍କ ପାଖରେ ସୁବିଧା ଅସୁବିଧାରେ ବେଳେ ପହଂଚୁଥିବା ସେମିତି ଜଣେ ମହିଳା ହେଲେ **ମମତା ଜେନା**, ସମସ୍ତଙ୍କ ଆଦରର ରୁନୁ ଅପା । କେବଳ ଗୋଟିଏ ଅଂଚଳ ନୁହେଁ, ସାରା ଜିଲ୍ଲାରେ ସେ ରୁନୁଅପା ନାଁରେ ପରିଚିତ । ଯଦି କାହା ଘରେ କିଛି ବିଶୃଙ୍ଖଳା ହେଲା କି କାହାର ରାତିଅଧିଆ କିଛି ଅସୁବିଧା ପଡ଼ିଲା, ଆଗ ଡ଼ାକ ପଡ଼େ ରୁନୁ ଅପାଙ୍କୁ । ସମସ୍ତେ ଜାଣିଛନ୍ତି ରୁନୁଅପା ପହଂଚିବେ ମାନେ ସବୁ ସମସ୍ୟାର ସମାଧାନ ଅଚିରେ ହୋଇଯିବ । ହଜାର ହଜାର ପରିବାରର କଳିକଜିଆରେ ମୀମାଂସା କରି ଶାନ୍ତି ଫେରାଇ ଆଣିଥିବା ରୁନୁଅପା ସବୁକାମରେ ଆଗୁଆ । କେଉଁ ଉଠାଦୋକାନୀ ହେଉ କି ରିକ୍ସାବାଲା, ଆଶାକର୍ମୀ, ଅଙ୍ଗନ୍‌ୱାଡ଼ି କର୍ମୀ ହେଉ କି ସାଧାରଣ ମହିଳା, ପ୍ରତିଟି କ୍ଷେତ୍ରରେ ଯେକୌଣସି ଅସୁବିଧା ଦେଖା ଦେଲା ତ ରୁନୁଅପାର ଅଦାଲତରେ ସେ ସବୁ ସମାଧାନ ହୁଏ । ଆଜିଦିନ ଯାଏ ଅବଶ୍ୟ ରୁନୁଅପା ସବୁ ସମସ୍ୟା ଖୁବ୍ ଗୁରୁତ୍ୱର ସହ ସମାଧାନ କରି ପାରିଛନ୍ତି ।

ମୁହଁରେ ସବୁବେଳେ ହସ, ମୁଣ୍ଡରେ କେରାଏ ପାଚିଲା ବାଳ, ବିଶେଷ ଚାକଚକ୍ୟ ନଥିବା ଖଣ୍ଡେ କସ୍ତାଶାଢ଼ି ହେଉଛି ତାଙ୍କ ପରିଚୟ । ନିଜକୁ ଟିକେ ଯତ୍ନ ନେଇପାରୁ ନଥିବା ରୁନୁଅପା ଯେ ସମସ୍ତଙ୍କର ଯତ୍ନ ନିଅନ୍ତି, ଏକଥା ସାରା ଭଦ୍ରକ ଜିଲ୍ଲାର ଲୋକେ ବୁଝନ୍ତି ବେଶ୍ । ଭଦ୍ରକର ବାସୁଦେବପୁରସ୍ଥ ଭୈରବପୁରରେ ପିତା ନରେନ୍ଦ୍ରନାଥ ମହାନ୍ତି ଓ ମାତା ସରୋଜିନୀ ମହାନ୍ତିଙ୍କ କୋଳମଣ୍ଡନ କରି ଜନ୍ମ ହୋଇଥିବା ମମତା ଯେ ଏମିତି ସୁଖଦୁଃଖର ସାଥୀ ହୋଇ ନିଜ ଜୀବନକୁ ସମାଜସେବାରେ ସମର୍ପିତ କରିବ, କିଏ ବା ଜାଣିଥିଲା ! ନିଜେ ଯେତେ ଅସୁବିଧାରେ ଥିଲେ ସୁଦ୍ଧା ଲୋକଙ୍କ ସମସ୍ୟାକୁ ସମାଧାନ କରିବାର ଶେଷସମ୍ବଳ ହେଉଛି ସେହି ହସହସ ମୁହଁ । ଯେ କେହି ଯେତେ ବିବାଦ ଭିତରକୁ ଯାଇଥିଲେ ବି ରୁନୁଅପାର ଏଇ ହସ ଖିଏ ଯେମିତି ଭାଙ୍ଗି ଯାଇଥିବା ସଂସାରରେ ଖୁସିର ଖିଅ ହୋଇ ପୁଣି ସଂସାର ସଜାଡ଼ି ଦିଏ । ବିବାଦ, ବିତର୍କ ଭିତରକୁ ନଯାଇ ନିଜ ବ୍ୟକ୍ତିତ୍ୱର ଝଟକରେ ରୁନୁଅପା ଖୋଜି ନିଅନ୍ତି ସମାଧାନର ସୂତ୍ର ।


କେବଳ ଭଦ୍ରକ ଜିଲ୍ଲା ନୁହେଁ, ସାରା ଓଡ଼ିଶାରେ ଯେକୌଣସି ସ୍ଥାନରେ ରୁନୁଅପାର ଖୋଜା ପଡ଼ିଲେ, ସେ ହାଜର । ସ୍ୱାଭିମାନୀ ଏ ମହିଳାଜଣକ ପରୋପକାରରେ ଉତ୍ସର୍ଗୀକୃତ । ନିଜ ନୀତିରେ ବାଟ ଚାଲୁଥିବା ରୁନୁଅପା ସେ । ସଭିଙ୍କର ରାହା । ତାଙ୍କ ପାଇଁ କିଏ କେଉଁ ପୁରସ୍କାର କି ପ୍ରଶଂସା ଢାଳି ଦେଉ କି ନଦେଉ, ସେ କିନ୍ତୁ ନିଜ କର୍ମରେ ସର୍ବଦା ଅଟଳ । ତାଙ୍କୁ ଏ ଯୁଗର 'ରେବତୀ' କହିଲେ ଅତ୍ୟୁକ୍ତି ହେବ ନାହିଁ । ସତେ ଯେମିତି ନାରୀ ସମାଜର ସେ ଏକ ଆଦର୍ଶ ଓ ଉଦାହରଣ ।

ଏହା ବ୍ୟତୀତ, ସେ ମଧ୍ୟ ରାଜ୍ୟ ବ୍ୟାଙ୍କ୍ ମିତ୍ର ସଂଘର କାର୍ଯ୍ୟକାରୀ ସଭାପତି ଅଛନ୍ତି । ଆଶାସଂଘର ଭଦ୍ରକ ଜିଲ୍ଲା ସଭାପତି । ପୁଣି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସଂଘର ଭଦ୍ରକ ଜିଲ୍ଲା ପାଇଁ ସମ୍ପାଦିକା ଭାବେ କାର୍ଯ୍ୟ ତୁଲାଉଛନ୍ତି ।

ସେ ସବୁବେଳେ ନିଜ ପରିଚୟରେ ବଂଚିବା ଶିଖିଛନ୍ତି । ସାରା ନାରୀଜଗତର ଆଦର୍ଶ ସେ । କେବଳ ଜିଲ୍ଲା ନୁହେଁ, ସମଗ୍ର ରାଜ୍ୟର ସେ ଜଣେ ମହିଳା ସମାଜସେବୀ ଭାବରେ ପରିଚିତା । ସ୍ୱାମୀ ନିରଞ୍ଜନ ଜେନା ଜଣେ ଆଇନଜୀବୀ ହେଲେ ବି ନିଜର ବାହୁବଳରେ ସେ ସବୁ ସମସ୍ୟାର ସମାଧାନ କରନ୍ତି । ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ଠାରୁ ଆରମ୍ଭ କରି ସେମାନଙ୍କୁ ସାହସ ଦେବା ଓ ଉତ୍ତମ ମାର୍ଗ ଦେଖାଇବାରେ ମମତାଙ୍କ ଅବଦାନ ଅତୁଳନୀୟ ।



# କୋରାପୁଟର ଜୀବନରେଖା






**ରଂଜନ ପ୍ରଧାନ**

ବରିଷ୍ଠ ସାମ୍ବାଦିକ: 'ସମ୍ବାଦ', ଭୁବନେଶ୍ୱର

ଫୋନ : ୯୪୩୭୨୧୩୮୫୪



ଫଟୋ ସୌଜନ୍ୟ : ଲେଖକ

# କୋଲାବ୍ ଓ ମାଛକୁଣ୍ଡ

ଜୟପୁର ସହରରୁ ବ୍ରାହ୍ମଣୀଗାଁ, ଟାଙ୍କୁଆ, ଡଙ୍ଗରଛିଞ୍ଚି ଦେଇ ପ୍ରାୟ ୧୦ କିଲୋମିଟର ଗଲା ପରେ ଆମେ ପହଞ୍ଚିଲୁ ପ୍ରସିଦ୍ଧ ପାତ୍ରପୁଟ ଲୁହା ପୋଲ ନିକଟରେ । ଏହି ଲୁହା ପୋଲଟି ଇଂରେଜ ଶାସନ କାଳରେ ନିର୍ମିତ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବ୍ୟବହାର ଉପଯୋଗୀ ହୋଇ ରହିଛି । ଏହି ଲୁହା ପୋଲ ଦେଇ କୋରାପୁଟ, ନବରଙ୍ଗପୁର ଓ ଜୟପୁରରୁ ମାଲ୍‌କାନଗିରି, ବୈପାରୀଗୁଡ଼ା, କୁନ୍ଦୁରା, ଗୁପ୍ତେଶ୍ୱର, ଗୋବିନ୍ଦପାଲ୍ଲୀ, ଲମତାପୁଟ, ଡୁଡୁମା, ମାଛକୁଣ୍ଡ, ଅନ୍‌କାଡେଲି, ଜଲାପୁଟ ପର୍ଯ୍ୟନ୍ତ ଦୈନିକ ସହସ୍ରାଧିକ ଯାତ୍ରୀବାହୀ ବସ୍, ମାଲ୍‌ବାହୀ ଟ୍ରକ ଓ ଅସଂଖ୍ୟ ପର୍ଯ୍ୟଟକ ଗାଡ଼ି ଚଳାଚଳ କରିଥାଏ । ଲୁହା ପୋଲ ତଳେ ବହୁଥିବା ଶାନ୍ତ କୋଲାବ୍ ନଈ ଏବଂ ଚତୁର୍ପାର୍ଶ୍ୱର ମାଳମାଳ ପାହାଡ଼, ଶାଳ ଜଙ୍ଗଲ, ସ୍ୱଚ୍ଛ ସବୁଜିମା, ପାହାଡ଼ ଉପରେ ମାଳମାଳ ମାଙ୍କଡ଼, ମୟୂର ଆମକୁ ସେଠାରେ କିଛି ସମୟ ଅଟକିବାକୁ ବାଧ୍ୟ କଲା ।

ପାତ୍ରପୁଟ ଆଇରନ୍ ବ୍ରିଜ୍ ଅତିକ୍ରମ କରିବା ପରେ ଆମେ ପହଞ୍ଚିଲୁ କୋଟା ଛକ (ବିଚଲ୍‌କୋଟା)ରେ । କୋଟା ଛକଟି ଏକ ଟ୍ରାଇ ଜଙ୍କ୍‌ସନ । ଏହି ଛକରୁ ଦକ୍ଷିଣକୁ ଗଲେ ବୈପାରୀଗୁଡ଼ା ପଡ଼େ । ବୈପାରୀଗୁଡ଼ାର ଦକ୍ଷିଣକୁ ଗଲେ ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଏବଂ ବାମକୁ ଗୋବିନ୍ଦପାଲ୍ଲୀ, ମାଥିଲି, ମାଲ୍‌କାନ୍‌ଗିରି । ସେହିଭଳି କୋଟା ଛକରୁ ବାମକୁ ପ୍ରସିଦ୍ଧ ପେଟା ଘାଟି ଦେଇ ଗଲାପରେ ପଡ଼ିବ ଲମତାପୁଟ ବ୍ଲକ୍ ସଦର ମହକୁମା । ଲମତାପୁଟ ଛକରୁ ଦକ୍ଷିଣକୁ ଗଲେ ଅନ୍‌କାଡେଲି, ଡୁଡୁମା ଜଳପ୍ରପାତ, ମାଛକୁଣ୍ଡ ଏବଂ ଲମତାପୁଟର ବାମକୁ ସିଧା ବିଶାଖାପାଟଣାକୁ ଏକ ପିନ୍‌ପିନ୍ ରାସ୍ତା ଯାଇଛି । ଲମତାପୁଟରୁ ବିଶାଖାପାଟଣା ରାସ୍ତାରେ ଗଲେ ମାତ୍ର ୧୦ କିଲୋମିଟର ପରେ ପଡ଼ିବ ଜଲାପୁଟ ଜଳଭଣ୍ଡାର ।

୨୦୧୦ ମସିହା ଡିସେମ୍ବର ମାସର ଏକ ଶୀତୁଆ ସକାଳ । ପେଟା ଘାଟି ଅତିକ୍ରମ କରୁଥିବା ବେଳେ ତଥାପି ସୂର୍ଯ୍ୟ ଦେଖାଯାଉ ନଥିଲେ । ସେଦିନର ସେ ଘନ କୁହୁଡ଼ି ସୂର୍ଯ୍ୟଙ୍କୁ ପେଟାଘାଟିର ମାଳମାଳ ପାହାଡ଼ ଉପରେ କିରଣ ବୁଣିବାକୁ ଦେଉ ନ ଥିଲେ । କୁହୁଡ଼ିଆ ପୂର୍ବାହ୍ନରେ ପେଟାଘାଟିର ମାଳମାଳ ପାହାଡ଼ ଓ ପତଳା ଘାଟି ରାସ୍ତା ଦେଇ ଆଗେଇବା ଘଟଣା, ଯେମିତି ସ୍ୱପ୍ନ ରାଜ୍ୟରେ



ବୁଲୁଥିବା ଭଳି ମନେ ହେଉଥିଲା ।

ଲମତାପୁଟ ବଜାରରେ ପହଞ୍ଚିଲାବେଳକୁ ଦିନ ଫର୍ଚ୍ଚା ହୋଇ ଯାଇଥାଏ । ସୂର୍ଯ୍ୟଙ୍କର କଡ଼ା କିରଣ ମଧ୍ୟ ଭୂମିରେ ପଡ଼ି ତାତି ବଢ଼ାଉଥାଏ । ଲମତାପୁଟରୁ ଦକ୍ଷିଣକୁ ୨୫ କିଲୋମିଟର ଅତିକ୍ରମ କରିବା ପରେ ଆମେ ପହଞ୍ଚି ଯାଇଥିଲୁ ପ୍ରକୃତରେ ସ୍ୱର୍ଗ ରାଜ୍ୟରେ । ଢୁ, ଢୁ ଗର୍ଜନ କରି ଯେଉଁ ଜଳପ୍ରପାତଟି ଖସି ପଡୁଥିଲା, ତାହା ଥିଲା 'ଡୁଡୁମା ଜଳପ୍ରପାତ' । କୋଲାବ୍‌ର ଉପନଦୀ ସିଲେରୁ (ମାଛକୁଣ୍ଡ) ଏଇଠି ପାହାଡ଼ରୁ ଭୂମି ଉପରକୁ ଭୀଷଣ ଶବ୍ଦ ଓ ବେଗରେ ଖସି ପଡୁଥିଲା । ଆଃ, ସେଦିନର ସେସବୁ ଦୃଶ୍ୟ ଆଜି ସ୍ମୃତି ! ଏହାପରେ ଆମେ ଅନ୍‌କାଡେଲି ବଣ୍ଡା ହାଟ, ମାଛକୁଣ୍ଡ ପାଓ୍ୱାର ହାଉସ୍ ବୁଲାବୁଲି କରି ପୁଣି ଲମତାପୁଟ ବଜାରକୁ ଫେରି, ଲମତାପୁଟରୁ ଜଲାପୁଟ ଜଳଭଣ୍ଡାର ଅଭିମୁଖେ ଯାତ୍ରା କଲୁ । ଜଲାପୁଟ ଜଳଭଣ୍ଡାରର ଦୃଶ୍ୟ ପ୍ରକୃତରେ ହୃଦୟକୁ ଚହଲେଇ ଦେଇଥିଲା । ଡୁଡୁମା-ମାଛକୁଣ୍ଡକୁ ଏହା କେବଳ ସେଇ ଗୋଟିଏ ଦିନର ଯାତ୍ରା ନଥିଲା ।

କୋଲାବ୍ ନଦୀର ଉପର ମୁଣ୍ଡରେ ସେମିଳିଗୁଡ଼ା, ସୁନାବେଡ଼ା, କୋରାପୁଟ ଭଳି ସହର ଥିବାବେଳେ ତଳମୁଣ୍ଡରେ ଲମତାପୁଟ, ନନ୍ଦପୁର, ପଟାଙ୍ଗୀ ଭଳି ଅଞ୍ଚଳ ରହିଛି । କୋଲାବ ଓ ଗୁରୁଡ଼ି ନାଳର ସଙ୍ଗମ ସ୍ଥଳର ସାମନ୍ୟ ତଳକୁ କରୁଙ୍ଗ ଗାଁ ନିକଟରେ ଉପର କୋଲାବ୍ ଡ୍ୟାମ୍ ନିର୍ମିତ ହୋଇଛି । ଏହା ଜୟପୁର ସହରଠାରୁ ୧୨ କିଲୋମିଟର ଦୂରରେ ଅବସ୍ଥିତ । ଏହି ଡ୍ୟାମ୍‌ରୁ ପାଣି ନେଇ ସତୀଗୁଡ଼ା ନାଳରେ ଛଡ଼ା ଯାଉଛି ।

## କୋଲାବ୍-ମାଛକୁଣ୍ଡର ସର୍ପିଳ ପଥ

କୋଲାବ୍ ନଦୀର ଅନ୍ୟ ନାମ ଶବରୀ । ନଈ ଗୋଟିଏ କିନ୍ତୁ ନାମ ଭିନ୍ନ । କୋଲାବ୍ ଓ ଶବରୀକୁ ଅଲଗା ନଈ ବୋଲି ଲୋକେ ଭାବିଥା'ନ୍ତି । ମାତ୍ର, ଏହା ଠିକ୍ ନୁହେଁ । କୋଲାବ୍ (ଶବରୀ) ନଦୀକୁ କୋରାପୁଟ ଜିଲ୍ଲାର 'ଜୀବନରେଖା' କୁହାଯାଇଥାଏ । ମାଛକୁଣ୍ଡ (ସିଲେରୁ) କୋଲାବ୍‌ର ଏକ ପ୍ରମୁଖ ଉପନଦୀ । ଏହି ଦୁଇଟି ନଦୀ ଯୁଗ୍ମ ଭାବେ 'କୋଲାବ-ମାଛକୁଣ୍ଡ' (ଶବରୀ-ସିଲେରୁ) ନଦୀ ଭାବେ ପରିଚିତ ।

କୋଲାବ୍ ନଦୀ ଓଡ଼ିଶାର କୋରାପୁଟ ଜିଲ୍ଲାରେ ଅବସ୍ଥିତ ପୂର୍ବଘାଟ ପର୍ବତମାଳାର ପଶ୍ଚିମ ଢାଲୁରେ ଥିବା ସିଙ୍କାରା (ସିଙ୍କାରାମ୍) ପର୍ବତମାଳାରୁ ଉତ୍ପତ୍ତି ଲାଭ କରିଛି । ଜୟପୁର-ବିଜୟନଗର ରାସ୍ତାର ପଟାଙ୍ଗୀ ପାର୍ ହେଲା ପରେ ସାଲୁର ଘାଟି ପଡିଥାଏ । ସାଲୁର ଘାଟୀର ଦକ୍ଷିଣ ପାର୍ଶ୍ୱରୁ କୋଲାବ ନଦୀ ଉତ୍ପତ୍ତିଲାଭ କରିଛି । ସେହିଭଳି ପଟାଙ୍ଗୀ ପୂର୍ବରୁ ଉତ୍ତରକୁ ଯେଉଁ ରାସ୍ତା ଦେଓମାଳି ଆଡକୁ ଯାଇଛି ସେଠୁ ଏକ ଜଳ ଉତ୍ସ ବାହାରିଛି । ଏହି ଜଳ ଉତ୍ସକୁ କେହି କେହି କୋଲାବ ନଦୀ ବୋଲି ବିଚାର କରିଥାନ୍ତି । ତେବେ ଯାହା ବି ହେଉ, ଏହି ଦୁଇଟି ଜଳଧାର ମିଳିତ ହୋଇ ଏକ କ୍ଷୁଦ୍ର ସ୍ରୋତ ସୃଷ୍ଟି କରିଛି । ଏହାକୁ ହିଁ କୋଲାବ ନଦୀର ପ୍ରାରମ୍ଭିକ ଯାତ୍ରା ବୋଲି ବିବେଚନା କରାଯାଏ । ଏହାପରେ କୋଲାବ ନଦୀ ସୁନାବେଡା ଅଭିମୁଖେ ଯାତ୍ରା କରିଛି । ସୁନାବେଡାର କିଛି ବାଟ ପୂର୍ବରୁ ସେମିଳିଗୁଡାଠାରୁ ଗୋଟିଏ ଏବଂ ନନ୍ଦପୁରଠାରୁ ଆଉ ଏକ ନାଳ ଆସି କୋଲାବରେ ମିଳିତ ହୋଇଛନ୍ତି । ସୁନାବେଡ଼ାଠାରେ କୋଲାବର ପ୍ରମୁଖ ଉପନଦୀ କେରାଣ୍ଡି ନାଳ ମିଳିତ ହୋଇଛି ।

ସୁନାବେଡାଠାରୁ କୋଲାବ ନଦୀ କରୁଙ୍ଗ ଗ୍ରାମ ପର୍ଯ୍ୟନ୍ତ ୩୦ କିଲୋମିଟର ପଶ୍ଚିମକୁ ଗତି କରିଛି । ଏହି ଅବସରରେ ଲମତାପୁଟ ଆଡୁ ଗୁରାଡ଼ି ନାଳ ବହି ଆସି କୋଲାବରେ ମିଳିତ ହୋଇଛି । ଏହି ଗୁରାଡି ନାଳର ଦୈର୍ଘ୍ୟ ୫୦ କିଲୋମିଟର । ଗୁରାଡ଼ି ନାଳ ଓ କୋଲାବର ସଂଗମ ସ୍ଥଳର କିଛି ବାଟ ଆଗକୁ ବାଗ୍ରା ଜଳ ପ୍ରପାତ ରହିଛି । ତେବେ କୋଲାବ ଡ୍ୟାମ୍ ନିର୍ମାଣ ପରେ ଏହି ବାଗ୍ରା ଜଳପ୍ରପାତଟି କ୍ଷୀଣ ହୋଇଯାଇଛି । ଏହା ପରେ କୋଲାବ ଜୟପୁର ସହର ଅଭିମୁଖେ ଯାତ୍ରା କରିଛି ।

ବାଗ୍ରା ଜଳପ୍ରପାତର ଆଗକୁ କୋଲାବ ଜୟପୁର-ବୈପାରୀଗୁଡ଼ା ରାସ୍ତାର ୧୮ କିଲୋମିଟର ଅତିକ୍ରମ କରି ପୁଣି ଉତ୍ତର ଦିଗକୁ ଗତି କରିଛି । ଅଳ୍ପ ଦୂରରେ କୋରାପୁଟ ଆଡୁ ବହି ଆସିଥିବା ସତୀଗୁଡ଼ା ନାଳ ଜୟପୁର ସହର ଦେଇ କୋଲାବ ନଦୀରେ ମିଳିତ ହୋଇଛି ।

କୁନ୍ଦ୍ରା ନିକଟରେ କୋଲାବ ସହିତ ଏହାର ଉପନଦୀ କୁର୍ଲୁ ମିଳିତ ହୋଇଛି । ଏହା ବୈପାରୀଗୁଡ଼ା ଆଡୁ ପ୍ରବାହିତ ହୋଇ କୋଲାବର ଦକ୍ଷିଣ ପାର୍ଶ୍ୱରେ ମିଳିତ ହୋଇଛି । କୁର୍ଲୁ ନାଳର ଦୈର୍ଘ୍ୟ ୪୦ କିଲୋମିଟର । ଏହାର ଆଗକୁ ଇନ୍ଦ୍ରାବତୀର ଏକ ଶାଖା ନାଳ ଜଅଁରା ନାଳ ଦକ୍ଷିଣରେ କୋଲାବ ସହ ମିଳିତ ହୋଇଛି ।

ଜଅଁରା ନାଳ ମିଳନ ସ୍ଥଳଠାରୁ କୋଲାବ ଓଡ଼ିଶାର ଶେଷ ସୀମା ମୋଟୁ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ଦିଗରେ ଗତି କରିଛି । ଜଅଁରା ନାଳ ମିଳନର ମାତ୍ର ୧୫ କିଲୋମିଟର ପରେ ଓଡ଼ିଶା-ଛତିଶଗଡ଼ ସୀମାରେ ଥିବା ଏକ କ୍ଷୁଦ୍ର ଗ୍ରାମ 'ଗୋଡାଘାଟ' ନିକଟରେ ନଦୀଟି ଛତିଶଗଡ ସୀମା ସ୍ପର୍ଶ କରିଛି ।

ଗୋଡ଼ାଘାଟ ଠାରୁ ମାତ୍ର ୧୫ କିଲୋମିଟର ତଳ ମୁଣ୍ଡରେ ଗୁପ୍ତେଶ୍ୱର ଶୈବପୀଠ ଅବସ୍ଥିତ । ଗୁପ୍ତେଶ୍ୱରଠାରୁ କୋଲାବର ପ୍ରବାହ ଅଧିକ ତୀବ୍ର ହୋଇଥାଏ । କାରଣ ଏଠାରେ କୋଲାବ ସହିତ ବହୁ ଜଙ୍ଗଲୀ ଝରଣା ମିଳିତ ହୋଇଛି । ଗୁପ୍ତେଶ୍ୱର ନିକଟରେ ଇତିହାସ ଓ ପୁରାଣ ପ୍ରସିଦ୍ଧ ରାମଗିରି ଅବସ୍ଥିତ । କବି କାଳିଦାସଙ୍କ ମେଘଦୂତମ୍ କାବ୍ୟରେ ଏହି ରାମଗିରି କଥା ବର୍ଣ୍ଣିତ ହୋଇଛି । ଏହି ପର୍ବତମାଳା ଦିନଦିନ ଧରି ମେଘମାଳାରେ ଘୋଡ଼େଇ ହୋଇ ରହେ । ଏଠାକାର ପ୍ରାକୃତିକ ଶୋଭା ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷରେ ବିରଳ ।

ଗୁପ୍ତେଶ୍ୱର ଠାରୁ ମାତ୍ର ୫ କିଲୋମିଟର ତଳ ମୁଣ୍ଡରେ ଦକ୍ଷିଣରେ ଛତିଶଗଡ଼ ଅଞ୍ଚଳରୁ କାଙ୍ଗେର ନଦୀ ବହି ଆସି କୋଲାବରେ ମିଳିତ ହୋଇଛି । ଏହି ନଦୀର ଦୈର୍ଘ୍ୟ ୬୦ କିଲୋମିଟର । ଗୁପ୍ତେଶ୍ୱର ଠାରୁ ତେନ୍ତୁଳିଗୁମ୍ମା ପର୍ଯ୍ୟନ୍ତ ଅନେକ ସଂଖ୍ୟାରେ ଜଳପ୍ରପାତ ଦୃଷ୍ଟିଗୋଚର ହୋଇଥାଏ । ଗୁପ୍ତେଶ୍ୱର ଠାରୁ କୋଲାବ





ନଦୀଟି 'ଶବରୀ' (ସାବେରୀ) ନଦୀ ନାମ ଧାରଣ କରିଛି । ଗୁପ୍ତେଶ୍ୱରଠାରୁ କିଛି ବାଟ ଆଗକୁ ଶବରୀ ନଦୀ ସହ ରଙ୍ଗପାଣି ନଦୀ ମିଳିତ ହୋଇଛି । ସେହିଭଳି ଦଶମନ୍ତପୁରରୁ ନିର୍ଗତ ହୋଇଥିବା ଜାମ୍ ନଦୀ ସପ୍ତଧାରା ନଦୀ ସହ ମିଳିତ ହୋଇଛି । ଜାମ୍ ନଦୀ ଓ ସପ୍ତଧାରା ନଦୀର ମିଳିତ ସ୍ରୋତ ହିଁ ରଙ୍ଗାପାଣି ନଦୀ ନାମରେ ପରିଚିତ ।

ଜୟପୁର-ମାଲ୍‌କାନ୍‌ଗିରି ରାସ୍ତାର ଗୋବିନ୍ଦପାଲି ପୂର୍ବରୁ ଯେଉଁ ଘାଟି ପଡେ, ସେଠି ସପ୍ତଧାରା ନଦୀ ପ୍ରବାହିତ ହେଉଥିବାର ଦୃଶ୍ୟ ଅତ୍ୟନ୍ତ ମନୋରମ । ରାସ୍ତା କଡେ କଡେ ସପ୍ତଧାରା ନଦୀ ପ୍ରବାହିତ ହେଉଥାଏ ।

ଗୋବିନ୍ଦପାଲିରୁ ବାଲିମେଳା ବାଟରେ ଅଳ୍ପ ଦୂରରେ ଆଉ ଏକ କ୍ଷୁଦ୍ର ନଦୀ ଗରିଆ ନଦୀ ପ୍ରବାହିତ ହୋଇ ଶେଷରେ ଶବରୀ ନଦୀରେ ମିଳିତ ହୋଇଛି । ଏହି ଗରିଆ ନଦୀ ବଣ୍ଡା ଘାଟିରୁ ଉତ୍ପତ୍ତିଲାଭ କରିଛି । ଏହାର କିଛି ବାଟ ଆଗକୁ ଶବରୀ ନଦୀର ଦକ୍ଷିଣରେ ଦୁଇଟି ନଦୀ ମାଲେଘାର ଓ ମୁଲେରଭାଗୁ ନଦୀ ଶବରୀ ନଦୀ ସହ ମିଳିତ ହୋଇଛନ୍ତି । ଏହି ଦୁଇଟି ନଦୀ ଛତିଶଗଡରୁ ଉତ୍ପତ୍ତିଲାଭ କରିଛନ୍ତି । ପୁଣି କିଛି ବାଟ ଆଗରେ ଉତ୍ତରରେ ପଟେରୁଭାଗୁ ନାଳ ଶବରୀ ସହ ମିଳିତ ହୋଇଛି । ଏହା କୋରୁକୁଣ୍ଡା ପର୍ବତରୁ ଉତ୍ପତ୍ତିଲାଭ କରିଛି । ପଟେରୁଭାଗୁ ନଦୀର ଏକ ଶାଖା ନଦୀ ସତୀଗୁଡ଼ା ନାଳ କିଛି ବାଟ ପ୍ରବାହିତ ହେବା ପରେ ଶବରୀରେ ମିଳିତ ହୋଇଛି ।

ମାଲ୍‌କାନଗିରି ଜିଲ୍ଲାର ମୋଟୁ ହେଉଛି ସେହି ସ୍ଥାନ ଯେଉଁଠି କୋଲାବ ନଦୀ ଓଡ଼ିଶା ସୀମା ପରିତ୍ୟାଗ କରିଛି । ଏହି ମୋଟୁ ଠାରେ ହିଁ ପୂର୍ବ ଦିଗରୁ ପ୍ରବାହିତ ସିଲେରୁ (ମାଛକୁଣ୍ଡ) ନଦୀ କୋଲାବ (ଶବରୀ) ନଦୀ ସହ ମିଳିତ ହୋଇଛି । ଏହିଠାରୁ କୋଲାବ-ମାଛକୁଣ୍ଡର ଧାର 'ଚିନା ଗୋଦାବରୀ' (ଛୋଟ ଗୋଦାବରୀ) ନାମରେ ପରିଚିତ । ଚିନା ଗୋଦାବରୀ ୨୦ କିଲୋମିଟର ଦକ୍ଷିଣକୁ ଗତି କରିବା ପରେ ଗୋଦାବରୀ ନଦୀରେ ମିଳିତ ହୋଇଛି ।

ଚିନା ଗୋଦାବରୀ (ସିଲେରୁ-ଶବରୀ) ଓ ଗୋଦାବରୀ ନଦୀର ମିଳନ ସ୍ଥଳରେ ଆନ୍ଧ୍ରପ୍ରଦେଶର ଭଦ୍ରାଚଳମ୍ ମନ୍ଦିର ଅବସ୍ଥିତ । ପ୍ରଭୁ ରାମଚନ୍ଦ୍ର ଦଣ୍ଡକାରଣ୍ୟରେ କିଛିକାଳ ଅତିବାହିତ କରିବା ପରେ ଗୋଦାବରୀ ନଦୀ ତଟର ଏହିଠାରୁ ଦକ୍ଷିଣକୁ ଶ୍ରୀଲଙ୍କା ଅଭିମୁଖେ ଯାତ୍ରା କରିଥିଲେ ।

ସିଲେରୁ ଶବରୀ ନଦୀର ଏକ ପ୍ରମୁଖ ଉପନଦୀ । ଏହାର ସମଗ୍ର ଗତିପଥ ଓଡ଼ିଶା ଓ ଆନ୍ଧ୍ର ସୀମା ଅନ୍ତର୍ଭୁକ୍ତ । ସିଲେରୁ ନଦୀର ଦୈର୍ଘ୍ୟ ୨୦୦ କିଲୋମିଟର । ଉପର ମୁଣ୍ଡରେ ସିଲେରୁ ନଦୀ ମାଛକୁଣ୍ଡ ନଦୀ ନାମରେ ପରିଚିତ । ଏହାର ଗୋଟିଏ ଅଂଶ ଜଲାପୁଟ ଓ ନନ୍ଦପୁର ପାର୍ବତ୍ୟା*ଳରୁ ଏବଂ ଅନ୍ୟ ଗୋଟିଏ ଅଂଶ ଆନ୍ଧ୍ରର ମାଡଗୁଲ ପର୍ବତରୁ ଉତ୍ପତ୍ତିଲାଭ କରିଛି । କୋଲାବ-ମାଛକୁଣ୍ଡ ନଦୀର ସଙ୍ଗମ ସ୍ଥଳର ଅଳ୍ପ ଦୂରରେ ଡୁଡୁମା ଜଳପ୍ରପାତ ଅବସ୍ଥିତ । ଡୁଡୁମା ଜଳପ୍ରପାତର ଅଳ୍ପ କିଛି ବାଟ ଆଗକୁ ଓଡ଼ିଶା ସର୍ବପ୍ରଥମ ଜଳବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏହା ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ନାମରେ ପରିଚିତ ।

ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ତଳ ମୁଣ୍ଡରେ ଚିତ୍ରକୋଣ୍ଡା ଜଳ ଭଣ୍ଡାର ଅବସ୍ଥିତ । ଚିତ୍ରକୋଣ୍ଡା ଜଳଭଣ୍ଡାରର ଜଳକୁ ସମାନ ଦୁଇ ଭାଗରେ ଆନ୍ଧ୍ର ଏବଂ ଓଡ଼ିଶା ବ୍ୟବହାର କରୁଛନ୍ତି । ଓଡ଼ିଶାର ପାଣିକୁ ଟନେଲ ସାହାଯ୍ୟରେ ବାଲିମେଳାକୁ ପଠାଯାଇ ସେଠାରେ ବିଦ୍ୟୁତ୍ ଉତ୍ପନ୍ନ କରାଯାଉଛି । ଆନ୍ଧ୍ରର ପାଣିକୁ ବ୍ୟବହାର କରି ତଳମୁଣ୍ଡରେ ଉପର ସିଲେରୁ ଓ ନିମ୍ନ ସିଲେରୁ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ କରୁଛି । ଚିତ୍ରକୋଣ୍ଡା ଜଳଭଣ୍ଡାରୁ ମାଛକୁଣ୍ଡ ନଦୀଟି ସିଲେରୁ ନାମ ବହନ କରିଛି ।

'କୋଲାବ-ମାଛକୁଣ୍ଡ' ନଦୀ ଏକାଧାରାରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ସୀମା ନିର୍ଦ୍ଧାରଣ କରିଥାଏ । କୋଲାବ ନଦୀର ଦୈର୍ଘ୍ୟ ୨୦୦ କିଲୋମିଟର । 'କୋଲାବ-ମାଛକୁଣ୍ଡ' ନଦୀର ମୋଟ ଅବବାହିକା ଅଞ୍ଚଳ (ଆନ୍ଧ୍ର, ଓଡ଼ିଶା, ଛତିଶଗଡ଼) ୨୦,୪୨୭ ବର୍ଗ କିଲୋମିଟର ହୋଇଥିବାବେଳେ ସେଥିମଧ୍ୟରୁ ଓଡ଼ିଶା (କୋରାପୁଟ ଓ ମାଲ୍‌କାନଗିରି)ର ଅବବାହିକା ୧୦,୩୦୦ ବର୍ଗ କିଲୋମିଟର ।

କୋଲାବ୍ ନଦୀ ଓଡ଼ିଶାର କୋରାପୁଟ ଜିଲ୍ଲା ଓ ଛତିଶଗଡ଼ର ବସ୍ତର ଜିଲ୍ଲା ସୀମା ଦେଇ ପ୍ରବାହିତ ହେବାପରେ ଶେଷରେ ଆନ୍ଧ୍ର ପ୍ରଦେଶର କୁନାଭରମ୍ ନିକଟରେ ଗୋଦାବରୀ ନଦୀରେ ବିଲୀନ ହୋଇଛି ।

## ଗୋଦାବରୀ-ଶାବରୀ ସଙ୍ଗମ: କୁନାଭରମ୍

ଶାବରୀ (କୋଲାବ୍) ନଦୀ ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ ସିଙ୍କାରା (ସିଙ୍କାରାମ) ପର୍ବତମାଳାରୁ ନିର୍ଗତ ହୋଇ କୋରାପୁଟ ଜିଲ୍ଲାର କୋରାପୁଟ, ଜୟପୁର, ବୈପାରୀଗୁଡ଼ା, କୁନ୍ଦୁରା, କାଲିମେଳା, ମୋଟୁ ଏବଂ ଓଡ଼ିଶା-ଛତିଶଗଡ଼ ସୀମା ଦେଇ ଗତି କରିବା ପରେ ଆନ୍ଧ୍ର ପ୍ରଦେଶର କୁନାଭରମ୍ ନିକଟରେ ଗୋଦାବରୀ ନଦୀରେ ମିଳିତ ହୋଇଛି । କୁନାଭରମ୍ ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରୀ ଜିଲ୍ଲାର ଏକ ଗ୍ରାମ ଏବଂ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ । ନୂଆକରି ତେଲେଙ୍ଗାନା ରାଜ୍ୟ ସୃଷ୍ଟି ହେବାପରେ କୁନାଭରମ୍ ଖମାମ୍ ଜିଲ୍ଲାରେ ଅନ୍ତର୍ଭୁକ୍ତ ହୋଇଛି । ଆନ୍ଧ୍ର ସରକାରଙ୍କ ପକ୍ଷରୁ କୁନାଭରମ୍ ଠାରୁ ପାପିକୋଣ୍ଡା ଜଳଭଣ୍ଡାର ମଧ୍ୟରେ ବୋଟ୍ ରାଇଡିଂ/ଲଞ୍ଚ୍ ରାଇଡିଂର ବ୍ୟବସ୍ଥା କରାଯାଇଛି । ଗୋଦାବରୀ ନଦୀ ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ପାପି ପର୍ବତଶ୍ରେଣୀରେ ପ୍ରବେଶ



ବାଗରା ଜଳପ୍ରପାତ



ବାଲିମେଳା ଡ୍ୟାମ

ପୋରୁଲ ଜଳପ୍ରପାତ

କରିବା ପୂର୍ବରୁ ଏହାର ପ୍ରମୁଖ ଉପନଦୀ ଶାବରୀ ବାମ ପାର୍ଶ୍ୱରେ ଆସି ମିଳିତ ହୋଇଛି ।

## ଶାବରୀ-ସିଲେରୁ ସଙ୍ଗମ

ଆନ୍ଧ୍ର ପ୍ରଦେଶର କୁନାଭରମ୍ (ଶାବରୀ-ଗୋଦାବରୀ ମିଳନ ସ୍ଥଳ)ର ବହୁ ବାଟ ପୂର୍ବରୁ ଓଡ଼ିଶା-ଛତିଶଗଡ଼-ଆନ୍ଧ୍ର ସୀମା (Tri-Junction Boundary Point)ରେ ଶାବରୀ ଓ ସିଲେରୁ ନଦୀର ମିଳନ ଘଟିଛି । ଓଡ଼ିଶାର କୋରାପୁଟ ଜିଲ୍ଲାରେ ଅବସ୍ଥିତ ପୂର୍ବଘାଟ ପର୍ବତମାଳାର ସିଙ୍କାରା (ସିଙ୍କାରାମ୍) ପର୍ବତମାଳାରୁ ଉପ୍ତିଲାଭ କରିଥିବା ଶାବରୀ (କୋଲାବ) ସହ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲ୍ଲାର ପୂର୍ବଘାଟ ପର୍ବତମାଳାର ମୁଦୁଗଲ ଗିରିଶୃଙ୍ଗରୁ ଉପ୍ତିଲାଭ କରିଥିବା ସିଲେରୁ (ମାଛକୁଣ୍ଡ) ନଦୀ ମାଲ୍କାନଗିରି ଜିଲ୍ଲାର ମୋଟୁ ନିକଟରେ ମିଳିତ ହୋଇଛନ୍ତି । 'ଶାବରୀ-ସିଲେରୁ ସଙ୍ଗମ' ତ୍ରିସନ୍ଧି ସ୍ଥଳର ଗୋଟିଏ ପଟେ ଓଡ଼ିଶା ମୋଟୁ ଅଞ୍ଚଳ ଥିବାବେଳେ ଛତିଶଗଡ଼ ପାର୍ଶ୍ୱରେ କୋଣ୍ଟା ଏବଂ ଆନ୍ଧ୍ରପ୍ରଦେଶ ସୀମାରେ ଭଦ୍ରାଚଳମ୍ ଅଞ୍ଚଳ ଅବସ୍ଥିତ । ଏହି ପବିତ୍ର ସ୍ଥାନଟିକୁ 'ଶାବରୀ-ସିଲେରୁ ସଙ୍ଗମ' କୁହାଯାଏ । କୋଲାବ ନଦୀ ଓଡ଼ିଶା ଓ ଛତିଶଗଡ଼ ସୀମାରେ ସର୍ବାଧିକ ପଥ ଅତିକ୍ରମ କରିବା ପରେ ଆନ୍ଧ୍ରପ୍ରଦେଶ ମଧ୍ୟକୁ ପ୍ରବେଶ କରିଛି । ସେହିଭଳି ସିଲେରୁ ନଦୀ ଆନ୍ଧ୍ର ପ୍ରଦେଶରୁ ଉପ୍ତିଲାଭ କରି ଓଡ଼ିଶା ଅଭିମୁଖେ ଯାତ୍ରା କରିଛି । ସିଲେରୁ ନଦୀ ଆନ୍ଧ୍ର ପ୍ରଦେଶରେ ସିଲେରୁ ଭାବେ ପରିଚିତ ଥିଲାବେଳେ ଓଡ଼ିଶାରେ ଏହା ମାଛକୁଣ୍ଡ ନଦୀ ନାମରେ ଖ୍ୟାତ ।

## କୋଲାବ-ମାଛକୁଣ୍ଡ ନଦୀରେ ଥିବା ପ୍ରମୁଖ ଜଳବିଦ୍ୟୁତ୍ ପ୍ରକଳ୍ପ ଓ ଡ୍ୟାମ୍

ଓଡ଼ିଶାରେ ସର୍ବାଧିକ ଜଳବିଦ୍ୟୁତ୍ 'କୋଲାବ-ମାଛକୁଣ୍ଡ' ନଦୀଦ୍ୱୟରୁ ଉତ୍ପନ୍ନ ହୋଇଥାଏ । ସେହିଭଳି କୋଲାବ-ମାଛକୁଣ୍ଡ ନଦୀଦ୍ୱୟ ମଧ୍ୟରେ କେବଳ ମାଛକୁଣ୍ଡ (ସିଲେରୁ) ନଦୀରୁ ହିଁ ସର୍ବାଧିକ ମାତ୍ରାରେ ଜଳ ବିଦ୍ୟୁତ୍ ଉତ୍ପନ୍ନ ହୋଇଥାଏ । କୋଲାବ ନଦୀରେ ଗୋଟିଏ ବୃହତ୍ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ ସିଲେରୁ ନଦୀରେ ସର୍ବାଧିକ ପାଞ୍ଚ ଗୋଟି ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ସମ୍ଭବ ହୋଇଛି । ଏଥିମଧ୍ୟରୁ ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପ ସିଂହଭାଗ ବିଜୁଳି ଉତ୍ପାଦନ କରିଥାଏ ।

୧. ଉପର କୋଲାବ ଜଳବିଦ୍ୟୁତ୍ ପ୍ରକଳ୍ପ
୧. ମଧ୍ୟ କୋଲାବ ପ୍ରକଳ୍ପ
୨. ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ
୩. ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପ
୪. ଉପର ସିଲେରୁ ଜଳବିଦ୍ୟୁତ୍ ପ୍ରକଳ୍ପ
୫. ଡଙ୍କାରାୟୀ ଜଳ ବିଦ୍ୟୁତ୍ ପ୍ରକଳ୍ପ
୬. ଚିତ୍ରକୋଣ୍ଡା ଜଳ ବିଦ୍ୟୁତ୍ ପ୍ରକଳ୍ପ
୬. ନିମ୍ନ ସିଲେରୁ ଜଳବିଦ୍ୟୁତ୍ ପ୍ରକଳ୍ପ

## କୋଲାବ୍ ଡ୍ୟାମ୍

କୋଲାବ ଜଳଭଣ୍ଡାର ଜୟପୁର ସହରଠାରୁ ବାର କିଲୋମିଟର ଦୂରରେ ଏବଂ ପାୱାର ହାଉସ୍ ଜୟପୁର ସହର ଉପକଣ୍ଠରେ ଅବସ୍ଥିତ । କୋଲାବ ଡ୍ୟାମର ଉଚ୍ଚତା ୧୮୦ ଫୁଟ ।

କୋଲାବ ଡ୍ୟାମର ପରିକଳ୍ପନା ଇଂରେଜ ଶାସନ ସମୟରୁ ଆରମ୍ଭ ହୋଇଥିଲା । ସେତେବେଳେ କୋରାପୁଟ ଇଂରେଜ ଶାସନାଧୀନ ମାଡ୍ରାସ୍ ପ୍ରେସିଡେନ୍ସି ଅଧୀନରେ ଥିଲା । ଦେଶ ସ୍ୱାଧୀନ ହେବାପରେ ଓଡ଼ିଶା ସରକାରଙ୍କ ଦ୍ୱାରା ୧୯୬୧ ମସିହାରେ ଏହାର ଅନୁଧ୍ୟାନ କାର୍ଯ୍ୟ ଆରମ୍ଭ ହେଲା । ୧୯୭୬ ମସିହାରେ ଉପର କୋଲାବ ଜଳବିଦ୍ୟୁତ୍ ପ୍ରକଳ୍ପଟି ଭାରତ ସରକାରଙ୍କ ଯୋଜନା ଆୟୋଗଙ୍କ ମଞ୍ଜୁରୀ ପ୍ରାପ୍ତ ହେଲା ଏବଂ ୧୯୭୬ ମସିହାରେ ଏହାର ନିର୍ମାଣ କାମ ଆରମ୍ଭ ହୋଇ ୧୯୯୩ ମସିହାରେ ସଂପୂର୍ଣ୍ଣ ହେଲା ।

କୋଲାବ ଡ୍ୟାମର ଜଳକୁ ଟନେଲ ସାହାଯ୍ୟରେ ସତୀଗୁଡ଼ା ନାଳରେ ଛଡ଼ାଯାଉଛି । ଏହି ଜଳଭଣ୍ଡାରରୁ ୩୨୦ ମେଗାୱାଟ୍ କ୍ଷମତା ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେଉଛି ।

କୋଲାବ ଜଳଭଣ୍ଡାରରୁ ଉତ୍ପନ୍ନ ବିଦ୍ୟୁତ୍ ଜୟପୁର ଉପଖଣ୍ଡ ଅଂଚଳରେ ଯୋଗାଣ କରାଯିବା ସହିତ ଏହାର ଜଳକୁ ଜୟପୁର, ଦାମନଯୋଡ଼ି ଓ ସୁନାବେଡ଼ା ଭଳି ସହରାଞ୍ଚଳର ଲୋକେ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି । ଏହାର ଜଳ ସୁନାବେଡାର ମିଗ୍ ଫ୍ୟାକ୍ଟ୍ରି, ଦାମନଯୋଡ଼ିର ନାଲ୍କୋ କାରଖାନାକୁ ଯୋଗାଣ କରାଯାଉଛି । ବିଦ୍ୟୁତ୍ ଉତ୍ପାଦନ ପରେ ପାୱାର ହାଉସ୍‌ରୁ ଉତ୍ପାଦିତ ନିଷ୍କାସିତ ଜଳକୁ ସତୀଗୁଡାଠାରେ ଏକ ଛୋଟ ଡ୍ୟାମ୍‌ରେ ସାମୟିକ ଭାବେ ଅଟକ ରଖି ଜୟପୁର, ବୋରିଗୁମ୍ମା ଓ କୋଟପାଡ ବ୍ଲକର ପ୍ରାୟ ୫୦ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ କରାଯାଉଛି ।

ଅପରପକ୍ଷେ, କୋଲାବ ଜଳଭଣ୍ଡାରର ପ୍ରାକୃତିକ ଶୋଭା ଯେକୌଣସି ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ଜଳଭଣ୍ଡାର ନିକଟରେ ଏକ ବଟାନିକାଲ୍ ଗାର୍ଡେନ୍ ଓ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଛି ଯାହାକି ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ଜଳଭଣ୍ଡାର, ବଟାନିକାଲ୍ ଗାର୍ଡେନ ଓ କୋଲାବ୍ ପାର୍କ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ । କୋଲାବ ପାର୍କରେ ପ୍ରାୟ ୨୦୦ ପ୍ରଜାତିର ଆକର୍ଷଣୀୟ

ଫୁଲ ଗଛ ରୋପଣ କରାଯାଇଛି । ମାଓବାଦୀ କାର୍ଯ୍ୟକଳାପକୁ ରୋକିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଏଠାରେ ବିଏସ୍ଏଫ୍ ଯବାନମାନଙ୍କ କ୍ୟାମ୍ପ ପ୍ରତିଷ୍ଠା ହୋଇଛି ।

'ମଧ୍ୟମ କୋଲାବ ପ୍ରକଳ୍ପ' ମାଧ୍ୟମରେ ଇନ୍ଦ୍ରାବତୀ ଓ କୋଲାବ ନଦୀ ମଧ୍ୟରେ ସଂଯୋଗୀକରଣ କରାଯାଇଛି । ଇନ୍ଦ୍ରାବତୀର ଉପନଦୀ ଜାଉରା ନାଳ ମାଧ୍ୟମରେ ଉଭୟ ନଦୀକୁ ସଂଯୋଗ କରାଯାଇଛି । ଗୋଟିଏ ଗୋଟିଏ ବର୍ଷ କୋଲାବ୍‌ରେ ପ୍ରବଳ ବନ୍ୟା ଆସିଥାଏ । ଏହାର ଏକ କାରଣ ରହିଛି । ଯେଉଁବର୍ଷ ଇନ୍ଦ୍ରାବତୀରେ ବନ୍ୟା ଉଗ୍ର ରୂପ ଧାରଣ କରେ, ସେ ବର୍ଷ ଇନ୍ଦ୍ରାବତୀର ବନ୍ୟା ଜଳକୁ ଜାଉରା ନାଳ ଦେଇ କୋଲାବ୍‌କୁ ଛଡ଼ା ଯାଇଥାଏ । ଏହା ଫଳରେ କୋଲାବ୍‌ର ଜଳ ଅଧିକ ଉଛୁଳୁଥାଏ । ସେହିଭଳି 'ମଧ୍ୟମ କୋଲାବ ପ୍ରକଳ୍ପ' ମାଧ୍ୟମରେ କୋଲାବ ନଦୀର କ୍ଷୁଦ୍ର ଉପନଦୀ କେରାଯୋଡ଼ି ଉପରେ ଏକ ବ୍ୟାରେଜ୍ ନିର୍ମାଣ କରାଯାଇଛି ।


## ବାଗ୍‌ରା ଜଳପ୍ରପାତ


ଜୟପୁର ଠାରୁ ଖୁବ୍ ନିକଟରେ କୋଲାବ ନଦୀ ପାହାଡ଼ ଉପରୁ ୩୦ ଫୁଟ ତଳକୁ ଖସିପଡ଼ି ଏକ ଆକର୍ଷଣୀୟ ଜଳପ୍ରପାତ ସୃଷ୍ଟି କରିଛି । ଏହାର ନାମ ବାଗ୍‌ରା ଜଳପ୍ରପାତ । ଜୟପୁର ସହରରୁ ଖଣ୍ଡଗୁଡ଼ା ଦେଇ ମାତ୍ର ପାଞ୍ଚ କିଲୋମିଟର ଗଲା ପରେ ପଡ଼େ ବାଗ୍‌ରା ଜଳପ୍ରପାତ । ବାଗ୍‌ରା ଜଳପ୍ରପାତ କୋରାପୁଟ ଜିଲ୍ଲାର ଅନ୍ୟତମ ପିକ୍‌ନିକ୍ ସ୍ପଟ୍ ଏବଂ ପ୍ରତି ଶୀତ ଋତୁରେ ଏଠାରେ ସହସ୍ରାଧିକ ପର୍ଯ୍ୟଟକଙ୍କ ସମାଗମ ଘଟିଥାଏ । ଏଠାରେ କୋଲାବ୍ ନଦୀର ପଥୁରିଆ ଶଯ୍ୟା ବେଶ ମନମୁଗ୍ଧକର । ପଥର ଶଯ୍ୟା ଦେଇ କୁଳୁକୁଳୁ ବହୁଥିବା କୋଲାବ୍ ଅନ୍ୟତମ ଆକର୍ଷଣ ।

## ମାଛକୁଣ୍ଡ ଡ୍ୟାମ୍ (ଜଳାପୁଟ ଜଳଭଣ୍ଡାର)

କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ ଅନ୍ତର୍ଗତ ଅନ୍‌କାଡେଲି ଠାରେ ଶାବରୀ ନଦୀର ମୁଖ୍ୟ ଉପନଦୀ ସିଲେରୁ ନଦୀରେ ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ହୋଇଛି । ଏହା ଏକ ପୁରାତନ ନଦୀବନ୍ଧ ଯୋଜନା । ଏହାର ପାୱାର ହାଉସ୍‌ଟି ଅନ୍‌କାଡେଲିଠାରେ ଥିବାବେଳେ ଜଳଭଣ୍ଡାର ଅନ୍‌କାଡେଲି ଠାରୁ ୧୦ କିଲୋମିଟର ଜଳାପୁଟ ଠାରେ ନିର୍ମିତ ହୋଇଛି । ଡୁଡୁମା ଜଳପ୍ରପାତଟି ମଧ୍ୟ ଅନ୍‌କାଡେଲି ଠାରେ ଅବସ୍ଥିତ ।

ଦେଶ ସ୍ୱାଧୀନ ହେବା ପୂର୍ବରୁ ଇଂରେଜ ଶାସନ ସମୟରୁ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ ହୋଇଥିଲା । ଏଥିରେ ଜୟପୁର ରାଜାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ବର୍ତ୍ତମାନ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରୁ ୧୨୦ ମେଗା ୱାଟ୍ ଜଳବିଦ୍ୟୁତ୍ ଉତ୍ପାଦନ ସମ୍ଭବ ହେଉଛି । ମାଛକୁଣ୍ଡ ଡ୍ୟାମ୍ ନିର୍ମାଣ ହେବା ପଛରେ ଏକ ଲମ୍ବା ଇତିହାସ ରହିଛି । ଜୟପୁର ରାଜ୍ୟର ଏହି ଅଞ୍ଚଳରେ ପ୍ରତିବର୍ଷ ମରୁଡ଼ି ଉଗ୍ର ରୂପ ଧାରଣ କରୁଥିବାରୁ ଏହା ରାଜାଙ୍କ ମୁଣ୍ଡବ୍ୟଥା ବଢ଼ାଇଥିଲା । ଏଣୁ ଏଠାରେ ମାଛକୁଣ୍ଡ ନଦୀ ଉପରେ ଯଦି ବନ୍ଧ ବନ୍ଧାଯାଇ ପାରନ୍ତା ତାହାହେଲେ ଜୟପୁର ରାଜ୍ୟବାସୀଙ୍କ ଚିନ୍ତା ଦୂର ହୋଇପାରନ୍ତା । ଏଭଳି ଚିନ୍ତା ରାଜାଙ୍କ ମନକୁ ଆସିଥିଲା । ଏଣୁ ୧୯୨୮ ମସିହା ବେଳକୁ ଜୟପୁର ରାଜା ପ୍ରଥମେ ଏଠାରେ ଏକ ଡ୍ୟାମ୍ ନିର୍ମାଣ କରିବାର ପରିକଳ୍ପନା କରିଥିଲେ । ୧୯୩୦ ମସିହାରେ ଏହି ଯୋଜନା କାର୍ଯ୍ୟକାରି ହେଲା । ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ସରକାରଙ୍କ ଦ୍ୱାରା ଏହି ପ୍ରକଳ୍ପଟି ନିର୍ମିତ ହୋଇଛି । ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ, ଉଭୟ ରାଜ୍ୟ ଶତକଡ଼ା ୫୦:୫୦ ପ୍ରତିଶତ ବିଦ୍ୟୁତ୍ ପାଇବା କଥା । ମାତ୍ର, ଦୀର୍ଘ ପଚାଶ ବର୍ଷ ଧରି ଓଡ଼ିଶା ଏହି ପ୍ରକଳ୍ପରୁ ମାତ୍ର ୩୦ ପ୍ରତିଶତ ବିଦ୍ୟୁତ୍ ପାଇ ଆସୁଥିଲା ଏବଂ ଆନ୍ଧ୍ର ପ୍ରଦେଶ ୭୦ ପ୍ରତିଶତ ହାସଲ କରୁଥିଲା । ଏହାକୁ ନେଇ ଓଡ଼ିଶା ସରକାର ନିଜର ଅସନ୍ତୋଷ ବ୍ୟକ୍ତ କରିବା ପରେ ଉଭୟ ସରକାରଙ୍କ ମଧ୍ୟରେ ପୁନର୍ବାର କଥାବାର୍ତ୍ତା ଆରମ୍ଭ ହୋଇଥିଲା । ଗତ ୨୦୦୮ ମସିହା ଠାରୁ ଓଡ଼ିଶା ୫୦ ପ୍ରତିଶତ ବିଦ୍ୟୁତ୍ ପାଇବାରେ ସକ୍ଷମ ହୋଇଛି ।




ଘୋର ଜଙ୍ଗଲ ମଧ୍ୟରେ ଜଳଭଣ୍ଡାର ନିର୍ମାଣ ହେବା ପୂର୍ବରୁ ଜଳାପୁଟ ମଧ୍ୟ ଏକ ଜଳପୂର୍ଣ୍ଣ ଖାଲୁଆ ଅଞ୍ଚଳ ଥିଲା । 'ଜଳାପୁଟ' ଶବ୍ଦଟିକୁ ବିଶ୍ଳେଷଣ କଲେ ଏହାର ଅର୍ଥ ଏମିତି ହେବ । 'ଜଳା' ଅର୍ଥ ଜଳ ଏବଂ 'ପୁଟ' ଅର୍ଥ ଆବାସ ସ୍ଥଳ । ଅର୍ଥାତ୍ ଅତୀତରେ ଏ ଅଞ୍ଚଳରେ ସିଲେରୁ ନଦୀର ପାଣି ଜମି ରହୁଥିବାରୁ ଏହାର ନାମ 'ଜଳାପୁଟ' ହୋଇଥିଲା । ଏ ଅଞ୍ଚଳଟି ଖାଲୁଆ ହୋଇଥିବାରୁ ସିଲେରୁ ନଦୀର ପାଣିକୁ ଏଠାରେ ଗଚ୍ଛିତ ରଖିବା ଉଚିତ୍ ହେବ ବୋଲି ସେତେବେଳର ଇଞ୍ଜିନିୟରମାନେ ଚିନ୍ତା କରି ମାଛକୁଣ୍ଡ ନଦୀ (ଅନ୍‌କାଡେଲି)ଠାରୁ ଦଶ କିଲୋମିଟର ଦୂର ଜଳାପୁଟଠାରେ ଜଳଭଣ୍ଡାର ନିର୍ମାଣ କରାଯାଇଥିଲା ।

ଅନ୍‌କାଡେଲି ସାପ୍ତାହିକ ହାଟଟି ଏ ଅଞ୍ଚଳରେ ଅତି ପ୍ରସିଦ୍ଧ ହାଟ । ଏହି ହାଟରେ ବଣ୍ଡା ଜନଜାତିର ଲୋକ ଏବଂ ସେମାନଙ୍କ କିଣାବିକା ଦେଖିବାକୁ ଦେଶବିଦେଶରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି ।

## ଡୁଡୁମା ଜଳପ୍ରପାତ

କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ ଅନ୍ତର୍ଗତ ଅନ୍‌କାଡେଲି ନିକଟରେ ଶାବରୀ (କୋଲାବ) ନଦୀର ମୁଖ୍ୟ ଉପନଦୀ ମାଛକୁଣ୍ଡ (ସିଲେରୁ) ନଦୀ ପାହାଡ଼ ଉପରୁ ଖସିପଡ଼ି ଏକ ବିରାଟ ସୁଦୀର୍ଘ ଜଳପ୍ରପାତ ସୃଷ୍ଟି କରିଛି । ଏହାର ନାମ 'ଡୁଡୁମା ଜଳପ୍ରପାତ' । ଏହା ଓଡ଼ିଶାର ସବୁଠୁ ଦୀର୍ଘତମ ଜଳପ୍ରପାତ ଭାବେ ଜଣା । ଡୁଡୁମା ଜଳପ୍ରପାତର ଉଚ୍ଚତା ୧୫୭ ମିଟର । ଡୁଡୁମା ଜଳପ୍ରପାତର ଅନ୍ୟନାମ ମଧ୍ୟ ମାଛକୁଣ୍ଡ ଜଳପ୍ରପାତ । ଏହା ଆନ୍ଧ୍ର ଓ ଓଡ଼ିଶା

ସୀମାରେ ଅବସ୍ଥିତ । ଆଶ୍ଚର୍ଯ୍ୟଜନକ ଭାବେ, ଡୁଡୁମା ଜଳପ୍ରପାତଟି ଦୁଇ ଭାଗରେ ବିଭକ୍ତ ହୋଇଯାଇଛି । ଗୋଟିଏ ଭାଗ ଆନ୍ଧ୍ର ସୀମାରେ ଥିଲବେଳେ ଅନ୍ୟ ଭାଗଟି ଓଡ଼ିଶା ମଧ୍ୟରେ ରହିଛି । ଏଣୁ ଡୁଡୁମା ଜଳପ୍ରପାତଟି ଆନ୍ଧ୍ର ଏବଂ ଓଡ଼ିଶାର ସୀମା ନିର୍ଦ୍ଧାରଣ କରିଥାଏ । ମାଛକୁଣ୍ଡକୁ ନେଇ ପୌରାଣିକ କିମ୍ବଦନ୍ତୀ ରହିଛି । ପୁରାଣରେ ଏହାର ନାମ 'ମତ୍ସ୍ୟ କୁଣ୍ଡ' । ଏହାର ନିକଟରେ କୋରାପୁଟ ଜିଲ୍ଲାର



ଅନ୍‌କାଡେଲି ଥିବାବେଳେ ଆନ୍ଧ୍ର ପ୍ରଦେଶର ପାଡ଼େରୁ ଅବସ୍ଥିତ । ସମଗ୍ର ରାଜ୍ୟରେ ଅନ୍‌କାଡେଲି ବଣ୍ଡା ହାଟର ଏକ ନିଆରା ପରିଚୟ ରହିଛି । ଏହା ଦକ୍ଷିଣ ଓଡ଼ିଶାର ସବୁଠୁ ବଡ଼ ହାଟ । ଅନ୍‌କାଡେଲି ବଣ୍ଡା ହାଟକୁ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକମାନେ ଆସିଥାନ୍ତି ।

## କୋଲାବ୍ ନଦୀ ଓ ମାଲ୍‌କାନଗିରି

ମାନଚିତ୍ରରେ ମାଲ୍‌କାନଗିରି ଜିଲ୍ଲାଟି ଦେଖିବାକୁ ତ୍ରିଭୁଜାକୃତିର । ଏହାର ଉତ୍ତର ଦିଗଟି ପ୍ରଶସ୍ତ, ପୂର୍ବରେ ଗୋବିନ୍ଦପାଲି ଘାଟ ଏବଂ ପଶ୍ଚିମରେ ଗୁପ୍ତେଶ୍ୱର ପର୍ଯ୍ୟନ୍ତ ପରିବ୍ୟାପ୍ତ । ମାଲ୍‌କାନଗିରି ଜିଲ୍ଲାର ଦକ୍ଷିଣଟି କ୍ଷୁଦ୍ର କ୍ଷୀଣାକୃତି ଏବଂ ମୋଟୁଠାରେ ଏହା ଏକ ବିନ୍ଦୁ ଭଳି ମନେ ହୋଇଥାଏ ।

ଦକ୍ଷିଣ-ପୂର୍ବାଞ୍ଚଳରେ ଦୁଇଟି ପର୍ବତମାଳା ବଣ୍ଡାଘାଟି ଠାରୁ ବାଲିମେଳା ଯାଏଁ ଲମ୍ବିଛି । ପୂର୍ବକୁ ଆନ୍ଧ୍ରପ୍ରଦେଶର ମଡଗୁଲ ପର୍ବତମାଳା ଅବସ୍ଥିତ । ଏହି ଅଞ୍ଚଳ ଦେଇ ମାଛକୁଣ୍ଡ (ସିଲେରୁ) ନଦୀଟି ସୂତାଖିଅ ଭଳି ଲମ୍ବି ଯାଇଥିବା ଦୃଶ୍ୟମାନ ହୋଇଥାଏ ।

ଏହି ମାଛକୁଣ୍ଡ ବା ମତ୍ସ୍ୟକୁଣ୍ଡ ନଦୀଟି ପୌରାଣିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ମାଛକୁଣ୍ଡ ନଦୀଟି ନିମଗିରି (ନନ୍ଦପୁର) ପର୍ବତମାଳାରୁ ଉତ୍ପତ୍ତିଲାଭ କରିଛି । ନନ୍ଦପୁର କୋରାପୁଟ ଗଡ଼ଜାତର ପ୍ରାଚୀନ ରାଜଧାନୀ ଥିଲା । ନନ୍ଦପୁରର ପଶ୍ଚିମକୁ ଆନ୍ଧ୍ର ପ୍ରଦେଶ ଅବସ୍ଥିତ ।

ନନ୍ଦପୁରର ସୂର୍ଯ୍ୟବଂଶୀ ରାଜାଙ୍କର ଦେବୀ ପୀଠ ଥିଲା 'ବାଦୀଗଡ଼' ଜଳପ୍ରପାତ । ଏହା ଡୁଡୁମା ଜଳପ୍ରପାତ ନାମରେ ଖ୍ୟାତ । ମାଛକୁଣ୍ଡ ନଦୀକୁ ଜଳବିଦ୍ୟୁତ୍ ଶକ୍ତିର ଗନ୍ତାଘର କହିଲେ ଭୁଲ ହେବନି । ମାତ୍ର, ମାଛକୁଣ୍ଡ ନଦୀ ଉପତ୍ୟକା ଖୁବ୍ ସଂକୀର୍ଣ୍ଣ ଏବଂ ଏହାର ଉପତ୍ୟକାରେ ଚାଷ ଜମି ନଥିବାରୁ ଏହାର ଜଳକୁ କୃଷି କାର୍ଯ୍ୟରେ ବିନିଯୋଗ କରି ହୁଏନା ।

ମାଲ୍‌କାନଗିରି ଜିଲ୍ଲାର ଭୌଗୋଳିକ ସ୍ଥିତି ଅତି ବିଚିତ୍ର । ବଣ ପାହାଡଘେରା ଏ ଅଞ୍ଚଳ ଖୁବ୍ ଦୁର୍ଗମ । ଘଞ୍ଚ ଜଙ୍ଗଲ ସାଙ୍ଗକୁ ଭଙ୍ଗୁର ପର୍ବତମାଳା ମଧ୍ୟରେ ଏ ଜିଲ୍ଲା ଅବସ୍ଥିତ । ଅତୀତରେ ଏହା ଦଣ୍ଡକାରଣ୍ୟ ନାମରେ ପରିଚିତ ଥିଲା । ଏଠାରେ ପୁରାଣ ବର୍ଣ୍ଣିତ ଅସୁରରାଜ ଦଣ୍ଡକ ଶାସନ କରୁଥିଲେ । ରାମଚନ୍ଦ୍ର ବନବାସ କାଳରେ ଏ ଅଞ୍ଚଳରେ କିଛି ସମୟ ଅତିବାହିତ କରିଥିଲେ ବୋଲି ଜନଶ୍ରୁତି ରହିଛି ।

ଏଠାରେ ରାମଚନ୍ଦ୍ର ଯେଉଁଠି ବାଳିକୁ ବଧ କରିଥିଲେ, ତାହା 'ବାଳିମଲା' ବା 'ବାଲିମେଳା' ନାମରେ ଖ୍ୟାତ ହେଲା । ଚିତ୍ରକୋଣ୍ଡା ଉପତ୍ୟକାର ଅସୁରଙ୍କ ରାଜଧାନୀ କୋଣ୍ଡାକାମ୍ବେରୁ ଅତ୍ୟନ୍ତ ଦୁର୍ଗମ ଓ ଭୟ ସଂାରକାରୀ ଥିଲା । ସୂଚନାଯୋଗ୍ୟ, କୋଣ୍ଡାକାମ୍ବେରୁ ବର୍ତ୍ତମାନ ଆଂଶିକ ଭାବେ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଜଳମଗ୍ନ ହୋଇ ଯାଇଛି ।

ଦେବୀ ସୀତା ଯେଉଁ ତମସା ନଦୀରେ ସ୍ନାନ କରିଥିଲେ ବୋଲି ରାମାୟଣରେ ବର୍ଣ୍ଣିତ ରହିଛି, ତାହା ହେଉଛି ମାଲ୍‌କାନଗିରି ଜିଲ୍ଲାରେ ପ୍ରବାହିତ ତମସା ନଦୀ । ତମସା ନଦୀ ପୋଟେରୁ ନଦୀର ଏକ ଶାଖା ନଦୀ ।



ରାମଚନ୍ଦ୍ର ଗୁପ୍ତେଶ୍ୱରରେ ମହାଦେବ ଶିବଙ୍କୁ ଆରାଧନା କରୁଥିଲେ । ପ୍ରଭୁ ରାମଚନ୍ଦ୍ର ଦଣ୍ଡକାରଣ୍ୟରେ ଅବସ୍ଥାନ କରୁଥିବା ସମୟରେ କୋଲାବ୍ ନଦୀ କୂଳରେ ଜଣେ ଶବରୀଠାରୁ ଅଇଁଠା ଫଳ ଖାଇଥିଲେ ବୋଲି ରାମାୟଣରେ ବର୍ଣ୍ଣନା ରହିଛି । ଏଣୁ କୋଲାବର ଏହି ଅଂଶଟି 'ଶବରୀ' ନାମ ଧାରଣ କରିଛି ବୋଲି କୁହାଯାଏ ।

## ବାଲିମେଳା ଡ୍ୟାମ୍

ସିଲେରୁ ନଦୀ (ମାଛକୁଣ୍ଡ) ଉପରେ ମାଲ୍‌କାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଠାରେ ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ହୋଇଛି । ବାଲିମେଳା ଠାରେ ଏହାର ପାଓ୍ୱାର୍ ହାଉସ୍ ନିର୍ମାଣ କରା ଯାଇଥିବା ବେଳେ ଏଠାରୁ ୨୫ କିଲୋମିଟର ଦୂର ଚିତ୍ରକୋଣ୍ଡା ଠାରେ ଜଳଭଣ୍ଡାର ନିର୍ମାଣ କରାଯାଇଛି । ଏହି ପ୍ରକଳ୍ପରୁ ୫୧୦ ମେଗାଓ୍ୱାଟ୍ ବିଦ୍ୟୁତ୍ ଉତ୍ପନ୍ନ ହେଉଛି । ବାଲିମେଳା ପାଓ୍ୱାର ଷ୍ଟେସନରୁ ନିର୍ଗତ ଜଳ ଓଡ଼ିଶା ଓ ଆନ୍ଧ୍ରର ଚାଷ ଜମିରେ ଜଳସେଚନ କରିଥାଏ । ଚିତ୍ରକୋଣ୍ଡା ଜଳଭଣ୍ଡାରର ଜଳ ମାଲ୍‌କାନଗିରି ଜିଲ୍ଲାର ମୋଟୁ ଓ

ମାଲ୍‌କାନଗିରି ସଦର ଅଞ୍ଚଳର ଚାଷଜମିକୁ ସେଚିତ କରୁଥିବାବେଳେ ବିଶାଖାପାଟଣା ସହରର ପାନୀୟ ଜଳ ସମସ୍ୟା ଦୂର କରିଥାଏ ।

ବାଲିମେଳା ପାୱାର ହାଉସ୍‌ରୁ ନିର୍ଗତ ଜଳକୁ ସୁର୍ଲିକୋଣ୍ଡା ଠାରେ ଏକ ବ୍ୟାରେଜ୍ ନିର୍ମାଣ କରି ଅଟକ ରଖା ଯାଇଛି । ସୁର୍ଲିକୋଣ୍ଡା ବ୍ୟାରେଜ୍‌ର ଜଳକୁ ତମସା ମେନ୍ କେନାଲ ଓ ଗୋମ୍ପାକୋଣ୍ଡା ମେନ୍ କେନାଲ୍ ମାଧ୍ୟମରେ ମାଲ୍‌କାନଗିରି ଜିଲ୍ଲାର ଚାଷଜମିକୁ ଜଳସେଚନ କରାଯାଇ ପାରୁଛି । 'ପୋଟେରୁ ଜଳସେଚନ ପ୍ରକଳ୍ପ' ଅଧୀନରେ ଏହି ଦୁଇ କେନାଲ ଖନନ କରାଯାଇଛି ।

ପୋଟେରୁର ଏକ ଶାଖା ନଦୀ ସତୀଗୁଡ଼ାରେ ୧୯୬୪ ମସିହାରେ ଦଣ୍ଡକାରଣ୍ୟ ପ୍ରକଳ୍ପ ମାଧ୍ୟମରେ ବଙ୍ଗାଳୀ ବିସ୍ଥାପିତଙ୍କ ପାଇଁ ସତୀଗୁଡା ମଧ୍ୟମ ଜଳସେଚନ ଯୋଜନା (ସତୀଗୁଡ଼ା ଡ୍ୟାମ୍) ନିର୍ମାଣ କରାଯାଇଥିଲା । ସେହି ସମୟରୁ ୧୯୬୦ ମସିହାରୁ ବାଲିମେଳା ଡ୍ୟାମ୍ ନିର୍ମାଣ କାମ ଆରମ୍ଭ ହୋଇ ୧୯୭୨ରେ ଶେଷ ହୋଇଥିଲା ।

ଚିତ୍ରକୋଣ୍ଡା ଠାରେ ସିଲେରୁ ନଦୀରେ ମାଟି ବନ୍ଧ ନିର୍ମାଣ କରାଯାଇ ଜଳଭଣ୍ଡାର ପାଣିକୁ ଟନେଲ୍ ସାହାଯ୍ୟରେ ବାଲିମେଳାକୁ ଆଣି ପାର୍ଶ୍ୱସ୍ଥ ପୋଟେରୁ ଉପତ୍ୟକାରେ ଛଡ଼ାଯାଉଛି । ଏଠାରେ ନିର୍ମିତ ପାୱାର ହାଉସରୁ ୫୧୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପନ୍ନ ହେଉଛି ।

## ପ୍ରସ୍ତାବିତ ପ୍ରସନ୍ନାପାଲି ଡ୍ୟାମ୍

ମାଲ୍‌କାନଗିରି ଜିଲ୍ଲାର ପଡ଼ିଆ ବ୍ଲକର ପ୍ରସନ୍ନାପାଲି ଠାରେ ଏକ ଡ୍ୟାମ୍ ନିର୍ମାଣ ହେବ ବୋଲି ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଥିଲେ । ମାତ୍ର ୧୯୭୦ ମସିହାରେ କ୍ରିଷ୍ଣା-ଗୋଦାବରୀ ଜଳ ବିବାଦ ଯୋଗୁଁ ଏହି କାମ ଆଗେଇ ପାରିନାହିଁ । ମାତ୍ର ସତୀଗୁଡା ଓ ପୋଟେରୁ ଡ୍ୟାମ୍ ନିର୍ମାଣ କାମ କ୍ରିଷ୍ଣା-ଗୋଦାବରୀ ଜଳ ବିବାଦ ପୂର୍ବରୁ ଆରମ୍ଭ ହୋଇ ଯାଇଥିବାରୁ ଏହି ଦୁଇ ଡ୍ୟାମ୍‌ର ନିର୍ମାଣ କାମ ଅଟକି ରହିଲା ନାହିଁ ।

## ଡଙ୍କାରାୟୀ ଜଳଭଣ୍ଡାର

ବାଲିମେଳା ଜଳଭଣ୍ଡାରର ଉଦ୍‌ବୃତ୍ତ ଜଳକୁ ଆନ୍ଧ୍ର ପ୍ରଦେଶର ଉପର ମୁଣ୍ଡକୁ ଛଡ଼ାଯାଇ ଯଥାକ୍ରମେ ଉପର ଉପର ସିଲେରୁ ଜଳବିଦ୍ୟୁତ ପ୍ରକଳ୍ପ, ନିମ୍ନ ସିଲେରୁ ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ଡଙ୍କାରାୟୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରାଯାଇଛି । ଶାବରୀ ନଦୀର ମୁଖ୍ୟ ଉପନଦୀ ସିଲେରୁ ନଦୀ ଉପରେ ଠାରେ ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ 'ଉପର ସିଲେରୁ ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ' ନିର୍ମାଣ ହୋଇଛି । ଏଠାରୁ ୨୪୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପନ୍ନ ହେଉଛି । ଏଠାରୁ ଜଳବିଦ୍ୟୁତ୍ ଉତ୍ପନ୍ନ ହେବାପରେ ଏହାର ଜଳକୁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଏବଂ ବିଜୟନଗରମ୍ ଜିଲ୍ଲାର ପାନୀୟ ଜଳ ଭାବେ ବ୍ୟବହାର କରା ଯାଉଛି । ସେହିଭଳି ସିଲେରୁ ନଦୀ ଉପରେ ଠାରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଏକ ମଧ୍ୟମ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ହୋଇଛି । ଏଥିରୁ ୨୫ ମେଗାୱାଟ ବିଦ୍ୟୁତ୍ ଉତ୍ପନ୍ନ ହେଉଛି । ସେହିଭଳି ସିଲେରୁ ନଦୀ ଉପରେ 'ନିମ୍ନ ସିଲେରୁ ଜଳବିଦ୍ୟୁତ୍ ପ୍ରକଳ୍ପ' ନିର୍ମିତ ହୋଇଛି । ଏଥିରୁ ୪୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପନ୍ନ ହେଉଛି । ଲୋୟର ସିଲେରୁ ପାୱାର ଷ୍ଟେସନରୁ ନିର୍ଗତ ଜଳକୁ ଆନ୍ଧ୍ର ପ୍ରଦେଶର ୟେଲୁରୁ ଜଳଭଣ୍ଡାରକୁ ଟନେଲ୍ ମାଧ୍ୟମରେ ଛଡ଼ାଯାଉଛି । ଏହି ପାଣି ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରୀ ଜିଲ୍ଲାରେ କୃଷି ଓ ଜଳସେଚନରେ ସହାୟକ ହେଉଛି । ଲୋୟର ସିଲେରୁ ନଦୀର ଅନ୍ୟ ନାମ 'ପୋଲୁରୁ' ।

## ପୋଲୁରୁ ଜଳପ୍ରପାତ (ଡଙ୍କାରାୟୀ ଜଳପ୍ରପାତ)

ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରୀ ଜିଲ୍ଲା (ବର୍ତ୍ତମାନ ତେଲେଙ୍ଗାନା ରାଜ୍ୟର ନୂତନ ଭାବେ ସୃଷ୍ଟି ହୋଇଥିବା ଖମାମ୍ ଜିଲ୍ଲା) ଅନ୍ତର୍ଗତ ଡଙ୍କାରାୟୀ ଗ୍ରାମ ନିକଟରେ ସିଲେରୁ ନଦୀ ପାହାଡ଼ରୁ ତଳକୁ ଖସି ପୋଲୁରୁ ଜଳପ୍ରପାତ ସୃଷ୍ଟି କରିଛି । ପୋଲୁରୁ ଜଳପ୍ରପାତର ଅନ୍ୟ ନାମ ମୋଥୁଗୁଦେମ୍ ଜଳ ପ୍ରପାତ । ସ୍ଥାନୀୟ ଅଞ୍ଚଳରେ ଏହାକୁ ମଧ୍ୟ ଥାଡ଼ିକେଭାଗୁ ଜଳପ୍ରପାତ କହନ୍ତି । ପୂର୍ବ ଗୋଦାବରୀ ଜିଲ୍ଲାର ଲାକ୍କାଭାରମ୍ ଜଙ୍ଗଲ ମଧ୍ୟରେ ଥିବା ଏହି ଜଳ ପ୍ରପାତଟିକୁ ଦେଖିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି ।

## କୋଲାବ (ଶାବରୀ) ନଦୀର ଉପନଦୀ

୧. ମାଛକୁଣ୍ଡ (ସିଲେରୁ), ୨. କରାଣ୍ଡି ନାଳ, ୩. ଗୁରାଡ଼ି ନାଳ, ୪. କଙ୍ଗେର (ଛତିଶଗଡ଼), ୫. ଗରିଆ ନାଳ, ୬. ଧର୍ମଗଡ଼ ନାଳ, ୭. ଜାମ୍ ନଦୀ, ୮. ମାଲେଙ୍ଗାର ନଦୀ, ୯. ମୁଲେରଭାଗୁ ନଦୀ, ୧୦. ପୋଟେରୁ, ୧୧. କେରାଯୋଡ଼ି, ୧୨. ତମସା, ୧୩. ସପ୍ତଧାରା

## ଗୁପ୍ତେଶ୍ୱର ପୀଠ ଓ ଶବରୀର କୁଳୁକୁଳୁ ସଙ୍ଗୀତ

ଜୟପୁରରୁ ପାତ୍ରପୁଟ ଲୁହାପୋଲ ଦେଇ ଗୁପ୍ତେଶ୍ୱର ଭ୍ରମଣ ଅନୁଭୂତି ବାସ୍ତବରେ ସ୍ୱର୍ଗୀୟ । ପାହାଡ଼ିଆ ଅଙ୍କାବଙ୍କା ପଥ ଦେଇ ଘଞ୍ଚ ଶାଳ ଜଙ୍ଗଲ ମଧ୍ୟରେ ନିସ୍ତବ୍ଧ ଯାତ୍ରା ପ୍ରକୃତରେ ସ୍ମରଣୀୟ । ମୁଁ ଅନେକବାର ସେହିସବୁ ରାସ୍ତା ଦେଇ କେତେବେଳେ ବୈପାରୀଗୁଡ଼ା, ଗୁପ୍ତେଶ୍ୱର ତ କେତେବେଳେ ବାମକୁ ଲମତାପୁଟ, ଡୁଡୁମା, ମାଛକୁଣ୍ଡ, ଅନ୍‌କାଡେଲି ଯିବାର ସୁଯୋଗ ପାଇଛି ।

ଶବରୀ ନଦୀର ତୀରରେ ରାମଗିରି ପାହାଡ଼ ଗୁମ୍ଫା ମଧ୍ୟରେ ମହାପ୍ରଭୁ ଗୁପ୍ତେଶ୍ୱରଙ୍କ ପୀଠ ଅବସ୍ଥିତ । କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ହଳଦୀକୁଣ୍ଡ ପଞ୍ଚାୟତର ଶିରିବେଡ଼ା ଗାଁରେ ଥିବା ଗୁପ୍ତେଶ୍ୱର ମନ୍ଦିର ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଶୈବକ୍ଷେତ୍ର । ପାହାଡ଼ ଗୁମ୍ଫା ମଧ୍ୟରେ ଅତ୍ୟନ୍ତ ଗୋପନୀୟ ଭାବେ ମହାଦେବ ଶିବ ପୂଜା ପାଉଥିବାରୁ ଏଠାରେ ମହାଦେବଙ୍କୁ 'ଗୁପ୍ତେଶ୍ୱର' (Hidden God) କୁହା ଯାଇଥାଏ । ଏହି ପାହାଡ଼ ଗୁମ୍ଫା ମଧ୍ୟ ଦେଇ ଶାବରୀ ନଦୀ ପାତାଳୀ ହୋଇଥିବାର କୁହାଯାଏ । ଶାବରୀ ଏହି ପାହାଡ଼ ଗୁମ୍ଫାରେ ଅନ୍ତର୍ଧାନ ହେବାର କିଛି ଦୂରରେ ପୁଣି ପ୍ରକଟିତ ହୋଇଛି । ଏହି ଚୂନପଥର ପାହାଡ଼ ଗୁମ୍ଫାରେ ପ୍ରାକୃତିକ ଉପାୟରେ ଏହି ଶିବଲିଙ୍ଗ ସୃଷ୍ଟି ହୋଇଛି ଏବଂ ଏହାର ଉଚ୍ଚତା ଦୁଇ ମିଟର । ପ୍ରତିବର୍ଷ ଏହି ଶିବଲିଙ୍ଗ ଆକାରରେ ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକେ କୁହନ୍ତି ।

ଗୁପ୍ତେଶ୍ୱରକୁ ନେଇ ଏକ ପୌରାଣିକ କିମ୍ବଦନ୍ତୀ ରହିଛି । ରାମାୟଣ କଥା ଅନୁସାରେ, ରାମଚନ୍ଦ୍ର, ଭ୍ରାତା ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କ ସହ ଦଣ୍ଡକାରଣ୍ୟରେ ବନବାସ କାଳରେ ବୁଲୁଥିବା ବେଳେ ଗୁପ୍ତେଶ୍ୱର ଶିବଲିଙ୍ଗ ପ୍ରାପ୍ତ ହୋଇଥିଲେ । ସେବେଠୁ ପ୍ରଭୁ ରାମଚନ୍ଦ୍ର ଗୁପ୍ତେଶ୍ୱରଙ୍କୁ ପୂଜା କରୁଥିଲେ । ରାମଚନ୍ଦ୍ର ଏହି ପାହାଡ଼ରେ ନିବାସ କରୁଥିବାରୁ ଏହାର ନାମ 'ରାମଗିରି' ହୋଇଛି । ମହାକବି କାଳିଦାସଙ୍କ 'ମେଘଦୂତମ୍' କାବ୍ୟରେ ମଧ୍ୟ ରାମଗିରି ପାହାଡ଼ର ଆକର୍ଷଣୀୟ ଶୋଭା ବର୍ଣ୍ଣନା ରହିଛି । ବିରହୀ ଯକ୍ଷ ନିଜ ପ୍ରେମିକା ପାଖକୁ ମେଘ ହାତରେ ପଠାଇଥିବା ସନ୍ଦେଶ, ଗୁପ୍ତେଶ୍ୱର ଓ ରାମଗିରି ପାହାଡ଼ର ସୌନ୍ଦର୍ଯ୍ୟ ବର୍ଣ୍ଣନା କାଳିଦାସଙ୍କ 'ମେଘଦୂତମ' କାବ୍ୟର ମୁଖ୍ୟ ବିଷୟବସ୍ତୁ ।



ଗୁପ୍ତେଶ୍ୱର ଠାରେ ପ୍ରତିବର୍ଷ ମହାଶିବରାତ୍ରୀରେ ଲକ୍ଷାଧିକ ଭକ୍ତଙ୍କ ସମାବେଶ ଘଟିଥାଏ । ଏଠାରେ ଶାବରୀ ନଦୀ ଓଡ଼ିଶା ଏବଂ ଛତିଶଗଡ଼ର ସୀମା ଦେଇ ବହୁଥାଏ । ଶାବରୀ ନଦୀ ପାର ହୋଇ ଛତିଶଗଡ଼ ପଟୁ ମଧ୍ୟ ବହୁ ସଂଖ୍ୟାରେ ଭକ୍ତ ଏଠାକୁ ଆସିଥାନ୍ତି । ଛତିଗଶଗଡ଼ର ଲୋକେ ଏହି ପୀଠକୁ 'ଗୁପ୍ତ କେଦାର' ନାମରେ ସମ୍ବୋଧନ କରିଥାନ୍ତି ।

ଜୟପୁର ରାଜା ଥରେ ଜଙ୍ଗଲ ଭ୍ରମଣ କରୁଥିବା ସମୟରେ ରାମଗିରି ପାହାଡ଼ ଗୁମ୍ଫା ମଧ୍ୟରେ ଥିବା ଶିବଲିଙ୍ଗର ଅନୁସନ୍ଧାନ କରିଥିଲେ ବୋଲି ସ୍ଥାନୀୟ ଲୋକେ କୁହନ୍ତି । ସେବେଠୁ ଏହି ମହାଦେବଙ୍କୁ ସ୍ଥାନୀୟ ଆଦିବାସୀମାନେ ପୂଜା କରି ଆସୁଛନ୍ତି । ଗୁପ୍ତେଶ୍ୱର ପୀଠରେ ପହଞ୍ଚିବା ପୂର୍ବରୁ ପ୍ରଥମେ ଡାଳଖାଇ ଠାକୁରାଣୀ ପଡ଼ିଥାନ୍ତି । ଡାଳଖାଇ ରାମଗିରି ପାହାଡ଼ ଗୁମ୍ଫାରେ ପୂଜା ପାଇଥାନ୍ତି । ଡାଳଖାଇ ଠାକୁରାଣୀଙ୍କୁ ଶାଳଡାଳ ଖଣ୍ଡେ ପ୍ରଦାନ କରି ଆଗକୁ ଯିବାକୁ ହୋଇଥାଏ । ଡାଳଖାଇଙ୍କୁ ଡାଳଖଣ୍ଡେ ନ ଦେଇ ଗୁପ୍ତେଶ୍ୱର ଭ୍ରମଣ ନିରର୍ଥକ ହୋଇଥାଏ । ଗୁପ୍ତେଶ୍ୱର ପାହାଡ଼ ଉପରେ ଗୁମ୍ଫା ମଧ୍ୟରେ ପୂଜା ପାଇଥାନ୍ତି । ପାହାଡ଼ ପାଦଦେଶରେ ପହଞ୍ଚିଲା ପରେ ଗୁମ୍ଫା ମଧ୍ୟକୁ ଯିବା ପାଇଁ ପାହାଚମାନ ନିର୍ମାଣ କରାଯାଇଛି । ପାହାଚ ଦେଇ ଗୁମ୍ଫାର ଦ୍ୱାର ଦେଶରେ ପହଞ୍ଚିଲା ପରେ ଅତି ସଂକୀର୍ଣ୍ଣ ଗୁମ୍ଫା ମଧ୍ୟ ଦେଇ ଭିତରକୁ ପ୍ରବେଶ କରିବାକୁ ହୋଇଥାଏ । ଗୁମ୍ଫା ମଧ୍ୟରେ ସଂକୀର୍ଣ୍ଣ ସୁଡ଼ଙ୍ଗ ପଥ ଦେଇ କିଛି ବାଟ ଅତିକ୍ରମ କଲା ପରେ ଗୁପ୍ତେଶ୍ୱର ଶିବ ଲିଙ୍ଗ ଦେଖାଯାଏ । ଏଠାରେ ଶିବ ଲିଙ୍ଗ ବ୍ୟତୀତ ଅନ୍ୟାନ୍ୟ ମୂର୍ତ୍ତି ଓ ଭାସ୍କର୍ଯ୍ୟ କଳା ଦେଖିବାକୁ ମିଳିଥାଏ । କୁହାଯାଏ, ଏଠାରୁ ଏକ ସୁଦୀର୍ଘ ସୁଡ଼ଙ୍ଗ ଅନେକ ଦୂରକୁ ଲମ୍ବିଛି । ଏ ସୁଡ଼ଙ୍ଗଟି ପ୍ରକୃତରେ କେଉଁ ଆଡକୁ ଯାଇଛି, ତାହା କେହି କହିପାରନ୍ତି ନାହିଁ । କାରଣ, ସୁଡ଼ଙ୍ଗଟିର କିଛି ବାଟ ଗଲା ପରେ ଏତେ ଅନ୍ଧାର ଯେ, ସେଠି କୌଣସି ଆଲୋକ ମଧ୍ୟ ତିଷ୍ଟି ପାରେନା । ଟର୍ଚ୍ଚଲାଇଟ୍ ଧରି କେତେ ଲୋକ ଯିବାକୁ ଉଦ୍ୟମ କରିଛନ୍ତି, ମାତ୍ର ବି'ଳ ହୋଇଛନ୍ତି ବୋଲି ସ୍ଥାନୀୟ ଲୋକେ କୁହନ୍ତି ।

ରାମଗିରି ପାହାଡ଼ ପାଦଦେଶରେ ଶାବରୀ ନଈ କୁଳୁକୁଳ ବହୁଥାଏ । ପ୍ରକୃତରେ ଏଠାରେ ଶାବରୀ ନଦୀ ଓ ଏହାର ପଥୁରିଆ ଶଯ୍ୟା ଅତ୍ୟନ୍ତ ମନୋରମ । ଶାବରୀ ନଦୀର ସ୍ରୋତ ଅତ୍ୟନ୍ତ ପ୍ରଖର ହୋଇଥିବାରୁ ଭକ୍ତମାନଙ୍କ ସ୍ନାନ ପାଇଁ ଏଠାରେ ଷ୍ଟିଲ ବାଡ଼ ନିର୍ମାଣ କରାଯାଇଛି ।

## ତିରଥଗଡ଼ ଜଳପ୍ରପାତ (ଛତିଶଗଡ଼)

ତିରଥଗଡ଼ ଜଳପ୍ରପାତର ଦୃଶ୍ୟକୁ ଯେ ଖୁବ୍ ନିକଟରୁ ଦେଖିଛି, ସେ ହିଁ ବ୍ୟକ୍ତ କରିପାରିବ ଏହାର ଅନନ୍ୟ ସୌନ୍ଦର୍ଯ୍ୟ । ଥରେ ମୋ' ଭାଗ୍ୟରେ ଜୁଟିଥିଲା, ତିରଥଗଡ଼ ଜଳପ୍ରପାତକୁ ଖୁବ୍ ନିକଟରୁ ଦେଖିବାର । ପ୍ରକୃତରେ ହୃଦୟ ଟହଲି ଯିବା ଭଳି ଏହାର ଦୃଶ୍ୟ । କୋଲାବ୍ (ଶାବରୀ) ନଦୀର ପ୍ରମୁଖ ଉପନଦୀ କଙ୍ଗେର ନଦୀ ଦ୍ୱାରା ପ୍ରସିଦ୍ଧ ତିରଥଗଡ଼ ଜଳପ୍ରପାତ ସୃଷ୍ଟି ହୋଇଛି । ଛତିଗଡ଼ର ବସ୍ତର ଜିଲ୍ଲା ସଦର ମହକୁମା ଜଗଦଲପୁରଠାରୁ ଦକ୍ଷିଣ-ପୂର୍ବ ଦିଗରେ ପ୍ରାୟ ୩୦ କିଲୋମିଟର ଗଲାପରେ ଏହି ପ୍ରସିଦ୍ଧ ଜଳପ୍ରପାତ ପଡ଼ିଥାଏ । କଙ୍ଗେର ନଦୀ ପାହାଡ଼ ଉପରୁ ଖସି ପଡ଼ି ଏକ ମନୋରମ ଜଳପ୍ରପାତ ସୃଷ୍ଟି କରିଛି । ଏହି ଜଳପ୍ରପାତର ଉଚ୍ଚତା ୯୧ ମିଟର (୩୦୦ ଫୁଟ) । ଏହି ଜଳପ୍ରପାତଟି ଛତିଶଗଡ଼ର ପ୍ରସିଦ୍ଧ 'କଙ୍ଗେର ଉପତ୍ୟକା ଜାତୀୟ ଉଦ୍ୟାନ'ର ଖୁବ୍ ନିକଟରେ ଅବସ୍ଥିତ । ଏହି ଜଳପ୍ରପାତ ନିକଟରେ ଏକ ପ୍ରାଚୀନ ଦୁର୍ଗ ଓ ରାଜପ୍ରାସାଦ ରହିଛି । ଜଗଦଳପୁରର ଖୁବ ନିକଟରେ ଇନ୍ଦ୍ରାବତୀ ନଦୀ ଚିତ୍ରକୁଟ ଜଳପ୍ରପାତ ସୃଷ୍ଟି କରିଥିବାବେଳେ କେହି କେହି ତିରଥଗଡ଼ ଜଳପ୍ରପାତକୁ ଇନ୍ଦ୍ରାବତୀ ନଦୀ ବୋଲି ଭ୍ରମରେ ପଡ଼ିଥାନ୍ତି । ମାତ୍ର, ତିରଥଗଡ଼ ଜଳପ୍ରପାତ ଇନ୍ଦ୍ରାବତୀ ନୁହେଁ, ଏହା କୋଲାବ ନଦୀର ଉପନଦୀ କଙ୍ଗେର ନଦୀ ।




ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।



## ଆଇନ ପରାମର୍ଶ - ୬

# ଡିଭୋର୍ସ ନେବା ପୂର୍ବରୁ ଜାଣି ରଖନ୍ତୁ



ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

### ଭାଗ-୧

ବର୍ତ୍ତମାନ ଆମ ସମାଜର ଅଧିକାଂଶ ସମ୍ପର୍କରେ ଫାଟ ସୃଷ୍ଟି ହେବାର ଦେଖିବାକୁ ମିଳୁଛି । ବେଳେବେଳେ ଅନେକଙ୍କ ମନରେ ଏପରି ଆଶଙ୍କା ଆସିଥାଏ ଯେ, ଏ ସମ୍ପର୍କ ତିଷ୍ଠି ପାରିବ ତ ? ସମସ୍ତେ ସମସ୍ତଙ୍କ ଜିଦ୍‌କୁ ନେଇ ଆଗେଇଲେ ସମ୍ପର୍କର ମଧୁରତା ନଷ୍ଟ ହୁଏ । ଅନେକାଂଶରେ ଆପୋଷ ବୁଝାମଣାର ଅଭାବ ସମ୍ପର୍କରେ କଟୁତା ଆଣିଥାଏ । କେତେକାଂଶରେ ଦେଖିବାକୁ ମିଳେ, ଘରର ଅନ୍ୟ ସଦସ୍ୟ ପତିପତ୍ନୀଙ୍କ ସମ୍ପର୍କ ମଝିରେ ପଶିଥାନ୍ତି । ଏହାଦ୍ୱାରା ମଧ୍ୟ ସମ୍ପର୍କ ଅଧିକ ଦିନ ତିଷ୍ଠି ନଥାଏ ।



ତେବେ ପ୍ରଶ୍ନ ଉଠୁଛି, ସମ୍ପର୍କରେ ଫାଟ ହେଲେ ଯଦି ଜଣେ ଭାବୁଛି ଡିଭୋର୍ସ ନେବ, ଏବଂ ଏଥିପାଇଁ ସେ ମାନସିକ ଭାବେ ପ୍ରସ୍ତୁତ, ତେବେ ଡିଭୋର୍ସ ନେବେ କେମିତି । ତେଣୁ ଡିଭୋର୍ସ ସଂପର୍କରେ ଆସନ୍ତୁ ଜାଣିବା କେତୋଟି ଗୁରୁତ୍ୱପୂର୍ଣ୍ଣ କଥା । ଏହା ଆପଣଙ୍କୁ ନିଶ୍ଚୟ ସାହାଯ୍ୟ କରିବ ଡିଭୋର୍ସ ବେଳେ । ଆପଣ ମହିଳା ହୁଅନ୍ତୁ କି ପୁରୁଷ, ଉଭୟଙ୍କ ପାଇଁ ଏହା ସମାନ କଥା । ଉଭୟଙ୍କୁ ଜାଣିବାର ଆବଶ୍ୟକତା ରହିଛି ।

### ନିଶ୍ଚିତ ହୁଅନ୍ତୁ

ଯଦି ଆପଣ ଡିଭୋର୍ସ ନେବାକୁ ଚାହୁଁଛନ୍ତି ତେବେ ନିଜକୁ ପଚାରନ୍ତୁ: ଡିଭୋର୍ସ ନେବାକୁ ଆପଣ ପ୍ରସ୍ତୁତ ତ ! ଆଗ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ପାଖେ ଡିଭୋର୍ସ ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ଆପଣ କ'ଣ ନିଜକୁ ପରିବର୍ତ୍ତନ କରି ଡିଭୋର୍ସ ରୋକିବା ପାଇଁ ସମସ୍ତ ଚେଷ୍ଟା କରି ସାରିଛନ୍ତି ? ପତି କି ପତ୍ନୀଙ୍କୁ ବୁଝାଇବାର ସମସ୍ତ ପ୍ରୟାସ କ'ଣ କରିସାରିଛନ୍ତି ? ଯଦି ସମସ୍ତ ଚେଷ୍ଟା କରିସାରିଛନ୍ତି ତେବେ ଡିଭୋର୍ସ ବିଷୟରେ ଭାବି ପାରିବେ । କିନ୍ତୁ ମନେରଖନ୍ତୁ ଡିଭୋର୍ସ ଏପରି ଏକ ବିଷୟ ଯଦି ଆପଣ ଡିଭୋର୍ସ ନେବାକୁ ମନସ୍ଥ କରି ମଝିରୁ ବନ୍ଦ କରୁଛନ୍ତି ସେତେବେଳେ ସମ୍ପର୍କରେ ଅଧିକ ତିକ୍ତତା ଆସି ଯାଇଥାଏ । ଆଇନଗତ ସମସ୍ୟା ମଧ୍ୟ ଉପୁଜଥାଏ ।

### ଆଇନ୍ ସମ୍ବନ୍ଧୀୟ ଜ୍ଞାନ

ଆପଣ ଯଦି ଡିଭୋର୍ସ ନେବାକୁ ଚାହୁଁଛନ୍ତି ତେବେ ଆପଣଙ୍କର ଆଇନ୍ ସମ୍ବନ୍ଧୀୟ ସମସ୍ତ ଜ୍ଞାନ ରହିବା ଆବଶ୍ୟକ । କେତେକ କ୍ଷେତ୍ରରେ ଦେଖାଯାଏ ଲୋକେ ଅଳ୍ପସ୍ୱଳ୍ପ ଜ୍ଞାନ ଥାଇ ଡିଭୋର୍ସ ପାଇଁ ଆଗେଇ ଆସନ୍ତି । ନଚେତ୍ ଏପରି ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥାନ୍ତି ଯିଏ ଦୁଇ ମାସରେ ଡିଭୋର୍ସ କରାଇ ଦେବାର ଫମ୍ପା ପ୍ରତିଶ୍ରୁତି ଦେଇଥାନ୍ତି । ଏପରି ସ୍ଥଳେ ଯଦି ଆପଣଙ୍କୁ ଉପଯୁକ୍ତ ବ୍ୟକ୍ତି ନମିଳନ୍ତି ତେବେ ଆପଣ ଆଇନଗତ ସଠିକ୍ ଜ୍ଞାନ ଆହରଣ କରିବାରୁ ବଞ୍ଚିତ ହେବେ । ସୁତରାଂ ଆପଣ ଏ ଦିଗରେ ସତର୍କ ରହିବା ଜରୁରୀ । କାରଣ ମନେ ରଖିବା ଦରକାର, କେହି ଯେମିତି ଆପଣଙ୍କୁ ଭୁଲ୍ ରାସ୍ତାରେ ନେଇ ନପାରେ ।

### ଆପଣଙ୍କ ଅଧିକାର

ଯଦି ଆପଣ ଡିଭୋର୍ସ ନେବାକୁ ଭାବୁଛନ୍ତି ପ୍ରଥମେ ଆପଣ ଆପଣଙ୍କ ଅଧିକାର ସମ୍ପର୍କରେ ଜାଣିବା ଆବଶ୍ୟକ । ଯଦି ଆପଣ ଜଣେ ମହିଳା, ତେବେ ଆଇନରେ ମହିଳାଙ୍କ ପାଇଁ କ'ଣ କ'ଣ ଅଧିକାର ରହିଛି ସେ ସମ୍ପର୍କରେ ଜାଣନ୍ତୁ । ଯଦି ଆପଣ ପୁରୁଷ, ତେବେ ଆଇନରେ ଆପଣଙ୍କ ପାଇଁ କ'ଣ କ'ଣ ଅଧିକାର ରହିଛି, ତାକୁ ପ୍ରଥମେ ଜାଣନ୍ତୁ । ତା'ପରେ ଡିଭୋର୍ସ ପାଇଁ ଆଗଭର ହୁଅନ୍ତୁ ।

### ଆପଣଙ୍କ ପ୍ରାଇଭେସିର ଧ୍ୟାନ ରଖନ୍ତୁ

କେତେକାଂଶରେ ଦେଖାଯାଏ, ଆପଣ ଯଦି ଚିନ୍ତିତ ଥାଆନ୍ତି କି କ୍ଷୁବ୍ଧ ଥାଆନ୍ତି ସେତେବେଳେ ଆପଣ ନିଜର ବ୍ୟକ୍ତିଗତ ଅନେକ କଥା ଅନ୍ୟକୁ କହିପକାନ୍ତି । ଏପରି ସ୍ଥଳେ ଆପଣଙ୍କର ଅପର ପକ୍ଷ ଏହାକୁ ହତିଆର ଭାବେ କୋର୍ଟରେ ବ୍ୟବହାର କରିବାର ସମ୍ଭାବନା ରହେ । ଯଦି ଆପଣ ଡିଭୋର୍ସ ନେବାକୁ ସ୍ଥିର ହିଁ କରି ସାରିଛନ୍ତି, ତେବେ ମନେରଖନ୍ତୁ ନିଜର ଗୋପନ କଥା ଅନ୍ୟ ସାମ୍ନାରେ କଦାଚିତ ପ୍ରକାଶ କରନ୍ତୁନି । କେଉଁ କଥା କେତେବେଳେ କିପରି ଏବଂ କାହା ସାମ୍ନାରେ କେତେ ବେଶି ପ୍ରକାଶ କରିବେ, ସେ ବିଷୟରେ ନିଶ୍ଚିତ ହୁଅନ୍ତୁ । ଏକଥା ଜଣେ ଅଭିଜ୍ଞ ଆଇନଜ୍ଞ ହିଁ ଆପଣଙ୍କୁ ସଠିକ ବତାଇ ପାରିବ । ସେ ହିଁ ଆପଣଙ୍କ କେସ୍ ଲଢ଼ି ଜିତାଇବାରେ ଆପଣଙ୍କୁ ସାହାଯ୍ୟ କରିବେ ।

### ପୋଲିସକୁ ରିପୋର୍ଟ କରନ୍ତୁ

ଯଦି ଆପଣଙ୍କୁ ମାଡ଼, ଗାଳି କିମ୍ବା ମାନସିକ ଓ ଶାରୀରିକ ଅତ୍ୟାଚାର କରାଯାଉଥାଏ, ତେବେ ଭୟ ନ କରି ତୁରନ୍ତ ପୋଲିସ୍ ଷ୍ଟେସନ୍‌କୁ ଯାଆନ୍ତୁ ଏବଂ ରିପୋର୍ଟ ଲେଖାନ୍ତୁ । କାରଣ ଆପଣ ଡିଭୋର୍ସ ନେବା ସମୟରେ ଏହି ରିପୋର୍ଟ ମଧ୍ୟ ଆପଣଙ୍କୁ ସାହାଯ୍ୟ କରିବ ।







ଲେଖିକା ସ୍ୱୟଂପ୍ରଭା ପଣ୍ଡା

# ଉଡୁପିର ଶ୍ରୀକୃଷ୍ଣ

**ସ୍ୱୟଂପ୍ରଭା ପଣ୍ଡା**
ପୱାଇ, ହୀରାନନ୍ଦନୀ ଗାର୍ଡ଼େନସ, ମୁମ୍ବାଇ-୪୦୦୦୭୬
ଫୋନ: ୮୩୬୯୦୧୨୧୫୪
ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ଉଡୁପି, ମାଙ୍ଗଲୋର୍ ଠାରୁ ପ୍ରାୟ ଷାଠିଏ କି.ମି. ଦୂରରେ ଅବସ୍ଥିତ, ଏକ ପ୍ରାକୃତିକ ପରିବେଶ ଭରା ଛୋଟ ସହର । କୁହାଯାଏ, ଉଡୁପି ହେଉଛି ସେହି ସ୍ଥାନ ଯେଉଁଠାରେ, ପୁରାଣ ଯୁଗରେ, ଚନ୍ଦ୍ର ଦକ୍ଷଙ୍କ ଅଭିଶାପରୁ ମୁକ୍ତି ପାଇ ନିଜ ସୌନ୍ଦର୍ଯ୍ୟ ଫେରି ପାଇଥିଲେ । ଉଡୁପି ଶବ୍ଦ 'ଉଡୁ+ପ'ରୁ ଉତ୍ପନ୍ନ ହୋଇଛି, ଯାହାର ଅର୍ଥ ପ୍ରଭୁ ଚନ୍ଦ୍ର । ପୁରାଣ ଅନୁଯାୟୀ, ଚନ୍ଦ୍ର, ରାଜା ଦକ୍ଷଙ୍କ ସତେଇଶିଟି ଝିଅଙ୍କୁ ବାହା ହୋଇଥିଲେ । ହେଲେ ଦକ୍ଷଙ୍କର ବାରମ୍ବାର କହିବା ସତ୍ତ୍ୱେ ସେ ନିଜ ସ୍ତ୍ରୀମାନଙ୍କ ଭିତରେ ଭେଦଭାବ କରୁଥିଲେ । ଏଥିଯୋଗୁଁ ରାଜା ଦକ୍ଷ ଅତ୍ୟନ୍ତ କ୍ରୋଧିତ ହୋଇ ଚନ୍ଦ୍ରଙ୍କୁ ଅଭିଶାପ



ଦେଇଥିଲେ: ସେ ଧୀରେ ଧୀରେ କ୍ଷୟ ହୋଇ ମୃତ୍ୟୁକୁ ପ୍ରାପ୍ତ ହେବେ । ଭୟଭୀତ ଚନ୍ଦ୍ର ବ୍ରହ୍ମାଙ୍କ କହିବା ଅନୁଯାୟୀ ଶିବଙ୍କ ଆରାଧନା କଲେ । ଚନ୍ଦ୍ରଙ୍କ କଠିନ ତଥା ଭକ୍ତିପୂର୍ଣ୍ଣ ଧ୍ୟାନ ଆଉ ନିଜ ସ୍ତ୍ରୀଙ୍କ ପ୍ରତି ଭେଦଭାବ କରୁଥିବା ଭୁଲ ପାଇଁ ତାଙ୍କ ଅନୁତାପରେ, ଶିବ ପ୍ରସନ୍ନ ହୋଇ ତାଙ୍କୁ ଶାପମୁକ୍ତ କରିଥିଲେ । ଚନ୍ଦ୍ର ଯେଉଁଠାରେ ତାଙ୍କର ତପ ତଥା ଅନୁତାପ କରିଥିଲେ ସେହି ସ୍ଥାନ 'ଉଡୁପି' ନାମରେ ପ୍ରସିଦ୍ଧି ଲାଭ କଲା । ସେ ପୂଜା କରୁଥିବା ଶିବ, ଚନ୍ଦ୍ର ମଉଳେଶ୍ୱରଙ୍କର, ଏଠି ଏକ ଭବ୍ୟ ମନ୍ଦିର ବି ଅଛି ।

ଏ ସହର ଠୁ ଅଳ୍ପ ଦୂରରେ ଅଛି ମଣିପାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଉ କସ୍ତୁରବା ବାଇ ମେଡ଼ିକାଲ୍ କଲେଜ । ପ୍ରତିବର୍ଷ ଶହଶହ ବାପାମାଆ ନିଜ ନିଜ ପିଲାଙ୍କୁ ଏ କଲେଜରେ ପଢ଼େଇବା ପାଇଁ ଦେଶ ତଥା ବିଦେଶରୁ ଆସିଥାନ୍ତି । ଆମେ ବି ସେମିତି ସେଠାକୁ ଯାଇଥିଲୁ ।

ମାଙ୍ଗାଲୁରରୁ ମଣିପାଲ୍ ଯିବା ରାସ୍ତାରେ ହିଁ ଉଡୁପି ପଡ଼େ । ସତ କହିବାକୁ ଗଲେ, ମୁଁ ଉଡୁପି ବୋଲି ଏକ ଜାଗା ଅଛି ଏହା ଜାଣିନଥିଲି । ସେ ଯାଏଁ ମୁଁ ଭାବୁଥିଲି ଦକ୍ଷିଣର ଖାଦ୍ୟ ପରଷୁଥିବା ହୋଟେଲ୍‌କୁ ଉଡୁପି ରେଷ୍ଟୋରାଁ କହନ୍ତି ଓ ଦକ୍ଷିଣୀ ଖାଦ୍ୟ ହିଁ ଉଡୁପି ବ୍ୟଞ୍ଜନ !

ପୁଅକୁ ମୋର ପ୍ରଥମଥର ପାଇଁ ହଷ୍ଟେଲ୍‌ରେ ଛାଡୁଥିବାରୁ, ମନ ମୋର ବଡ଼ ବିଚଳିତ ଥିଲା । ଯେମିତି ମୁଁ ଏଠାରେ ଥିବା କୃଷ୍ଣ ମନ୍ଦିର କଥା ଜାଣିବାକୁ ପାଇଲି, ସହସା ଭାବିଲି ଅଜଣା ଜାଗାରେ ପିଲାକୁ ଛାଡ଼ି କି ଯାଉଚି, କୃଷ୍ଣଙ୍କୁ ଟିକେ ଦର୍ଶନ କରି ଆସେ ।

ଗାଡ଼ିରେ ଗଲେ, ମଣିପାଲ୍ ଠୁ ଉଡୁପି, ମାତ୍ର ପନ୍ଦର ମିନିଟ୍‌ର ରାସ୍ତା । ସକାଳୁ ସକାଳୁ ଆମେ ସେଠି ପହଞ୍ଚି ଗଲୁ । ଗାଡ଼ି ଟିକେ ଦୂରରେ ଆମକୁ ଛାଡ଼ି ଦେଲା । ସେଠୁ ଚାଲି ଚାଲି ଯିବାକୁ ହେଲା । ବାଟରେ ଦେଖିଲୁ ରାସ୍ତାର ଦୁଇପଟେ ଗୋଟେ ପରେ ଗୋଟେ ଅନେକ ମଠ । ତାକୁ ସବୁ ଅତିକ୍ରମ କଲୁ । ଯେତେବେଳେ ଜୋତା ରଖିବାକୁ ଗଲୁ ତ ଦେଖିଲୁ ସେଠି ଏକ ବିରାଟ ରଥ ଠିଆ ହୋଇଛି ।

ପୁରୀର ଝିଅ ହିସାବରେ ରଥ ମୋ ପାଇଁ କିଛି ନୂଆ ନୁହେଁ, ହେଲେ ସେ ରଥର ଆକାରପ୍ରକାର ଖୁବ୍ ଅଦ୍ଭୁତ ଥିଲା । ବିରାଟ ବେଲୁନ୍ ପରି ଉପର ଅଂଶଟା ରଙ୍ଗବେରଙ୍ଗ କନାର ଝାଲରରେ ନିବୁଜ ହେଇ ଘୋଡ଼ାଇ ହୋଇଥିଲା ଆଉ ତଳଟା ମଜବୁତ୍ କାଠରେ ତିଆରି ହୋଇଥିଲା ।

ପୁରୀ ରଥ ଯିଏ ଦେଖିଥିବ ତାକୁ ସେ ରଥଟା ଭାରି ଅବାଗିଆ ଲାଗିବ, ଯେମିତି ଉପରଟା ଭାରି ଆଉ ତଳଟା ହାଲ୍‌କା ଲାଗିବ କାଳେ ଉପରକୁ ଗଡ଼ିପଡ଼ିବ କି ! କିନ୍ତୁ ପାଖକୁ ଯାଇ ଦେଖିଲି ଖୁବ୍ ସୁନ୍ଦର ତଥା ଭାରି ମଜବୁତ ରଥଟିଏ ଥିଲା ।

ମନ୍ଦିର ଆଡ଼କୁ ଯାଇଥିବା ରାସ୍ତାର ଦୁଇ ପଟେ ବହୁତ ଗୁଡ଼େ ଫୁଲ ଆଉ ପ୍ରସାଦ ଦୋକାନ ଥିଲା । ଆମେ ଫୁଲ ତଥା ପ୍ରସାଦ ଧରି ମନ୍ଦିର ଭିତରକୁ ଗଲୁ । ମାଧ୍ୟମ ଆକାରର ମନ୍ଦିରଟିଏ ।


ଦ୍ରାବିଡ଼ ମନ୍ଦିର ଶୈଳୀରେ ତିଆରି ହୋଇଛି ।

ମୁଖ୍ୟ ମନ୍ଦିର ଚାରିକୋଣିଆ ଆୟତାକାର କ୍ଷେତ୍ରଟିଏ ହୋଇ ମୋଟରୁ ସରୁ ହେଇ ଉପରକୁ ଉଠି ଯାଇଚି । ସାମ୍ନାରେ ଗୋଟେ ତୋରଣ ପରି ପ୍ରବେଶ ଦ୍ୱାର ଅଛି । କିଛିବାଟ ଆଗକୁ ବଢ଼ିଲା ପରେ ଆମେ ଯେତେବେଳେ ମନ୍ଦିର ଦ୍ୱାରରେ ପହଞ୍ଚିଲୁ, ସେଠୁ ଭିତରକୁ ଯିବାକୁ ବାଟ ନଥିଲା । ବରଂ ଆମେ ବୁଲିକି ଆସି ଗୋଟିଏ ଝର୍କା ବାଟେ ଠାକୁରଙ୍କୁ ଦେଖିଲୁ । ସେ ଝରକାରେ ନଅଟା ଛିଦ୍ର ଥିଲା ।

ଆଉ ସେଇ ଛିଦ୍ର ବାଟେ ହିଁ ବାଳକୃଷ୍ଣଙ୍କ ଅତି କମନୀୟ ମୂର୍ତ୍ତିକୁ ଆମେ ଦର୍ଶନ କରିଲୁ । ମନ୍ଦିର ପୂଜାରୀ ଆମକୁ କହିଲେ ଯେ, ସେ ମନ୍ଦିରର ଦୁଆର କେବେ ସର୍ବସାଧାରଣଙ୍କ ପାଇଁ ଖୋଲେନି । ସମସ୍ତେ ସେଇ ଝରକା ଦେଇ ହିଁ ଭଗବାନଙ୍କ ଦର୍ଶନ କରନ୍ତି ।

ପିଲାଦିନୁ ଆମେ ଜଗନ୍ନାଥଙ୍କ ସାହାଣ ମେଲା ଦର୍ଶନ ଦେଖିବାରେ ଅଭ୍ୟସ୍ତ । ଆଉ ଏଠି ଏମିତି ଏକ ଅଦ୍ଭୁତ କଥା ପ୍ରଚଳିତ ଥିବାର ଦେଖି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା । ଆମ ଆଶ୍ଚର୍ଯ୍ୟଭାବକୁ ଦେଖି ପୂଜକ ଆମକୁ ଏ ମନ୍ଦିରର କିମ୍ବଦନ୍ତୀ ଶୁଣେଇଲେ ।

ଅନେକ ବର୍ଷ ପୂର୍ବେ ଏଠାରେ ମାଧବାଚାର୍ଯ୍ୟ ନାମରେ ଜଣେ ବ୍ରାହ୍ମଣ ପଣ୍ଡିତ



ଥିଲେ । ସେ ହିନ୍ଦୁ ଧର୍ମର ଦ୍ୱୈତବାଦକୁ ଅନୁସରଣ କରୁଥିଲେ । ତାଙ୍କ ଜ୍ଞାନର ଗାରିମାରେ ମୁଗ୍ଧ ହୋଇ ଲୋକେ ତାଙ୍କ ପ୍ରବଚନ ଶୁଣିବାକୁ ତାଙ୍କ ପାଖକୁ ଆସୁଥିଲେ । ତାଙ୍କର ଆଠଜଣ ଶିଷ୍ୟ ଥିଲେ ।

ଦିନେ ମାଧବାଚାର୍ଯ୍ୟ ଏଠାରେ ଥିବା ମାଲ୍‌ପେ ସମୁଦ୍ର କୂଳରେ ବୁଲୁଥିବା ବେଳେ ହଠାତ୍ ଖୁବ୍ ଝଡ଼ ତୋଫାନ ଆରମ୍ଭ ହେଇଗଲା । ସେତେବେଳେ ସେ ଦୂରରେ ଦେଖିଲେ ଗୋଟେ ଜାହାଜ ଝଡ଼ ପ୍ରକୋପରେ ଉବୁଟୁବୁ ହେଉଛି । ସେ ତତ୍‌କ୍ଷଣାତ୍ ସେଇ ଜାହାଜକୁ ଆଲୋକ ଦେଖାଇ କୂଳ ପର୍ଯ୍ୟନ୍ତ ଆଣିବାକୁ ସାହାଯ୍ୟ କଲେ । ଜାହାଜର କ୍ୟାପ୍‌ଟେନ୍ ଅତି ଖୁସି ହୋଇ ତାଙ୍କୁ ଜାହାଜରୁ କିଛି ଗୋଟେ ଜିନିଷ ନେବାକୁ କହିଲେ ।

ମାଧବାଚାର୍ଯ୍ୟ ସେ ଜାହାଜରୁ ଗୋଟେ ଗୋପୀ ଚନ୍ଦନ ବା ତିଳକର ମାଟି ଟେଳାଟିଏ ପାଇଲେ । ସେ ସେଇଟିକୁ ନେବେ ବୋଲି କ୍ୟାପ୍‌ଟେନ୍‌ଙ୍କୁ କହିଲେ ।

ସେ ମାଟିଟେଳାକୁ ସେମାନେ ଜାହାଜକୁ ସ୍ଥିର ରଖିବା ପାଇଁ ବାଲାଷ୍ଟିକ୍ ଟ୍ୟାଙ୍କ୍‌ରେ ବ୍ୟବହାର କରୁଥିଲେ । ସେ ଖୁସିରେ ସେ ମାଟିଟେଳାକୁ ମାଧବାଚାର୍ଯ୍ୟଙ୍କୁ ସମର୍ପିଦେଲେ ।

ମାଧବାଚାର୍ଯ୍ୟଙ୍କ ଲୋକମାନେ ତାହା ଆଣୁଥିବା ବେଳେ ସେଇ ମାଟି ଟେଳାଟି ଦୁଇ ଭାଗରେ ବିଭକ୍ତ ହେଇଗଲା ଆଉ ତା ଭିତରୁ ଗୋଟେ ସୁନ୍ଦର କମନୀୟ କୃଷ୍ଣମୂର୍ତ୍ତି ବାହାରିଲା । ପ୍ରକୃତରେ ସେ ଜାହାଜ, ସେ ମାଟିପିଣ୍ଡୁଳାକୁ ଗୁଜୁରାଟରୁ ଆଣିକି ଆସିଥିଲା ।

କୃଷ୍ଣ ଯେବେ ଦ୍ୱାରକାର ରାଜା ହେଲେ ସେତେବେଳେ ତାଙ୍କ ମାତା ଦେବକୀ ଦିନେ ଦୁଃଖରେ କହିଲେ, "ହେ କୃଷ୍ଣ ! ତୁ ତ ମୋତେ ବଡ଼ ହେଇକି ମିଳିଲୁ । ତୋ ବାଲ୍ୟକାଳର ସବୁ ସୁନ୍ଦର କଥା ଯଶୋଦା ହିଁ ଦେଖି ପାରିଲେ । ତୋ ନଟ୍‌ଖଟ୍ କାର୍ଯ୍ୟ, ତୋ ଲହୁଣୀ ଚୋରି, ତୋର ବାଲ୍ୟକାଳର ସେ ଦୁଷ୍ଟାମୀ ଆଉ ଦରୋଟି କଥା ମୁଁ ଏସବୁ କିଛି ଦେଖି ପାରିଲିନି ।"

ମାତାଙ୍କ ଏମନ୍ତ କଥା ଶୁଣି କୃଷ୍ଣ ନିଜ ରୂପ ବଦଳେଇ କିଛି ସମୟ ପାଇଁ ବାଳକୃଷ୍ଣରେ ପରିବର୍ତ୍ତିତ ହୋଇଗଲେ ଓ ଦେବକୀଙ୍କୁ ସେ ନିଜର ପିଲାଦିନ ଦର୍ଶନ କରାଇଲେ । ଏସବୁ କଥା ରୁକ୍ମିଣୀ ଅନ୍ତରାଳେ ଥାଇ ଦେଖୁଥିଲେ । ସେ ଛୋଟ କୃଷ୍ଣଙ୍କ ମନମୁଗ୍ଧକର ରୂପ ଦେଖି ଏତେ ବିମୋହିତ ହୋଇଗଲେ ଯେ ସେ ନିଜ ସ୍ୱାମୀଙ୍କୁ ଅବିକଳ ସେମିତି ଏକ ବାଳକୃଷ୍ଣ ପ୍ରତିମୂର୍ତ୍ତି ଗଢ଼ିଦେବାକୁ କହିଲେ । ସେପରି ଏକ ମୂର୍ତ୍ତି ଗଢିବା ପରେ ତାହା ରୁକ୍ମିଣୀଙ୍କୁ ଦେଲେ । ରୁକ୍ମିଣୀ ସେହି ମୂର୍ତ୍ତିକୁ ସବୁବେଳେ ପୂଜା କରୁଥିଲେ । ହେଲେ ସମୟ ବିତିବା ସହ ସେ ମୂର୍ତ୍ତି ଧୀରେ ଧୀରେ ମାଟିରେ ପୋତି ହୋଇଗଲା ଆଉ ସେହି ମୂର୍ତ୍ତି ସମୟକ୍ରମେ ସେ ବଣିକ ସଂଗେ ଆସି ଉଡୁପିରେ ପହଁଚିଲା ।

ତେବେ ଜାହାଜରୁ ସେ ମାଟିଟେଳାକୁ ରାସ୍ତାରେ ଆଣୁଥିବା ବେଳେ ସେଇଟି ଭାଙ୍ଗିଗଲା ଆଉ ସେଥିରୁ ସେ ମୂର୍ତ୍ତି ବାହାରି ତଳେ ପଡ଼ିଗଲା । ଯୋଉ ଲୋକମାନେ ତାକୁ ବୋହିକି ଆଣୁଥିଲେ ସେମାନେ ମାଟିରୁ ବାହାରିବା ପରେ, ତାକୁ ଯେତେ ଚେଷ୍ଟା କଲେ ବି ଉଠାଇ ପାରିଲେନ । କିନ୍ତୁ ଯେତେବେଳେ ମାଧବାଚାର୍ଯ୍ୟ ତାକୁ କୁଣ୍ଢେଇ ଧରି ଉଠେଇଲେ ସେ ମୂର୍ତ୍ତି ଛୋଟ ଛୁଆଟେ ପରି ତାଙ୍କ କୋଳରେ ଆସୀନ ହୋଇଗଲା ।

ମାଧବାଚାର୍ଯ୍ୟ ସେହି ମୂର୍ତ୍ତିକୁ ଆଣି ଏ କୃଷ୍ଣମନ୍ଦିର ନିର୍ମାଣ କରି ସେଥିରେ ସ୍ଥାପନା କରାଇଲେ । ସେ ଏହି ମୂର୍ତ୍ତିର ପୂଜା ପଦ୍ଧତିର ରଚନା କଲେ ଏବଂ ନିଜର ଶ୍ରେଷ୍ଠ ୮ଜଣ ଶିଷ୍ୟଙ୍କୁ ଶିଖାଇ ଦେଲେ । ସେଇ ଶିଷ୍ୟମାନେ ମାଧବାଚାର୍ଯ୍ୟଙ୍କ ମୃତ୍ୟୁ ଉପରାନ୍ତେ ଆଠଟି ଆସ୍ଥା ମଠର ସ୍ଥାପନ କଲେ । ସେଇ ମଠମାନଙ୍କର ମଠାଧିଶ ହେଲେ ସେହି ଆଠ ଜଣ ଶିଷ୍ୟ । ପ୍ରତି ଦୁଇବର୍ଷରେ ଥରେ ଗୋଟିଏ ମଠ ଅନ୍ୟ ମଠକୁ ପୂଜାର ଦାୟିତ୍ୱ ହସ୍ତାନ୍ତର କରେ । ଏହାକୁ ପରାୟାୟ ପର୍ବ କୁହାଯାଏ ଓ ଏହା ବଡ଼ ଜାକଜମକରେ ଏଠାରେ ପାଳନ ହୁଏ । ଏହା ପ୍ରତ୍ୟେକ ଯୁଗ୍ମ ବର୍ଷରେ, ଯଥା ୨୦୦୮, ୨୦୧୦...ଏମିତି ଭାବେ ପାଳିତ ହୁଏ ।

ମାଧବାଚାର୍ଯ୍ୟ ଯୋଉ ଦ୍ୱୈତ୍ୱ ଦର୍ଶନ ଲୋକଙ୍କୁ ଶିଖାଉଥିଲେ, ଏହି ମଠ





ଗୁଡ଼ିକ ତାକୁ ଆଗକୁ ବଢ଼ାଇବାରେ ଖୁବ୍ ପରିଶ୍ରମ ଆଉ ପୃଷ୍ଠପୋଷକତା କରିଛନ୍ତି ।

ଏଇଠୁ ପ୍ରସିଦ୍ଧ ଦାସସାହିତ୍ୟର ରଚନା ଆରମ୍ଭ ହୋଇଥିଲା ଓ କର୍ଣ୍ଣାଟକରେ ଦାସସାହିତ୍ୟର ପ୍ରଚାର ଆଉ ପ୍ରସାରଣର ମୁଖ୍ୟ କେନ୍ଦ୍ର ଥିଲା । ସେମାନେ ତତ୍ତ୍ୱବାଦ ତଥା ଦ୍ୱୈତ୍ୱ ଦର୍ଶନର ପ୍ରଚାର ଓ ପ୍ରସାର କରିଥିଲେ । ସେ ମଠ ଗୁଡ଼ିକ ମନ୍ଦିରର ଦୁଇ ପାର୍ଶ୍ୱରେ ଏବେ ବି ଅଛି ଓ ମନ୍ଦିର ସେଇମାନଙ୍କ ଦ୍ୱାରା ପରିଚାଳିତ ହେଉଚି । ସେଇ ମଠ ମଝିଦେଇ ଯାଇଥିବା ରାସ୍ତାରେ ଠାକୁରଙ୍କର ତିନିଟି ରଥ, ଦୁଇଟି କାଠ ଆଉ ଗୋଟିଏ ରୂପାର: ମକର ସଂକ୍ରାନ୍ତି, ଜନ୍ମାଷ୍ଟମୀ, ଦୀପାବଳିରେ ବଡ଼ ସୁସଜ୍ଜିତ ହୋଇ ବାହାରନ୍ତି ।

କେବେ ଓ କେତେବେଳେ କୋଉ ରଥ ବାହାରିବ, ତାର ନିୟମ ରହିଛି, ହେଲେ ଲକ୍ଷଦୀପ ଉତ୍ସବ ଦିନ ପ୍ରାୟ ସବୁ ରଥ ବାହାରନ୍ତି । ଏଠାରେ ପାଳନ କରା ଯାଉଥିବା ଲକ୍ଷଦୀପ ଉତ୍ସବ ବଡ଼ ଲୋକପ୍ରିୟ । ସେଥିରେ ରଥଗୁଡ଼ିକୁ ସୁସଜ୍ଜିତ କରି ବହୁତ ବାଣ ରୋଷଣିରେ ଦିଅଁଙ୍କୁ ବସାଇ ସେହି ମଠ ରାସ୍ତାରେ ବୁଲାନ୍ତି । ତିନିଦିନ ଧରି ଖୁବ୍ ଜାକଜମକରେ ଏ ଉତ୍ସବ ପାଳିତ ହୁଏ । ଏଥିରେ ଲକ୍ଷାଧିକ ଦୀପ ଏକ ସଙ୍ଗରେ ଜଳାଇ ଠାକୁରଙ୍କର ସ୍ୱାଗତ କରାଯାଏ । ସେ ସମୟରେ ହଜାର ହଜାର ଲୋକ ସମାଗମ ହୋଇଥାଏ ।

ଏ ମନ୍ଦିରର ଆଉ ଏକ ବିଶେଷତା ଅଛି । ସାଧାରଣତଃ ଭାରତର ଅନ୍ୟ ସମସ୍ତ ମନ୍ଦିରରେ ଭଗବାନଙ୍କ ବିଗ୍ରହ ପୂର୍ବ ଆଡ଼କୁ ମୁହଁ କରିଥାନ୍ତି । କିନ୍ତୁ ପଶ୍ଚିମ ଆଡ଼କୁ ମୁହଁ ଥିବା ବିଗ୍ରହ ବହୁତ କ୍ୱଚିତ୍ ଦେଖାଯାଏ ।

ଉଡୁପି ଶ୍ରୀକୃଷ୍ଣ ମନ୍ଦିର ଏହି ଅନନ୍ୟ କୃଷ୍ଣ ବିଗ୍ରହ ପାଇଁ ପ୍ରସିଦ୍ଧ, ଯାହାର ପ୍ରବେଶ ଦ୍ୱାର ଦେଇ ନୁହେଁ ବରଂ ଝରକା ଦେଇ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିଙ୍କୁ ଦର୍ଶନ କରାଯାଏ । ଏ ଝରକାରେ ନଅଟି ଛିଦ୍ର ଅଛି, ସେଇ ଛିଦ୍ରବାଟେ ହିଁ ସମସ୍ତେ ଦର୍ଶନ କରନ୍ତି । ଏହାକୁ ନେଇ ବି ବଡ଼ ସୁନ୍ଦର କଥାଟିଏ ଅଛି ।

ମଧ୍ୟଯୁଗୀୟ ଭାରତରେ, ଯେତେବେଳେ ବର୍ଣ୍ଣଭେଦ, ଜାତିଭେଦ ବିକଶିତ ହେଲା, ସେତେବେଳେ ଲୋକଙ୍କ ମଧ୍ୟରେ ଜାତିକୁ ନେଇ ଅନେକ ଭେଦଭାବ ସୃଷ୍ଟି ହେଲା । ୧୫ଶ ଶତାବ୍ଦୀରେ ବାସ କରୁଥିବା କନକଦାସ କର୍ଣ୍ଣାଟକର ଜଣେ ଜଣାଶୁଣା କବି, ଯୋଦ୍ଧା ତଥା ଶ୍ରୀକୃଷ୍ଣଙ୍କର ଜଣେ ବଡ଼ ଭକ୍ତ ଥିଲେ । କୁହାଯାଏ ଯେ କୃଷ୍ଣଙ୍କର ଏହି ଭକ୍ତ ନିଜ ରାଜ୍ୟ ହରେଇ ମନଦୁଃଖରେ ଯେତେବେଳେ କୃଷ୍ଣଙ୍କ ପାଖକୁ ନିଜ ଗୁହାରି ନେଇ ଆସିଲେ, ଭକ୍ତ କନକଦାସଙ୍କୁ ତାଙ୍କ ଜାତି ହେତୁ ମନ୍ଦିରରେ ପ୍ରବେଶ କରିବାକୁ ବାରଣ କରା ଯାଇଥିଲା । ତେଣୁ ସେ ମନ୍ଦିରର ପଛପଟେ ଠିଆ ହୋଇ ପ୍ରଭୁଙ୍କୁ ରାତିସାରା ପ୍ରାର୍ଥନା କଲେ ଏବଂ ଭଜନ ଗାଇଲେ । ଶ୍ରୀକୃଷ୍ଣ ତାଙ୍କର ଭକ୍ତି ତଥା ସୁନ୍ଦର ଗୀତ ଶୁଣି ଏତେ ମୁଗ୍ଧ ହେଲେ ଯେ, ନିଜ ଆସ୍ଥାନ ଛାଡ଼ି କନକଦାସଙ୍କ ଆଡ଼କୁ ମୁହାଁଇଲେ । ତାଙ୍କ ସାମ୍ନାରେ ଥିବା କାନ୍ଥ ଭାଙ୍ଗି ସେ କନକଦାସଙ୍କ ସାମ୍ନାକୁ ଆସିଲେ । ସକାଳୁ ସମସ୍ତେ ଏହି ଅଭିନବ ଦୃଶ୍ୟ ଦେଖି ଅଭିଭୂତ ହୋଇଗଲେ । ସେବେଠାରୁ କୃଷ୍ଣ ସେହିପରି ପଶ୍ଚିମ ମୁଖା ହୋଇ ରହିଛନ୍ତି ଏବଂ କେବଳ ଏକ ଝରକା ଦେଇ ଦେଖା ଦେଉଛନ୍ତି । ଏହି ଝରକାର ନାମ କନକାନା କିଣ୍ଡି ବା କନକ ୱିଣ୍ଡୋ କୁହାଯାଏ ।




ଏହି ଘଟଣା ପରେ ଯେତେବେଳେ ପୂଜକ କନକଦାସଙ୍କ ଭକ୍ତିକୁ ସମସ୍ତେ ବୁଝି ପାରିଲେ, ସେମାନେ ତାଙ୍କୁ ସମ୍ମାନ ଜଣାଇବା ସହ ସମସ୍ତ ନୀଚଜାତିର ଲୋକଙ୍କୁ ମନ୍ଦିର ଭିତରକୁ ପ୍ରବେଶର ଅନୁମତି ଦେଲେ ।

ଏହି ମନ୍ଦିରରେ ଗୋଟେ ଗୋଶାଳା ଏବଂ ଦ୍ୱୀପଦାଣ୍ଡି ଥିବା ପୁଷ୍କରିଣୀଟିଏ ମଧ୍ୟ ଅଛି । ଲକ୍ଷଦୀପ ଉତ୍ସବ ଦିନ ଠାକୁର ନୌକାରେ ବସି ଯା ଭିତରେ ବୁଲନ୍ତି । ଏଠାରେ ପ୍ରସାଦ ପ୍ରତିଦିନ ତିଆରି ହୁଏ ଆଉ ପାଖାପାଖି ୨୦୦୦ ଲୋକଙ୍କୁ ଆନ୍ନାଦାନମ୍ ମଧ୍ୟ ପରିବେଷଣ କରାଯାଏ ।

ଉଡୁପିର କୃଷ୍ଣ ମନ୍ଦିର ବିଷୟରେ ଆମେ କିଛି ବି ନଜାଣି ଯାଇଥିଲୁ । ହେଲେ ଛୋଟକୃଷ୍ଣ ଆମ ମନକୁ ଏମିତି ମୋହି ନେଲେ ଯେ ଆମେ ତା'ପରେ ଆହୁରି ଅନେକ ଥର ସେଠାକୁ ଯିବାକୁ ଭୁଲି ନଥିଲୁ । ଆମ ସ୍ମୃତିରେ ସେ କୃଷ୍ଣ ମନ୍ଦିର ଗୋଟେ ମଧୁର ସ୍ମୃତି ହୋଇ ରହି ଯାଇଛି ।

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



|| ଭାଗ-୧୪ ||




**ନେତାଜୀ ଅଭିନନ୍ଦନ**

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୭୫୧୦୦୩
ଫୋନ୍ : ୯୦୪୦୦୦୩୧୨୩


ଫଟୋ ସୌଜନ୍ୟ : ଗୁଗୁଲ୍

# ଆହେ ନୀଳ ଶଇଳ

ଆହେ ନୀଳ ଶଇଳ
ପ୍ରବଳ ମତ୍ତ ବାରଣ
ତୋ ଆରତ ନଳିନୀ
ବନକୁ କର ଦଳନ
ଆହେ ନୀଳ-ଶଇଳ, ଆହେ ନୀଳ-ଶଇଳ ।
ଶୁଣୁଛ ନା ନାହିଁ,
ମୋ କାକୁତି, ମୋ ବିନତି ତମ କାନରେ, ପଡୁଛି ନା ନାହିଁ ।
କାଳିଆ ଶୁଣୁଛି ନା ଶୁଣୁନି
କାଳିଆ ଦେଖୁଛି ନା ଦେଖୁନି ।
ନା, କାଳିଆ ସତସତିକା ଦାରୁଭୂତ ମୁରାରି
କିଛି ଦେଖୁନି କି କିଛି ଶୁଣୁନି ।

ରତ୍ନ ସିଂହାସନ ଚକଡ଼ା ଉପରେ ଆଣ୍ଠ ମାରି କାଳିଆ ବସିଛି ନିଶ୍ଚୟ ମୂର୍ତ୍ତିଟିଏ ହୋଇ । ପ୍ରାଣହୀନ, ସତ୍ତାହୀନ ନିରୁତା କାଠ କଣ୍ଢେଇଟିଏ ଭଳି ।

ଶ୍ରୀମନ୍ଦିର ବାହାରେ ତେଣେ ତେଜିବାରେ ଲାଗିଛି କନ୍ଦଳ । ମଠ ବାଜ, ମନ୍ଦିର, ଜେଣାଘଣ, ଆଖଡ଼ା, ଅର, କିଲ୍ଲା-ସବୁଠି ଗୋପନ ଅଳିନ୍ଦରେ ରଚାଯିବାରେ ଲାଗିଛି ଷଡ଼ଯନ୍ତ୍ରର ନୂଆ ନୂଆ ପର୍ବ । ଚାଲିଛି ମସୁଧା । ରାତିର ଅନ୍ଧାରରେ ମେଳି କରୁଛନ୍ତି । ମନ୍ତ୍ରୀ ଅମାତ୍ୟ ପାରିଷଦ, ବକ୍‌ସି ସଭିଏଁ । କିଛିଙ୍କୁକାଳିଆ ଚିନ୍ତା, କଳିଙ୍ଗ ଚିନ୍ତା ତ ଆଉ କିଛିଙ୍କୁ ସିଂହାସନ ଓ ଗଜପତି ଶିରପା ଚିନ୍ତା । ଉଭୟ ପଟେ ଚାଲିଛି ଅଂକକଷା । ହେଉଛି ଗୋଟିଏ ଚାଳନା । ଉଭୟେ ଉଭୟଙ୍କ ଉପରେ ରଖିଛନ୍ତି ତୀକ୍ଷ୍ଣ ନଜର । ଦିନରାତି ଗୁପ୍ତଚରଙ୍କ ଘୋଡ଼ା ଛୁଟିଚାଲିଛି ଏ ଦିଗରୁ ସେଦିଗ । ଟିକିଏ ହେଲେ ତର ନାହିଁ । ସତେ ଯେମିତି ଏ ହେଉଛି ଶେଷ ଯୁଦ୍ଧ । ବାହାରର ଶତ୍ରୁ ବିରୁଦ୍ଧରେ ଯେତିକି ନୁହେଁ, ପରସ୍ପର ବିରୁଦ୍ଧରେ ତତୋଧିକ । ପ୍ରାଣାନ୍ତକ ଲଢ଼େଇ ।

ଶାସନ, ସିଂହାସନ, ଶ୍ରୀମନ୍ଦିର, ସର୍ବୋପରି କଳିଙ୍ଗର ସାର୍ବଭୌମତ୍ୱ ପାଇଁ ଏ ଲଢ଼େଇ ।

ଗୋଟିଏ ପଟେ ବକ୍‌ସି ବେଣୁ ଭ୍ରମରବର । ଅନ୍ୟପଟେ ରାମଚନ୍ଦ୍ର ଦେବ । ବକ୍‌ସିଙ୍କ ପଟେ ଦେଓ୍ୱାନ କୃଷ୍ଣ ନରେନ୍ଦ୍ର, ମୁକ୍ତି ମଣ୍ଡପର କିଛି ପଣ୍ଡିତ, ମନ୍ଦିରର କିଛି ସେବାୟତ ତ ରାମଚନ୍ଦ୍ର ଦେବଙ୍କ ପଟେ ବୋଧେ କେଳେ କାଳିଆ ।

କଟକ ବାରବାଟୀ କିଲ୍ଲାରେ ତେଣେ ଚଉକସ ମାରି ବସିଛି ନାଏବ ନାଜିମ୍‌ତକିଖାଁ । ତା'ର ଶ୍ୱେନ ଦୃଷ୍ଟି 'ପୁରୀ' ଶ୍ରୀମନ୍ଦିର ଉପରେ । ମନ୍ଦିର ରତ୍ନ ଭଣ୍ଡାରରେ ଥିବା ମହଣ ମହଣ ସୁନା, ହୀରା ନୀଳା, ମୋତି-ମାଣିକ୍ୟ, ରତ୍ନ ଲୁଣ୍ଠନ କରିପାରିଲେ ଦିଲ୍ଲୀ ଦରବାରକୁ ସୁଦ୍ଧା କିଣି ନେଇହେବ । ହିନ୍ଦୁସ୍ତାନର କେତେ ବର୍ଷର ଖର୍ଚ୍ଚ ତୁଲେଇ ହେବ ସେଇ ଅର୍ଥରେ । ହେଲେ, ହାତରେ ଶାସନ ଦଣ୍ଡ ଥିଲା ବି ଭିତରେ ପଶିବା ଆଦୌ ସହଜ କଥା ନୁହେଁ । ସେଥିପାଇଁ ସମଗ୍ର ଓଡ଼ିଆ ଜାତିର ଐକ୍ୟବଦ୍ଧ । ଦୁର୍ବାର ଶକ୍ତିକୁ ପ୍ରତିହତ କରିବାକୁ ପଡ଼ିବ । 'ମଇଁଷି ଶିଂଘ ଘଂଟା, କୁଝିଲା ବେଳକୁ ଗୋଟା, ନ୍ୟାୟରେ ଜଗନ୍ନାଥ କି ଶ୍ରୀମନ୍ଦିର କଥାଉଠିଲେ, ସବୁ ଓଡ଼ିଆ ଏକାଠି ହୋଇଯାନ୍ତି, ସବୁ ବାଦ-ବିବାଦ, ଦ୍ୱେଷ-ବିଦ୍ୱେଷ, ମାନ-ଅଭିମାନ ଭୁଲି, ସବୁ ଦୁର୍ବଳତାକୁ ପଛରେ ପକେଇ । ରଣ ହୁଙ୍କାର ଦେଇ ମଇଦାନକୁ ଓହ୍ଲେଇ ଆସନ୍ତି । ଜୀବନ ଗଲେ ଯିବ ପଛେ, ନୀଳଶୈଳରେ ନୀଳଚକ୍ରର ମହତ ରହିବା ଚାହି । ପରେ ଗାଁ ମଶାଣି ହେଇଯାଉ ପଛକେ, ମହାବାହୁ 'ରତ୍ନସିଂହାସନରେ ବସିଥାନ୍ତୁ, ଆମକୁ ଆଢୁଆଳ କରି ରଖିଥାନ୍ତୁ । ମହାପ୍ରଭୁ ନଥିଲେ, ଜୀବନ ରଖି ଲାଭ କ'ଣ ଆମକୁ ଆଢୁଆଳ କରି ରଖିଥାନ୍ତୁ । ମହାପ୍ରଭୁ ନଥିଲେ, ଜୀବନ ରଖି ଲାଭ କ'ଣ, ତକି ଖାଁ ଭଲଭାବରେ ବୁଝିଥିଲେ ଯେ, ଓଡ଼ିଆଙ୍କ ପାଇଁ ଜଗନ୍ନାଥ କେବଳ ମାତ୍ର ଠାକୁର ନୁହଁନ୍ତି; ସେ ସେମାନଙ୍କ ଅସ୍ଥି ମଜ୍ଜାଗଜ, ଧମନୀରେ ପ୍ରବାହିତ, ସେମାନଙ୍କ ଜୀବନ-ଅସ୍ତିତ୍ୱ-ଚେତନା ଉପରେ ସବାର । ଜଗନ୍ନାଥଙ୍କୁ ବାଦ ଦେଇ, ସତେ ଯେମିତି ଓଡ଼ିଆ ଜାତି ଓ ଉତ୍କଳ ଭୂମି କଥା ଚିନ୍ତା ହିଁ କରାଯାଇ ନପାରେ । ହେଲେ, ତକି ଖାଁ ବୁଝିପାରେନା ଯେ, ଏ ରଂଗବେରଂଗ ତିନିଟା କାଠ କଣ୍ଢେଇରେ ଏଭଳି କି କୁହୁକ ଶକ୍ତି ଅଛି ଯେ, ଓଡ଼ିଆ କାଫେର୍‌ମାନେ



ସେମାନଙ୍କୁ ଦେଖିବା ପାଇଁ, ଛୁଇଁବା ପାଇଁ ପାଗଳ ହୋଇଯାନ୍ତି । ଶହଶହ କୋଶ ବାଟ, ନଈ-ନାଳ, ଜଙ୍ଗଲ, କାନ୍ତାର ଡେଇଁ ପିମ୍ପୁଡ଼ି ଭଳି ସେମାନେ ଛୁଟି ଆସନ୍ତି ପୁରସ୍ତମ, ସେମାନଙ୍କ ପ୍ରଭୁଙ୍କୁ ଭେଟିବା ପାଇଁ । ଅବଶ୍ୟ ଓଡ଼ିଆଙ୍କ ଏଇ ପାଗଳାମି ଯୋଗୁଁ ପ୍ରତିବର୍ଷ କଟକ ରାଜକୋଷରେ ନଅ-ଦଶଲକ୍ଷ ଟଙ୍କା ଭର୍ତ୍ତିହୁଏ । ପୁରସ୍ତମ ଯିବା ବାଟର ଛତ୍ରେଛତ୍ରେ ଯାତ୍ରୀଙ୍କୁ ଜିଜିଆ, ଆଉ କେତେକେତେ ବେଠି ଦେବାକୁ ହୁଏ । ସବୁ କିଛି ଦେଇ ଦେଇ ନିଃସ୍ୱ ହୋଇଗଲେ ବି ପ୍ରତିବର୍ଷ ଓଡ଼ିଆଙ୍କ ଧାର ଲମ୍ବିଥାଏ ପୁରସ୍ତମକୁ । ଦେଖିବାକୁ ଗଲେ, ଦୀନହୀନ, ସମ୍ବଳ ଶୂନ୍ୟ, ନିଃସ୍ୱ ଓଡ଼ିଆଙ୍କ ସରଳ ବିଶ୍ୱାସ ହିଁ ମୋଗଲ ସୁବାର ରାଜକୋଷ ଭରେ, ଦିଲ୍ଲୀ ରାଜକୋଷକୁ ବି ସେଇଥିରୁ ଅର୍ଥ ଚାଲାଣ ହୁଏ । ଖାଆସ୍ ସେଇଥିପାଇଁ ତ, ଓଡ଼ିଶା ସୁବାର ନାଏବ-ନାଜିମ୍ ହେବାପାଇଁ ଦିଲ୍ଲୀ ଦରବାରରେ ସବୁଠୁ ଅଧିକ ଛକାପଂଝା ଲାଗେ ।

ତକି ଖାଁ ଆଦୌ ଇତିହାସ ଅନଭିଜ୍ଞ ନଥିଲେ । ସେ ଭଲ ଭାବରେ ଅବଗତ ଥିଲେ ଯେ, ଅତୀତରେ ଅନେକଥର ମୋଗଲ ସୁବାଦାର ମାନେ ଶ୍ରୀମନ୍ଦିର ଉପରେ ଆକ୍ରମଣ କରି ଏହାକୁ ଧୂଳିସାତ୍ କରିବା ପାଇଁ ଉଦ୍ୟମ କରିଛନ୍ତି ଏବଂ ସବୁଥର ବିଫଳହୋଇଛନ୍ତି । ରକ୍ତବାହୁ, କଳାପାହାଡ଼ଠୁ ଆରମ୍ଭ କରି ଏକରାମ ଖାଁ ପର୍ଯ୍ୟନ୍ତ ଏ ତାଲିକା ବେଶ୍ ଲମ୍ବା । ଜଗନ୍ନାଥ ଚମ ଦଉଡ଼ିରେ ବନ୍ଧା ହୋଇ



ଗୋପ ଦାଣ୍ଡରେ ଘୋଷଡ଼ା ହୋଇଛନ୍ତି, ପାତାଳି ହୋଇଛନ୍ତି, କେତେ କେତେ ଥର ଚିଲଇକାର ଦ୍ୱୀପମାନଙ୍କରେ ଆଶ୍ରୟ ନେଇଛନ୍ତି । ଅଥଚ ଶତ ଚେଷ୍ଟା ସତ୍ତ୍ୱେ ସେ ଧ୍ୱଂସ ହୋଇନାହାନ୍ତି । ନିଆଁରେ ଜଳି ସେ ପୋଡ଼ି ଯାଇ ନାହାନ୍ତି କି ସମୁଦ୍ରର ଅଥଳ ଥଳ ଜଳରେ ସେ ବୁଡ଼ିନାହାନ୍ତି ।ଶତ ଐଶ୍ୱର୍ଯ୍ୟର ଦୀପ୍ତିମୟୀ ଆଭାନେଇ ପଅଜ୍ୱଳିତ ସତ୍ତା ଭାବରେ ସେ ପୁନଃ ପୁନଃ ପ୍ରଭାବିତ ହୋଇଛନ୍ତି ପ୍ରତିଥର । ମୋଗଲମାନଙ୍କର ଅମାପ ସାମରିକ ସାମର୍ଥ୍ୟ, ଷଡ଼ଯନ୍ତ୍ର, କୂଟ କପଟ, ମନ୍ତ୍ରଣା ସବୁଥର ହାର୍ ମାନିଛି ସେ ଅପରାଜେୟ ବିଗ୍ରହର ଯାଦୁକରୀ ଶକ୍ତି ସାମ୍ନାରେ । ସତେ ଅବା କଥାକୁହା ସେ ଚକାଚକା ଆଖି ଦି'ଟା ଉପହାସ କରୁଥିଲା ବିଶାଳ ମୋଗଲ ସାମ୍ରାଜ୍ୟର ଅମିତ ପରାକ୍ରମକୁ, ଶକ୍ତି ଓ ସାମର୍ଥ୍ୟକୁ- "ହେଇ ଦେଖ ! କେତେ କେତେ ନାଏବ ନାଜିମ୍ ଆସିଲେଣି, ଗଲେଣି, ଅଥଚ ମୁଁ ଅଛି ଅନନ୍ତ କାଳରୁ । ଆଉ ରହିବି ମଧ୍ୟ ଅନନ୍ତ କାଳଯାଏଁ । ଆକାଶଠୁଁ ସମୁଦ୍ର ଯାଏଁ., ସଂସାରର ଏ କୋଣରୁ ସେ କୋଣ ଯାଏଁ ମୁଁ ପରିବ୍ୟାପ୍ତ । ସବୁରି ଉର୍ଦ୍ଧ୍ୱରେ ମୁଁ ।" ଏ ବଜ୍ର ଉଦ୍‌ଘୋଷ ତକି ଖାଁର କାନରେ ହାତୁଡ଼ି ପରି ବାଜୁଥିଲା । ସତରେ କ'ଣ ଜଗନ୍ନାଥ ଅପରାଜେୟ ? କୌଣସି ଉପାୟ ନାହିଁ ତାଙ୍କୁ ହରେଇବାର ?

ଖୋର୍ଦ୍ଧା ଜୟ କରିବା ସହଜ । ଗଜପତିଙ୍କୁ ପରାସ୍ତ କରିବା ସମ୍ଭବ । ହେଲେ, ଗଜପତି ଯାହା ବଳରେ ବଳୀୟାନ, କୋଟି ଓଡ଼ିଆଙ୍କ ଜୀବନ ନାଟିକା ଯାହା ହାତରେ, ସେଇ ଦାରୁ ବିଗ୍ରହଙ୍କୁ ପରାଜିତ କରିବା ସତେ ଯେମିତି ଅସମ୍ଭବ । ସାମରିକ ଶକ୍ତି ବଳରେ ନୁହେଁ, କେବଳ କୂଟ-





କପଟ ମାଧ୍ୟମରେ ହିଁ ହରେଇ ହେବ ଜଗନ୍ନାଥଙ୍କୁ । ଧ୍ୱଂସ କରିହେବ ଶ୍ରୀମନ୍ଦିରକୁ । ରାଜନୀତିରେ କେବଳ ଶକ୍ତି ଓ ସଂଖ୍ୟା ବଳରେ ବାଜିମାତ୍ କରାଯାଏନି, ବେଳେବେଳେ କପଟ ଫାଶ ପକେଇବାକୁ ପଡ଼େ । ଶତ୍ରୁ ଫାଶରେ ପଡ଼ିଗଲେ ବାଜିମାତ୍ । ନାଏବ ନାଜିମ୍ ତକି ଖାଁ ଖେଳିଲେ ଶେଷ ଚାଲ୍ । ଯୁଦ୍ଧରେ ପରାସ୍ତ ହୋଇ ବନ୍ଦୀ ହୋଇଥିବା ଖୋର୍ଦ୍ଧା ଗଜପତି ରାମଚନ୍ଦ୍ର ଦେବଙ୍କୁ ଇସଲାମ ଧର୍ମ



ଗ୍ରହଣ କରି ତକିଖାଁର ସାବତ ଭଉଣୀ ରିଜିଆ ବିବିଙ୍କୁ ବିବାହ କରିବା ପାଇଁ ବାଧ୍ୟ କରାଗଲା ।

ଯୁଦ୍ଧରେ ବି ରାମଚନ୍ଦ୍ର ଦେବ ସହଜେ ପରାସ୍ତ ହୋଇନଥାନ୍ତେ, ଯଦି ଘଣ ବଇରି ବକ୍ସି ବେଣୁ ଭ୍ରମରବର ବିଶ୍ୱାସଘାତକତା କରିନଥାନ୍ତେ । ଜଣଙ୍କର ମହତ୍ତ୍ୱାକାଂକ୍ଷା ଓ ସିଂହାସନ ଲୋଭ ଆଗରେ ତୁଚ୍ଛ ହୋଇଗଲା ରାଜ୍ୟର ମାନ, ସମ୍ମାନ ଓ ସାର୍ବଭୌମତ୍ୱ । ବକ୍ସିଙ୍କ ମନ୍ତ୍ରଣାରେ ଭଳି ଯାଇ କିଛି ଦୁର୍ଗପତି ହାତ ଟେକିଦେଲେ ତକି ଖାଁ ନେତୃତ୍ୱରେ ମୋଗଲ ସେନା କେଉଁଠି ବି ପ୍ରତିରୋଧର ସମ୍ମୁଖୀନ ହେଲେନି । ଦୁର୍ଗପତି ମାନେ ଛତ୍ରଭଂଗ ଦେଇ ଜଂଗଲରେ ଲୁଚିଲେ । ନହେଲେ, ଦୁର୍ଦ୍ଧର୍ଷ ପାଇକମାନଙ୍କ ଆଗରେ କେଉଁଠି ବା ତିଷ୍ଠିଥାଆନ୍ତା ଓଡ଼ିଶାର ଭୂଗୋଳ ସହ ସଂପୂର୍ଣ୍ଣ ଅପରିଚିତ ଥିବା ମୋଗଲ ସେନା ? ସେଇ ଏକା କାହାଣୀ, ସେଇ ପୁରୁଣା ଅଧ୍ୟାୟର ପୁନରାବୃତ୍ତି । ଇତିହାସ ନିଜକୁ ବାରମ୍ବାର ଦୋହରାଉଥାଏ, ଅଥଚ କେହି ଇତିହାସକୁ ଶିକ୍ଷା ଲାଭ କରନ୍ତିନି । କାଳେ କାଳେ ଓଡ଼ିଆମାନେ ହିଁ ଓଡ଼ିଶାର ପତନର କାରଣ ହୋଇଛନ୍ତି । ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଶାସନ ଓ ସାମ୍ରାଜ୍ୟକୁ ତଳିତଳାନ୍ତ କରିଛନ୍ତି । ବକ୍ସି ବେଣୁ ଭ୍ରମରବର ଯଦି ଛତ୍ରଭଂଗ ଦେଇ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିନଥାନ୍ତେ ତାହେଲେ ଖୋର୍ଦ୍ଧା ରାଜ୍ୟ ପରାଜିତ ହୋଇନଥାନ୍ତା କି ଗଜପତି ରାମଚନ୍ଦ୍ର ଦେବ ବନ୍ଦୀ ହୋଇ ବାରବାଟୀ ଦୁର୍ଗର କାଳକୋଠରୀରେ ନିର୍ବାସିତ ହୋଇନଥାନ୍ତେ । ଇତିହାସ ଆଉ ପ୍ରକାରେ ହୋଇ ଥାଆନ୍ତା, ତା'ର ମୋଡ଼ ବଦଳି ଯାଇଥାନ୍ତା । ଓଡ଼ିଶା ଇତିହାସର ଛତ୍ରେଛତ୍ରେ ଏହିଭଳି କ୍ରୁର ଷଡ଼ଯନ୍ତ୍ରର ଗାଥା ।

ବାରବାଟୀର କାଳ କୋଠରୀରେ ବନ୍ଦୀ ଖୋର୍ଦ୍ଧାର ମହା ପରାକ୍ରମୀ ଗଜପତି ରାମଚନ୍ଦ୍ର ଦେବ । ସେ କେତେ ନିରୀହ ଭାବରେ ବେଣଉ ଭ୍ରମରବରଙ୍କୁ ବିଶ୍ୱାସ କରିଥିଲେ । ଇଏ ଥିଲେ ସେହି ବେଣୁ ଭ୍ରମରବର ଯିଏ ନିଶାବ୍ଦରେ ବଡ଼ଭାଇ ଗଜପତି ଗୋପୀନାଥ ଦେବଙ୍କ ମୁଣ୍ଡକାଟ କରିଥିଲେ ସିଂହାସନ ପାଇଁ; ଅଥଚ ଗୋପୀନାଥ ହିଁ ମନ୍ଦିର ବେଢ଼ାରେ ବୁଲୁଥିବା ବେଣୁଙ୍କ ମୁଣ୍ଡରେ ବକ୍ସିର ଶିରପା ପିନ୍ଧେଇଥିଲେ, ବଣୁଆ ଦନ୍ତାହାତୀକୁ ବଶ କରି ଅଦମ୍ୟ ସାହସର ପରିଚୟ ଦେଇଥିବା କାରଣରୁ । ପୁରୀ ରାସ୍ତାକଡ଼ରେ ଲକ୍ଷ୍ୟହୀନ ହୋଇ ବୁଲୁଥିବା ଅନାମଧେୟ ବେଣୁ ଭ୍ରମରବର ରାତାରାତି ପାଲଟି ଯାଇଥିଲେ ବକ୍ସି ବେଣୁ ଭ୍ରମରବର ରାଏ । କୃତଘ୍ନତାର ଚରମ ଉଦାହରଣ ସ୍ୱରୂପ ସେଇ ବେଣୁ ନିଜର ପରମ ହିତାକାଂକ୍ଷୀ ଆଶ୍ରୟଦାତା ଗୋପୀନାଥଙ୍କର ମୁଣ୍ଡ କାଟିଲେ ରାତି ଅଧରେ ।

ବିଶ୍ୱାସଘାତକତାର ଶାସ୍ତି କେବଳ ମୃତ୍ୟୁ । ଏହି ଆପ୍ତବାକ୍ୟକୁ ଭୁଲି ଯାଇଥିଲେ ରାମଚନ୍ଦ୍ର ଦେବ,



ବଡ଼ଭାଇ ଗୋପୀନାଥଙ୍କ ଅନ୍ତେ ଖୋର୍ଦ୍ଧା ସିଂହାସନରେ ବସିବାବେଳେ । ବେଣୁଙ୍କ କୃତଘ୍ନତା ଓ ବିଶ୍ୱାସଘାତକତାକୁ ଭୁଲି ସେ ତାଙ୍କୁ ରାଜକ୍ଷମା ଦେଇଥିଲେ, କୋଳେଇ ନେଇ ପୁନଃ ବକ୍ସି ଆସନରେ ବସେଇଥିଲେ । ସେଇ ବକ୍ସିଙ୍କ ଯୋଗୁଁ ଖୋର୍ଦ୍ଧା ହେଲା ପରାଜିତ, ଆଉ ରାମଚନ୍ଦ୍ର ଗଲେ କାରାଗାର । ସାପକୁ ଯେତେ ଦୁଧ ପିଏଇ ପୋଷା ମନେଇଲେ ସୁଦ୍ଧା, ସେ ଚୋଟ ମାରେ, ଯାହା ଜୀବନ ଘାତକ ହୋଇପାରେ । ଏହି ସତ୍ୟ ବାରମ୍ବାର ପ୍ରମାଣିତ । ଏ କ୍ଷେତ୍ରରେ ମଧ୍ୟ ତା'ର ବ୍ୟତିକ୍ରମ ଘଟି ନଥିଲା ।


ଦ୍ୱି-ପୃଷ୍ଠ
ଆମ ମାଟିର ସ୍ୱର
ମଡେଲ୍ : ରାମେଶ୍ୱରୀ ଲେଙ୍କା
ଫଟୋଗ୍ରାଫି : ପ୍ରୀତମ୍, ଇମେଜ୍‌ବଜାର, ବାଲେଶ୍ୱର
ଉଚ୍ଚତା : ୫ ଫୁଟ୍ ୫ ଇଞ୍ଚ୍
ଶିକ୍ଷା : +୩ ବିଜ୍ଞାନ ଛାତ୍ରୀ
ବୃତ୍ତି : ଅଭିନୟ
କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : ମମତା ଲେଙ୍କା
ସ୍ଥାନ : ବାଲେଶ୍ୱର

ଲେଣ୍ଡର

# ଅଗଷ୍ଟ ୨୦୨୦

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

୦୩/୦୮/୨୦୨୦ : ଗମ୍ଭାପୂର୍ଣ୍ଣିମା, ରାକ୍ଷୀ ବନ୍ଧନ, ବଳଦେବ ଜନ୍ମ
୦୯/୦୮/୨୦୨୦ : ଖୁଦୁରୁକୁଣୀ ଓଷା ଆରମ୍ଭ
୧୧/୦୮/୨୦୨୦ : ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
୧୫/୦୮/୨୦୨୦ : ୭୪ ତମ ସ୍ୱାଧୀନତା ଦିବସ
୨୨/୦୮/୨୦୨୦ : ଗଣେଶ ବ୍ରତ
୨୩/୦୮/୨୦୨୦ : ନୂଆଖାଇ
୨୬/୦୮/୨୦୨୦ : ଶ୍ରୀରାଧାଷ୍ଟମୀ
୩୦/୦୮/୨୦୨୦ : ମହରମ୍ ପର୍ବ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

# ବର୍ଷାଗୀତ

## ଦେବାଶିଷ ପାତ୍ର

ବର୍ଷାର ବାଟ ଚାହିଁ
ହିଡ଼ ମୁଣ୍ଡରେ ବସିଥିଲା ଖେତୁଆଳ ।

ଭାତହାଣ୍ଡିରେ ଟକମକ୍ ଫୁଟୁଥିବା ଭୋକ
ଢିଙ୍କିଶାଳରେ ଥୋଇଦେଇ ଆସିଛି
ଶେଷ ବିହନ ତକ ।

ଦି'ଥର ଗଜା ମରିଲା ପରେ
ତା' ଭିତରେ ଆଞ୍ଜୁଳା ଭର୍ତ୍ତି ଶୋଷ
ବର୍ଷିବ ବର୍ଷିବ ହେଇ ବର୍ଷୁନାହିଁ
କି ଖେତୁଆଳର ଶୋଷ ମେଣ୍ଟୁନାହିଁ ।

ବିଚରା ପାପୁଲିରେ ଲୁହଟୋପାକ ରଖି
ଅର୍ଘ୍ୟ ବାଢ଼ିଛି ବର୍ଷା ପାଇଁ
ସେଇ ବିଶ୍ୱାସରେ ଯେ
ବର୍ଷାଦିନେ ଓହ୍ଲେଇବ ଖେତୁଆଳର ଖେତରେ ।

ବର୍ଷା ଆଜି ଫେରୁଥିଲା ଏକାନ୍ତବାସରୁ
ମୁହଁରେ ତା' ମେଘର ଘୋଡ଼ଣି
ଛାତିତଳେ ଅନେକ ଅନ୍ଧାର
କେମିତି ଓହ୍ଲେଇବ ଖେତୁଆଳର ଖେତରେ
ନଦୀର ଛାତିରେ କି ଘର ଅଗଣାରେ
ଯେତେସବୁ କଟକଣା, ପୃଷ୍ଠାଭର୍ତ୍ତି ସର୍ତ୍ତ
ମୁହୂର୍ତ୍ତ ଆଗରୁ ।

ଖେତୁଆଳ ଛିଡ଼ାହେଲା ହାତ ଟେକି
କି ମଂତ୍ର ଗାଇବ

ହଳ, ବଳଦ, ଶସ୍ୟ
ଲହୁ, ଲୁହ ସମୟ ଅସମୟ
ମିଶାଣ-ଫେଡ଼ାଣ
ଆଉ ଦୁଇ ବୁନ୍ଦା ଲୁହରେ ବ୍ୟଥାର ଅଙ୍କୁର ।

ବର୍ଷା, ବର୍ଷିଲା
ଖେତୁଆଳର ପାଦରୁ ଲମ୍ବି ଯାଉଥିଲା ଚେର
ସବୁଜେଇ ଉଠୁଥିଲା ଖେତ
ତା' ଛୁଆର ବସ୍ତାନି ଭିତରେ ପହଁରୁଥିଲା ଡଙ୍ଗା
ଚୁଲିମୁଣ୍ଡରୁ ମହକୁଥିଲା ଭାତର ବାସ୍ନା
ଯେମିତି କିଏ ଗୁଣୁଗୁଣଉଥିଲା
ଆସ୍ଥା ରଖରେ ଖେତୁଆଳ
ତୋ'ପାଇଁ ମୋ ଭିତରେ
ଛାତିଏ ଭଲପାଇବା ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୭୫୬୦୮୯
ଫୋନ:୭୯୭୮୯୦୩୩୪୫



ଛବି ଦେବାଶିଷ ପାତ୍ର



ଛାୟାଚିତ୍ର : ସଂପ୍ରୀତି ଶତପଥି

# ଗୋଟେ ଗଣହତ୍ୟାର ଅନ୍ତରାଳରେ

**ପ୍ରତୀକ୍ଷା ଜେନା**

ଏକ ଚମତ୍କାର ଗଣହତ୍ୟାର ପରିକଳ୍ପନା,

ଷଡ଼ଯନ୍ତ୍ରକାରୀ ଆମର ଅନୁମୋଦିତ,
ଶେଷ ରକ୍ତବିନ୍ଦୁ ଯାଏଁ ଆମେ ତା'ର ଅନୁଗତ ।

ସେ ପ୍ରଥମେ ବନ୍ଦୀ କଲା ଆମମାନଙ୍କୁ
ଆମର ଡ୍ରଇଂରୁମ୍‌ର ଏଲିଡ଼ି ଟିଭିରେ,
କହିଲା ସ୍ୱପ୍ନ ଦେଖ୍,
ସୁନା ଭାତ, ନୀଳ ପୋଖରାଜ୍‌ର ଛଳକୁଥିବା ଜଳପାତ୍ର,
ବ୍ରାକେଟ୍‌ରେ ଭଲଦିନ...

ଗୋଟେ ଟ୍ରକ୍ ଡାଲାରେ ଭର୍ତ୍ତି ଗୁଡ଼ାଏ ମେଷ
ଆଖିରେ ମିଶାମିଶି ଜୀବନ ଓ  ଭୟ
ଟିଭି ଶୋ'ର ବ୍ୟାକ୍‌ଗ୍ରାଉଣ୍ଡ୍‌ରେ
ଅଭୟର ଗୀତ
କେହି କେହି ଭିଡ଼ରୁ ବାହାରି ଯିବାକୁ ଉଦ୍ୟତ

ସେ ଲୋଭ ଦେଖେଇଲା
ଛଟପଟ ହେଇ ମରି ଯାଉଥିବା ମଣିଷଙ୍କ
ଆର୍ତ୍ତଚିତ୍କାର ଶୁଣେଇଲା,
ଭୋକରେ ପିଠିରେ ଲାଗି ଯାଇଥିବା ପେଟ ସବୁର
ଚିତ୍ର ଆଙ୍କିଦେଲା ଦୋକାନ ବଜାର ଓ ଗଳିରେ
ଗୋଟେ ଦୁଧିଆଳୀ ଗାଈର ବିରାଟ ଫଟୋ ଆଣି
ମାରିଦେଲା ଆମ ଆଖିରେ,

କହିଲା ଦିଅ ତୁମ ପାଦ, ହାତର ଦଶ ଆଙ୍ଗୁଠି,
ବିଚାର ଶକ୍ତି,
ବନ୍ଦ୍ କର ଆଖି, ମସ୍ତିଷ୍କ, ପବନ ପ୍ରବେଶର ପ୍ରତି ଛିଦ୍ର
ବନ୍ଦ୍ କରିଦିଅ ଘର, ସହର
ଯା ପରେ ଫେରୁଚି ଜୀବନ
ବ୍ରାକେଟ୍‌ରେ ଭଲଦିନ...

ଯେକୌଣସି ସମୟରେ ମୃତ୍ୟୁ ସୁନିଶ୍ଚିତ ।

ସଲାମ୍ ମୋର ପ୍ରିୟ ଗଣତନ୍ତ୍ର ।♥

ନାଲକୋ ନଗର, ଅନୁଗୁଳ
ଫୋନ: ୮୨୪୯୧୩୬୨୭୭



▶ପ୍ରତୀକ୍ଷା ଜେନା

# ଲକ୍ଷ୍ୟଭେଦ

## ଡାକ୍ତର ଦୀନବନ୍ଧୁ ସାହୁ

ଭରା ରାଜସଭାରେ
ଏ ମୋର ଶକ୍ତିପରୀକ୍ଷା ।

ଚକା ଚକା ଭଉଁରି ଖେଳରେ ମାଛ ।
ପ୍ରତ୍ୟକ୍ଷ ନୁହେଁ
ପରୋକ୍ଷରେ ଜଳଦର୍ପଣରେ
ଠାବିବାକୁ ହେବ
ଚକମକ୍ ଉଜ୍ୱଳ ଆଖି
ଘୁରନ୍ତା ମାଛର ।

ଭାଗ୍ୟ ଆଉ ଭୋଗର
ମଝି ମଞ୍ଚରେ ମୁଁ ଅବୋଧ
ଧନୁର୍ଦ୍ଧାରୀ ଯୋଦ୍ଧାବେଶରେ... ।
ଜାଣେ, ମୋ ପାଇଁ
ଥମିଯିବନି ମାଛର ଭଉଁରି ଖେଳ
ଥମିଯିବନି ଜଳର ତରଙ୍ଗ ।

କ୍ଷଣ କ୍ଷଣ ପ୍ରତିକ୍ଷଣ
ସ୍ଥିତି ଓ ଗତିର ଦୁର୍ବୋଧ ଅଙ୍କକଷା
ମନ ମୂନର ଜଟିଳ ଯତିପାତରେ ହିଁ କେବଳ
ଜିଣି ହେବ ଏ ସ୍ୱୟଂମ୍ବର
ଜିଣି ହେବ ବିଜୟୀ ତିଳକ
ବିଜେତାର ଯଶସ୍ୱୀ ମୁକୁଟ ।

ଲଗ୍ନାସନ୍ନ କଠିନ ପରୀକ୍ଷା ।

ଯାଏଁ, ସଜାଡ଼ି ନିଏ
ମୋ ତୀର ଓ ତୂଣୀର
ଆସନ ଓ ଏକାଗ୍ରତା
ଏକା ଯୋଖାରେ ଯେ
ଭେଦିବାକୁ ହେବ ଲକ୍ଷ୍ୟ
ତୀରନ୍ଦାଜି କଳା ଓ କୌଶଳ
ଧୈର୍ଯ୍ୟ ରଜ୍ଜୁ ଓ ଆତ୍ମ ବିଶ୍ୱାସର ଗୁଣରେ
ସୃଜିବାକୁ ହେବ
ଅପୂର୍ବ ଧନୁଷ୍ଟଙ୍କାର,
ସିଦ୍ଧି ଆଉ ସଫଳତାର କିରୀଟ ମଣ୍ଡିତ
ଅଭୂତ ଠାଣିରେ ମୋହିବାକୁ ହେବ
ଜିଜ୍ଞାସୁ ଦର୍ଶକଙ୍କ ଉତ୍କଣ୍ଠିତ ମନ ! !

ଭବାନୀପାଟଣା-୭୬୬୦୦୧
ମୋ.ନଂ.୯୪୩୭୨୧୯୧୪୭


ଫଟୋ ଡାକ୍ତର ଦୀନବନ୍ଧୁ ସାହୁ

# ଆତ୍ମଘାତୀ

## ଶର୍ମିଷ୍ଠା ସାହୁ

ମୁଁ ତାକୁ କେଉଁ ନାଆଁରେ ଡାକିବି !
ଜଳ !
ଯିଏ ମୋର ଆତ୍ମାକୁ ଶୋଷିନିଏ
ବୁନ୍ଦାଏ ଲୁହ ହୋଇ ଝରି ପଡୁ ପଡୁ
ମୋର ଅତୃପ୍ତ ଆଖିରୁ !

ପବନ !
ଯିଏ ସଂକ୍ରମିତ ଥାଏ ନିଜେ
କେଉଁ ଗୋଟେ ଅଜଣା ନିଶାରେ
ଛୁଉଁ ନ ଛୁଉଁଣୁ
ମୁଁ ବି ସଂକ୍ରମିତ ହୁଏ
ଗୋଟେ ଆତ୍ମଘାତୀ ପ୍ରେମରେ ।

ପକ୍ଷୀ !
ଯା'ର ଚଂଚୁରେ ଥାଏ
ବସା ବାନ୍ଧିବା ପାଇଁ କୁଟାକାଠି
ଓ ଡେଣାରେ ଥାଏ
ଦୂରରୁ ଦୂରକୁ ଉଡ଼ିଯିବାର ମୋହ !

ନିଆଁ !
ଯିଏ ହୃଦୟରେ ଜଳେ ତ
ହୋମଶିଖା ।
ଦେହକୁ ଛୁଇଁଲେ ଚିତାଗ୍ନି !

ଆକାଶ !
ଯିଏ ଦିଗ୍‌ବଳୟ ମୋର ବାହୁ ବୋଲି କହେ ।
ତ'। ସହ ମିଶିବାର ଭ୍ରମ ଟିକକ ପାଇଁ
ମୁଁ ମାଟି ହେବାର କଠୋର
ତପସ୍ୟାରେ ଥାଏ !

କ୍ୱାର୍ଟର-ସି/୫, ଏମ୍‌ସିଏଲ୍,
ହିଙ୍ଗୁଳା ଏରିଆ, ବଳରାମ ଟାଉନ୍‌ସିପ୍
ନେହେରୁ ଶତାବ୍ଦୀ ନଗର
ତାଳଚେର, ଅନୁଗୋଳ


ଫଟୋ ଶର୍ମିଷ୍ଠା ସାହୁ



▶ଫଟୋ ପ୍ରୀତିଧାରା ସାମଲ

# ଦେଶ

## ପ୍ରୀତିଧାରା ସାମଲ

ତୁ ମୋର ଭୋଦୁଅ ଆକାଶ
ତୋ ଛାତିରେ ଝୁଲୁଥିବା ଖଣ୍ଡେ
ଭସା ମେଘ ମୁଁ ।
କୋଉଠୁ ଆରମ୍ଭ
କୋଉଠି ଶେଷ ଜାଣେନି ।

ମିଠା ମଧୁର ଗୀତଟିଏ ଯେତେବେଳେ
ଚଇତି ବା'ପରି ଦେହ ଛୁଇଁ ଚାଲିଯାଏ
ଧମନୀରେ ରକ୍ତ ପରି ବୋହିଯାଏ
ଲାଗେ ତୁ ମୋ ଭିତରେ
ମୁଁ ତୋ ଭିତରେ
ଛନ୍ଦାଛନ୍ଦି ହେଇ ରହିଛୁ କୋଉ କାଳରୁ ।

ସାନବେଳେ ତୋତେ ଦେଖିବା ପାଇଁ
ଦରାଣ୍ଡୁଥିଲି ଭୂଗୋଳ ବହି
ତତେ ବୁଝିବା ପାଇଁ
ଫେରି ଚାହୁଁଥିଲି ଇତିହାସ ଆଡ଼କୁ,
ସେତିକି ଥିଲା ପରିଚୟ ।

ଏବେ ବଦଳିଗଲାଣି ତୋ ଦେହର ଭୂଗୋଳ
ଆହୁରି କେତେ କେତେ ଅଧ୍ୟାୟ
ଯୋଡ଼ା ସରିଲାଣି ଇତିହାସ ପୃଷ୍ଠାରେ ।

ସେତେବେଳେ କିଛି ନବୁଝି ବି
ଗୀତରେ ଭାଷଣରେ
ତୋ କଥା କହି କହି ପାଉଥିଲି ପୁରସ୍କାର ।
ଏବେ କିନ୍ତୁ ତୋ କଥା କହିଲା ବେଳକୁ
ଜିଭ ଅଗରେ ବସି ପଡୁଚି ସନ୍ତ୍ରାସ
ଆତଙ୍କର ଧାରେ ଲୁହ ଝରିପଡୁଚି
ଆଖିରୁ ।

ମୋ ମୁହଁକୁ ବନ୍ଦ୍ କରି ଦେଉଚି
କେଉଁ ଅଦୃଶ୍ୟ ହାତ ।

ଗୋଟିଏ କଅଁଳ ପାପୁଲି ଉପରେ
ଫୁଟିଲାଣି ବୋମା
କୋଉଠି ଗଢ଼ା ଚାଲିଚି ମନ୍ଦିର ।

କେହି ଜଣେ ନିରୀହ ସ୍ୱରରେ ପଚାରୁଚି
'ଏଠି ଜିଇଁବା ବି କଣ ଏକ ପ୍ରକାରର ହିଂସା ?'

ଦେହରେ ଛିଣ୍ଡା ଅଖା ଘୋଡ଼େଇ
ଶୋଇଥିବା ଲୋକର ଭୋକରେ,
ମାଇଲ୍ ମାଇଲ୍ ବାଟ ଚାଲି ଚାଲି ଆସିଥିବା
ଛିଣ୍ଡା ଗୋଇଠିର ରକ୍ତରେ,
ମୃତ୍ୟୁର କାରଣ ଜଣାପଡୁ ନଥିବା ଶବର
ଧଳା ତୋଳାରେ ଭେଟୁଚି ତୋତେ ।

ରାତି ଅଧରେ କେଉଁ ନାବାଳିକାର
ଆର୍ତ୍ତ ଚିତ୍କାରରେ ଚମକି ଉଠି ଖୋଜିଲା
ବେଳକୁ ତୁ ହିଁ ତ ଠିଆ ମୋ ପାଖରେ ।

ମୁଁ ମିଶି ଯାଉଚି ତୋ ପାଣିରେ, ପବନରେ
ଧୂଳିରେ, ସୁବାସରେ
ତୁ ପ୍ରଶ୍ୱାସ ହେଇ ପଶି ଯାଉଚୁ ମୋ ଦେହରେ,
ଆମେ ଛନ୍ଦାଛନ୍ଦି ପରସ୍ପର ଭାଗ୍ୟରେ ।

ଆ' ପୋକ ସରସର ଘା'ରେ ତୋର
ଲଗେଇ ଦିଏ ଟିକେ ମଲମ ।♥

ଦେବାଶ୍ରିତ, ପୂଜାରୀପୁଟ ରୋଡ଼, କୋରାପୁଟ
ଫୋନ: ୯୪୩୭୨୩୩୪୧୪



▶ଫଟୋ : ଉଦ୍ଦିପ୍ତି ମହାନ୍ତି

# ତମେରୁ ତୁ

## ପ୍ରମୋଦ ପ୍ରଧାନ

ଇତିହାସ ଭୂଗୋଳ ଗଣିତକୁ
ଗୌଣ କରିଦେଇ ତା ମୋ ସମ୍ପର୍କ
ଗୋଟେ ନିଆରା ନଜରରେ ତମେରୁ ତୁ !

କେବେ ହେଲା କେମିତି ହେଲା
କାହିଁକି ଏମିତି ହେଲା
ପଚାରନା ମତେ...
ସବୁ ବିନ୍ଦୁ ବିନ୍ଦୁ କାକର !

ହାତ ଧରାଧରି ହୋଇ
ମେଘକୁ ମୂର୍ଚ୍ଛା କରିବା
ଓଠକୁ ଓଠଧାରେ ମିଶେଇ
ଶୀତରେ କୁଙ୍କୁରିକାଙ୍କୁରି ହେବା
ଖରାରେ ପାଦକୁ ପାଦରେ ଥୋଇ
ପାଦଚିହ୍ନ ଗଣିବା
ଅନୁଭବର ଅନୁପ୍ରାସ
ନୁହେଁ ତ ଆଉ କଣ ଯେ ?

ସବୁ ପ୍ରଶ୍ନକୁ ଅଭିଭୂତ କରି
ଯେଉଁଠି ପ୍ରେମ ଓଁକାର ପାଲଟି ଯାଏ
ସେଠି ସମ୍ପର୍କର ଭିତ୍ତିଭୂମିରେ ତିଆରି ହୁଏ
ପାହାଡ଼ ପରି ଗୋଟେ ପଥର ଛାତି
ତା ବାହୁଛାୟା ତଳେ ବୁଲେ
ପାଖୁଡ଼ାଏ ପୁଷ୍ପ ଶ୍ଳୋକ ।



ମଡେଲ : ଉର୍ଜ୍ଜିତା ପଣ୍ଡା

ପ୍ରତି ଶ୍ଳୋକର ଆବୃତ୍ତିରେ
ଓହଳେ ହସଖୁସିର ଚେର
ଖଜୁରୀଗଛ ପାହାଚରେ ଓହଳି
ଆତ୍ମହତ୍ୟା କରୁଥାଏ ଲୁହ ଟୋପା ।

ଟୋପାଏ ବିଶ୍ୱାସ ଭିତରେ
ନିଃଶ୍ୱାସ ମାରୁଥିବା ଆର୍ଦ୍ର ଗଡ଼ଣ
ଆଞ୍ଜୁଳାଏ କୃଷ୍ଣଚୂଡ଼ାର କୃଷ୍ଣପକ୍ଷକୁ
ଡାକି ଆଣି ଖେଳେଇ ଦିଏ
ଦହନର ଖୋରାକ
ବିନା ମିଳନରେ !

ଦୂରରେ ଥାଇ ବି
ଯେମିତି ନୃତ୍ୟ କରେ ମୟୂର
ଆକାଶର ଚାଦର ଘୋଡ଼େଇ ହେଇ
ସେମିତି ତା ସମ୍ପର୍କ ମହୁପାଗ
ଅଜାଡ଼ି ଦିଏ ମନ ଭିତରେ
ମଳୟର ଓଦା ବତାଶ ।

ଓଦା ଶରୀର ଦାଢ଼ରେ
ସବୁ ଆକଟକୁ କଟମଟ କରି
ଆଖି ଛୁଇଁଦିଏ ଟିକେ ଅଦୃଶ୍ୟ ସ୍ପର୍ଶ
ଅବିଳମ୍ବେ କେତେବେଳେ ତା
ଇସାରାରେ ଭାସି ଆସେ
ତମେ ରୁ ତୁ... !

ଅହଂକାର ଆହୂତିରେ
ମୋ ଇନ୍ଦ୍ରଧନୁ ଏବେ
ତା ଇନ୍ଦ୍ରିୟମଗ୍ନା !
ତମେ ରୁ ତୁ ଯାଏଁ ଏବେ
ପାଦ ପାଖରେ ଚାଲୁଛି ପାଦ
ଥକିନପଡ଼ି ସେ ଚାଲୁଥାଉ ଆଗକୁ
ସମୟର ସାଉଁଟା ମୁହାଣରେ !

ଫ୍ରେଣ୍ଡସ୍ କଲୋନୀ, କଟକ-୧
ଫୋନ: ୯୪୩୭୧୮୨୭୮୫



ଡ଼ଃ ପ୍ରମୋଦ ପ୍ରଧାନ

# ଅଗଷ୍ଟ...କିଛି ଶୂନ୍ୟସ୍ଥାନ

**ମାଧୁରୀ ପଣ୍ଡା**

ଅନେକ କିଛି ଭାଙ୍ଗିଯାଏ ନୀରବରେ ।
କେହି ଟେର୍ ବି ପାଆନ୍ତିନି
ସ୍ୱପ୍ନମାନେ ବାଦୁଡ଼ି ଭଳି ଝୁଲିଯାଆନ୍ତି କ୍ରୁଶରେ ।

ଏ ଅଛାଡ଼ ବର୍ଷା
ଲୁହ ଓ ମେଘକୁ ଏକାଠି କରିଦିଏ,
ଆଉ ଆମକୁ ଚାଲିବାକୁ ହୁଏ
କେବେ ବି ସରୁନଥିବା ଏ ରାସ୍ତାରେ ।

ଅଗଷ୍ଟ, ତୁମେ ମୋର ମନେରହିବ
ପ୍ରଥମଥର ପାଇଁ ଗୋଟିଏ
ଉଜ୍ଜ୍ୱଳ ଘଟଣାର କାରଣ ସାଜିଥିଲ,


କବି ମାଧୁରୀ ପଣ୍ଡା

ତୁମେ ହିଁ ତ ଆମ ଆଜନ୍ମ ଦୂରତ୍ୱର
ସାକ୍ଷୀ ଯେ ରହିଲ ।

ପ୍ରଣାମ ତୁମକୁ
ଜୀବନ ଭୋଗିଛି ମୁଁ
ପ୍ରେମରେ ଜିଇଁଛି
ବଞ୍ଚୁବଞ୍ଚୁ ମରିଛି ବି ଏଇ ପ୍ରେମରେ ।

ନୀରବରେ ଚାଲୁଛି,
ପ୍ରେମକୁ ନେଇ କବିତା ଲେଖୁଛି
ହସୁଛି, କାନ୍ଦୁଛି
ତଥାପି ତାଜୁବ୍ ଲାଗେ, ମୁଁ ବଞ୍ଚିଛି ।

ଅଗଷ୍ଟ ଯାହା କିଛି ଦୃଶ୍ୟ
ମୁଁ ତାହା ଦେଖି ପାରୁନି
ଯୋଉଠି ମୋର ଆତ୍ମଗୋପନ
ତାହା ତୁମର ଦୃଶ୍ୟାତୀତ ।

ତଥାପି ଏ ଖେଳ ଚାଲୁ
ପ୍ରତିଥର ତୁମେ ଆସ
ଆଉ ଟିକେ ମୁଁ ମୁହଁରେ
ରଙ୍ଗ ବୋଳେ
ହସ ଫୁଟାଏ ।


ରୂପାୟନ : ପଲ୍ଲବୀ ଦାସ

ବି/୨୮୭, ସେକ୍ଟର-୨, ନାଲ୍କୋ ଟାଉନଶିପ୍, ଦାମନଯୋଡ଼ି,
କୋରାପୁଟ-୭୬୩୦୦୮, ଫୋନ:୮୮୯୫୧୮୫୪୨୫



ଛବି ସଂପ୍ରୀତି ଶତଭିଷା

# ଲହଡ଼ି

**ସଂପ୍ରୀତି ଶତଭିଷା**

ମୟୂର ଚନ୍ଦ୍ରିକାରେ ଯେବେ
ନିଜ ହାତେ ଆଙ୍କି ଦିଅ କଜ୍ଜଳ ଗାରେ,
ମୋ ଆଖି ଦେଇ ସମୁଦ୍ରରେ ବନ୍ଧ ବାନ୍ଧେ
ଗାଢ଼ ଅଞ୍ଜନ ରଙ୍ଗଟିଏ
ପ୍ରଶାନ୍ତ ମହାସାଗର ବି ବନ୍ଦୀ ହୁଏ
ମୋର ଏଇ ସାମାନ୍ୟ ଆଖି ଯୋଡ଼ିକରେ ।

ଯେବେ ତୁମ ଓଠର ହଳେ ଚୁମ୍ବକ୍
ନାଗଫାଶ ଭଳି ଛନ୍ଦି ହୋଇଯାନ୍ତି ମୋ ଓଠରେ,
ତୁମେ ସବୁବେଳେ ଅଭିଯୋଗ କର
ସାଗର ତରଙ୍ଗରେ ବି
ସେତିକି ଉତ୍ତାଳତା ନାହିଁ
ଯେତିକି ଅଛି ମୋ ଅଧରର ଉପକଣ୍ଠରେ ।

ଆମର ସେ ଆବିଳତା
ଯାହାର ଅଛି ହଳେ ସ୍ୱର୍ଣ୍ଣିମ ଡେଣା
କିଛି ସ୍ୱର୍ଣ୍ଣ ରେଣୁ ବିଞ୍ଚିଦେଇ
ଉଡ଼ିଯା'ନ୍ତି ଜହ୍ନ ଯାଏଁ

ଜହ୍ନରୁ କିଛି ରେଶମୀ ରୂପା ଚୋରେଇ
ମୋ ପାଦରେ ପାଉଁଜି ବାନ୍ଧନ୍ତି,
ସେଇ ପାଉଁଜି ଶବ୍ଦରେ ଉଠେ ଜୁଆର
କିନ୍ତୁ ଜହ୍ନ ଦେଖି ଜୁଆର ଉନ୍ମତ୍ତ ବୋଲି
କାଳେ ଲୋକେ କୁହନ୍ତି ।

ଯେବେ ତୁମ ରାସ୍ତା ସବୁ
ମୋ ଦିଗରେ ଲମ୍ବୁଥାନ୍ତି ନିରନ୍ତର,
ମୋ ପାଦକୁ ଅନୁସରି
ବେଳାଭୂମିରେ ପଡ଼ିଥିବା
ତୁମ ଉନ୍ମାଦ ପାଦଚିହ୍ନ ସବୁକୁ
ଧୋଇନିଏ ଲହଡ଼ିର ଲୋଭ ।

ଧେତ୍ !
ନିଜର ପ୍ରେମିକଟିଏ ନାହିଁ ବୋଲି
ମୋ ଉପରେ ଏତେ ଈର୍ଷା ତା'ର !❤


ଚର୍ଚ୍ଚିକା ବଜାର, ଖେରସ, ଜଗତସିଂହପୁର-୭୫୪୧୦୩
ଫୋନ: ୯୦୪୦୮୫୭୬୭୮



ଛବି : ସଂପ୍ରୀତି ଶତଭିଷା

ଅନୁଶୀଳନ-୧

# ସଂଗ୍ରାମୀ ସର୍ଜନା



# କବିକଣ୍ଠରେ ସ୍ୱାଧୀନତା ସଂଗ୍ରାମର ଆହ୍ୱାନ


**ଡକ୍ଟର ହରିଶ୍ଚନ୍ଦ୍ର ବେହେରା**

କଲ୍ୟାଣନଗର, ବାଲେଶ୍ୱର-୧

ଫୋନ : ୯୪୩୭୮୧୩୭୦୮






ଗୋଟିଏ ଦେଶର ସ୍ୱାଧୀନତା ଲାଗି ସ୍ୱାଧୀନତା ସଂଗ୍ରାମୀଙ୍କର ଯେତିକି ଭୂମିକା ଥାଏ, ପରାଧୀନ ଦେଶବାସୀଙ୍କ ପ୍ରାଣରେ ଔପନିବେଶିକ ଶକ୍ତିମାନଙ୍କ ବିରୁଦ୍ଧରେ ସଂଗ୍ରାମ ଏବଂ ସଚେତନତା ସୃଷ୍ଟି ଲାଗି କବି ଲେଖକମାନଙ୍କର ଭୂମିକା ମଧ୍ୟ କମ୍ ନଥାଏ । ଫରାସି ରାଷ୍ଟ୍ର ବିପ୍ଳବ ହେଉ, କି ଋଷ୍ ବିପ୍ଳବ ହେଉ କିମ୍ବା ପୃଥିବୀର ଅନ୍ୟାନ୍ୟ ବିପ୍ଳବ ହେଉ ସେଠାରେ ଲେଖକଟିଏ ବଡ଼ ଭୂମିକା ନିର୍ବାହ କରିଛି ଜନଜାଗରଣ ପାଇଁ । ଫରାସୀ ବିପ୍ଳବରେ 'ରୋଶୋ', ଭଲ୍‌ଟେୟାର, ଋଷ ବିପ୍ଳବରେ ବେଞ୍ଜାମିନ୍ ରୁଶ୍, ଷ୍ଟିଫେନ୍ ଫ୍ରେଡ଼, ପ୍ୟାଟ୍ରିକ୍ ଜେ. ପ୍ରମୁଖ ଲେଖକମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ।

ଲେଖକଟିଏ ସିନା ଅସି ଧାରଣ କରିପାରିବନି, କିନ୍ତୁ ତା'ର 'ମସି' ଅସି ଠାରୁ ମଧ୍ୟ ତୀକ୍ଷ୍ଣ (Pen is mighter than the sword- Edward Bulwer-lytton)

ଭାରତରେ ଔପନିବେଶିକ ଶୋଷଣ ତଥା ପରାଧୀନତା କବଳରୁ ମୁକ୍ତ କରିବା ପାଇଁ ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ ଟାଗୋର, ସୁବ୍ରମନ୍ୟମ ଭାରତୀ, ରାମପ୍ରସାଦ ବିସ୍‌ମିଲ୍ଲା, ମୈଥିଳିଚରଣ ଗୁପ୍ତା, କର୍ତାରସିଂହ ସରଭା, ଅଲତାଭ ହୁସେନ, କ୍ରିଷ୍ଣମୂର୍ତ୍ତି, ମହମ୍ମଦ ଅଲ୍ଲିଜୋଭାର, କାଜି ନଜ୍‌ରୁଲ୍, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ଭାରତେନ୍ଦୁ ହରିଶ୍ଚନ୍ଦ୍ର ପ୍ରମୁଖ ବୈପ୍ଳବିକ କବିତା ରଚନା କରି, ଲୋକମାନଙ୍କ ଭିତରେ ଅପୂର୍ବ ଜାଗରଣ ସୃଷ୍ଟି କରୁଥିଲେ । ବଙ୍କିମଚନ୍ଦ୍ରଙ୍କ 'ଆନନ୍ଦ ମଠ'ରେ ଥିବା "ବନ୍ଦେ ମାତରମ୍, ସୁଜଲାମ ସୁଫଲାମ୍ ମଲୟଶି ଶୀତଲାମ୍ ଭାରତମ୍"- ଭାରତକୁ ମା' ବୋଲି ଉଚ୍ଚାରଣ କରି ଏହି ଯେଉଁ ଗୀତ, ସ୍ୱାଧୀନତା ସଂଗ୍ରାମ ପାଇଁ ବେଶ୍ ପ୍ରେରଣା ଦେଇଥିଲା ସଂଗ୍ରାମୀଙ୍କୁ । 'ବନ୍ଦେ ମାତରମ୍' ଧ୍ୱନିରେ ପରାଧୀନ ଭାରତର କୋଣ ଅନୁକୋଣ ପ୍ରକମ୍ପିତ ହୋଇ ଉଠୁଥିଲା । ସେହିପରି 'ମହମ୍ମଦ ଇକ୍‌ବାଲ'ଙ୍କ ୧୯୦୪ରେ ରଚିତ 'ସାରେ ଜହାଁସେ ଆଚ୍ଛା, ହିନ୍ଦୋସିତାଁ ହମାରା' ଗୀତଟି ମଧ୍ୟ ସଂଗ୍ରାମୀଙ୍କୁ କମ୍ ଅନୁପ୍ରେରିତ କରି ନଥିଲା !

ଓଡ଼ିଶାରେ ମଧ୍ୟ ଅନେକ କବି କବିତା ମାଧ୍ୟମରେ ଲୋକଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମ ଲାଗି ତଥା ଔପନିବେଶିକ ଶକ୍ତିର ଶୋଷଣର ବିଭିନ୍ନ ଚାଲ୍‌କୁ ଦେଖାଇବାର ପ୍ରୟାସ କରିଥିଲେ । ଇଂରେଜ୍‌ମାନେ ସେମାନଙ୍କ ଦେଶର ଉତ୍ପାଦିତ ଦ୍ରବ୍ୟକୁ ଆମ ଦେଶରେ ପ୍ରସାର କରିବା ଲାଗି ଆମ ସ୍ୱଦେଶୀ ଉତ୍ପାଦିତ ଦ୍ରବ୍ୟ ଉପରେ ନାନା ଟ୍ୟାକ୍ସ ବସେଇ ଆମ କୁଟୀର ଶିଳ୍ପକୁ ଧ୍ୱସ୍ତବିଧ୍ୱସ୍ତ କରିବାକୁ ଲାଗିଲେ । ମାଞ୍ଚେଷ୍ଟରରୁ ଆସିଲା ସୂକ୍ଷ୍ମବସ୍ତ୍ର ଓ ଲିଭରପୁଲରୁ ଆସିଲା ସରୁ ଲୁଣ । ଏଇ ଔପନିବେଶିକ୍ ଚାଲ ବିରୁଦ୍ଧରେ ଆମ କବିମାନେ କବିତା ରଚନା କରି ଲୋକ ସଚେତନତା ସୃଷ୍ଟି କରିଛନ୍ତି । ଫକୀରମୋହନ ଲେଖିଛନ୍ତି: "ଓଳିତଳେ ଲୁଣ କୋଟିଏ ମହଣ / ଆଉ ମୋହ କଥା ଶୁଣ / ବୋଇଲେ କି ହେବ ଖାଇବାକୁ ହେବ / ଲିଭରପୁଲର ଲୁଣ / ମାଞ୍ଚେଷ୍ଟର୍ ତନ୍ତୀ ଲୁଗା ବୁଣୁଛନ୍ତି / ତୁମ୍ଭମାନଙ୍କ ସକାସେ / ବୁଡୁ ତନ୍ତୀବଂଶ ହେଉ ସର୍ବନାଶ /ଯାଆନ୍ତୁ ସେ ବନବାସେ ।" (ମା ଜନନୀ ଜନ୍ମଭୂମି)

ବୈକୁଣ୍ଠନାଥ ଦାସ ମଧ୍ୟ ଏହି ଭାବକୁ ଆଧାର କରି ଲେଖିଛନ୍ତି, 'ଚାଲ ଭାଇ ଲୁଣ ମାରିବା' କବିତା- "ଚାଲଭାଇ ଲୁଣ ମାରିବା / ଗାନ୍ଧିଙ୍କ ଆଜ୍ଞା ପାଳନ କରିବା / ଆମଘର ପାଖରେ ଲୁଣ / ନଜାଣିଲୁ ତାହାରି ଗୁଣ / ଲିଭରପୁରରୁ ଲୁଣ ଖାଇଖାଇ/ କେତେଦିନ ଆଉ ଦେହ ଧରିବା ?/ ଉଠାଇବା ନିମିକି କୋଠି / ଡରିବାନି ବନ୍ଧୁକ ଲାଠି / ଜେଲ୍‌ଖାନା ହେବ ଆମ ଶ୍ରୀମନ୍ଦିର / ଦେଶ ଲାଗି ହସିହସି ବରିବା ।"

ମହାତ୍ମାଗାନ୍ଧୀ ଇଂରେଜଙ୍କ ଏଇ ହୀନ ଷଡ଼ଯନ୍ତ୍ର ପ୍ରତିହତ କରିବା ପାଇଁ 'କୁଟିଖାଅ, କାଟିପିନ୍ଧ'ର ଡାକରା ଦେଇଥିଲେ ଏବଂ ୧୯୩୦ରେ ଲବଣ ସତ୍ୟାଗ୍ରହ ଆରମ୍ଭ କରି ସମୁଦ୍ରରୁ ଜବରଦସ୍ତ ଲୁଣ ମାରିବାର ଅଭିଯାନ ଆରମ୍ଭ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସ ମଧ୍ୟ ଜାତିପ୍ରେମ ବହ୍ନିରେ ଝାସ ଦେବା ପାଇଁ କୋଟି କୋଟି ଓଡ଼ିଆଙ୍କୁ ନିଃସ୍ୱାର୍ଥପର ହୋଇ ଝାସଦେବାକୁ ଆହ୍ୱାନ ଦେଇଛନ୍ତି: "ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର / ସ୍ୱାର୍ଥକୁ ଦିଅ ଆହୁତି / ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ / ଛାତିକୁ ମିଶେଇ ଛାତି / କୋଟିଏ ସନ୍ତାନ ଗୋଟିଏ ସ୍ୱରରେ / ଜନନୀ ଜନନୀ ଡାକ / ତୃଷାରେ କାତର ଗଗନକୁ ଚାହିଁ / ଯେସନ ଡାକେ ଚାତକ ।" (ଉତ୍କଳ ସନ୍ତାନ)

କବିବର ରାଧାନାଥ ରାୟ ଯଦିଓ ପ୍ରତ୍ୟକ୍ଷ ଭାବେ ଇଂରେଜମାନଙ୍କ ଶୋଷଣ କଷଣ ବିରୁଦ୍ଧରେ ସ୍ୱରୋତ୍ତଳନ କରିନାହାନ୍ତି, ତଥାପି ପରୋକ୍ଷ ଭାବେ ଔପନିବେଶିକ ଶକ୍ତି ବିରୁଦ୍ଧରେ ଲଢ଼େଇ କରିବାକୁ 'ଶିବାଜୀଙ୍କର ଉତ୍ସାହ ବାକ୍ୟରେ' ଆହ୍ୱାନ ଦେଇଛନ୍ତି: "ଶୁଣିଅଛ ଯୋଧେ !/ ଦୁର୍ଗାବତୀ କଥା /ଶୁଣି ତ ଅଛ ତା ଧୀର ସାହସ / ନାରୀ ହୋଇ ଯୁଦ୍ଧେ / ଦେଲା ନିଜ ମଥା / ଜୀବନ୍ତେ ନହେଲା ଯବନ ବଶ / ସରିକି ନୋହିବ ସେଇ ଅବଳାର / କ୍ଷତ୍ରିୟ ବୋଲାଅ ଅଟ ପୁରୁଷ / ଦାସତ୍ୱ ଶୃଙ୍ଖଳ ପିନ୍ଧିବ ଗଳାରେ / ଶିରେ କି ସହିବ ରିପୁଅଂକୁଶ ।"

ଗୋପବନ୍ଧୁ ଦାସଙ୍କ ଅନେକ କବିତାରେ ସେ ଦେଶର ସ୍ୱରାଜ୍ୟ ପାଇଁ ଆହ୍ୱାନ ଦେଇଛନ୍ତି । ଜାତୀୟ ଆନ୍ଦୋଳନରେ ଝାସ ଦେଇ ହଜାରିବାଗ୍ ଜେଲ୍‌ରେ ବନ୍ଦୀ ଥିବା ବେଳେ 'ବନ୍ଦୀର ଆତ୍ମକଥା' କାବ୍ୟ ସର୍ଜନା କରିଛନ୍ତି । 'ବନ୍ଦୀର ଆତ୍ମକଥା'ରେ ଲେଖିଛନ୍ତି: "ମିଶୁ ମୋର ଦେହ / ଏ ଦେଶ ମାଟିରେ / ଦେଶବାସୀ ଚାଲି ଯାଆନ୍ତୁ ପିଠିରେ / ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼ / ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।" + + + ଅନୁରୂପ 'କାରାକବିତା'ରେ ଲେଖିଛନ୍ତି: "ସ୍ୱାଧୀନତା ମାନବର ଜନ୍ମ ଅଧିକାର / ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର / ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି / ଚାରିହସ୍ତେ ମାନବର ସମାଜ ସଂସ୍ଥିତି ।" ଉତ୍କଳ ଭାରତୀ କୁନ୍ତଳା କୁମାରୀ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଜନତାଙ୍କୁ ଆହ୍ୱାନ ଦେଇ ଲେଖିଛନ୍ତି: "ସେନାପତି ଆଜି ଦେଇଛନ୍ତି ଡାକ / ଉଠ ଭାରତର ବୀରପୁତ୍ର ଯାକ/ ଅପୂର୍ବ ଅସହଯୋଗ ରଣାଙ୍ଗନେ / ଆଣ୍ଟେ ଅଣ୍ଟା କଷି ପରା ଜଣେ ଜଣେ / ଭାରତର ଯେତେ ବୀର ଗୁଣମଣି / ଚାଲି ଆସ ସେନାପତି ଡାକ ଶୁଣି ।" (ଆହ୍ୱାନ)

କବି ଗଙ୍ଗାଧର ମେହେର ଇଂରେଜଙ୍କ ଅର୍ଥନୈତିକ ଶୋଷଣ ବିରୁଦ୍ଧରେ ସଚେତନତା ସୃଷ୍ଟି କରିଛନ୍ତି: "ପର ଦେଶୁ ଆସି ପରଦେଶ ବାସୀ / ଦେଉଛନ୍ତି ଆମ୍ଭ ଅନ୍ନଜଳ ଗ୍ରାସି / ଭକୁଆ ପରାଏ ଭକଭକ ଚାହିଁ / ରହିଅଛୁ ତାଙ୍କ ବଦନ / ଆମ୍ଭ ଧନ ଯୋଗେ ଲାଭ କରି ଜ୍ଞାନ / ଆମରି ମସ୍ତକେ ଚରଣ ପ୍ରଦାନ / କରି ଉଠୁଛନ୍ତି ସମ୍ରାଟ ସଭାକୁ / ହରଷେ ବିକଶି ବଦନ ।" ଦରିଆ ପାରିର ବେପାରୀ ଦଳ ଆମ ସବୁ ସଂପଦ ଲୁଟି ନେଉଛନ୍ତି, ତେଣୁ ବିଦେଶୀଙ୍କୁ ହଟେଇ ସ୍ୱରାଜ ଲାଗି ଆହ୍ୱାନ ଦେଇଛନ୍ତି କବି ଶ୍ରୀବତ୍ସ ପଣ୍ଡା: "ଶୁଣ ଆମ୍ଭ ଗୁହାରି ହରି / କୃପା କରି ଦିଅ ସ୍ୱରାଜ୍ୟ ଶିରୀ / ନିଅନ୍ତି ଜୁରି ଦରିଆ ପାରି / ବିଦେଶୀ ବେପାରୀ ସବୁ ଆମ୍ଭରି ।" କବି ଭିକାରି ଚରଣ ପଟ୍ଟନାୟକ ଦେଶର ସ୍ୱରାଜ୍ୟ ଲାଗି ଓଡ଼ିଆମାନଙ୍କୁ ଆହ୍ୱାନ ଦେଇଛନ୍ତି: "ଉଠ ହେ ଉଠ ହେ ଓଡ଼ିଆ ବୀରେ / ଉଠ ହେ ମାତି / ଦେଶ ଲୋଡ଼ିଲାଣି ତୁମ୍ଭକୁ / ଉଠ ଫୁଲାଇ ଛାତି / ସୁମରି ତୁମରି ପୂରୁବ / ଜନମାନଙ୍କ ଗୀତ / ଟାଣ କରିଦିଅ ପଥର କରି / ଆପଣା ଚିତ୍ତ ।" (ଆଜି ଆମ ଦେଶ) । ଗଣକବି ବୈଷ୍ଣବପାଣି ଲୀଳା ସୁଆଙ୍ଗ ଅଭିନୟ ମାଧ୍ୟମରେ ଗାଆଁ ଗାଆଁରେ ଲୋକଙ୍କୁ ସଚେତନ କରାଉଥିଲେ: "ଦେଶଦେଶ ଭାଇ / ଭାଙ୍ଗିଲାଣି ଆଜି / ଗୋରାଙ୍କ ଜିହଲ ଖାନାରେ । କାଲିର କାଇଦା କାହିଁ ଆଜି ଆଉ / ପଶନ୍ତି ସ୍ୱରାଜ ସେନାହେ ।" (ଭାଙ୍ଗିଲାଣି ଆଜି...)

ଜାତୀୟ କବି ବାଞ୍ଛାନିଧି ମହାନ୍ତି, ବୀର କିଶୋର ଦାସ ପ୍ରମୁଖ ଅନେକ ଜାତୀୟତା ମୂଳକ କବିତା ଲେଖି ଚାରଣ କବିମାନଙ୍କ ଦ୍ୱାରା ଗାଁ ଗାଁରେ ଗାଇ ଲୋକଙ୍କୁ ଇଂରେଜମାନଙ୍କ ବିରୋଧରେ ସଚେତନ କରାଉଥିଲେ । ବାଞ୍ଛାନିଧି ମହାନ୍ତି ନିଜେ ଗୀତ ରଚନା କରୁଥିଲେ ଏବଂ ହାର୍ମୋନିୟମ ଧରି ଜାତୀୟବାଦୀ କବିତା ବୋଲି ଲୋକଙ୍କୁ ସଚେତନ କରାଉଥିଲ: "କହ କେଉଁ ଜାତି ଲଭିଛି ମୁକତି / କରି ହୁରିହାରି ଗୁହାରି / କହ ପାଇଛି କେ ସୁଖ ଲିଭାଇଛି ଦୁଃଖ । / ମାଗି ମାଗି ପଥ ଭିକାରି ।" (କହ କେଉଁ ଜାତି)



ଅନୁରୂପ ଜାତୀୟ କବି ବୀର କିଶୋର ଦାସ ମଧ୍ୟ ଶତଶତ ଜାତୀୟବାଦୀ କବିତା ଲେଖି ମୁକ୍ତି ଆନ୍ଦୋଳନ ଲାଗି ଲୋକଙ୍କୁ ସଚେତନ କରାଉଥିଲେ । ଏମାନେ କେବଳ ଗୀତ ଲେଖୁ ନଥିଲେ ସ୍ୱାଧୀନତା ସଂଗ୍ରାମୀ ଭାବରେ ଲୋକଙ୍କ ଭିତରେ ଅପୂର୍ବ ଉନ୍ମାଦନା ସୃଷ୍ଟି କରୁଥିଲେ । ମୁକ୍ତି ଆନ୍ଦୋଳନରେ ଝାସ ଦେବା ପାଇଁ ସେ ଲୋକଙ୍କୁ ଆହ୍ୱାନ ଦେଉଥିଲେ: "ଗାନ୍ଧୀ ନାମେ ଯଦି ବିଶ୍ୱାସ ଅଛି/ ପତାକା ତଳକୁ ଆସ ହେ / ମୁକତି ଗଙ୍ଗାର ଢେଉ ଛୁଟି ଆସେ / ବେଗି ବେଗି ଦିଅ ଝାସରେ । / ଜଳିଲାଣି ଅଭି ପ୍ରଳୟ ଅନଳ / ଥରିଉଠେ ଆଜି ଅଷ୍ଟ କୁଳାଚଳ / ଦେବତା ଦେଶରେ ଦାନବ ରାଜତ୍ୱ / ମେଲିଅଛି ନାଗ ଫାସରେ ।"

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ 'ଆମେ ଏ ଦେଶର ପୁଅ', 'ଏଇ ମୋ ଜନ୍ମଭୂମି' ଆଦି କବିତାରେ ଜାତୀୟବାଦୀ ଚେତନାର ସ୍ୱର ଝଂକୃତ ହୋଇଛି: "ଶତ୍ରୁ ଆସିଛି ଦୁଆରେ ଆମର / ଦଳିବ ଆମକୁ ବାସନା ତାହାର / ବାଗଡ଼ ଦେବାକୁ ଟାଣ ଅଛି ମନେ / ଫୁଲେ ଗଢ଼ା ନୁହେଁ ଦେହ । / ରଖିବାକୁ ଆମ ଦେଶ ଧନମାନ / କରିଅଛୁ ଆମେ ଜୀବନର ପଣ / ଘୁମାଇଁ ନଦେଖୁ ନିରାଶ ସପନ / ଆମେ କୋଣଠେଶା ନୁହଁ ।" (ଆମେ ଏଦେଶର ପୁଅ)

କବି ଗୋଦାବରୀଶ ମହାପାତ୍ର ମଧ୍ୟ ଜାତୀୟ ସଂଗ୍ରାମରେ ଝାସ ଦେବା ପାଇଁ କଙ୍କାଳ ସାର ଓଡ଼ିଆ ଜାତିକୁ ଆହ୍ୱାନ ଦେଇ ଲେଖିଛନ୍ତି– "ବେଳ ନାହିଁ ବେଳ କଙ୍କାଳ ! ଟେକ ଚଞ୍ଚଳ ମଥା / ବିଦାରି ପେଶି ନିର୍ମଳ ତବ ପିଞ୍ଜରୁ ଉଠୁ ବ୍ୟଥା । / ବାଜିଉଠୁ ବାରେ ମରଣ ବିଜୟୀ ବଂଶୀ ସେ ବୁକୁ ତଳେ / ଧୂର୍ଜଟୀ ଜଟାଜୁଟ କମ୍ପାଇ, ଯୌବନ କୁତୂହଳେ । / ଉଠ କଙ୍କାଳ, ଉଠ ଦୁର୍ବଳ ଜାଣ କଙ୍କାଳ ଆଜି / ଉଠୁ ଗତ ଗୌରବ ହୃତ ଗୌରବ ମୃତ ଗୌରବ ରାଜି ।" (ଉଠକଙ୍କାଳ) କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କବିତାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଜନତାକୁ ଆହ୍ୱାନ ଦେଇଛନ୍ତି: "କମାଣରୁ ବଳି ତତାଇଲେ / ଯେତ୍ପୁ ଛାତି / ମତାଇଲେ ଏହି ମରଣାପନ୍ନ ଜାତି / ଡାକିଲେ– ଆସରେ ଆସ ମୋର ଦେଶ / ମୃତ୍ୟୁ ନୁହେଁ ତ ଜୀବନର ଶେଷ / ଜୀବନମରଣ ଲୁଚକାଳି ଖେଳ / ଖେଳିବା ଆସରେ ସାଥି ।" (ଭାରତ ଆସିବ ଫେରି) କବି ବୈକୁଣ୍ଠନାଥ ପଟ୍ଟନାୟକ କେତେକ କବିତାରେ ମୁକ୍ତିଯୁଦ୍ଧ ଲାଗି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି– "ମୁକ୍ତିସେନା ! ମୁକ୍ତି ସେନା ! / ଦୁଃଖ କି ଭାଇ କି ଅବା ଭୟ ! / ନାୟକ ତୋହର ଅନନ୍ତଚିର / କରାଳ ମୃତ୍ୟୁ କରିଛି ଜୟ ? / ଗର୍ବେ ନିଶାଣ ଆଜି ତୋଳି ଧର / ମୃତ୍ୟୁ ଦୁଃଖେ ଫୁତ୍କାର କର ! / ପୋଛ ସେ ଅଶ୍ରୁ ଅଟ୍ଟହାସ୍ୟେ / ମିଳିତ କର ତୋ ଶକ୍ତିଚୟ । / ଭୈରବେ ଗାଅ, ଗମ୍ଭୀରେ ଗାଅ / ସତ୍ୟକୁ କିଏ କରିବ ଭୟ ?" (ମୁକ୍ତିସେନା)

କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ବଜ୍ରଗମ୍ଭୀର କଣ୍ଠରେ ଔପନିବେଶିକ ଦଲାଲ ମାନଙ୍କୁ ଦେଶରୁ ତଡ଼ିବା ଲାଗି ଆହ୍ୱାନ ଦେଇ ଗାଇଛନ୍ତି: "ଟମ୍ ଟମ୍ ଟମ୍ ବାଜିଲା ଟମକ ଟପ୍ ଟପ୍ ଚାଲେ ଘୋଡ଼ା / ଗାଆଁ ଗାଆଁ ଗାଆଁ ଚାଲିଲେ ପାଇକ ବହି ବନ୍ଧୁକ ଗୋଳା / ରାଜ୍ୟ ଆମର ଶାସନ ଆମର ଆମ ଗଜପତି ରାଜା / ଆମ ଅଧିକାର ରକ୍ଷା ପାଇଁ କି ଉଡ଼ାଣ ରକ୍ତ ଧ୍ୱଜା / ସ୍ୱାଧୀନତା ଆମ ଜୀବନ ଧର୍ମ ଆମ ଦେଶ ଆମ ଘର / ତାହା ପାଇଁ ଆଜି ମରିବାକୁ ହେଲେ ମୃତ୍ୟୁବରଣ କର / ଉଠାଅ ଉଠାଅ ନିଶାଣ ଆମର ବିଷାଣ ବଜାଅ ଭାଇ / ଦଳ ପରେ ଦଳ ପାଇକ ସୈନ୍ୟ ଯୁଦ୍ଧ କରହେ ଯାଇ ।" (ଆହୂତି)

କବି ନିତ୍ୟାନନ୍ଦ ମହାପାତ୍ରଙ୍କ ଅନେକ କବିତାରେ ସ୍ୱରାଜ୍ୟ ଆନ୍ଦୋଳନରେ ଚିତ୍ର ସହ ଜନ ସଚେତନତା ଓ ଆହ୍ୱାନର ବାର୍ତ୍ତା ଅଛି: "ଏଇ ଶୁଣ ଶୁଭେ ଗରଜି ଉଠଇ / ମୁକତି– ପାଞ୍ଚଜନ୍ୟ / ହିଂସାଦାନବ କମ୍ପିତ ଦେହେ / ଚାହେଁରେ ହୋଇ ସଶଙ୍କ / ଅନାଗତ ଏକ ବିଧାତାର ମୁଖେ / ଧ୍ୱନିତ ବିଜୟ ଶଙ୍ଖ ।" (ପାଞ୍ଚଜନ୍ୟ) ମହାତ୍ମାଗାନ୍ଧୀଙ୍କ ସତ୍ୟ-ନ୍ୟାୟ ତଥା ସତ୍ୟାଗ୍ରହରେ ବିଶ୍ୱାସ କରୁଥିବା ଲୋକରତ୍ନ କୁଞ୍ଜବିହାରୀ ଦାଶ ସଂଗ୍ରାମୀଙ୍କୁ ବୀର ଆହ୍ୱାନ ଦେଇ ଲେଖିଛନ୍ତି: "ହୃଦୟେ ଭରା ସତ୍ୟବଳ / କରିବୁ ଆମେ ଦିଗ୍‌ବିଜୟ / ସହିଦ ବୀର ସନ୍ତାନର ଚିହ୍ନେ ନାହିଁ ମୃତ୍ୟୁ ଭୟ / ଝଞ୍ଜାବାଉ ମୃତ୍ୟୁ ଭେରୀ ଦିଗ୍‌ବଳୟ ଅନ୍ଧକାରେ । / ଲଞ୍ଜାଗାଉ ରୁଦ୍ରଗୀତି ରକ୍ତତାଳି ଖଡ଼୍‌ଗ ଧାରେ ।" (କରିବୁ ଆମେ ଦିଗ୍‌ବିଜୟ)

ବିଶିଷ୍ଟ ଗାନ୍ଧିବାଦୀ ହରପ୍ରିୟା ଦେବୀ ଶ୍ରୀମଦ୍ ଭଗବତ୍ ଗୀତାର ଆଦର୍ଶକୁ କବିତାରେ ରୂପ ଦେଇ ସଂଗ୍ରାମୀଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ ଦେଇଛନ୍ତି– "ବୀର ରକ୍ତରେ ତର୍ପଣ କରି ଜନନୀ ଭକ୍ତ ଗଣ / ଦେଶ ଲାଗି ଆଜି କରିବା ସରବେ ଜୀବନ-ମରଣ ପଣ / ପାରିଜାତ ମାଳା ଗଳାରେ ପିନ୍ଧିବ / ଶହୀଦ ହୋଇଲେ ଭାଇ / ଜିତିଲେ ରଖିବ ଜନନୀର ମାନ / ପୁଣ୍ୟ ଭାରତ ଭୂଇଁ ।" (ବିଶ୍ୱାସ ନାହିଁ

ତା'ରେ) କବି ଜ୍ଞାନୀନ୍ଦ୍ର ବର୍ମା ଇଂରେଜମାନଙ୍କୁ ଏ ଦେଶରୁ ତଡ଼ିବା ଲାଗି ଖୋର୍ଦ୍ଧାର ପାଇକମାନେ ଯେଉଁ ତ୍ୟାଗ ଓ ବଳିଦାନର ଦୃଷ୍ଟାନ୍ତ ଦେଖାଇଛନ୍ତି, ତା'ର ଭୂରି ଭୂରି ପ୍ରଶଂସା କରିଛନ୍ତି : "ରାହାଙ୍ଗ ନୁହଇ ରୋଡ଼ଙ୍ଗ ନୁହଇ / ଆଜି ଆସି ଅଛି ଦେଶର ଡାକ / ପାଇକ ଏ ନୁହେଁ, ବକ୍‌ସି ଏ ନୁହେଁ / ଆଜି ଜାଣିଅଛି ଦେଶଟା ଯାକ । / ଦୂରେ ମିଶିଗଲା ଅଶ୍ୱର ହ୍ରେଷା / ପବନେ ଭାସିଲା କଦମ୍ୱକ / ବହୁଦିନ ପରେ ଅସ୍ତ୍ର ଡାକିଛି / ଜାଣିଛି ଅରାତି ଉଚ୍ଛେଦକ ।" **(ପାଇକ ବିଦ୍ରୋହ)**

ଅନ୍ୟତମ ଗାନ୍ଧିବାଦୀ ନେତା ତଥା ଲବଣ ସତ୍ୟାଗ୍ରହୀ ବୈକୁଣ୍ଠନାଥ ମହାନ୍ତି ଇଂରେଜଙ୍କୁ ପେଡ଼ିପୁଟୁଳା ବାନ୍ଧି ନିଜ ଦେଶକୁ ଫେରିଯିବାକୁ ତାଗିଦ୍ କରିଛନ୍ତି ତାଙ୍କ କବିତାରେ: "ଏବେ ଜଣାଗଲା ତୁମ କଥା ବିଲାତି ବାଲା / ବେଳ ଆସିଲାଣି ବାନ୍ଧ ତୁମେ ପେଡ଼ିପୁଟୁଳା / ଏ ଦେଶରୁ କାଢ଼ିନିଅ ଯେତେ ଗୋରା ଫଉଜ / ଆଉ ଆମ ଧନେ ବସି କରନାହିଁ ମଉଜ / ତୁମ ବେପାର ବଣିଜ ଘରେ ଲଗାଅ ତାଲା ।" **(ବିଲାତି ବାଲା)**

ବିଶିଷ୍ଟ ବାମପନ୍ଥୀ ତଥା ଜ୍ଞାନପୀଠ ବିଜେତା କବି ସଚ୍ଚିଦାନନ୍ଦ ରାଉତରାୟ ଭାରତର ସ୍ୱାଧୀନତା ଲାଗି ସଶସ୍ତ୍ର ବିପ୍ଳବର ଆହ୍ୱାନ ଦେଇଛନ୍ତି: "ଏକ ହାତେ ତୋର ହସୁ ତରବାରୀ / ଆନ ହସ୍ତେ ହସୁ ପଦ୍ମ / ମିଥ୍ୟା ଜଡ଼ତା କ୍ଲୈବ୍ୟ ଦୀନତା / ଆଉ ହେଉ ଯାହା ଛଦ୍ମ / ଶସ୍ୟଶ୍ୟାମଳା ତୋର ମାଟିତଳ / ରକ୍ତେ ହେଉରେ ରକ୍ତ ପାଟଳ / ଜାଗୁ ତାଙ୍କର ପ୍ରଳୟଙ୍କର / ରୁଦ୍ର ସର୍ବନାଶୀ / ଜାଗରେ ଭାରତ ବାସୀ ।" **(ସ୍ୱାଧୀନ ସୂର୍ଯ୍ୟ)**

ଅନେକ ଜାତୀୟବାଦୀ ଚେତନାର କବିତା ରଚନା କରି ସୁନାମ ଆଣିଥିବା ସୁନ୍ଦରମଣି ଦେବୀ ଇଂରେଜ ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ ଲାଗି ବୀରଦର୍ପରେ ଆଗେଇ ଯିବାକୁ ଆହ୍ୱାନ ଦେଇଛନ୍ତି : "ବୀରଦର୍ପରେ ଆଗେଇ ଚାଲରେ / ସୁପ୍ତ କେଶରୀ ଜାତି / ଲୁପ୍ତ ଗୌରବ ଫେରାଇ ଆଣରେ / ରକ୍ତ ସମରେ ମାତି / ତୃପ୍ତ ସିଂହର ଶାବକରେ ତୁମେ / ଗୁପ୍ତ ସମର ରତ ରଣଭୂମେ / ରକ୍ତ କମଳ ଏ ଦେଶରେ ତମେ / ବିକଚି ଜୀବନେ ଭାତି / ସୁପ୍ତ କେଶରୀ ଜାତି ।" **(ଜାଗରଣ)**

ପ୍ରଚଣ୍ଡ ଜାତୀୟବାଦୀ କବି ବାଞ୍ଛାନିଧି ଦାସଙ୍କ 'ଜୟଭେରୀ' କବିତାଗ୍ରନ୍ଥ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ବଡ଼ ଅସ୍ତ୍ର ଥିଲା । ଜଣେ ବୀର ସନ୍ତାନ ଭାବେ ହିମାଚଳଚୂଳରେ ଜାତୀୟ ପତାକା ଉଡ଼େଇବାର ବଜ୍ରଶପଥ ନେଇଛନ୍ତି- "ବୀର ଜନନୀର ସନ୍ତାନ ମୁହିଁ / ଜଗତେ ମୋ ଭୀତି କାହାକୁ ନାହିଁ / ଉଡ଼ାଇବି ତା'ର ପବିତ୍ର ନିଶାଣ / ହିମାଚଳ-ଶିରେ ଦରପେ ଯାଇ ।" **(ମୋ ଜନମ ଭୂଇଁ)**

ମାର୍କସୀୟ ସାମ୍ୟବାଦୀ ଚେତନାର ବିପ୍ଳବୀ କବି ମନମୋହନ ମିଶ୍ର ଗୋରାପିଶାଚ କବଳରୁ ଦେଶକୁ ମୁକ୍ତ କରିବା ଲାଗି ସ୍ୱାଧୀନତା ସଂଗ୍ରାମୀଙ୍କୁ ଆହ୍ୱାନ ଦେଇଛନ୍ତି- "କିଏ ଭାଗ୍ୟବାନ ହୁଅ ଆଗୁଆନ୍ / ଏଥି ସାର୍ଥକ ଜୀବନର ବଳିଦାନ / ଆସ ବାଳୁତ ବୃଦ୍ଧ ନାରୀ ନର / ଶପଥ କର / କର ମରଣଜୟୀ / ସହିଦ ରକତେ ପୁଣ୍ୟମୟୀ / ଆସ ଦୁର୍ବାର ଜୀବନର ବାର୍ତ୍ତା ଗାଇ ।" **(ଶପଥକର)**

ଅନ୍ୟତମ ସାମ୍ୟବାଦୀ ମାନବବାଦୀ କବି ବ୍ରଜନାଥ ରଥ ସ୍ୱାଧୀନତାକୁ ଆହ୍ୱାନ ଜଣେଇ ଅନେକ କବିତା ରଚନା କରିଛନ୍ତି । ସ୍ୱାଧୀନତାର ସାଫଲ୍ୟ ପାଇଁ ମହାତ୍ମାଗାନ୍ଧିଙ୍କ ତ୍ୟାଗ ଓ ଆଦର୍ଶକୁ ପ୍ରଣିପାତ କରିଛନ୍ତି : "ସ୍ୱପ୍ନର କୋରକ ଦିନେ / ଅବରୁଦ୍ଧ ଆମରି ପ୍ରାଣର / ଥିଲା ଯେବେ ବନ୍ଦୀ ହୋଇ / ନିରାଶା-କୁଜ୍‌ଝଟୀକା ଘେରା ଘୋର ଅନ୍ଧକାରେ / ତୁମେ ହିଁ ପ୍ରଥମ ସୂର୍ଯ୍ୟ / ଜୀବନର ନଭଶ୍ଚୁମ୍ବୀ ଉତ୍ତୁଙ୍ଗ ଶିଖରେ / ନବରାଗେ ରବି ତୁମ ଶୁଭ ଉଦୟନ / ଛିନ୍ନ କରି ରଜନୀର ଘନଘୋର ତିମିରି ବଂଧନ / ଉଷାର ଉଜ୍ଜ୍ୱଳ ହାସେ / ଫୁଟାଇଲ ତା'ରେ / ଗନ୍ଧଭରା ଛନ୍ଦଭରା / ବର୍ଣ୍ଣମୟ ବିଚିତ୍ର ସମ୍ଭାରେ ।" **(ଗାନ୍ଧିଜୀ ସ୍ମରଣେ)** 'ଝଡ଼ର ଝଂକାର', 'ଆଦ୍ୟରଶ୍ମି' ପ୍ରମୁଖ କବିତା ଗ୍ରନ୍ଥର ରଚୟିତା ତୁଳସୀ ଦାସ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ଦେଶବାସୀଙ୍କୁ ଆହ୍ୱାନ ଜଣେଇଛନ୍ତି: "ବୀରଦର୍ପରେ କରେ ପ୍ରତିରୋଧ / ଯବନ ଶରୀର ଜାଳି / ଦେଶବାସୀ ମୋର ଉଠରେ ଜାଗରେ / ଆମର ପଡ଼ିଲା ପାଳି / ବଜାରେ ବଜାରେ ରଣ ଦୁନ୍ଦୁଭି / ବଜାରେ ବଜାରେ ତୂରୀ / ଶୌର୍ଯ୍ୟର ବଳେ ଧୈର୍ଯ୍ୟର ବଳେ / ଦିଅରି ମଥା ଚୁରି / ବିଶ୍ୱ ଦେଖୁରେ ଆମେ କରିପାରୁ / ପଞ୍ଚଶୀଳର ଗାନ / ଆମେ ରଖିପାରୁ ସୁଜଳା ସୁଫଳା / ଶସ୍ୟ ଶ୍ୟାମଳା ମାନ ।" **(ସମର ସଂଗୀତ)**

ଆକାଶବାଣୀର କଳାକାର ତଥା ଅନେକ ଦେଶପ୍ରେମମୂଳକ କବିତାର ରଚୟିତା ଶ୍ରୀମତୀ ବୀଣାଦେବୀ ସ୍ୱାଧୀନତା ସଂଗ୍ରାମ ପାଇଁ ଆହ୍ୱାନ ଦେଇଛନ୍ତି ତାଙ୍କ କବିତାରେ: "ଏ ଦେଶ ନାରୀ / ଝାନ୍‌ସୀର ରାଣୀ / ଜୀବନ ଦେଇଛି ଶତ୍ରୁରେ ହାଣି / କେତେ ପଦ୍ମିନୀ ଚିତାର ଅନଳେ / ହସି ହସି ଥିଲେ ଶୋଇରେ / ଆଜି ଦେଶର / ସୀମାନ୍ତ ଘେରି / କଳାମେଘ ଆସେ ଘୋଟି / ଜାଗ୍ରତ ଆଜି ହୁଅରେ ସଭିଏଁ / ପବିତ୍ର ଏ ଦେଶ ମାଟିରେ / ରକତ ଢାଳିବା ପାଇଁରେ ।" **(ମାତୃଭୂମି)** 'ଫଲଗୁରେ ବନ୍ୟା', 'ମୁଠାଏ ମାଟି ଚେନାଏ ଆକାଶ'ର କବି ଦୁର୍ଗାମାଧବ ମିଶ୍ରଙ୍କ କବିତାରେ ସ୍ୱାଧୀନତା ସଂଗ୍ରାମର ବିଜୟବୀରଙ୍କୁ ଅଭିବାଦନ ଜଣେଇଛନ୍ତି କବିତାରେ: "ଫେରି ଆସିଅଛ ବୀର ସୈନିକ / ବିଜୟର ମାଳା ଗଳେ / ଆଜି ଏ ଗୋଧୂଳି ଚୁମ୍ବନ ଲେଖେ / ତୁମରି ଦୀପ୍ତ ଭାଳେ / ସ୍ୱଦେଶ ଜନନୀ ଦିବସ ରଜନୀ / ଚାହିଁଥିଲା ତୁମ ପଥ / + + + ମତୁଆଲା ତୁମେ ଦେଶର ହିତ ପାଇଁ / ଶତ୍ରୁ କୁହାଟେ ପଡ଼ିଲନି ନଇଁ / ତମ କରବାଳ / ହେଲା ଝଲମଲ ଶତ୍ରୁ ଲୁଚିଲା ଡରେ / ଫେରି ଆସିଅଛ ବୀର ସୈନିକ / ବିଜୟର ମାଳା ଗଳେ ।" **(ବିଜୟ ବାହୁଡ଼ା)** ବିପ୍ଳବୀ କବି ରବି ସିଂ ଭାରତ ମାଟିରୁ ଇଂରେଜଙ୍କୁ ତଡ଼ିଥିବା ଆମ ପାଇକମାନଙ୍କର ବଳିଦାନ ଓ ତ୍ୟାଗକୁ ପ୍ରଶଂସା କରିଛନ୍ତି: "କୋଟିଏ ପାଇକ ମଶାଲେ ଜଳିଲା / ମୁକତିର ହୁତାସନ / ଜାଳିଦେବା ପାଇଁ ଭାରତ ଭୂଇଁରୁ / ଫିରିଙ୍ଗି ଗୋରା ଶାସନ / ଗୋରା ଫଉଜର ତୋପ କମାଣକୁ / ଉପହାସ କରି କରି / କୁଦି ପଡ଼ିଥିଲେ ପାଇକ ସେନାନୀ / ମୁକତିର ନେତ ଧରି ।" **(ଇତିହାସକୁ ତୋ ପଚାର...)**


'ସଂଜସକାଳ' କାବ୍ୟର କବି ସୁଧାଂଶୁ ମୋହନ ରାଉତରାୟ ବାପୁ ତଥା ସ୍ୱାଧୀନତା ସଂଗ୍ରାମରେ, ସମ୍ମୁଖ ସଂଗ୍ରାମରେ ନିଜର ବୀରତ୍ୱ ଦେଖାଇଥିବା ବୀରଙ୍କୁ ସ୍ମରଣ କରି ଶ୍ରଦ୍ଧା ବାଢ଼ିଛନ୍ତି କବି: "ବଙ୍ଗ ନବାବ, ତାନ୍ତିଆଟୋପି, ଝାନ୍‌ସୀ ରାଣୀ / ମୂକଜନତାର କୋଟି କଣ୍ଠରେ ଦେଲେ ଯେ ବାଣୀ / ଚାଖି ଖୁଣ୍ଟିଆ, ବିପ୍ଳବୀ ସୁର, କରିଲେ ପଣ / ତାହାରି ପାଇଁ କି ଜାଗ୍ରତ ଆଜି ଏ ଦେଶଗଣ / ବଙ୍ଗଭଙ୍ଗ ଚମ୍ପାରଣରେ କଏ ସେ ବୀର / ଜାଲିଆନାବାଗ୍ ଜନ ମଣ୍ଡପେ ଦେଲେ ଯେ ଉତ୍ତର / ଚୋରିଚୋରା ପୁଣି କମ୍ପି ଉଠିଲା ଜୀବନ ପାଇ / ମନପ୍ରାନ୍ତର ଏବେ ମୂର୍ଚ୍ଛିତ ସେ ଗୀତ ଗାଇ ।" **(ଶପଥକର)** ପଶ୍ଚିମ ଓଡ଼ିଶା ବିଶିଷ୍ଟ ଶିଶୁ କବି ମଙ୍ଗୁଳୁଚରଣ ବିଶ୍ୱାଳ ମୁକ୍ତି ସଂଗ୍ରାମୀଙ୍କୁ ନିଜର ଭକ୍ତିଭରା ଶ୍ରଦ୍ଧା ବାଢ଼ିଛନ୍ତି: "ସେ ବିପ୍ଳବୀ ପୃଷ୍ଠାପରେ ଲେଖିଲେ ଯେ ନିର୍ଭୁଲ ଭୂମିକା / ଆଜି ଏଇ ଶୁଭ ଲଗ୍ନେ ରଖିବା ସେ ସ୍ମୃତି ସ୍ମରଣିକା / ସଂଗ୍ରାମୀ ସାଧନା କରି କେତେ ବନ୍ଧୁ କେତେ ଦେଶଭାଇ / ଅସହିଷ୍ଣୁ ମୁହୂର୍ତ୍ତରେ ପ୍ରାଣଦେଲେ ଗୁଳିମାଡ଼ ଖାଇ / ସେ ବ୍ୟର୍ଥତା ତଳେ ଲେଖି କେତେ ଗୋଟି ଲୋହିତ ଅକ୍ଷର / ଆଗାମୀ ବିପ୍ଳବ ପାଇଁ ଲେଖିଲେ ସଂଗ୍ରାମୀ ସ୍ୱାକ୍ଷର ।" **(ହେ ଶତାବ୍ଦୀ ଜାଗିଉଠ)**

'ଉର୍ବଶୀର ଚିଠି', 'ହେ ସାରଥୀ ରଥରଣ' ପ୍ରଭୃତି କବିତା ଗ୍ରନ୍ଥର ସ୍ରଷ୍ଟା କବି ବିଭୂଦତ୍ତ ମିଶ୍ର କଷ୍ଟାର୍ଜିତ ସ୍ୱାଧୀନ ଭାରତବର୍ଷକୁ ଶତ୍ରୁ କବଳରୁ ରକ୍ଷା କରିବା ଲାଗି ବୀର ଯବାନଙ୍କୁ ଆହ୍ୱାନ ଦେଇଛନ୍ତି: "ଯୁଗ ଯୁଗ ଇତିହାସେ ପଦାଘାତ କରି ଆଜି କିଏ / ହିମାଦ୍ରିର ଶୃଙ୍ଗେ ଶୃଙ୍ଗେ ସୃଷ୍ଟି କରେ ପ୍ରଳୟ ତାଣ୍ଡବ / ମହାଭାରତର ଦେଶେ କିଏ ଆଜି ପାଦ ତା'ର ଦିଏ / ଜାଗି ଉଠ ହେ ଅର୍ଜୁନ ହାତେ ଧରି ଦୁର୍ଜ୍ଜୟ ଗାଣ୍ଡିବ / ଆଜିର ଏ ପୁଣ୍ୟ ଦିନେ ସର୍ବଜନେ ଘେନ ଏଇ ମନ୍ତ୍ର / ରକ୍ତ ଦେଇ ରକ୍ଷା କର ଏ ଭାରତ ସାଧାରଣତନ୍ତ୍ର ।" **(ରକ୍ତଦେଇ ରକ୍ଷାକର)**

ଆହୁରି ଅନେକ କବି ଭାରତର ମୁକ୍ତି ସଂଗ୍ରାମକୁ ନେଇ କବିତା ରଚନା କରିଛନ୍ତି । ସୀମିତତା ଦୃଷ୍ଟିରୁ ସବୁ କବିଙ୍କୁ ଆଲୋଚନା ପରିସରକୁ ଆଣି ହେଲାନି । ପରବର୍ତ୍ତୀ ପ୍ରବନ୍ଧରେ ସେମାନଙ୍କ ସଂପର୍କରେ ଆଲୋଚିତ ହେବ ।

ମନେପଡ଼େ

# ବିରଳ ବିଜୟ



# ହେ ସାମ୍ବାଦିକବାବୁ, ଆଗ ଖାଇପିଇ ମୋଟା ହୁଅ ତା'ପରେ କାମ କରିବ



▶ଲେଖକ ଜୟନ୍ତ ଶେଠ୍


**ଜୟନ୍ତ ଶେଠ୍**

ପ୍ଲଟ୍ ନଂ- ୧୧୩୪,ଲେନ୍- ୫, ଏୟାରପୋର୍ଟ ଏରିଆ,
ଭୁବନେଶ୍ୱର-୭୫୧୦୨୦
ଫୋନ : ୭୦୦୮୭୭୩୫୪୪


ଫଟୋ ସୌଜନ୍ୟ : ପ୍ରଫୁଲ୍ଲ ସେନାପତି, ଏନ୍‌ଏସ୍‌ଡ଼ି,
ହରପ୍ରସାଦ ମହାପାତ୍ର ଓ ଗୁଗୁଲ୍
ପୋଟ୍ରେଟ୍ : ସଂଜୟ କୁମାର ରାଉଳ

ପ୍ରାୟ ୨୪ବର୍ଷ ତଳର କଥା । ୧୯୯୬ ମସିହା । ମତେ ହୋଇଥାଏ ୨୩ ବର୍ଷ । ନୂଆ ନୂଆ ସାମ୍ବାଦିକତା ଆରମ୍ଭ କରିଥାଏ । ସେତେବେଳେ ଚହଳ ପକାଇଥିବା ଓଡ଼ିଆ ପତ୍ରିକା 'ସଚିତ୍ର ବିଜୟା'ର ସହକାରୀ ସମ୍ପାଦକ ଭାବେ ନିଯୁକ୍ତି ପାଇଥାଏ । ଦିନେ ସମ୍ପାଦକ ସୁନୀଲ କୁମାର ପୃଷ୍ଟି ଦାୟିତ୍ୱ ଦେଲେ ଅଭିନେତା ବିଜୟ ମହାନ୍ତିଙ୍କର ଗୋଟିଏ ସ୍ୱତନ୍ତ୍ର ସାକ୍ଷାତକାର ପ୍ରସ୍ତୁତ କରିବା ପାଇଁ । ହଡ଼ବଡ଼େଇ ଗଲି । ସେତେବେଳେ ବିଜୟ ମହାନ୍ତି ଓଡ଼ିଆ ସିନେମାର ମେଗାଷ୍ଟାର୍ କି ସୁପରଷ୍ଟାର୍, ଜୁବୁଲି ଷ୍ଟାର୍, ଯାହା କୁହାଯାଇ ପାରିବ । ତଥାପି ମନରେ ସାହସ ବାନ୍ଧିଲି । ଯେଉଁଦିନ ସାକ୍ଷାତକାର ପାଇଁ ଯିବାର ଥାଏ, ସେଦିନ ସକାଳୁ ବିଜୟ ମହାନ୍ତିଙ୍କ ଫୋନ୍ ନମ୍ବର ସଂଗ୍ରହ କରି ଫୋନ୍ କଲି ।

"ନମସ୍କାର ସାର୍, ମୁଁ 'ସଚିତ୍ର ବିଜୟା'ରୁ ଜୟନ୍ତ ଶେଠ୍ କହୁଛି । ବିଜୟ ସାର୍‌ଙ୍କ ସହିତ କଥା ହୋଇପାରିବି ।"

"ହଁ, ମୁଁ ବିଜୟ ମହାନ୍ତି କହୁଛି ।"

ସିନେମା ହଲ୍‌ର ସାଉଣ୍ଡ୍ ସିଷ୍ଟମ୍‌ରେ ଶୁଣା ଯାଉଥିବା ଗମ୍ଭୀର ସ୍ୱର ଫୋନ୍‌ରେ ଶୁଣି ଦେହରେ କେମିତି ଏକ ଶିହରଣ ଖେଳିଗଲା ।

"ସାର୍ ଆମ ପତ୍ରିକାରେ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ପାଇଁ ଆପଣଙ୍କୁ ଭେଟିବାକୁ ଚାହୁଁଛି । ଆଜି ସଂଧ୍ୟାରେ ଭେଟି ପାରିବିକି ?"

"ଯାହା ହେଉ 'ସଚିତ୍ର ବିଜୟା'ରେ ମୋର ସାକ୍ଷାତକାର ବାହାରିବ, ଆଉ ମନା କରିବି । ହଉ ଆସନ୍ତୁ ଆଜି ସଂଧ୍ୟା ୬.୩୦ରେ । ବେଶି ଡେରି କରିବେନି । ଆମେ ଅଧଘଣ୍ଟା କଥା ହୋଇ ପାରିବା । କାରଣ ମୋର ଜଣେ ବନ୍ଧୁଙ୍କ ଘରକୁ ଯିବାର ଅଛି ।"

"ଠିକ୍ ଅଛି । ସାର୍ ମୁଁ ଠିକ୍ ସମୟରେ ପହଁଚିବ ।"

ଫୋନ୍ ରଖିବା ପରେ, ବିଜୟ ମହାନ୍ତିଙ୍କ ସହ ସାକ୍ଷାତକାର କରିବି- ଏକଥା ଭାବିଲା ବେଳକୁ ଛାତି କୁଣ୍ଢେମୋଟ ହୋଇ ଯାଉଥାଏ । ଏତେ ବଡ଼ ଷ୍ଟାର୍, ସେ କେମିତି କଥା ହେଉଥିବେ, ତାଙ୍କୁ କେମିତି ସାମ୍ନା କରିବି- ଏସବୁ ଭାବି ଭାବି ଫଟୋଗ୍ରାଫର ବନ୍ଧୁ ପ୍ରଫୁଲ୍ଲ ସେନାପତିଙ୍କୁ ଧରି ନିର୍ଦ୍ଧାରିତ ସମୟରେ ତାଙ୍କ କଳ୍ପନା ଫ୍ଲାଟ୍ ସ୍ଥିତ ସରକାରୀ କ୍ୱାର୍ଟର୍‌ରେ ପହଂଚିଲା ବେଳକୁ ସାର୍‌ଙ୍କର ଦେଖିଲି ଏକ ଭିନ୍ନ ବ୍ୟକ୍ତିତ୍ୱ । ପରଦା ଉପରେ ଯେମିତି ନିଜ ବଡ଼ଭାଇ, ବାପାଙ୍କ ଭଳି ସଂଳାପ କହନ୍ତି, ବାସ୍ତବ ଜୀବନରେ ବି ସେମିତି ସରଳ ଆଉ ମେଳାପି । ତାଙ୍କର ଠୋ ଠୋ କଥା, ମନଖୋଲା ହସ ମତେ ଭାରି ସହଜ କରିଦେଇଥିଲା ତାଙ୍କ ସହ ଗପିବା ପାଇଁ । କିନ୍ତୁ ବିଜୟ ସାର୍ ସେଦିନ ଦୀର୍ଘ ତିନିଘଣ୍ଟା ଭିତରେ ବଖାଣିଗଲେ ତାଙ୍କ ସଂଘର୍ଷ, ପ୍ରେମ, ପ୍ରତିଷ୍ଠା ଆଉ ସ୍ୱପ୍ନ ସଂପର୍କରେ ଅନେକ ଅଭୁଲା କଥା । ସେସବୁ



▶ବିଜୟୀ ହସର ଏକ ହୃଦ୍‌-ଗଣିତ : ବିଜୟ ମହାନ୍ତି

# କାହାଣୀ ଯଦି ରହିଲା ଅଧା


## ତପନ କୁମାର ପଣ୍ଡା

ବି-୧/୨୦୧, ବୈଷ୍ଣୋମୋନାର୍କ ଆପାର୍ଟମେଣ୍ଟ୍,
ରସୁଲଗଡ଼, ଶିଳ୍ପାଂଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ : ୮୮୨୬୨୯୧୫୧୨


ଫଟୋ ସୌଜନ୍ୟ : ଲେଖକ



'କାହାଣୀ ଯଦି ରହିଲା ଅଧା, ଆର ଜନମ ପାଇଁ ଏକା ଚାଲିଯା ଜୀବନ ବାଟ, ପଛକୁ ଚାହିଁବୁ ନାହିଁ'- ଏଇଟା ବିଜୟ ମହାନ୍ତିଙ୍କ ଉପରେ ଚିତ୍ରାୟିତ ଗୋଟିଏ ଗୀତର ଧାଡ଼ି । ହଁ ସେଇ କାହାଣୀ ଅଧା ରଖି ସେ ଚାଲିଗଲେ । ଆହୁରି କେତେ ଯେ କଣ କରିବାର ଥିଲା । ସଦାବେଳେ କୁହନ୍ତି, "ଭଲ "ସିନେମାଟେ କରନ୍ତୁ । ମୁଁ ସିନେମାର ଲୋକ ନୁହେଁ । ସିନେମାକୁ ଏବଂ କଳାତ୍ମକ ସିନେମାକୁ ଭଲ ପାଉଥିବା ଜଣେ ମଣିଷ ।"

ଏବେ ସେ ନାହାନ୍ତି । କିନ୍ତୁ ତାଙ୍କ ପାଇଁ ସବୁଠି ଭିଡ଼ । ସମସ୍ତେ ତାଙ୍କର ଗୁଣଗାନ କରୁଛନ୍ତି, କରିବେ, କରିବା ଉଚିତ୍ ମଧ୍ୟ । ଦୀର୍ଘ ଚେୟାଳିଶ୍ ବର୍ଷ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସମର୍ପିତ ଏକ ପ୍ରତିଭା । ଯେତେ ସ୍ମୃତିଚାରଣ କଲେ ବି ଅକୁଳାଣ ହେବ ।

ମୁଁ ତାଙ୍କୁ ଟିକିଏ ନିଆରା ଭାବେ ଜାଣେ । ଜାଣେ, ଜଣେ ସାଦାସିଧା ପଡ଼ୋଶୀ ଭାବରେ । ହଁ ତାଙ୍କର ପଡ଼ୋଶୀ ହେବାର ସୌଭାଗ୍ୟ ମୋତେ ମିଳିଥିଲା ବୋଲି ତ ଦୁଇପଦ ଆଜି ଲେଖିବା ପାଇଁ ବସିଛି । ଅନୁଭବିଛି, ଯେତେବେଳେ ସେ ମୋ ସହ କଥା ହୁଅନ୍ତି, କେବେ ବି ଜଣେ ବଡ଼ କଳାକାର ବା ଷ୍ଟାର୍ ଭଳି ନୁହଁ, ଜଣେ ସାଧାରଣ ମଣିଷ ପରି କଥା ହୁଅନ୍ତି । ବୋଧେ ଏଇଟା ହିଁ ତାଙ୍କ ଭିନ୍ନତା । ତାଙ୍କ ମହନୀୟତା ।

ଦେଖିଲା ମାତ୍ରେ ପଚାରିବେ, "ଆଉ କେବେ ଆସିଲେ ?" ଗପସପ ଆରମ୍ଭ ହୁଏ ଏଇଠୁ । ଦିଲ୍ଲୀ, ମୁମ୍ବାଇରୁ ଗପ ମୁଡ଼ି ମୁଁ ଧରିକି ଆସେ, ସେ ହାଇଦ୍ରାବାଦ୍, ଭୁବନେଶ୍ୱର ଓ ବାରିପଦାର ବାରମଜା ଧରିକି ଆସନ୍ତି । ଆମେ ମିଶେଇକି ଉପଭୋଗ କରୁ ।

ଥରେ ନୂଆନୂଆ ବେଳେ ପଚାରିଥିଲେ, "ଆପଣ କ'ଣ ସିନେମା ଦେଖନ୍ତି, ଓଡ଼ିଆ ସିନେମା ?" ମୁଁ ହସିଥିଲି । କହିଥିଲି, "ଏବେ ଆଉ ଦେଖୁନି । କିନ୍ତୁ ଏକଦା ଦେଖୁଥିଲି । ସେ ସମୟରେ ଆପଣ ନାୟକ କି ଖଳନାୟକ ହେଉଥିଲେ ।" ହଠାତ୍ ପଚାରି ବସିବେ, "କୋଉ ଚରିତ୍ରଟା ଭଲ ଲାଗିଥିଲା ?" ଏମିତି ଗୋଟେ ପ୍ରଶ୍ନ ମୋତେ ବ୍ୟତିବ୍ୟସ୍ତ କରି ପକାଇବ । ବିଶାଳ ଫିଲ୍ମୋଗ୍ରାଫିରେ କେତେ କେତେ ଚରିତ୍ର ସେ କରିଛନ୍ତି । କେଉଁଟାକୁ ଭଲ କହିବି, ବାଟ ଖୋଜେ ମୁଁ । ତଥାପି କହେ, 'ଜଗନ' ଚରିତ୍ର ମୋର ଭାରି ପସନ୍ଦ । ଏତିକିରେ ସରେନି ତାଙ୍କ ପ୍ରଶ୍ନ ? "ଆଉ କୋଉ ଗୀତରେ ମୋତେ ପସନ୍ଦ କରୁଥିଲେ ?" ମୁଁ ଗୀତପ୍ରିୟ ହୋଇଥିବାରୁ ଏ ପ୍ରଶ୍ନର ଉତ୍ତର ସହଜ ହୁଏ ମୋ ପାଇଁ । ରୂପା ଶଗଡ଼ିରେ ସୁନା କନିଆଁ, ଶୋଇଯା ମାମା, ମେଘ ପାଲିଙ୍କିରେ ଜହ୍ନ ଆସିବ, ପରି ରାଇଜକୁ ବୁଲେଇ ନେବ କିମ୍ବା ସୁନାରୂପା ଗୌଣି, କ୍ଷୀର ସର ଲହୁଣୀ... । ସେ ଚୁପ୍ ହୋଇଯାଆନ୍ତି.... ମୁଁ କଥା ଆରମ୍ଭ କରେ...ତାଙ୍କର ଫ୍ୟାନ୍ ହେବାର କଥା ।

ମୁଁ ପଞ୍ଚମ ଶ୍ରେଣୀରେ ପଢୁଥିଲି, ଜଟଣୀରେ । ତାଙ୍କର 'ଚିଲିକା ତୀରେ' ସିନେମା ଚାଲିଥାଏ 'ଚିତ୍ରାଳୟ ଟକିଜ'ରେ । ନନାଙ୍କ ପକେଟ୍‌ରୁ ଦୁଇଟଙ୍କା ଚୋରି କରି ସିନେମା ଦେଖିବା, ଧରାପଡ଼ି ମାଡ଼ ଖାଇବା, ସେ ପୁଣି ଗୋଟେ ଏବେବି ସାଇତା ହୋଇ ରହିଛି 'ସଚିତ୍ର ବିଜୟା'ର ସେହି ନିର୍ଦ୍ଦିଷ୍ଟ ସଂଖ୍ୟାରେ । କଥାବାର୍ତ୍ତା ଚାଲିଥାଏ । ମଝିରେ ତନ୍ଦ୍ରା ମ୍ୟାଡ଼ାମ୍ ଆଉ ଝିଅ ଜସ୍ମିନ୍‌ଙ୍କ ସହ ବି ପରିଚୟ କରାଇ ଦେଲେ । ସେତେବେଳେ ଜସ୍ମିନ୍ ବୋଧେ ପଢୁଥିଲେ ଦଶମ ଶ୍ରେଣୀ କିମ୍ବା ପ୍ଲସ୍‌ଟୁ, ମୋର ସଠିକ୍ ଭାବେ ମନେ ନାହିଁ । ସେତେବେଳେ ମୋର ଥିଲା ଦୁର୍ବଳଶରୀର । ମତେ ଦେଖି ବିଜୟ ସାର୍ ହଠାତ୍ କଥା ମଝିରେ ପଚାରିଲେ, "ହୋ ସାମ୍ବାଦିକ ବାବୁ, ଏତେ ଦୁର୍ବଳିଆ ଶରୀର ହେଲେ କାମ କେମିତି କରିବ ? ଆଗ ଟିକେ ଖାଇପିଇକି ମୋଟା ହୁଅ, ତାପରେ କାମ କରିବ । ତମକୁ ଅଭୟ ବାବୁ (ଅଭୟ ସିଂହ) ବୋଧେ ବହୁତ ଖଟଉଛନ୍ତି ।"

ତାଙ୍କର ଏଭଳି ଆତ୍ମୀୟତା ଦେଖି ମୋ ମନରେ ସାହସ ଆହୁରି ବଢିଗଲା । ତା'ପରେ ସାଙ୍ଗେ ସାଙ୍ଗେ କଥାକୁ ହାଲୁକା କରି ପୁଣି କହିଲେ, "ହଇଓ, ମନ ଦୁଃଖ କଲ କି ? ମୁଁ ସମସ୍ତଙ୍କ ସାଙ୍ଗରେ ଏମିତି ଥଟ୍ଟାମଜା ହୁଏ । କ'ଣ ବୁଝିଲ ? ଆରେ ମୁଁ ସିନା ଓଡ଼ିଆ ସିନେମାରେ ମୋଟା-ସୋଟା ହୋଇ ଭିଲିଆନ୍ ରୋଲ୍ କରୁଛି, ନହେଲେ ପତଳା ଲୋକଙ୍କୁ ମୋର ଭାରି ପସନ୍ଦ । ମୋ ନିଜ ଫିଲ୍‌ମ୍ 'ଭୁଲିହୁଏନା'ର ମେନ୍ ଭିଲିଆନ୍ ଇନ୍ଦ୍ରିସ୍‌ମିଆଁ ମନେଅଛି ? ତମରି ଭଳିଆ ଦୁର୍ବଳିଆ ଚେହେରାର ପିଲା, ସିଏ ପୁଣି ବୁଲେଟ୍ ଗାଡ଼ି ଚଢ଼ି ବୁଲେ । ସେଇ ରୋଲ୍ ମୋର ଜଣେ ଛାତ୍ର ଚୌଧୁରୀ ଜୟ ପ୍ରକାଶ ଦାସକୁ ଦେଇଥିଲି । ମୁଁ ବି ତମରି ଭଳିଆ ପତଳା ଥିଲି । ମତେ ପରା ଓମ୍ (ଓମ୍‌ପୁରୀ) ଆଉ ନାସିର୍ (ନାସିରୁଦ୍ଦିନ ଶାହ) ଖାଲି ଅଣ୍ଡା-ଚିକେନ୍ ଖୁଆଇ ମୋଟା କରିଦେଲେ ।"

ସେଦିନ ଦୁଇଥର ଚା'ପିଆ ଆଉ ପକୁଡ଼ି, ଚଟଣି ଖିଆ ହୋଇଥିଲା । ସବୁଥର ତନ୍ଦ୍ରା ମ୍ୟାଡ଼ାମ୍ ନିଜେ ଆଣି ପରଷୁଥିଲେ । ଦ୍ୱିତୀୟଥର ଚା' ପାଇଁ




ମ୍ୟାଡ଼ାମ୍‌କୁ କହିଲେ, "ହୋ, ସାମ୍ବାଦିକ ବାବୁମାନଙ୍କ ପାଇଁ ଆଉ କପେ କପେ ଚା' ଦିଅ । ଆଜି ଆଉ ସିଆଡ଼େ ଯିବନି । ତମେ ଫୋନ୍‌କରି କହିଦିଅ ।"

ସେଦିନ ସାକ୍ଷାତ୍‌କାର ସରିଲାବେଳକୁ ରାତି ସାଢ଼େ ନଅଟା ଉପରେ । ସାର୍ ସେଦିନ ଆମ ସହିତ ଆସି ଗାଡ଼ି ପର୍ଯ୍ୟନ୍ତ (ସେତେବେଳେ ମୋର୍ ଗୋଟିଏ ହିରୋପୁକ୍ ମୋପେଡ୍ ଥାଏ) ବଳେଇ ଦେବାକୁ ଆସିଲେ । ତା'ରି ଭିତରେ

ଝିଅପିଲା ଆଗରେ- ଏସବୁ ତାଙ୍କୁ ହସର ଖୋରାକ୍ ଦିଏ । ଠୋ ଠୋ ମାରି ସେମିତି ହସନ୍ତି । ଯେମିତି ସିନେମାରେ । ଲାଗେ, ହଠାତ୍ ଯେମିତି ସତମଣିଷଟା କଳାକାର ପାଲଟିଗଲେ । ମୁଁ ବୁଝିପାରେ ଖଳନାୟକର ସଂଳାପ ଯାହା ସେ କହନ୍ତି ରଙ୍ଗ ମାଖି, ସ୍ୱର ବଦଳାଇ ତାହା ସବୁମିଛ, କିନ୍ତୁ ଯୋଉ ହସଟି ହସନ୍ତି ତାହା ନିଷ୍କପଟ । ସିଧା ହାର୍ଟରୁ ବାହାରି ଆସେ । ଓ ହାର୍ଟରେ ବାଜେ ।

କଥା ସରେନି । ଖିଅ ବଢେ । କହିବେ: "ଚାଲ ଛକଆଡୁ ବୁଲି ଆସିବା ।" ଛକ କହିଲେ ରସୁଲଗଡ଼ ଛକ । ପ୍ରଥମେ ପ୍ରଥମେ ଭାବୁଥିଲି ଏମିତି ମନ ବୁଝେଇବାକୁ କହୁଛନ୍ତି ବୋଧେ । ବେଶଭୂଷା ସାଦାସିଧା । ସେ ହାଫ୍‌ପ୍ୟାଣ୍ଟେ ତ, ମୁଁ ଥ୍ରିଫୋର୍ଥଟେ ପିନ୍ଧିଥାଏ । ସେ ବେଶି ସମୟ କଳାରଂଗ ଟି-ସାର୍ଟରେ ଦିଶନ୍ତି । ପରେ ଅବଶ୍ୟ ଜାଣିଲି ଛକଆଡ଼େ ବୁଲି ଆସିବାର ଭିତିରି କଥା । ସେଇଟା ଛେନାପୋଡ଼ ଖାଇବାର ବାହାନା । ଯଦି ମୁଁ ରୋକିବି: "ଆଜ୍ଞା, ଡାଇବେଟିସ୍ ହେଇଯିବ" ତ କହିବେ, ସେଇ ନାଟକୀୟ ଭଙ୍ଗୀରେ, "ତୁମ ଘର ପା' ନୟାଗଡ଼, ଛେନାପୋଡ଼ ଖାଇବାକୁ କ'ଣ ଡରୁଛ ?" କି ଆତ୍ମୀୟତା ଥାଏ ସେ କଥାରେ ସତେ ! ଛେନାପୋଡ଼ ଠୁ ବି ମିଠା । ଏବେ ସେ ଗଲା ପରେ ଦିନେ ମୁଁ ରସୁଲଗଡ଼ ହାଟ ସାମ୍ନାକୁ ଯାଇଥିଲି । ବୁଲା ବିକାଳିଟି ମୋ ମୁହଁକୁ ଚାହିଁଲା । ତା'ପରେ ଅଭ୍ୟାସଗତ ଭାବରେ ମୋତେ ଚାହିଁ ବୁଝିପାରିଲା ମୋ ଦୁଃଖ, କହିଲା, "ସାର୍, ଆଉ ନାହାନ୍ତି !" ମୋ ଆଖି ଲୁହ ଛଳଛଳ, ମୁଁ କିଛି ନକହି ସେଠୁ ପଳେଇ ଆସିଲି । ଆଉ ଯିବିନି କେବେ ତା'ପାଖକୁ, କେବେ ବି ନୁହଁ ।

ଆମ ଗପସପରେ ସେ ବେଶି କହୁଥିଲେ । ମୁଁ ପ୍ରାୟ ଶ୍ରୋତା । ଚାତକ ପରି ତାଙ୍କ ଗପକୁ ପିଇ ଯାଉଥିଲି । ଆମେ ଘଣ୍ଟା ଘଣ୍ଟା ଧରି ଗପୁ, ପରସ୍ପରର ଗାଡ଼ି ପାଖରେ ଛଇଡ଼ା ହୋଇ । ଆମ ଗପର ନଥାଏ ଆରମ୍ଭ ନଥାଏ ଶେଷ । ବୟସର ଏତେ ପାର୍ଥକ୍ୟ ଥାଇ ବି ଗପୁ ଅସରନ୍ତି କଥା ! ସେ ଗପନ୍ତି, ମୁଁ ଶୁଣେ । ସେ ଗପରେ ଥାଏ ଜୀବନ, ଥାଏ ମଣିଷପଣିଆର ଧୂପବାସ୍ନା । ।

ଚାରି ବର୍ଷ ତଳେ, ବମ୍ବେରେ ମୁଁ ଥାଏ । ସେଣ୍ଟ୍ ଜାଭିୟର୍‌ରେ ପଢାଉଥାଏ । ଗୋଟେ ବର୍ଷୁକୀ ଅପରାହ୍ନରେ ଦେଖା ହେଲା ନାଶିରୁଦ୍ଦିନ୍ ଶାହାଙ୍କ ସହ । ସେଇଠୁ ତାଙ୍କର ମୋର ବନ୍ଧୁତ୍ୱ । ତାଙ୍କ ଆତ୍ମଲିପି ପ୍ରକାଶ ପାଇଲା ପରେ ସଯତ୍ନରେ ମୋ ପାଖକୁ ଦୁଇ କପି ପଠେଇ ଥିଲେ । ଗୋଟିଏ ମୋର ଓ ଅନ୍ୟଟି ତାଙ୍କ ସହପାଠୀଙ୍କ ପାଇଁ । ସେଇ ମୁମ୍ବାଇ କଥାବାର୍ତ୍ତା ବେଳେ ମୋତେ ନାଶିର୍ କହିଥିଲେ (ସେ ବି ମୁଁ 'ସାର୍' ଡାକିବାକୁ ବାରଣ କରି, ନାଶିର୍ ଡାକିବା ପାଇଁ କହିଥିଲେ ।) ବିଜୟ ମହାନ୍ତିଙ୍କ ବିଷୟରେ । ପ୍ରଥମ ବର୍ଷରେ ହିନ୍ଦୀ ଓ ଇଂରାଜୀ ଜମାରୁ ଜାଣିନଥିବା ଅଭିନେତା ଏନ୍‌ଏସ୍‌ଡିରେ ଶେଷ ବର୍ଷରେ କିପରି ଜଣେ ମହାନ କଳାକାର ହୋଇ ଯାଇଥିଲେ, ସେଇ ଅନୁଭୂତି ।

ବିଜୟ ମହାନ୍ତିଙ୍କ ସହ ମୋର ଗପସପରେ ମୁଁ ବରାବର ଗୋଟିଏ ପରିବ୍ରାଜକକୁ ଭେଟେ, ଯିଏ ଜୀବନର ଅନେକ ମାଇଲଖୁଣ୍ଟ ଟପି, ଅନୁଭୂତିର ଥାଳକୁ ଭର୍ତ୍ତିକରି ମହାଦ୍ରୁମ ପାଲଟି ଯାଇଥିଲେ । କେତେ ଗଭୀର ତାଙ୍କର ଭଲପାଇବା, କେତେ ଆଦରରେ ସେ ସାଉଁଟି ନିଅନ୍ତି ମଣିଷକୁ । କେତେ ସରଳ ଭାବରେ ଭାଙ୍ଗିଦିଅନ୍ତି ଗୋଟେ ସାଧାରଣ ମଣିଷ ଓ ମହାନ ଅଭିନେତା ମଧ୍ୟରେ ଥିବା ଦୁର୍ଲଂଘ୍ୟ ପାଚେରୀକୁ !



▲ ଅଭିନେତ୍ରୀ ପତ୍ନୀଙ୍କ ସହ

ଆମ ଦୁହିଁଙ୍କ ଘର, ପରିବାର, ବାପା କ'ଣ କରନ୍ତି ପଚାରି ବୁଝୁଥିଲେ । ମତେ ଭାରି ସଙ୍କୋଚ ଲାଗୁଥାଏ । ମୋପେଡ୍ ପାଖକୁ ବିଜୟ ସାର୍ ଆସି ଆମକୁ ବିଦାୟ ଦେଲେ ।

ସେଦିନ ରାତି ସାରା ନିଦ ହୋଇନଥିଲା । ଗୋଟିଏ କଥା ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା । ଏତେବଡ଼ ଷ୍ଟାର୍, 'ଯିଏ କାନ୍ଧରୁ ଗାମୁଛା କାଢ଼ି ଲୁହ ପୋଛୁଥିଲେ ଓଡ଼ିଶା କାନ୍ଦି ପକାଉଥିଲା' (ଗୌରହରି ଦାସଙ୍କ ଭାଷାରେ), ଯାହାଙ୍କୁ ଖାଲି ଆଖିରେ ଥରେ ଦେଖିବା ପାଇଁ ଲୋକେ ଠେଲାପେଲା ହୁଅନ୍ତି- ସିଏ ପୁଣି ମୋ ସହିତ ଏତେ ନିଜର ଭଳି କଥା ହୋଇପାରନ୍ତି !



ଘଟଣାର ବିତିଗଲା ପ୍ରାୟ ଗୋଟିଏ ସପ୍ତାହ । ସେତେବେଳେ ଆମ ଘରେ ଲ୍ୟାଣ୍ଡଫୋନ୍ ଥାଏ । ମୁଁ ଘରେ ନଥାଏ । ସକାଳୁ ସକାଳୁ ଫୋନ୍ କଲେ ବିଜୟ ମହାନ୍ତି । ବାପାଙ୍କୁ କହିଲେ, ତାଙ୍କ ଠାରୁ ମୁଁ ସଂଗ୍ରହ କରିଥିବା ଏନ୍‌ଏସ୍‌ଡି ସମୟର ବିରଳ ଫଟୋଟି ଫେରାଇବା ପାଇଁ । ସେହି ଫଟୋରେ ଥିଲେ ରୋହିଣି ହଟନ୍‌ଗଡ଼ି, ଓମ୍‌ପୁରୀ ଏବଂ ନିଜେ ବିଜୟ ମହାନ୍ତି । ତାହା ଥିଲା ହିନ୍ଦି ନାଟକ 'ଅନ୍ଧା ଯୁଗ୍'ର ଏକ ଦୃଶ୍ୟର ଫଟୋ । ଏକଥା ଶୁଣି ମୋର ଅକଲ୍ ଗୁଡୁମ୍ । କାରଣ ଫଟୋଟି ଯାଇଥାଏ ମାନ୍ଦ୍ରାଜ୍ (ଏବର ଚେନ୍ନାଇ) ରେ ଅବସ୍ଥିତ ଚନ୍ଦାମାମା ପ୍ରକାଶନିକୁ ସ୍କାନିଂ ପାଇଁ । କାରଣ 'ସଚିତ୍ର ବିଜୟା' ଚନ୍ଦାମାମା ପ୍ରେସ୍‌ରେ ହିଁ ଛପା ହେଉଥିଲା ।

ତା'ପର ସେଇସମୟରେ ମୁଁ ଘରେ ଥାଏ । ପୁଣି ଫୋନ୍ କଲେ ବିଜୟ ସାର୍ । ମୁଁ ବାପାଙ୍କୁ କହିଲି, "କହିଦିଅ ମୁଁ ଘରେ ନାହିଁ ।" ବାପା ପୁଣି ସେଇଆ କହିଲେ । ବିଜୟ ସାର୍ ଏଥର ବି ସେଇ ଫଟୋ କଥା କହିଲେ । ବାପା ସେଦିନ ମୋ ଉପରେ ଭୀଷଣ ବିରକ୍ତ ହେଲେ । "ଏତେ ବଡ଼ ଲୋକ ତୁ ଏମିତି ଲୁଚୁଛୁ କାହିଁକି ? ଆଉଥରେ ଫୋନ୍ କଲେ କହିଦେ ଯେ ଫଟୋ ମାନ୍ଦ୍ରାଜରୁ ଆସିଲେ ଫେରେଇ ଦେବୁ ।"

ତା'ପରଦିନ ସକାଳୁ ପୁଣି ଫୋନ୍ କଲେ ବିଜୟ ସାର୍ । ଏଥର ବାପା ସିଧାସଳଖ ଫୋନ୍ ଧରେଇ ଦେଲେ ମତେ । ସେଇଭଳି ବିଜୟ ସାର୍‌ଙ୍କ ଗମ୍ଭୀର

ଗଲାବର୍ଷ କଥା । ଖରାଦିନରେ ଏଗାରଟା ବେଳେ ଦେଖାହେଲା । ମୁଁ ଘରୁ ବାହାରୁଥିଲି । ପଚାରିଲେ, "ଆଉ କୁଆଡ଼େ ବାହାରିଲେ ?" ମୁଁ ଖାସ୍ କିଛି ଉତ୍ତର ଦେଲିନି । ମତେ କହିଲେ, "ବ୍ରାହ୍ମଣକୁ ପଚାରିଲେ ବାଟ ମାରା ହୁଏନା ।" ସେ ଏମିତି ଛନ୍ଦନ୍ତି ତାଙ୍କ କଥାରେ । ଗପ ଯୋଡ଼ିବା ପାଇଁ ଏଇଠୁ ଆରମ୍ଭ ହୁଏ । ମୁଁ କହିଲି, "ଆସନ୍ତୁ ଯିବା ।" ସେ କହିଲେ, "କୁଆଡ଼େ ?" ମୁଁ ଉତ୍ତର ଦେଲି, "ଯୁଆଡ଼େ କହିବେ ।" "ହେଲେ ବାହାରେ ଖାଇବା", ସେ କହିଲେ । ମୁଁ ହଁ ମାରିଲି । ମୁଁ ଡ୍ରାଇଭର, ସେ ଗାଇଡ୍ । ମୋ ସାରା ଜୀବନ ହେଲେ ଏମିତି ଚାଲିଥାନ୍ତା ।

ବୁଲିବୁଲି ପହଞ୍ଚିଲୁ ମହାନଦୀ କୂଳର ଏକ ଢାବାରେ । ସେଠି ଖାଇଲୁ । ମହାନଦୀ ପାର୍ ହେଉ ହେଉ ମୋତେ କହିଲେ, "ବାଁକୁ ଚାଲନ୍ତୁ ।" ଏଯାଏଁ ମୁଁ ଜାଣିନି ସେ ରାସ୍ତା କୁଆଡ଼େ ଯାଇଛି । ବାଁ ପଟେ ମହାନଦୀ ଓ ଡାହାଣ ପଟେ କଳା ସାପ ପରି ରାସ୍ତା । ସାମ୍ନାରେ ଚିକ୍ ଚିକ୍ ଖରା । ହଠାତ୍ କହିଲେ, "ଏଇଠି ରଖ ।" ଯୋଉଠି ଅଟକିଲୁ ସେଠି ବାଟ ଡାହାଣକୁ ମୋଡ଼ି ହୋଇଛି ପାହାଡ଼ର ବେଣୀ ପରି । ଦୂରରେ ଗୋଟାଏ ଦ୍ୱୀପ ଭଳି ଜାଗା, ସେଠି ଗୋଟେ ଶିବ ମନ୍ଦିର ଅଛି ବୋଲି କହିଲେ । ଡାହାଣ ପଟେ, ପାହାଡ଼, ବାଁ ପଟେ ନଈ । ପାହାଡ଼ ପାଦ ଦେଶରେ ଗୋଟାଏ ମଣ୍ଡପ, ଉପରକୁ ଯାଇଛି ପୁଳାଏ ଶିଢ଼ି । ତା ଉପରେ ମନ୍ଦିରଟାଏ ଥିବ । ବଣଭୋଜି ନହେଲେ ମେଲାଣ ଭଳି ଜାଗାଟିଏ । ପ୍ଲାଷ୍ଟିକ୍, ଧଳାକପ୍ ଓ ଖଲିପତ୍ରର ଭିଡ଼ ସେଠି । ଖରାରେ କହିଲେ, "ଚାଲ ଉପରକୁ ଯିବା ।" ମୁଁ ଉତ୍ତର ଦେଲି, "ପେଟେ ଖାଇ ପାହାଡ଼ ଚଢ଼ିବ କିଏ, ଆପଣ ଯାଆନ୍ତୁ ।" ସେ କ'ଣ ଗୋଟେ ଗୀତ ଗାଇ ଗାଇ ଉପରକୁ ଗଲେ । ଦୁଇଟା ଟୋକା ମୋଟର୍‌ସାଇକେଲ୍‌ରେ ଆସି ଆମ ଆଗରୁ ସେଇଠି ଅଟକିଥାନ୍ତି । ସେମାନେ ତାଙ୍କ ପଛରେ ଚାଲିଲେ । ଥଣ୍ଡା ପବନ ବହୁଥିଲା ନଦୀଆଡୁ । ମଣ୍ଡପ ପାଖରେ ଘଞ୍ଚ ବରଗଛଟିଏ । ସେ ପାଖରେ ଝଲ୍‌ମଲ୍





## ଓଡ଼ିଶା ପାଇଁ ବିଜୟଙ୍କ ମନରେ ଥିଲା ପ୍ରଗାଢ ଭଲପାଇବା

ଅଭିନେତା ବିଜୟ ମହାନ୍ତି ଥିଲେ ମୋର ସାନଭାଇ ପରି । ତାଙ୍କ ସହିତ ମୋର ଦୀର୍ଘ ଦିନରୁ ପରିଚୟ । କାରଣ ବିଜୟ ମହାନ୍ତିଙ୍କ ପତ୍ନୀ ତନ୍ଦ୍ରା ଏବଂ ତାଙ୍କ ପରିବାର ମୁଁ ୟୁନିଟ୍-୨ରେ ରହିବା ବେଳେ ମୋର ପ୍ରତିବେଶୀ ଥିଲେ । ତନ୍ଦ୍ରାଙ୍କ ମାଆ ବିଥୀ ରାୟ ଓ ତାଙ୍କ ବାପା ସୁନିଲ ରାୟଙ୍କ ସହ ମୋର ଯଥେଷ୍ଟ ଘନିଷ୍ଠତା ଥିଲା । ତନ୍ଦ୍ରା ଫ୍ରକ୍ ପିନ୍ଧି ତାଙ୍କ ସ୍କୁଲ୍ ଗଲା ଦିନଠୁ ବିଜୟଙ୍କ ସହ ତାଙ୍କର ବିବାହ ଏବଂ ପରିଶେଷରେ ବିଜୟଙ୍କ ଅଭିନୟର ଚାତୁରୀ, ବିଜୟଙ୍କ ବ୍ୟାପକ ସଫଳତା ଏବଂ ବିଜୟ ଯୋଉଭଳି ଭାବରେ ଓଡ଼ିଶାକୁ ନିଜର କର୍ମଭୂମି ଭାବରେ ବାଛି ଓଡ଼ିଶା ପାଇଁ ସମର୍ପିତ ହୋଇ କାମ କଲେ, ସବୁ ସହ ପରିଚିତ ମୁଁ । ଯଦି ସେ ନାଶିରୁଦ୍ଦିନ ଶାହା ବା ଓମ୍‌ପୁରୀଙ୍କ ସହପାଠୀ ଥିଲେ । କିନ୍ତୁ ଓଡ଼ିଶା ଛାଡ଼ି ନିଜର ବ୍ୟକ୍ତିଗତ କ୍ୟାରିୟର୍ ଗଢିବା ପାଇଁ ସେ ଯଦି ହିନ୍ଦୀ ଫିଲ୍ମ ଜଗତରେ ଯୋଗ ଦେଇଥାନ୍ତେ, ତେବେ ହୁଏତ ସେ ବହୁ ଅର୍ଥ ଉପାର୍ଜନ କରି ପାରିଥାନ୍ତେ । ସମଗ୍ର ଦେଶରେ ସୁଖ୍ୟାତି ଅର୍ଜନ କରି ପାରିଥାନ୍ତେ । କିନ୍ତୁ ଓଡ଼ିଶା ପାଇଁ ତାଙ୍କର ଯେଉଁ ପ୍ରତିବଦ୍ଧତା ଥିଲା, ତାହା ଚିର ଅମ୍ଳାନ ହୋଇ ରହିବ । ଓଡ଼ିଶାରେ କିଛି କରି ଦେଖେଇବା ଥିଲା ତାଙ୍କର ସ୍ୱପ୍ନ । ଓଡ଼ିଶାର ଲୋକମାନେ କେବେ ହେଲେ ତାଙ୍କୁ ପ୍ରତିଦାନ ନଦେଇ ହତାଶ କରିବେ ନାହିଁ- ଏଥିପାଇଁ ତାଙ୍କ ମନରେ ଥିଲା ପ୍ରଗାଢ଼ ଶ୍ରଦ୍ଧା ଓ ବିଶ୍ୱାସ ।




**ପ୍ରଶାନ୍ତ ପଟ୍ଟନାୟକ**

ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର

ନଦୀର ପିଠି । କୂଳରେ ବନ୍ଧା ହୋଇଥାଏ ଅର୍ଦ୍ଧିତ ଡଙ୍ଗାଟିଏ । ମୋ ଆଖି ଲାଗି ଆସିଲା ।

କେତେ ସମୟ ଶୋଇଥିବି କେଜାଣି, ଜାଣେନା । "ହଇଓ ସା'ରେ, ଭଲ ଶୋଇଛ ଆଉ ! ପକେଟ୍‌ରେ ପର୍ସ ହାତରେ ଘଣ୍ଟା କାର୍ ଚାବି, କିଏ ଜଣେ ଆରାମ୍ ସେ ଆସି ନେଇଯାଇ ପାରିବ ।" ମୁଁ ଲଜ୍ଜିତ ହେଲି । ଖାଇସାରିଲେ ଓଡ଼ିଆଙ୍କ ଶୋଇବା ଅଭ୍ୟାସ ଟିକେ ଥାଏ । ଭାବିଲି କିନ୍ତୁ ତାଙ୍କୁ କିଛି କହୀଲି ନାହିଁ । ଚୁପ୍ ରହିଲି । ସେ କିନ୍ତୁ କିଛି କହିଲେନି, ଖାଲି ନଦୀ ଆଡ଼େ ଚାହିଁ ରହିଲେ । ଚହଟିଆ ଟୋକା ଦୁଇଜଣ ସେଲ୍‌ଫି ନେଇ ଚାଲି ଯାଇଥିଲେ । ଡଙ୍ଗା ମାଲିକ ଫେରି ଆସିଥିଲା ଓ ଡଙ୍ଗା ଖୋଲି ଜାଲ ଭିଡ଼ିବାରେ ଲାଗିଲା ।

କହିଲେ, "ଗାମୁଛା ଅଛି ?" ମୁଁ କିଛି ବୁଝି ପାରିଲିନି । ତାଛଡ଼ା କାର୍‌ରେ ଗାମୁଛା ବା କାହିଁକି ରଖିବି ମୁଁ । ପଚାରିଲି, "କାହିଁକି ?" କହିଲେ, "ଚାଲ ନଈରେ ପହଁରିବା, ଖରାଦିନ ଅଛପାଣି ।" ମୋ ପାଖରେ ନା ଥିଲା ଗାମୁଛା, ନା ମୋତେ ଜଣାଥିଲା ପହଁରା । କିନ୍ତୁ ତାଙ୍କର ମନ ହେଇଛି ମାନେ ପହଁରା ହେବ ହିଁ ହେବ । ଡଙ୍ଗାବାଲା ଠୁ ଗାମୁଛା ମିଳିଗଲା । ଆରମ୍ଭ ହେଲା ପହଁରା । ମୁଁ କୂଳରେ ବସି ଦେଖୁଥିଲି ଓଡ଼ିଆ ସିନେମାର ଜଣେ ପ୍ରସିଦ୍ଧ ଅଭିନେତାଙ୍କ ଭିତରେ ଚହଲୁଥିବା ଚପଳମତି ଛୁଆଟିଏ । ଯିଏ ପ୍ରକୃତିକୁ ଭଲପାଏ ତ ଭୁଲିଯାଏ ଥଳକୂଳ । ଫେରିବା ବାଟରେ ମୁଁ ନଗାଧୋଇବା ଦ୍ୱାରା କ'ଣ ହରେଇଲି, ସେ ବୁଝେଇଲେ । ଚିତି ପହଁରା କ'ଣ ଜାଣିଥାନ୍ତି । ଓଲଟ ପହଁରାରେ ସୂର୍ଯ୍ୟଙ୍କ ସହ କଥା ହେବାର ତରିକା ଜାଣିଥାନ୍ତି । ଇତ୍ୟାଦି ଇତ୍ୟାଦି...



କେମିତି ସୂର୍ଯ୍ୟଙ୍କ ସହ କଥା ହେଇ ହେବ ଏଇସବୁ କଥା କହୁଥିଲେ । ତା ସାଙ୍ଗରେ ଯୋଡ଼ିଥିଲେ 'ଚିଲିକା ତୀରେ' ସିନେମାର ସୁଟିଂରେ ପଙ୍କ କାଦୁଅରେ ଲୋଟି ହେବାର କଥା । ଫେରିଲା ବେଳକୁ ମୁହଁ ସଞ୍ଜ । ନଈପଠାରେ ଭେଳିକି ଲଗେଇ ବୁଡୁଥିଲା ସୂର୍ଯ୍ୟ । ମାଛକାତି ପରି ଝଲସୁଥିଲା ନଈର ଛାତି । ଆମେ ପଛରେ ଛାଡ଼ି ଆସିଥିଲୁ ତାଙ୍କ ବାରିପଦାର ଦିନ- ଯୋଉଥିରେ ମୁଁ ଦେଖୁଥିଲି ଯୁବ ବିଜୟଙ୍କ ପହଁରା । ଆଜି ସେ ନାହାନ୍ତି । ହେଲେ ଯେବେ ଯେବେ ମୁଁ ସେଇ ନଈକୂଳକୁ ଯିବି, ସେବେ ସେବେ ତାଙ୍କୁ ଖୋଜିବି ପବନରେ, ବରଗଛର ଛାଇରେ, ନଦୀ କୂଳର ଅର୍ଦ୍ଧିତ ଡଙ୍ଗା ଦେହରେ, ସାରା ଜୀବନ ହିଁ ଖୋଜିବି ତାଙ୍କୁ ।

ଆଜି ସେ ନାହାନ୍ତି ବୋଲି ଭାବିଲେ ହିଁ ଲାଗୁଛି ମିଛ ମିଛ ସବୁ । ଯେଉଁ କାର୍‌ରେ ଆଉଜି ଆମେ ଦୁହେଁ ଗପୁଥିଲୁ ଘଣ୍ଟା ଘଣ୍ଟା, ସେ କାର୍ ନିରବ । ସେଦିନ ସେଇଠି ତାଙ୍କର ମୃତ ଶରୀର ଥିଲା । ସମସ୍ତଙ୍କ ଆଖିରେ ଥିଲା ଲୁହର ଶ୍ରାବଣ । ମୁଁ ସ୍ତବ୍ଧ ହୋଇ ଯାଇଥିଲି । ଝରି ପଡୁଛି ବୁନ୍ଦା ବୁନ୍ଦା ଲୁହ କାଗଜ ଉପରେ । ଏମିତି ନିଆରା ମଣିଷ କଣ କେବେ ମରେ, ନା ମରିପାରେ ! ■

ସ୍ୱର, "ହଇଓ ସାମ୍ବାଦିକ ବାବୁ, ସେଇ ଏନ୍‌ଏସ୍‌ଡି ଫଟୋଟା ଫେରେଇବା କଥା । ସେଇଟି ମୋର ଖଣ୍ଡିଏ ମାତ୍ର ଏନ୍‌ଏସ୍‌ଡି ଫଟୋ । ତମେ ବଡ଼ ଲୋଭୀ ସାମ୍ବାଦକ । ତମେ ଏକା ଫଟୋଟା ପାଖରେ ରଖିଲେ ଅନ୍ୟ ସାମ୍ବାଦିକ କେମିତି ଛାପିବେ ?"

ମୁଁ ବିନମ୍ର ହୋଇ କହିଲି, "ସାର୍ ଆମ ପତ୍ରିକାର ଡିଜାଇନ୍ ସହିତ ଫଟୋଟି ପଠା ଯାଇଛି ମାନ୍ଦ୍ରାଜ୍ । ପତ୍ରିକା ଛପା ହେବା ପରେ ଫଟୋଟି ଫେରିଆସିଲେ ମୁଁ ନିଜେ ଫେରେଇ ଦେବି ।"

ସାର୍ କହିଲେ, "ହଉ ଫେରି ଆସିଲେ ଫଟୋଟିକୁ ଫେରେଇ ଦେବ । ଅନ୍ୟ ସାମ୍ବାଦିକମାନେ ଅଭିମାନ କରି ମୋ ସହ କଥା ହେଉନାହାନ୍ତି ।"

ସେଦିନର କଥାବାର୍ତ୍ତା ସେତିକି ଥିଲା । ତେବେ ଫଟୋଟି ଫେରିବା ପରେ କାଳେ ସାର୍ କିଛି କହିବେ, ଅଫିସ୍ ଟାଇମ୍ ଭିତରେ ସିଏ ନଥିବା ସମୟରେ ଘରେ ଜସ୍ମିନ୍‌ଙ୍କୁ ଫଟୋଟି ଧରେଇ ଦେଇ ସିଧା ହିରୋପୁକ୍ ଛୁଟେଇଦେଲି ।

ଏବେ ବିଜୟ ସାର୍‌ଙ୍କ ଦଶାହ ଅବସରରେ ମୁଁ ଫେସବୁକ୍‌ରେ ପୋଷ୍ଟ୍ କଲା ପରେ ହଠାତ୍ ଫୋନ୍ ପାଇଲି ସିନେ ସମୀକ୍ଷକ, ଗବେଷକ ଓ ସଂଗ୍ରାହକ ଅଗ୍ରଜ ସୂର୍ଯ୍ୟ ଦେଓଙ୍କ ଠାରୁ । ତାଙ୍କ ଠାରୁ ଜାଣିବାକୁ ପାଇଲି ଯେ ଏନ୍‌ଏସ୍‌ଡିର ସେଇ ବିରଳ ଫଟୋଟି ମୁଁ ଫେରାଇ ନଥିବାରୁ ବିଜୟ ସାର୍‌ଙ୍କ ସହ ତାଙ୍କର ଅନେକଦିନ ଯାଏଁ ରାଗ-ରୁଷା ଅଭିମାନରେ କଥାବାର୍ତ୍ତା ବନ୍ଦ ହୋଇ ଯାଇଥିଲା । କାରଣ ମୋ ଯୋଗୁଁ ସେ



▲ ରାଜେଶ ଖାନ୍ନାଙ୍କ ସହ ବିଜୟ ମହାନ୍ତି

▼ଏକ ସାକ୍ଷାତ୍କାର ବେଳେ ବିଜୟ ମହାନ୍ତି ସହ ଲେଖକ ଜୟନ୍ତ ଶେଠ୍



କୌଣସି ଏକ ଲେଖାରେ ସେଇ ଫଟୋଟି ଦେଇ ପାରିନଥିଲେ ।

ସେଇ ଘଟଣାର ପାଞ୍ଚବର୍ଷ ପରେ ପୁଣିଥରେ ତାଙ୍କୁ ଭେଟିବାର ସୁଯୋଗ ମିଳିଲା ବମିଖାଲ ସ୍ଥିତ ତାଙ୍କ ନିଜ ଘରେ । ସେତେବେଳେ ଓଟିଭିରେ (ସାଟେଲାଇଟ୍ ନୁହେଁ ଓଟିଭି ସେ ସମୟରେ ଥିଲା କେବୁଲ୍ ଚ୍ୟାନେଲ୍) କାମ କରୁଥାଏ । ଆଗରୁ ଫୋନ୍‌ରେ ତାଙ୍କ ସାଙ୍ଗରେ କଥାହେଲା ବେଳେ ହଠାତ୍ ମୋ କଥା ଶୁଣି ଭାରି ଖୁସି ହେଲେ । ସେଦିନ ଯାଇଥିଲି ତାଙ୍କ ସହ ଏବଂ ମ୍ୟାଡ଼ାମ୍‌ଙ୍କ ସହ 'ହାର୍ଟ ଟୁ ହାର୍ଟ' କାର୍ଯ୍ୟକ୍ରମର ସ୍ୱତନ୍ତ୍ର ସାକ୍ଷାତକାର ପାଇଁ ରିସର୍ଚ୍ଚ ବା ପ୍ରାକ୍ ପ୍ରଯୋଜନା କାମରେ । ସେଦିନ ମଧ୍ୟ ସେଇଭଳି ଠୋ ଠୋ କଥା । ସେଦିନ ପୁଣି କହିଲେ, "ହୋ ସାମ୍ବାଦିକ ବାବୁ ତମେ ପାଞ୍ଚବର୍ଷ ତଳେ ଯେମିତି ଥିଲ, ଆଜି ବି ସେମିତି ଅଛ । ଆଗ ଖାଇପିଇକି ମୋଟା ହୁଅ, ତା'ପରେ ଓଟିଭିରେ ବାହାରିବ । ଯଦିଓ ତନ୍ଦ୍ରା ମ୍ୟାଡ଼ାମ୍ ଛେନାପୋଡ଼ ପରଷି ଦେଇଥିଲେ, କିନ୍ତୁ ବିଜୟ ସାର୍‌ଙ୍କ କଥାରେ ମୋର ପେଟ ପୁରି ଯାଇଥିଲା ।

"ହୋ ଜୟନ୍ତ ବାବୁ, ତମେ ଯୋଉ 'ସଚିତ୍ର ବିଜୟା' ମାଗାଜିନ୍‌ରେ ଇଣ୍ଟରଭିଉ କରିଥିଲ, ସେ ମ୍ୟାଗାଜିନ୍‌ଟିକୁ ମୁଁ ଆଜି ବି ସାଇତିକି ରଖିଛି ।" ସେଦିନ ପୁଣି ଜସ୍ମିନ୍‌ଙ୍କୁ ଡକାଇ କହିଲେ, "ୟାଙ୍କୁ ଚିହ୍ନି ପାରୁଛୁ ସୁଇଟି, ଇଏ ଜୟନ୍ତ ବାବୁ, ମୋର 'ବିଜୟା'ରେ ଇଣ୍ଟରଭିଉ କରିଥିଲେ ।" ସେତେବେଳକୁ ଜସ୍ମିନ୍ ବୋଧହୁଏ ଭୁବନେଶ୍ୱରରେ ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଏମ୍‌ବିଏ ପଢୁଥିଲେ ।

ଏହାପରେ 'ହାର୍ଟ୍ ଟୁ ହାର୍ଟ' ପ୍ରୋଗ୍ରାମ ରେକର୍ଡ଼ିଂ ହୋଇ ପ୍ରସାରିତ ହେଲା । ଦର୍ଶକ ମଧ୍ୟ ବେଶ୍ ପସନ୍ଦ କରିଥିଲେ । ପରବର୍ତ୍ତୀ ସମୟରେ ସେଇ ପ୍ରୋଗ୍ରାମ୍‌ର କ୍ୟାସେଟ୍‌କୁ ବହୁତ ଖୋଜିଛି କିନ୍ତୁ ଆଉ ପାଇନାହିଁ ।

ପୁଣିଥରେ ସୁଯୋଗ ମିଳିଲା ବିଜୟ ସାର୍‌ଙ୍କୁ ଭେଟିବା ପାଇଁ ୧୪ବର୍ଷ ପରେ, ୨୦୧୫ ମସିହାରେ । ଓଟିଭି ଗ୍ରୁପ୍‌ର 'ତରଙ୍ଗ' ଚ୍ୟାନେଲ୍‌ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଉଠ ଜାଗ, ଓଡ଼ିଶା'ରେ ସେ ଓ ତନ୍ଦ୍ରା ମ୍ୟାଡ଼ାମ ଅତିଥି ଭାବେ ଆସିଥିଲେ । ଏଥର କିନ୍ତୁ ମୋ ତତ୍‌କାଳୀନ ସହକର୍ମୀ ବିଭୁ ଦୀକ୍ଷିତ (ବିଜୟ ସାର୍‌ଙ୍କ ପୂର୍ବତନ ଛାତ୍ର) ଯୋଗାଯୋଗ କରି ଡକାଇ ଆଣିଥିଲେ । ସେଠି ବିଜୟ ସାର୍ ହଠାତ୍ ମୋର ପରିବର୍ତ୍ତିତ ଚେହେରାକୁ ଦେଖି ଜାଣି ପାରିଲେ ନାହିଁ । କିନ୍ତୁ ପରେ ଜାଣିବା ପରେ ଭାରି ଖୁସି ହୋଇ କହିଲେ, "ହୋ ସାମ୍ବାଦିକ ବାବୁ, ଏବେ ତ ଭଲ ଚେହେରା ରଖିଛ । ବଡ଼ିବିଲ୍‌ଡର୍ ଭଳିଆ । ଏବେ ଟିଭିରେ ବାହାରୁନ ?"


ଏହାପରେ କାର୍ଯ୍ୟକ୍ରମ ଶେଷରେ ଥଣ୍ଡା ପାନୀୟ ପରସା ଗଲାବେଳକୁ କହିଲେ, "ସେତେବେଳେ ୧୪ ବର୍ଷ ତଳେ ପଇଡ଼ ପାଣି ଦେଇଥିଲ, ଆଜି ଏ ଆର୍ଟିଫିସିଆଲ୍ କୋଲ୍‌ଡ୍ ଡ୍ରିଙ୍କ୍‌ସ୍ କାହିଁକି ଦଉଛ ।"

ମୁଁ ଖୁବ୍ ଲଜ୍ଜିତ ଅନୁଭବ କଲି । ଏତେବର୍ଷ ପରେ ବି ପଇଡ଼ ପାଣି କଥା ମନେ ରଖିଛନ୍ତି । ଇଏ ଥିଲେ ସେଇ ସୁପର୍‌ଷ୍ଟାର୍, ମେଗାଷ୍ଟାର୍ ଯାହାଙ୍କ ସ୍ନେହବୋଳା କଥା ଆଉ 'ହୋ' ସମ୍ବୋଧନ ଭାରି ମନେ ପଡୁଛି । ସେ କେବଳ ଅଭିନେତା ନଥିଲେ, ଥିଲେ ପ୍ରତ୍ୟେକ ଓଡ଼ିଆ ପରିବାରର ଜଣେ ସଦସ୍ୟ । ପ୍ରଣାମ ବିଜୟ ସାର୍, ଯେଉଁଠି ଅଛନ୍ତି, ଶାନ୍ତିରେ ରହନ୍ତୁ ।

▼ଏକ ଦୃଶ୍ୟରେ ସ୍ନିଗ୍ଧା ମହାନ୍ତି, ମିହିର ଦାସ ଓ ବିଜୟ ମହାନ୍ତି



ଧାରାବାହିକ
ଚରିତ-ଉପନ୍ୟାସ



# ଦାସେ ଆପଣେ

୬

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଦେଇସାରି ଗୋପ ଓ ତାର ସହପାଠୀମାନେ ବଡ଼ ଉଦ୍‌ଗ୍ରୀବ ହୋଇ ଫଳାଫଳ ଅପେକ୍ଷାରେ ଥାଆନ୍ତି । ଗୋପର ସମୟ କଟୁଥାଏ ଗାଁରେ । ସରଳ, ସହଜ, ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଗାଁ ଜୀବନ । ଗାଁରେ ନନା ଓ ନାରଣ ଭାଇନା ଘର ବୁଝୁଛନ୍ତି । ଜମିଜମା ଓ ମକଦ୍ଦମୀର ଯେତେସବୁ ଜଟିଳ, କୁଟୀଳ ଜଞ୍ଜାଳ ତା ଭିତରକୁ ଗୋପର ମନ ଯାଏନା । ଚିନ୍ତା କଲେ ମନ ଭାରାକ୍ରାନ୍ତ ହୁଏ , ଯୁବକ ହେଲେ ବି ବଳୀ ରେଖା ଟାଣ ହୋଇଯାଏ । ନନା ବି ତାଠି କଣ ଦେଖିଥାନ୍ତି କେଜାଣି ନିଜ ଆଡୁ ଡାକିହାକି ତା କାନରେ ଘର ଅଡୁଆ ପକାନ୍ତି ନାହିଁ କି ତା ମନରେ ଜଞ୍ଜାଳର ଛାଇ ପକାନ୍ତି ନାହିଁ । ଆଉ ଭାଇନା ତ ଅଲଗା ମଣିଷ । ସେ ଯେମିତି ମନେ କରନ୍ତି ଗୋପ ପାଠପଢିବା ଦ୍ୱାରା ବଡ଼ କାମରେ ନିୟୋଜିତ ଅଛି ତେଣୁ ତାକୁ ଏ ସଂସାର ବେଭାର ଭିତରକୁ ଟାଣିବା ଅନୁଚିତ । ହେଲେ ଗୋପ ଲକ୍ଷ୍ୟ କରେ ଏବେ ଏବେ ନାନାଙ୍କ ଦେହ କେମିତି ଅସୁସ୍ଥ ରହୁଛି । ଆଗପରି ମୁକ୍ତିଆରୀ ଆଉ ଜମିଦାରୀ ଏ ଉଭୟକୁ ସେ ଯେମିତି ନିୟନ୍ତ୍ରଣରେ ରଖିପାରୁନାହାନ୍ତି । ତାଙ୍କ କର୍ମତତ୍ପରତା କେଉଁଠି ଠାଏ ପ୍ରଭାବିତ ହୋଇଛି । ଇଏ କଣ ବୟସର ଚାପ ? ଆଜି ଅଳ୍ପ ସମୟ ତଳେ ନନାଙ୍କ ଶୋଇଲା ଖଟ ପାଖକୁ ଯାଇ ଗୋପ ଦେଖେ ସେ କେମିତି ରୋଗଗ୍ରସ୍ତ ଲାଗୁଛନ୍ତି । ଅବେଳରେ ଶୀତ ନାହିଁ କିନ୍ତୁ ପତଳା ଘୋଡ଼ି ହେଲାଟିଏ ଦେହରେ ପକାଇ ଗଡୁଛନ୍ତି ।

– ନନା ! ଦେହ ଭଲ ଲାଗୁନି କି ? ପଚାରେ ଗୋପ ।

– ନା, ନା ସବୁ ଠିକ୍ ଅଛି । ଦୈତାରୀ ଉତ୍ତର ଦିଅନ୍ତି ।

– ଦେହରେ ତାତି ଅଛି ନା କଣ ! କପାଳରେ ହାତ ମାରି ପଚାରେ ଗୋପ ।

– ନା, ସିଏ ସେମିତି କିଛି ନୁହଁ । ଏବେ କେତେଦିନ ହେଲା ଦେହ ଏଇ ଦି'ପହର ବେଳକୁ କେମିତି କସ୍‌ମସ୍ ଲାଗୁଚି ।

– ଏଥିକୁ କଣ ଔଷଧ ଖାଇଥିଲ ?

– ହଁ । ପୁରୀରୁ କବିରାଜି ଔଷଧ ଯାହା ଆଣିଥିଲି । ଇଏ ଗୋଟେ ବଡ଼ ସେମିତି କିଛି ନୁହଁ ।

– ସେ କଥା ନୁହେଁ ଯେ ନନା । ନିୟମିତ ଜ୍ୱର ଲାଗି ରହିବା ଭଲ ନୁହେଁ ।

– ଆଚ୍ଛା ! ସେ କଥା ଛାଡ । ତୋର, ତୋ ସାଙ୍ଗମାନଙ୍କର ପରୀକ୍ଷା ଭଲ ହୋଇଛି ତ ?

– ହଁ ନନା ।

– ବୈଦ୍ୟନାଥ, ଗୋପୀନାଥ ସେମାନେ ସବୁ କିପରି କରିଛନ୍ତି ?

– ସେମାନେ ତ ଭଲ ଛାତ୍ର ନନା । ପରୀକ୍ଷାରେ ବେଶ୍ ଭଲ କରିଛନ୍ତି ।

– ହଁ ଗୋପ । ମନେ ରଖିଥା' ମାଟ୍ରିକ୍ ଏଣ୍ଟ୍ରାନ୍ସ ବଡ଼ଘାଟି ।

– ହଁ ଆଜ୍ଞା । ମୋ କୁଶଳକୁ ଜଗନ୍ନାଥ ଅଛନ୍ତି ।

– ହଁରେ ପୁଅ । ସବୁରି କୁଶଳକୁ ସେଇ । ତୁ ଯା' ବୁଲାବୁଲି କର । ମୋ ପାଇଁ ଚିନ୍ତା କରନା ।

– ତୁମ ଦେହ ପାଇଁ ଚିନ୍ତିତ ଲାଗୁଛି ନନା ।

– ଏତେ ପାଠ ପଢୁଛୁ ଏତିକି ହେଜି ପାରୁନୁ ! ଇଏ ପରା ଜୀବ । ଦିନେ ନିଶ୍ଚେ ଯିବ । ପଦ ପକାଇ ଗୀତ ଲେଖୁଚୁ । ମନେ ରଖିଥା ପୁରୁଣା ଗୀତ ପଦେ – ଦିନେ ଯୁଗଳ ନିଦ୍ରା ଭାଙ୍ଗିବରେ ଦାରୁଣ ଦଇବ ।

– ହଁ ଯେ ନନା ସେ କଥା ତ ଧ୍ରୁବ । ହେଲେ ପୁଅ ହୋଇ ଆମେ ତୁମରି ଛାଇକୁ ଆଶ୍ରା କରିବାର ଇଚ୍ଛା କଣ ଛାଡି ପାରିବୁ ?

– ହଁ ତା'ତ ଠିକ୍ । ଏବେ ଯା; ବହୁତ ଦିନ ପରେ ଗାଁକୁ ଆସିଚୁ । ବୁଲାବୁଲି କର । ମୁଁ ଠିକ୍ ଅଛି । ସାମାନ୍ୟ ତାତି ଟିକିଏ ।

ଗୋପ ଦେଖେ ଛୋଟ ସାମସେଇରେ ଗରମ ପାଣି ଧରି ମୋତି ଆସୁଛି । ତେଣୁ ସେ ଧୀରେ ଘରୁ ନିଷ୍କ୍ରାନ୍ତ ହୋଇଯାଏ । ତରୁଣ ମନ । କେତେ ଆକାଶରେ ଖେଦି ବୁଲୁଥାଏ । ଗୃହସ୍ଥାଶ୍ରମ ହେବା କେତେ ବର୍ଷ ହୋଇଗଲାଣି । ଏହା ଭିତରେ ପୁଅଟିଏ, ଝିଅଟିଏ ମଧ୍ୟ ହେଲେଣି । ହେଲେ ଗୋପକୁ ବୟସ ବା କେତେ ! ଇଚ୍ଛା ହୁଏ ମୋତି ସହ ଭଲରେ ପଦେ କଥା ହେବା ପାଇଁ । ତେଣେ ଗାଁର ଶାସନ ସଂସ୍କାର ଅଲଗା, ଚଳଣି ନିଆରା । ଗୋପ ଏତେ ସହଜରେ ସେସବୁକୁ ଏଡେଇ ଯାଇ ପାରେନା । ରକ୍ଷଣଶୀଳତା ଭିତରେ ଛଟପଟ ହେବା ସାର ହୁଏ । ବର୍ଷସାରା ପାଠପଢ଼ା । ଛୁଟି ମିଳିଲେ ପନ୍ଦର କୋଡ଼ିଏ ଦିନ ଲାଗି ଗାଁକୁ ଆସିବା କଥା । ସେଥିରେ ପୁଣି ଦିନବେଳା ଭାର୍ଯ୍ୟା ସହିତ ସାକ୍ଷାତ ଏକପ୍ରକାର ଅସମ୍ଭବ । ମୋତି ମଧ୍ୟ ଆସିଛି ଆଉ ଏକ ବ୍ରାହ୍ମଣ ଶାସନରୁ । ତେଣୁ ବାପଘରୁ ଶିଖି ଆସିଛି ସଣ୍ଟଣା । ଏଠି ଶାଶୁଘରେ କେହି ଯେମିତି ଟିକିଏ ନଖୁଣିବେ ସେଥିପାଇଁ ତାର ବିସ୍ତର ଯତ୍ନ । ଅବଶ୍ୟ ନିଜେ ପାଠ ପଢି ଯଦି ଏ ଚଳଣି , ରୁଢ଼ି ଭାଙ୍ଗି ପାରୁନି ମୋତି ବା ଭାଙ୍ଗନ୍ତା କିଆଁ – ଏମିତି ଏକ ପ୍ରକାର ନିଜ ମନକୁ ବୁଝାଏ ଗୋପ । ତେଣୁ ଭାର୍ଯ୍ୟା ସହ ଭାବବିନୋଦନ ବୋଇଲେ ରାତିରେ ଅନ୍ଧାରୁଆ ଘର କୋଣରେ । ସମାଜର ଆକଟ ମୁତାବକ ଦୀପଆଲୁଅ ବି ବାରଣ । ତେଣୁ ଜିଲ୍ଲା ସ୍କୁଲ୍‌ରେ ବୈଦ୍ୟନାଥ ହେରିକା ଚିଡାନ୍ତି, ଭାର୍ଯ୍ୟାର ମୁହଁ ଭଲ କରି ଦେଖିବା ଆଗରୁ ଗୋପ ବାପ ହୋଇ ସାରିଲାଣି ।

ଉତ୍ତର ନଦେଇ ଗୋପ କେବଳ ଲାଜ କରେ । ବୈଦ୍ୟନାଥ ବି ଜାଣନ୍ତି ଦିନ ହେଉ କି ରାତି ଶାସନ ଗାଁରେ ଭାର୍ଯ୍ୟା ସହ ଉଚ୍ଚସ୍ୱରରେ ପଦେ ଅଧେ କଥା ହେବା ମଧ୍ୟ ଅଭିଳା, ଅସଂସ୍କାରୀ ଗୁଣ ବୋଲି ଧରାଯାଏ । ଗୋପ ଗାଁକୁ ଆସି ପ୍ରଥମେ ପୁଅ ଓ ଝିଅଙ୍କ ସହ କିଛି ସମୟ କଟାଇଥିଲା । ଏବେ ପ୍ରବଳ ଗୁଳୁଗୁଳି । ସେଥିରୁ ରକ୍ଷା ପାଇବା ପାଇବାକୁ ଗୋପ ଧୀରେ ଧୀରେ ଚାଲି ନଈବନ୍ଧ ଉପରକୁ ଉଠେ । ଜାଗେଶ୍ୱରୀ ଠାକୁରାଣୀଙ୍କ ଦେଉଳର ଟିକେ ଦୂରକୁ ଘାସ ଅରାକ ଉପରେ ନଈ ଭିତରକୁ ଚାହିଁ ବସେ । ସୁଲୁସୁଲିଆ ପବନ ଟିକେ ଦେହରେ ବାଜିବା ମାତ୍ରେ ଗୋପ ଭିତରୁ ଆଶ୍ୱସ୍ତିର ଭାବ ଆସେ । ଜାଗେଶ୍ୱରୀ ଠାକୁରାଣୀଙ୍କ ପ୍ରତି ଗୋପ ମନରେ ବଡ଼ ଭକ୍ତି । ତାଙ୍କୁ କାଳେ ରାମଚନ୍ଦ୍ରଙ୍କ ଅନୁଜ ଲକ୍ଷ୍ମଣ ପୂଜା କରିଥିଲେ ବୋଲି ଅଂଚଳରେ ପୌରାଣିକ କଥାଟିଏ ଅଛି । ଗୋପ ତେଣୁ ତାଙ୍କୁ ଲକ୍ଷ୍ମଣବନ୍ଦିତା ବୋଲି କହେ । ବନ୍ଧ ଉପରୁ ଦେଖାଯାଏ ଭାର୍ଗବୀର ନୀଳ, କ୍ଷୀଣ ମୁଦ୍ରିତ ଅଙ୍ଗଲତା । ସେମିତି ବାରି ହୋଇଗଲା ଭଳି କୁଳୁକୁଳୁ ଶବ୍ଦ ନାହିଁ । ଅଳସ ଚଳନରେ ସେ ତାର ବହି ଚାଲେ ଆପଣା ଗତିରେ । ଏବେ ତ ନଈ ପାଣିରେ ଠାଏ ଠାଏ ଶୈବାଳ ଜମିଛି । ତାର ଜଳ ଧାର ଦେଖି ଗୋପର ତରୁଣ ମନ କଳ୍ପନା କରେ ଯେମିତି କୌଣସି ପଲ୍ଲୀ ଲଳନା ଦକ୍ଷିଣ ଦିଗକୁ ତାର କେଶ ଲମ୍ବାଇ ଦେଇଛି । କାହିଁକି କେଜାଣି ଏ ନଈକୁ ନେଇ ଗଢ଼ି ଉଠିଥିବା ସବୁ କିମ୍ବଦନ୍ତୀ ଆଖ୍ୟାନକୁ ସତ ବୋଲି ମାନିନେବାକୁ ଗୋପର ମନ କହେ । ଲୋକ ବିଶ୍ୱାସରେ ଏହାର ବଳପୁର ପାଖ ପଠାରେ ଭୃଗୁ ଋଷି ତପସ୍ୟା କରୁଥିଲେ । ନଈକୁ ସେ ନିଜ କନ୍ୟା ରୂପେ ଦେଖୁଥିଲେ । ତେଣୁ ନାଁ ତାର ଭାର୍ଗବୀ । ଠାଏ ତ ନଈର କୂଳ ଜଗି ବସିଛନ୍ତି ନିଜେ ଗଙ୍ଗା ନାରାୟଣୀ । ବଳଙ୍ଗା ଘାଟରେ ପୂଜା ପାଉଛନ୍ତି ଲଙ୍କେଶ୍ୱରୀ । ସିଏ କାଳେ ସବୁ ସାଧବ ପୁଅଙ୍କୁ ବଣିଜ ବାଟରେ ଆସୁଥିବା ବାଧା ବିପଦରୁ ରକ୍ଷା କରନ୍ତି । ଏସବୁ ପ୍ରବାଦକୁ ଗୋପ ସହଜରେ ଗ୍ରହଣ କରିନିଏ ଯଦିଓ ତାର ପଢୁଆ ମନ ଏହା ଭିତରେ ଐତିହାସିକ ସତ୍ୟତା ନାହିଁ ବୋଲି ବୁଝେ । ଗୋପ ମନେ କରେ– ଆମର ନଦୀ ମାତୃକା ସଭ୍ୟତା । ସଭ୍ୟତା ତ କେବଳ ଇତିହାସର ମାଟିରେ ଗଢ଼ା ହୁଏନି ସେଥିପାଇଁ କିମ୍ବଦନ୍ତୀ ପ୍ରବାଦ କମ ଜରୁରୀ ନୁହେଁ । ଆଉ ଯଦି କୋଉ ଆଖ୍ୟାନ ଜାତିର, ଦେଶର ଗୌରବ ବର୍ଦ୍ଧକ ତା'ହେଲେ ତାକୁ ତ ଗଣ୍ଠିଧନ କରିବା କଥା । ତେଣୁ ଭାର୍ଗବୀ ଭିତରେ ଗୋପ କେତେ ରୂପ ଦେଖେ । ବାଳୁତ ବୟସରୁ ସେ ଏ ନଈକୁ ମାଆ ଜ୍ଞାନ କରେ । ଏନ୍ତୁଡ଼ିଶାଳରୁ ଗୋପ ମାଆ ସ୍ୱର୍ଣ୍ଣମୟୀଙ୍କ ମୁହଁ ଦେଖିନି । କମଳା ନାନୀଙ୍କ ଆଦର ଯତ୍ନରେ ବଢିଛି । ତେଣୁ ଭାର୍ଗବୀର ଜଳଧାର ତା ପାଇଁ ମାତୃସ୍ତନ୍ୟ ତୁଲ୍ୟ – ଜୀବନଦାୟିନୀ ଓ

ପବିତ୍ର । ନଈଟି ତା ଲାଗି ଏକ ଜୀବନ୍ତ ସତ୍ତା । କଣ୍ଠିଆରେ ଉଠିଥିବା ଆମ୍ବ, ପଣସ ପୋଲାଙ୍ଗର ଛାଇ ତା ପାଇଁ ଶୀତଳତାର ପ୍ରତିଶବ୍ଦ । ପଠାର ତୋଟା ଗହଳରୁ କୁହୁ କୁହୁ କରୁଥିବା କୋଇଲି ସଙ୍ଗୀତର ଦେବତା । ବଢ଼ିବେଳେ ପୁଣି ଯା'ର ରୁଦ୍ର ରୂପ । ନଈ ଚାରିପାଆ ହୁଏ । ବନ୍ଧ ସାରା ପଡ଼େ ଗଳିଆ । ଏପାଖରୁ ସେପାଖକୁ ଡଙ୍ଗା ବାହିନେଲା ବେଳେ ନାଉରିଆ ବଡ଼ ପାଟିରେ ରାହା ଧରେ: "ଗଙ୍ଗାମାତା ପାର ଉଦ୍ଧାର କର । ବୋଲ ଆନନ୍ଦେ ଏକବାର ହରି ହରି ବୋଲ ।"

ଶଙ୍କାକୁଳ ଯାତ୍ରୀଏ ପାଳି ଧରନ୍ତି, "ହରିବୋଲ ।"

ନଈଟି ଛୋଟିଆ ସିନା ହେଲେ ଗୋପ ମନରେ ଖେଳାଇ ଦିଏ ଭାବ ସମୁଦ୍ରର ଅଗଣନ ତରଙ୍ଗ । ପାଣି ସୁଅ ଲାଗେ ତାକୁ ସମୟର ସୁଅ । ଆଉ ଭାର୍ଗବୀ ଯେ ଧାଇଁ ଯାଇ ଚିଲିକାରେ ମିଶେ ସେ କଥା ନଭାବି ଗୋପ ଭାବେ ସମୟର ନଈ ଅତଳ କାଳ ଜଳଧୀରେ ମିଶିବାକୁ ଧାଇଁଛି । ତେଣୁ ତାରି କୂଳରେ ଟିକିଏ ସହଜ ହୋଇ ଗୋପ ମନେ ପକାଏ କେତେ ପ୍ରଖର ଗତିରେ ଆଗକୁ ମାଡି ଚାଲିଛି ଜୀବନ । କି ନିରାସକ୍ତ ହୋଇ ଗଡି ଚାଲିଛି ସମୟ । ଚାହୁଁ ଚାହୁଁ କଟିଗଲା ଜିଲ୍ଲା ସ୍କୁଲରେ ପାଞ୍ଚ ଛଅ ବର୍ଷ । ଏଇ କେତେ ବର୍ଷ ଭିତରେ ଜୀବନରେ କେତେ ଲୋକ ଆସିଲେ , କେତେ ଘଟଣା ନଘଟିଗଲା ! ଚକ୍ରବାଳ ଖୋଲିବା ଆରମ୍ଭ କଲା । କେତେ ତାରା ଦେଖାଗଲେ । ମିଳିଲେ ବୈଦ୍ୟନାଥ, ଗୋପୀନାଥଙ୍କ ପରି ସହପାଠୀ । ଦିବ୍ୟସିଂହଙ୍କ ପରି ଆଦର୍ଶ ଶିକ୍ଷକ । ବାସୁଦେବ ପରି କନିଷ୍ଠ ବନ୍ଧୁ ସର୍ବୋପରି ମୁକ୍ତିଆର ରାମଚନ୍ଦ୍ର ଦାସଙ୍କ ପରି ଗୁରୁସୁଲଭ ବ୍ୟକ୍ତି । ଏତେ ସଖ୍ୟ ଏତେ ପ୍ରେରଣାକୁ ସାଉଁଟି ଗୋପ ଆଗକୁ ବଢ଼ିଛି । କେତେ ପ୍ରକାରର ବହି ପତ୍ରପତ୍ରିକା ପଢ଼ି ଆଖି ଖୋଲିବା ଆରମ୍ଭ କରିଛି । ଛୋଟ ସହରଟିରେ ସାଧାରଣ ରୋଗୀ ସେବା କରୁ କରୁ କେତେ ପ୍ରକାରର ନୂଆ ଅନୁଭୂତି ହୋଇଛି । ଯା ଭିତରେ ପୁଣି ପଢ଼ା ହୋଇଛି ଅନବ୍ରିଟିଶ ରୂଲ ଇନ୍ ଇଣ୍ଡିଆ, ଫେମିନି , ଇଂପିଚମେଣ୍ଟ ଅଫ ୱାରେନ୍ ହେଷ୍ଟିଂଗ୍ସ ପରି ବହି । କେତେ ଅନ୍ୟାୟ ସହିବାକୁ ହୋଇଛି । କେତେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାକୁ ହୋଇଛି ଗଜୁରି ନଥିବା ଶିଙ୍ଗ ଲଗାଇ । କେତେ ସାପ୍ତାହିକ ସଭା ହୋଇଛି । ଦେଶର ଦୁର୍ଦ୍ଦଶା, ଦଶର କଦର୍ଥନା ଖଣ୍ଡନ ପାଇଁ କେତେ ଯୋଜନା କରାହୋଇଛି । ହଁ, ସଭା କଥା ମନକୁ ଆସିଲାରୁ ଗୋପର ମନକୁ ଆସେ ଆଉ କଥାଏ । ଗୋପ ମୂଳରୁ ଜାଣେ ତାର ପାଟି ଲାଗେ । କଥା ଆରମ୍ଭ କଲେ ତୁ ତୁ ତୁ ହୋଇ ଅଳ୍ପ ସମୟ ଯାଏ । ତେଣୁ ତାର ଆଶଙ୍କା ଥାଏ ହୁଏତ ସେ ଭଲ ବକ୍ତା ହୋଇପାରିବ ନାହିଁ । ଏମିତିରେ ଝାଳବୁହା ରାଉ ରାଉ ଭାଷଣ ଦେବାଲାଗି ଗୋପର କେବେ ବି ଆଗ୍ରହ ନଥିଲା । ହେଲେ ଜନଗଣର ମନ ପରିବର୍ତ୍ତନ ପାଇଁ ସେମାନଙ୍କ ସହ ଯୋଗାଯୋଗ ଜରୁରୀ । ସେମାନେ ନିଜେ ଜାଣନ୍ତି ନାହିଁ ସେମାନେ କିପରି ବିଷଚକ୍ରରେ ପଡିଛନ୍ତି । ଗୋରା ଶାସନ, ନୌକରତନ୍ତ୍ର ଉତ୍ପାତ, ତଳିଆଙ୍କର ଆଣ୍ଠଛାଟ, କଥାକଥାରେ କରଭାର ଏସବୁ ସହି ସହି ଲୋକେ କଇଁଆ ହୋଇ ପଡିଲେଣି । ଶିକ୍ଷିତଙ୍କ କଥା ତ ତହୁଁ ତଦ୍ରୁପ । ସେମାନଙ୍କୁ ଘାରିଛି ଗୋଲାମୀ ନିଶା । ଏ ସମସ୍ତଙ୍କ ଜଡ଼ତା ତ ଆଉ ନିରବତାରେ ଭାଙ୍ଗିବନି । ସେମାନଙ୍କୁ ଜଗାଇବାକୁ ପଡିବ । ତାହେଲେ ଯାଇ ରୂପାନ୍ତର ସମ୍ଭବ । ଗଣମନରେ ଯେଉଁ ଘୋର ତାମସିକତା ତାକୁ ଦେଖିବାକୁ ଓ ଦେଖାଇବାକୁ ହେବ । ଆଉ ଏଥିପାଇଁ ଦରକାର ଯୋଗାଯୋଗ । ମାଧ୍ୟମ ତ ବକ୍ତୃତା । କି ଶିକ୍ଷିତ କି ଅଶିକ୍ଷିତ କଥା ଛଳରେ ଭୁଲାଇ ସେମାନଙ୍କର ମନରେ ଆତ୍ମମର୍ଯ୍ୟାଦା ଜ୍ଞାନ ଆଉ ଜାତୀୟ ଗୌରବ ଭାବନା ଜାଗ୍ରତ କରାଇବାକୁ ହେବ । ସେମାନଙ୍କୁ ମତାଇବା ଏବଂ ତତାଇବା ପାଇଁ କଥା ଦରକାର । ପାଟି ଲାଗିଲେ କେମିତି ଚଳିବ ! ସେତେବେଳେ ଏମିତି ନାନା ଚିନ୍ତା ଗୋପ ମନକୁ ଘାରୁଥାଏ । ହେଲେ ସେ ହାରିଯିବାକୁ ଆଦୌ ପ୍ରସ୍ତୁତ ନଥାଏ । ତାର ଲଢୁଆ ମନ ଖୋଜୁଥାଏ ଉପାୟ । ସେତେବେଳେ ବିଦ୍ୟାଳୟର ତଳଶ୍ରେଣୀରେ ପାଠ୍ୟକ୍ରମରେ ଥାଏ ଗ୍ରୀକ ବାଗ୍ମୀ ଡେମସ୍ ଥେନିସ୍ ଙ୍କ ଜୀବନ ବୃତ୍ତାନ୍ତ । ନିଜର ଥଙ୍ଗ ଥଙ୍ଗ କଥାକୁ ନେଇ ଗୋପ କିଛିଟା ଅବସାଦଗ୍ରସ୍ତ ବି ହୋଇପଡ଼ିଥାଏ । ତାକୁ ଦୂରେଇବା ଲାଗି ସେ ଯତ୍ପରୋନାସ୍ତି ଉଦ୍ୟମ କରୁଥାଏ । ଏତିକିବେଳେ ଦିନେ ଦୈବପ୍ରେରିତ ଘଟଣା ଭଳି ଶ୍ରେଣୀରେ ପଢ଼ାଗଲା ଡେମସ୍ ଥେନିସ୍ଙ୍କର କଥା । ଶିକ୍ଷକ ଆରମ୍ଭ କଲେ,

– ପିଲାଏ ଡେମସ୍ ଥେନିସ୍ ଆମ ସମସ୍ତଙ୍କ ଲାଗି ପ୍ରେରଣା ଥିଲେ । ଗ୍ରୀକ୍‌ର ଏହି ବାଗ୍ମୀ ଚମତ୍କାର ବକ୍ତୃତା ଦେଇ ପାରୁଥିଲେ । ଆଜକୁ ପ୍ରାୟ ତେଇଶହ ବର୍ଷ ତଳେ ତାଙ୍କ ଜନ୍ମ । ତାଙ୍କ ବାଗ୍ମୀତା ବଳରେ ସେ ଏଥେନ୍ସର ରାଜନୈତିକ, ସାମାଜିକ, ସାଂସ୍କୃତିକ ଜୀବନକୁ ବିପୁଳ ଭାବରେ ପ୍ରଭାବିତ କରି ପାରିଥିଲେ ।

– ଆପଣେ ! ସେ ଏପରି ବାଗ୍ମୀ ହେଲେ କେମିତି ? ଥିଲା ଗୋପର ନିରୀହ ପ୍ରଶ୍ନ ।

– ଡେମସ୍ ଥେନିସ୍ ତାଙ୍କର ପୂର୍ବ କାଳର ବକ୍ତାମାନଙ୍କ ବିଖ୍ୟାତ ଉକ୍ତିମାନ ମୁଖସ୍ଥ ଓ କଣ୍ଠସ୍ଥ କରିଥିଲେ । ଆବଶ୍ୟକ ସ୍ଥଳେ ଉପଯୋଗିତାକୁ ଆଖି ଆଗରେ ରଖି ସେ ସବୁ ପ୍ରୟୋଗ କରୁଥିଲେ । ବକ୍ତା ହିସାବରେ ସେ ଏତେ ଜନପ୍ରିୟ ଥିଲେ ଯେ ବକ୍ତୃତା ଲେଖି ସେ ନିଜ ଲାଗି ଢ଼ୋକପାଣି ଯୋଗାଡ଼ କରିପାରୁଥିଲେ ।

– ତାଙ୍କର ଆଉ ବିଶେଷତ୍ୱ କଣ ଆପଣେ ?

– ସେ ରାତାରାତି ସୁବକ୍ତା ହୋଇ ଯାଇନଥିଲେ । କଠିନ ପରିଶ୍ରମ ମାଧ୍ୟମରେ ନିଜକୁ ଜଣେ ବକ୍ତା ରୂପେ ଗଢ଼ି ତୋଳିଥିଲେ । ପ୍ରଥମେ ସେ ଭଲରେ କଥା କହିପାରୁନଥିଲେ । କାହାଠୁ ଉପଦେଶ ନେଇ ଜିଭ ତଳେ ଉପଳ ଖଣ୍ଡ ଦେଇ ବକ୍ତୃତା ଅଭ୍ୟାସ ଆରମ୍ଭ କଲେ । ବେଳେବେଳେ ନିଜ ଅଙ୍ଗଭଙ୍ଗୀର ସମୀକ୍ଷା ପାଇଁ ଗୋଟିଏ ବଡ଼ ଆଇନା ସାମ୍ନାରେ ଠିଆ ହୋଇ ବକ୍ତୃତା ଅଭ୍ୟାସ କରୁଥିଲେ । ସମୁଦ୍ରକୂଳେ ଜିଭ ତଳେ ଉପଳ ଖଣ୍ଡ ରଖି ଢେଉର ଗର୍ଜନଠାରୁ ଉଚ୍ଚ ସ୍ୱର ଜାଗରଣ ପାଇଁ ଶ୍ରମ କରୁଥିଲେ । ଆଉ ତୁମେମାନେ ତ ଜାଣ ପିଲାଏ ସବୁ ଶ୍ରମର ସବୁ କର୍ମର ଫଳ ଅଛି । ଦିନ ଆସିଲା ଓ ତାଙ୍କ କର୍ମର ଫଳ ପାଚିଲା । ସେ ପାଲଟିଗଲେ ମହାନ ବାଗ୍ମୀ । ତେଣୁ ମନେରଖ ପିଲାଏ- ଜୀବନରେ ଅସାଧ ବୋଲି କିଛି ନାହିଁ । ନିଜ ଅସୁବିଧାକୁ ସାମର୍ଥ୍ୟରେ ପରିଣତ କରିବା ବୀରର ଲକ୍ଷଣ । ଏ'କଥା ଗୋପ ମନରେ ଗାର କଟା ହେବା ପରି ଲେଖି ହୋଇଗଲା । ଆଜି ମନେ ପଡିଲେ ଗୋପକୁ ହସ ଲାଗେ । ତା' ବିଚାରରେ ଭଲ ବକ୍ତା ହେବା ଗୋଟେ ସଉକ ନୁହେଁ ।ମଣିଷମାନଙ୍କ ସହ ଯୋଡି ହେବାର ସାଧନ । ଯୋଗାଯୋଗ ବିନା କି ଜୀବନ ! ତେଣୁ ସେ ମଧ୍ୟ ଭଲ ବକ୍ତା ହେବା ଲାଗି ଖୁବ କମ୍ ବୟସରୁ ନିଷ୍ପାପର ଉଦ୍ୟମ କରିଛି । ଛୋଟବେଳେ ଗାଁର ଅଳ୍ପ ଉଚ୍ଚ ପାଳଗଦା ତା ପାଇଁ ମଞ୍ଚ ହୋଇଯାଏ । ଗାଁରେ ବାରିପଟେ ଦଳ ଦଳ ବଣି ଆଉ ଟିକେ ତଳକୁ ସନ୍ତସନ୍ତିଆ ଜାଗାରେ ଖେଦା ଖେଦା ବଗ । ପାଳଗଦା ଉପରେ ଠିଆ ହୋଇ ଗୋପ ଚାରିଆଡକୁ ଚାହେଁ । ଦଳଦଳ ବଣି




◀ ଭାର୍ଗବୀ ନଦୀର ଧାରା

ତାକୁ ମନେ ହୁଅନ୍ତି କାଳ୍ପନିକ ଶ୍ରୋତା । ତାପରେ ଆରମ୍ଭ ହୁଏ ବକ୍ତୃତା । ଚଢେଇମାନେ ଚକିତ ହୋଇ ଚାହିଁ ରହନ୍ତି । ଏ ଅଭିନବ ବକ୍ତୃତା ସେମାନଙ୍କୁ କିଛି ସମୟ ଚୁପ କରିଦିଏ । ଯଦି ବକ୍ତା ଚୁପ ହୋଇ ଯାଆନ୍ତି ତେବେ ବଣିବାହିନୀ ପୁଣି ଆରମ୍ଭ କରିଦିଅନ୍ତି କିଚିରିମିଚିରି । ସେମାନଙ୍କ କିଚିରିମିଚିରିକୁ ଗୋପ ଧରିନିଏ ତାଳିମାଡ଼ । ମନକୁ ବୁଝେଇବାକୁ ଚେଷ୍ଟା କରେ ସେମାନେ ତାର ବକ୍ତୃତାକୁ ପ୍ରଶଂସା କରୁଛନ୍ତି । ଏହିପରି ବକ୍ତା ଭାବେ ନିଜର ଉତ୍ସାହ ଓ ଆତ୍ମବିଶ୍ୱାସ ବଢାଏ ।

ଡେମ୍ସ୍ ଥେନିସ୍ ତ ଅଭିନବ ପ୍ରେରଣା । ତାଙ୍କ କଥା ଜାଣିବା ପର ଠାରୁ ଗୋପ ଜିଭ ତଳେ ବାଲିଗରଡ଼ା ରଖି ବକ୍ତୃତା ଅଭ୍ୟାସ କରେ । କେହି ନଥିବାବେଳେ ନିଛାଟିଆ ସମୁଦ୍ର କୂଳେ ଆରମ୍ଭ ହୋଇଯାଏ ସାଧନା । ବାଲି ଉପରେ ଠିଆ ହୋଇ, ଜିଭ ତଳେ ବାଲିଗରଡ଼ା ଜାକି ଗୋପ କେତେ ବିଷୟରେ ମନକୁ ମନ କହେ । ବାଲିଗରଡ଼ା ତାର କାମ ଦେଖାଏ । ନିଃଶ୍ୱାସ ନିୟନ୍ତ୍ରିତ ହୁଏ, ପାଟି ଥଙ୍ଗ ଥଙ୍ଗ କମି ଆସେ । ଆସ୍ତେ ଆସ୍ତେ ଏ କଠିନ ସାଧନା ଫଳ ଧରେ । ଥଙ୍ଗ ଥଙ୍ଗ କମିଆସେ । ହେଲେ ଜିଦ୍‌ଖୋର୍ ଗୋପ ମାନିବାକୁ ନାରାଜ । ଆହୁରି ଉନ୍ନତି ପାଇଁ ରାତିରେ ବାଲିଗରଡ଼ା ଜାକି ଶୁଏ । ଏ ସାଧନା ସହ ତାଳ ଦେଇ ଚାଲିଥାଏ ବିଦ୍ୟାଳୟର ସାପ୍ତାହିକ ସଭା । ସେଠି ଏତେପ୍ରକାର ବିଷୟମନ୍ଥନ ହୁଏ ଯେ କୁହାନଯାଏ । ଯେକୌଣସି ପ୍ରସଙ୍ଗ ପଡୁ ଗୋପ ଆଗ । ଥରେ ସାପ୍ତାହିକ ସଭାରେ ଦିବ୍ୟସିଂହ ଆପଣେ, ଗୋପୀନାଥ ଓ ବୈଦ୍ୟନାଥ ପ୍ରଭୃତି ଉପସ୍ଥିତ ଥାଆନ୍ତି । ସଭା ଉପଚାର ପରେ ଗୋପର କହିବା ପାଳି । ଟିକେ ପ୍ରସ୍ତୁତ ହୋଇ ଗୋପ ଆରମ୍ଭ କଲା ।

'ଯେଉଁ ଓଡିଆମାନେ ଆଗଙ୍ଗା ଗୋଦାବରୀ ଜୟ କରିଥିଲେ, ପୁରୀ କୋଣାର୍କ ଓ ଲିଙ୍ଗରାଜ ଦେଉଳ ତୋଳାଇଥିଲେ, ଅଶୋକଙ୍କୁ ଅହିଂସା ଶିଖାଇଥିଲେ ଆମେ କ'ଣ ସତରେ ସେମାନଙ୍କ ଦାୟାଦ ? ଆମର ପୂର୍ବତେଜ କୁଆଡେ ଗଲା ? ଆମେ ଆଜି ପର ପଦାନତ । ଏଠି ଆମେ ଗୋରାଙ୍କ ଗୋଲାମ । ଆଉ କଲିକତାରେ ଆମ ପରିଚୟ କୁଲି ନହେଲେ ପୂଜାରୀ ... । ପ୍ରଥମେ ଅଳ୍ପ ଥଙ୍ଗେଇ ଗୋପ ତାର ବକ୍ତୃତା ଆରମ୍ଭ କରିଥିଲା । ଆଉ ଯେତେବେଳେ ତା ଭିତରେ ଭାବର ଅପୂର୍ବ ଆବେଶ ସୃଷ୍ଟି ହେଲା କଣ୍ଠରୁ ଖଇ ଫୁଟିବା ପରି ଛୁଟିଲା ଶବ୍ଦର ଧ୍ୱନି । ସମସ୍ତେ ଆଚମ୍ବିତ । କଥା ଛଳରେ ଭୁଲାଇ ପାରିବାର ଅପୂର୍ବ ଦକ୍ଷତା ଗୋପ ଠାରେ ଅଛି ବୋଲି ସମସ୍ତେ ଅନୁଭବ କଲେ । ଦିବ୍ୟସିଂହ ଶ୍ରଦ୍ଧାରେ ତାର ପିଠି ଆଉଁସି ପକେଇଲେ । ସଭା ସରିବା ପରେ ବୈଦ୍ୟନାଥ ଗୋପର ବାଲିଗରଡ଼ା ଉପାଖ୍ୟାନ ମନେ ପକାଇ ସବୁରି ମନୋରଞ୍ଜନ କଲେ । ଗୋପ ଆଡେ ଚାହିଁ ହାସ୍ୟବ୍ୟଞ୍ଜିତ ଟିପ୍ପଣୀ କଲେ, "ଓଡ଼ିଆ ଡେମ୍ସ୍ ଥେନିସ୍‌ଙ୍କ ବାଗ୍ମୀତା ସତରେ ଅପୂର୍ବ ।" ପରମମିତ୍ରର ଏପରି ମନ୍ତବ୍ୟରେ ଗୋପ ସେବେ ଯେପରି ସଲ୍ଲଜ ହସିଥିଲା ଆଜି ନଈ ବନ୍ଧ ଉପରେ ଅନ୍ୟମନସ୍କ ଭାବେ ମୁହଁ ସେପରି ହୋଇଗଲା ।



ଗୋପବନ୍ଧୁଙ୍କ ଦାଢ଼ି ନଥିବା ବିରଳ ଫଟୋ ତୂଳୀସ୍ପର୍ଶ : ସଂଜୟ ରାଉଳ

ନଈର ଧୀର ଅଳସ ସୁଅ ସହ ଗୋପ ମନରେ ଉକୁଟି ଉଠୁଥାଏ ଆଉ କେତେ ଖିଅ । ଚିତ୍ରପଟ୍ଟ ପରି ଭାସି ଉଠୁଥାଏ କେତେ କଥା । ବିଦ୍ୟାଳୟ ଜୀବନରେ ତାର ସବୁଠୁ ମହାର୍ଘ ଉପଲବ୍ଧି ବୋଧହୁଏ ମୁକ୍ତିଆର ରାମଚନ୍ଦ୍ର ଦାସଙ୍କ ସହ ସମ୍ବନ୍ଧ । ତାଙ୍କ ସହ ପରିଚୟ କରାଇଥିବାରୁ ଗୋପ ମନେ ମନେ ନନାଙ୍କ ପ୍ରତି କୃତଜ୍ଞତା ପ୍ରକଟ କରେ । ତାଙ୍କ ପାଠାଗାରରେ ଯେଉଁ ଆଲୋଚନା ହୁଏ ତାହା ଶ୍ରେଣୀଗୃହ ଠାରୁ ଗଭୀର । ତାଙ୍କ ସହ ସେବାକାର୍ଯ୍ୟରେ ସାମିଲ ହେଲେ ଲାଗେ ଜଣେ ଯେମିତି ଅନ୍ୟର ସେବା ମାଧ୍ୟମରେ ନିଜର ସେବା କରୁଛି, ସେବା ଗ୍ରହଣକାରୀ ନୁହେଁ ବରଂ ସେବାକାରୀ ଧନ୍ୟ ହେଉଛି । ତାଙ୍କ ସହ ସଙ୍ଗଠନ କାମରେ ଗଲେ ଲାଗେ ଗଣକ୍ଷେତ୍ରରେ କାମ କରିବାର ଅର୍ଥ ନିଜର ମର୍ଯ୍ୟାଦା ସହିତ ଦଶର ମର୍ଯ୍ୟାଦା ବଢ଼ାଇବା, ଅନ୍ୟମୁଣ୍ଡ ଉପରେ ଗୋଡ଼ ରଖି ଆଗକୁ ବଢ଼ିବା ନୁହେଁ । ତାଙ୍କ ସହ କାଟୁଥିବା ସମସ୍ତ ସମୟ ନିର୍ମାଲ୍ୟ ପରି ପବିତ୍ର । ଲାଗେ ଯେମିତି ଗୋଟିଏ ନିରବ ପ୍ରେରଣାର ଉଚ୍ଛୁଳା ସୁଅ ବହି ଚାଲିଛି ଖଳଖଳ ।

ଦିନେ ଗୋପ ଦିବାକର ଓ ବାସୁଦେବ ପ୍ରଭୃତି ବସି ଥାଆନ୍ତି ପାଠାଗାରରେ । ଚିରାଚରିତ ରୀତିରେ ସରିଥାଏ ପେଟପୂରା ଜଳଖିଆ । ରାମଚନ୍ଦ୍ର ସେଦିନ କାହିଁକି କେଜାଣି କହିବା ଆରମ୍ଭ କଲେ କାମରେ ନିଷ୍ଠାପରତା ସମ୍ପର୍କରେ ।

– ତମେ ଯେଉଁ କାମରେ ବି ହାତ ଦିଅ ସେଥିପାଇଁ ପହିଲେ ଲୋଡ଼ା ଷୋଳ'ଣା ଅଙ୍ଗୀକାର । କଣ ବୁଝୁଛ ଗୋପ ?

– 'ଆଜ୍ଞା !' ବୋଲି ଫେରିଲା ସମବେତ ଉତ୍ତର ।

– ଏମିତିକି ଜଣେ ଭଲ ଚୋର ତା' କାମ ପାଇଁ ଅଧିକ ନିଷ୍ଠାପର । ହେଲେ ଆମ ସମାଜରେ ଭଦ୍ର ଲୋକେ, ଶିକ୍ଷିତମାନେ, ନବ୍ୟସଭ୍ୟ ଦଳ ଅଧିକ ସ୍ୱାର୍ଥପର, ଅଧିକ ନିଷ୍ଠାହୀନ ।

– ଆଜ୍ଞା ।

– ହଁ । ଆଉ ଗୋଟିଏ କଥା ମନେ ରଖିଥିବ ତମେ

କରୁଥିବା କାମଟି ଅଦୃଷ୍ଟ ଅନୁମୋଦିତ କି ନୁହଁ ଏକଥା ପରଖି ଦେଖିବା ଦାୟିତ୍ୱ ବି ତୁମର । ଏସବୁ କଥା ସେଦିନ ସମସ୍ତଙ୍କୁ କେମିତି ଭାରୀ ମନେ ହେଲା ।

ନିଜ ଆଡୁ ଗୋପ ପଚାରେ , "ଷୋଳଅଣା ଅଙ୍ଗୀକାର କଥା ତ ବୁଝିହେଲା । ହେଲେ ଆମ କାମ ଅଦୃଷ୍ଟର ଇଚ୍ଛା ସହ ମିଶୁଚି କି ନାଁ ଆମେ କେମିତି ଜାଣିବୁ ?"

ପୁଣି କିଛିଟା ଗମ୍ଭୀର ହୋଇ ରାମଚନ୍ଦ୍ର ଉତ୍ତର ଦେଇଥିଲେ, "ତାହା ତୁମ ଅନ୍ତରାତ୍ମା ବଳେ ଜଣାଇ ଦେବେ । କହିବାକୁ ଅନେକ ବାକ୍ ଚାତୁରୀ କରିହେବ । ହେଲେ ଏ ବୁଝାଇବାର କଥା ନୁହେଁ । ତେବେ ଯଦି ତୁମ କାର୍ଯ୍ୟ ଅଦୃଷ୍ଟ ଅନୁକୂଳ ତେବେ ସେ ତା ବାଟରେ ତୁମକୁ ସୂଚାଇ ଦେବ ।"

ତା ପରେ ଷୋଳ'ଣା ନିଷ୍ଠା ଆଉ ଅଙ୍ଗୀକାର କଥା ସ୍ପଷ୍ଟ କରିବାକୁ ଯାଇ ରାମଚନ୍ଦ୍ର ପଣ୍ଡିତ ହରିହରଙ୍କ କଥା ବହୁତ ଦିନ ପରେ ପୁଣି ଥରେ ଉଠାଇଥିଲେ ।

- ଜାଣ ଦିବ୍ୟସିଂହ ! ଶିକ୍ଷା ଆଉ ନିଜର ଶିକ୍ଷାନୁଷ୍ଠାନ ପାଇଁ ହରିହର କେତେଦୂର ଅଙ୍ଗୀକାରବଦ୍ଧ ଥିଲେ ?

- ଆପଣେ କୁହନ୍ତୁ । ସହଜ ଉତ୍ତର ଦେଲେ ଦିବ୍ୟସିଂହ ।

- ସେ ଆଗ ନିଜେ ଉତ୍ତମ ଭାବେ ଶିକ୍ଷିତ ଥିଲେ । ତାଙ୍କ ପାଣ୍ଡିତ୍ୟରେ ଅହଂ ନଥିଲା । ସେ ଚାହୁଁଥିଲେ ଦଶ ଲୋକେ ଶିକ୍ଷିତ ହୁଅନ୍ତୁ । ଶିକ୍ଷା ହିଁ ମର୍ଯ୍ୟାଦା । ତେଣୁ ବିଦ୍ୟାଳୟ ପାଇଁ ଅର୍ଥ ଯୋଗାଡ଼ କରିବା ଲାଗି ଆବଶ୍ୟକ ପଡ଼ିଲେ ସେ ନିଜ ପାଣ୍ଡିତ୍ୟ ଦେଖାଇବାକୁ ସଂକୋଚ କରୁନଥିଲେ । ଅର୍ଥ ସଂଗ୍ରହ ଲାଗି ଅବଧୂତ ହୋଇ ଘୂରି ବୁଲୁଥିବା ବେଳେ ସେ ପହଂଚିଥିଲେ ବଳରାମପୁର ମହାରାଜାଙ୍କ ପାଖେ ।

ଥରେ ମହାରାଜ ପ୍ରଶ୍ନ କଲେ, 'କ୍ୱଃ ପୂଃ ?' ଅର୍ଥାତ ଆପଣଙ୍କ ଘର କେଉଁଠି ?

ହରିହର ଦେଇଥିଲେ ପ୍ରତ୍ୟୁତ୍ପନ୍ନମତି ଉତ୍ତର । 'ପୁରୀ ପୂର୍ଣ୍ଣଃ' ।

ଏତିକି କଥାରେ ଜ୍ଞାନୀ ରାଜା ହରିହରଙ୍କ ପାଣ୍ଡିତ୍ୟର ଉଚ୍ଚତା ଦେଖି ପାରିଥିଲେ । ମୁଗ୍ଧ ହୋଇ ତାଙ୍କ ଲାଗି ଅର୍ଥବ୍ୟବସ୍ଥା କରି ଦେଇଥିଲେ ।

ଅବଶ୍ୟ କୌଣସି ଅନୁଷ୍ଠାନ ପ୍ରତି ଅଙ୍ଗୀକାରବଦ୍ଧତା ଅପେକ୍ଷା ବଡ଼ ବୋଧହୁଏ ବିଚାର ପ୍ରତି ଅଙ୍ଗୀକାର ।

ଏକଥା ଗୋପକୁ ଆହୁରି ଗଭୀର ମନେହେଲା ତାପରେ ଏକଥାରୁ ଖିଅ ଧରି ରାମଚନ୍ଦ୍ର ବର୍ଣ୍ଣନା କଲେ ହରିହରଙ୍କ କଥା ।

'ପଣ୍ଡିତ ହରିହର ଥିଲେ ପରମ ନାସ୍ତିକ । କହିପାର ସେ ଦିଗରେ ଖୁବ ନିଷ୍ଠାପର । କଲିକତାରେ ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କ ଘରେ ତାଙ୍କର ଗୋଟିଏ ବଡ଼ ବିତର୍କ ହୋଇଥିଲା । ଆଉ ବିତର୍କର ପ୍ରତିପକ୍ଷ ଥିଲେ ଦୟାନନ୍ଦ ସରସ୍ୱତୀ । ନିଜ ବିଚାର ହରିହରଙ୍କ ପାଇଁ ପ୍ରାଣଠାରୁ ବଡ଼ ଥିଲା । ତର୍କ ଏତେ ଉତ୍ତେଜନାପୂର୍ଣ୍ଣ ହେଲା ଯେ ତାଙ୍କ ମସ୍ତିଷ୍କର କୋଷମାନ ପ୍ରବଳ ଭାବେ ଆନ୍ଦୋଳିତ ହେଲେ । କେଉଁଠି କଣ ଛିଡ଼ିଗଲା ଯେମିତି । ଆଉ ତା ପରେ ଆରମ୍ଭ ହେଲା ଉନ୍ମାଦ ଅବସ୍ଥା । ଧୀରେଧୀରେ ସେ ହେଲେ ମୂକ ।'

ଗୋପ ନିଜେ ପରମ ଆସ୍ତିକ ହେଲେ ଏକଥା ଶୁଣି କେମିତି ଅସମ୍ଭବ ଭାବେ ଗମ୍ଭୀର ହୋଇ ଉଠିଲା । ସେଦିନ ଗୋପ ମନରେ ହରିହରଙ୍କ ପ୍ରତି ଭକ୍ତି ଆହୁରି ଗଭୀର ହୋଇ ଉଠିଲା । ମନରେ ଗୋଟିଏ କଥା ଦାନା ବାନ୍ଧିଲା ବିଚାର ଓ କର୍ମ ପ୍ରତି ଅଙ୍ଗୀକାରବଦ୍ଧତା । ହରିହର ଓ ରାମଚନ୍ଦ୍ରଙ୍କ କଥାରୁ ଆଉ କଥାଏ ଆସିଲା ଶିକ୍ଷା ହିଁ ପ୍ରାଥମିକ । ଆଜି ସେଦିନର କଥା ମନେ ପଡି ନିଜର ବିଚାର ଓ ସ୍ୱପ୍ନ ଜଗତ କେମିତି ଆଲୋଡ଼ିତ ହେଲା । ଏଇନେ ତରୁଣ ମନ । ଶିକ୍ଷାକୁ ନେଇ କେତେ ସ୍ୱପ୍ନର ଅଂକୁର ଉଠୁଛି । ସେହି କ୍ରମରେ ମନେ ପଡ଼ିଲା ଆଉ ଏକ ଘଟଣା ।

ଏଇ ଗଲା ବର୍ଷର କଥା । ତାଙ୍କ ସହ ବାସୁଦେବ ଆସିଥାଏ ସୁଆଣ୍ଡୋ । ଦିନେ ଅଧେ ରହି ସେମାନେ ଫେରୁଥାନ୍ତି ପୁରୀ - ପାଦରେ ଚାଲିଚାଲି । ବାଟ ସାରା କେତେ କଥା ପଡୁଥାଏ । ଗୋପ ନିଜେ ବାସୁଦେବକୁ ନାନା ପରାମର୍ଶ ଦେଉଥାଏ ।

- ତୁମେ ସଂସ୍କୃତରେ ଶିକ୍ଷା ଗ୍ରହଣ କରୁଚ ତାହା ବେଶ୍ ସହାୟକ ।

- ହେଲେ ଲୋକେ ତ ଏହାକୁ ପୁରୁଣା ମରହଟ୍ଟୀ ପାଠ କହୁଛନ୍ତି । ଉତ୍ତର ଦିଏ ବାସୁଦେବ ।


- ଲୋକେ ଭୁଲ୍ କୁହନ୍ତି । ସଂସ୍କୃତ ଆମର କୌଳିନ୍ୟ । ଆମେ ଉଭୟ ସଂସ୍କୃତ ଓ ଦେଶଜ ଭାଷାରେ ଦୃଢ଼ ହେବା । ତୁମେ ପାଠ ସାରିଲେ ତୁମ ଚତୁର୍ଦ୍ଦିଗରେ ସଂସ୍କୃତର ପ୍ରସାର ଲାଗି ଚେଷ୍ଟା କରିବ ।

- ଆଜ୍ଞା ।

- ମନେ ରଖିଥାଅ ମୁକ୍ତିଆର ଆମକୁ କାମ ଦେଇଛନ୍ତି । ପ୍ରଥମେ ଆମେ ଶିକ୍ଷିତ ହେବା ଆଉ ପରେ ଅନ୍ୟମାନଙ୍କୁ ଶିକ୍ଷିତ କରାଇବା ।

- ହଁ ଯେ ! ଇଏ କଣ ଏଡ଼େ ସହଜ କଥା !

▼ଗୋପବନ୍ଧୁଙ୍କ ଜାତକ





ଗୋପବନ୍ଧୁଙ୍କ ଘରର ଦାଣ୍ଡ କବାଟ

- ଜୀବନରେ କୋଉ କଥା ବା ସହଜ ବାସୁ ! ବିଷମ ପଥ ଏ ଭଜନ, ଭୟେ ଭାଜନ୍ତି ଯୋଗୀଜନ ।

- ନାହିଁ ଯେ ଆମେ ଯେଉଁ ମୂଳରୁ ଆସିଥାଇଁ ସେଠି ସମସ୍ତେ ଚାହାଁନ୍ତି ଆମେମାନେ ରୋଜଗାର କରିବା । ଆଉ ଆମ ପରିବେଷ୍ଟନୀର ପିଲାଏ ସରକାରୀ ବିଦ୍ୟାଳୟରେ ପଢି ସରକାରୀ ଚାକିରୀ କରନ୍ତୁ ବୋଲି ସେମାନଙ୍କ ଅଭିଭାବକ ଇଚ୍ଛା କରନ୍ତି ।

- ହଁ ଚାକିରି ତ ଗୋଲାମୀ । ସେଥିରେ ମାନ ବଢେନି ଛିଡେ ।

- ହେଲେ ଷୋଳ'ଣା ଲୋକ ଚାହାଁନ୍ତି ଏ ମାଟି କାଦୁଅ ଛାଡିବେ । ସହରରେ ରହିବେ । ପଙ୍କ ସରସର ଜୀବନରୁ ମୁକୁଳି ଧୋବଧାଉଳିଆ ହେବେ ।

- ତମେ ସେମାନଙ୍କ ମାନସିକତା ଠିକ ବୁଝିଚ ବାସୁ ।

ଏମିତି କଥା ଚାଲିଥାଏ । ବାଟ ଜଣା ପଡୁନଥାଏ । ମଝିରେ ମଝିରେ କ୍ଳାନ୍ତ ବାସୁକୁ ଟିକେ ଉତ୍ସାହିତ କରିବା ପାଇଁ ସରସ କଥା କହେ ଗୋପ ।

ବାଟରେ ପଡେ ବଳଭଦ୍ରପୁର ଗହୀର । କିଆରୀ କିଆରୀ ଖେଳୁଥାଏ ଧାନଗଛର ଶୁଆପଖିଆ ଢେଉ । ବହି ଆସୁଥାଏ ଖୋଲି ଖୋଲି ପବନ । ଜମିର ବିସ୍ତୃତି ଆଉ ପ୍ରକୃତିର ସ୍ମିତ ଦେଖି ଗୋପ ମନରେ ଅପୂର୍ବ ଭାବୁକତା ଆସେ ।

- 'ବାସୁ । ଆମେ ବିଦ୍ୟାଳୟ କଥା ପକାଇଥିଲେ । ମୋର ଇଚ୍ଛା ଏମିତି ଗହୀର ବିଲରେ ଖୋଲା ମେଲାରେ ବିଦ୍ୟାଳୟ ବସନ୍ତା ।

- ଗହୀରରେ ବିଦ୍ୟାଳୟ !!

- ହଁ । ଏମିତି ମୁକ୍ତ ପରିବେଶରେ, ପ୍ରକୃତିର କୋଳରେ ସ୍କୁଲ ବସନ୍ତା । ସ୍କୁଲର ନିଜର ଚାଷ ଜମି ଥାଆନ୍ତା । ପିଲାଏ ସେଥିରେ ଚାଷ କାମ କରନ୍ତେ । ସେଇ ଉତ୍ପାଦନରେ ଚଳନ୍ତା ସେମାନଙ୍କ ଖୋରାକି ପୋଷାକ । ପିଲେ ସରଳ ନିରାଡ଼ମ୍ବର ଜୀବନର ମୂଳ ବୁଝନ୍ତେ । ମାଟିର ମହତ ଜାଣନ୍ତେ । ତେଣେ ଶିକ୍ଷିତ ବି ହୁଅନ୍ତେ ।'

ଚକିତ ବାସୁ ପଚାରିଥିଲା, ଏମିତି ସପନ ଭଳି ଭାବିବାକୁ ତ ଭଲ । ହେଲେ ଏହା କଣ ସମ୍ଭବ ?

- ସବୁ ସମ୍ଭବ । ଗୋପର ସେଦିନ ମନେ ପଡ଼ି ଯାଇଥିଲା ରାମଚନ୍ଦ୍ରଙ୍କ କଥା । ଏମିତି ବାଟ ଚାଲି ଚାଲି ଦିହେଁ ପହଂଚିଥିଲେ ପୁରୀରେ । ଅସମ୍ଭବ ସ୍ୱପ୍ନରେ ମନ ପୂରା ହାଲୁକା ହୋଇ ଉଠିଥିଲା । ଗୋପୀନାଥପୁର ଠାରୁ ନୀଳଚକ୍ର ଦେଖି ପ୍ରଣାମ କରି ଦିହେଁ ନିଜ ନିଜ ଗନ୍ତବ୍ୟକୁ ଯାଇଥିଲେ । ଗୋପ ମନେ ମନେ ଜଗନ୍ନାଥଙ୍କ ସ୍ମରଣ କଲା । ଜୀବନେ ମରଣେ ସେ ହିଁ ଶରଣ । ବିଦ୍ୟାଳୟ ସ୍ଥାପନକୁ ନେଇ ସ୍ୱପ୍ନ ଶୁଣି ବାସୁଦେବ ଆଉ କଥାଏ କହିଥିଲେ, 'ଆପଣ କବି ଭାବର ଲୋକ ବୋଲି ଏମିତି ସ୍ୱପ୍ନ ଦେଖି ପାରୁଛନ୍ତି ।'

ଏବେକୁ ଗୋପ ମନରେ କବି ଭାବର କଥାଟି ପଶିଲା । ଅତି କମ୍ ବୟସରୁ ଭାଗବତ ପଢ଼ା ଆଉ ଭାର୍ଗବୀ ନଈର ସୌନ୍ଦର୍ଯ୍ୟ ତା ମନରେ କବିଭାବ ଉଦ୍ରେକ କରିଥିଲା । ବେଳ ଅବେଳରେ ସେ ନିଜେ ଗୀତ ଫାନ୍ଦୁଥିଲା ଓ ଗାଇ ପାରୁଥିଲା । ଏବେ ମନେ ପଡ଼ିଲା କବିତ୍ୱ ଉଭାସର ପ୍ରଥମ ପ୍ରଥମ ଦିନର କଥା । ଦିନେ ଅବଧାନେ ଦେଇଥାନ୍ତି ତାଳପତ୍ରରେ ଜମିଦାରୀ ଛାଞ୍ଚ ଲେଖିବାକୁ । ହେଲେ ତାଳପତ୍ର ଆଉ ଲେଖନୀ ଧରି ଅନ୍ୟମନସ୍କ ହୋଇ ପଡ଼ିଥିଲା ଗୋପ । ମନ ଆଉ ଗଣିତରେ କି ହିସାବ କିତାବରେ ନଥିଲା । କୋଉ ମହାଭ୍ରା ଲହଡି ଭାଙ୍ଗୁଥିଲା ତାର ଅତଳରେ । ଗୋପ ତାଳପତ୍ରରେ ଲେଖି ପକାଇଥିଲା କେତେପଦ କବିତା । ତାକୁ ଦେଖି ଅଗ୍ନିଶର୍ମା ହୋଇ ଅବଧାନେ ଧମକାଇ ପଚାରିଥିଲେ, 'ଏ କଣ ଲେଖୁଚୁ ଗୋପ ?'

ଉତ୍ତରରେ କେବଳ ଆଖି ଡବ ଡବ କରି ନିରବ ରହିବା ଛଡା ଗୋପ ଆଉ କିଛି କହି ପାରିନଥିଲା । କଥା ନନାଙ୍କ ଯାଏଁ ଯାଇଥିଲା । ଅବଶ୍ୟ ନନା ଗୋପକୁ ରକ୍ଷା କରିଥିଲେ । ଗୋପର ଗୀତ / କବିତା ଲେଖାକୁ ନେଇ ଅବଧାନଙ୍କ ସହ ସ୍ୱର ମିଳାଇ ତାକୁ ଝିଙ୍ଗାସିବା ବଦଳରେ ସେ ଅନ୍ୟମାନଙ୍କୁ ତାର ଲେଖା ଶୁଣାଇଥିଲେ । ତେଣୁ ବାଲ୍ୟକାଳରୁ କବି ହେବାର ବାସନା ବଳବତୀ । ଜିଲ୍ଲା ସ୍କୁଲରେ ପଦ୍ୟରଚନା କାମ ବହୁ ଯତ୍ନର ସହ ଚାଲିଥିଲା । କିନ୍ତୁ ସେ ସବୁ ପଦ୍ୟ ଦୁଇ ଦୁଇ ଥର ନଷ୍ଟ ହେବା ଗୋପ ପ୍ରାଣରେ ଦେଇଥିଲା ଦାରୁଣ ଆଘାତ । ଗୋପ ମନକୁ ଏ ପ୍ରସଙ୍ଗରେ ରାମଚନ୍ଦ୍ରଙ୍କ କଥା ଆସେ । ତାର କବିତା ରଚନାକୁ କଣ ଅଦୃଷ୍ଟ ଅନୁମୋଦନ କରୁନାହିଁ ! ତେଣୁ ଦୁଃଖ, କ୍ଷୋଭ ଓ ଅଭିମାନରେ ସେ ଆଉ କବିତା ନ ଲେଖିବାକୁ ନିଷ୍ପତ୍ତି କରିଥିଲା । କବିତାଠାରୁ ଚିରବିଦାୟ ଘେନିବାଲାଗି ଲେଖିଥିଲା, 'କବିତାଦେବୀ' ଶୀର୍ଷକ କବିତା । କ୍ଷତାକ୍ତ ହୃଦୟରୁ ନିଃସୃତ ସେ କବିତାର ଧାଡ଼ି ଗୋପ ଆଉଥରେ ମନେ ପକାଇଲା ତାର କବିତାର ପ୍ରେରଣା କୂଳରେ ବସି ।


"ତୋ ଚରଣେ ସେବି ସୁଖେ କାଟିବି ଜୀବନ
ବାଳକାଳୁ ପୋଷିଥିଲି ଏହି ଅଭିଳାଷ ,
ଜାଣିଲି ସେ ସାଧୁ କାର୍ଯ୍ୟ ନୁହେଁ ମୁଁ ଭାଜନ
ସଂସାର ଘଟଣା ଚକ୍ରେ ହୋଇଣ ନିରାଶ ।
ସୁଧାମୟୀ ! ତୋ ସେବାରେ ନୁହଁଇ ମୁଁ କ୍ଷମ
ଚିରଦିନ ଲାଗି ଏବେ ଦିଅ ଗୋ ବିଦାୟ,
କରିବି କିପାଇଁ ଆଉ ପଣ୍ଡ ପରିଶ୍ରମ
ସେ ବନ୍ଧୁ ଉଦ୍ୟମେ ସତୀ ହୁଅଗୋ ସହାୟ ।"

ଗୋପର କବିତା ଠାରୁ ବିଦାୟ ଗ୍ରହଣ ସହିପାରି ନଥିଲେ ମିତ୍ର ବୈଦ୍ୟନାଥ । ତାଙ୍କର ପ୍ରେରଣାରେ ପୁଣି ଗୋପ କବିତା ଆରମ୍ଭ କରିଛି । 'ଚନ୍ଦ୍ର' ନାମରେ କବିତା ଲେଖି ପଠାଇଛି ଉତ୍କଳ ସାହିତ୍ୟକୁ । ଏବେ ସଞ୍ଜ ବୁଡ଼ିଲାଣି । ଚନ୍ଦ୍ର ଘଡିମାରି ଆସୁଛନ୍ତି ଗୋପ ଚନ୍ଦ୍ର କବିତାର ଧାଡ଼ି ମନେ ପକାଇ ଧୀରେ ବନ୍ଧରୁ ଉତୁରି ଗାଁ ଆଡେ ବାହାରିଲା । ମନରେ ଗୁଞ୍ଜରୁଥିଲା

'ଆରେ ପୂର୍ଣ୍ଣ ନିଶାମଣି ଯେ କାଳେ ତୁ ନିଶି ରାଣୀ
ସଙ୍ଗେ କରୁ ପ୍ରିୟ ସମ୍ଭାଷଣ ।'

ଗୋପ ପୁଣି ରାମଚନ୍ଦ୍ରଙ୍କ କଥାରୁ ଖିଅ କାଢି ନିଜକୁ ପଚାରୁଥିଲା ସତରେ କଣ କବିତାକୁ ନେଇ ସେ ଅଙ୍ଗୀକାରବଦ୍ଧ ?

# ଉଜୁଡ଼ା ନୀଡ଼ର କଥା



## ସୁକାନ୍ତି ରାଉତ

ରାଘବପୁର, ଗେଡ଼ମା, ମଞ୍ଜୁରିରୋଡ଼,
କେନ୍ଦୁଝର-୨୧
ଫୋନ୍ : ୮୮୯୫୩୦୪୫୫୬




▶ଗାଳ୍ପିକା ସୁକାନ୍ତି ରାଉତ

କଲିଂବେଲ୍ ମାରିଲେ ରାକେଶ । ପୁଣି ମାରିଲେ କଲିଂବେଲ୍ । ତଥାପି କବାଟ ଖୋଲିବାକୁ ଶିଖା ଆସିଲାନି । ଶିଖାର ଫୋନ୍‌କୁ ଫୋନ୍ ଲଗାଇଲେ- ଫୋନ୍ ବି ଉଠାଇଲେ ନାହିଁ । ବାରମ୍ବାର କଲିଂ ବେଲ୍ ମାରିଲା ପରେ ଶିଖା ବାଧ୍ୟ ହୋଇ ଖୋଲିଥିଲା କବାଟ । କବାଟ ଖୋଲିବା ମାତ୍ରେ ଜଣେ ସୁନ୍ଦର ଯୁବକ ଘରୁ ବାହାରି ବାଇକ୍ ଧରି ଚାଲିଗଲେ । ଶିଖାକୁ କିଛି ନ କହି ସିଧା ବେଡ଼ ରୁମ୍ ଭିତରୁ ପଶିଗଲେ । ବେଡ଼୍‌ରୁମ୍‌ରେ ଥିଲା ବିଦେଶୀ ମଦ ଆଉ ଚିକେନ୍ କଷା । ସବୁ ଅଧା ଅଧା ଖିଆ ହୋଇଥିଲା । ବେଡ଼୍‌ରୁମ୍ ବି ପୁରା ଅସଜଡ଼ା । ଏମିତି ତ ପ୍ରତିଦିନ ରାକେଶଙ୍କୁ ହିଁ ବେଡ଼ ସଜାଡ଼ିବାକୁ ପଡ଼ିଥାଏ । ଶିଖାକୁ ପଚାରିବା ପୂର୍ବରୁ ସବୁ ଆପେ ଆପେ ବୁଝି ଯାଇଥିଲେ ରାକେଶ । ଶିଖାକୁ ତତ୍‌କ୍ଷଣାତ କହିଲେ- “ମୋ ଫ୍ଲାଟ୍ ଜଲ୍‌ଦି ଛାଡ଼ । ଏ ଫ୍ଲାଟ୍‌ରେ ତମର ରହିବାର କୌଣସି ଆବଶ୍ୟକତା ନାହିଁ । ତମେ ନ ଛାଡ଼ିଲେ ମୁଁ ବାଧ୍ୟ ହୋଇ ଛାଡ଼ିବି । ରକ୍ଷଣଶୀଳ ଆଉ ସଂସ୍କାର ଘରର ଝିଅ କେବେ ଏପରି କାମ କରନ୍ତି ନାହିଁ । ସେମାନେ ଆଜୀବନ ସେମାନଙ୍କ ସ୍ୱାମୀଙ୍କୁ ଅପେକ୍ଷା କରିଥାନ୍ତି । ସେମାନେ ଜାଣିଥାନ୍ତି ସେମାନେ କେବେ ଆଉ ସେମାନଙ୍କ ଜୀବନରେ ସ୍ୱାମୀ ତାଙ୍କର ଜୀବନରେ ପ୍ରେମ ଭରିଦେବାକୁ ଫେରିବେନି । ତଥାପି ଅପେକ୍ଷା ରଖନ୍ତି । ସେମାନେ ଭାବି ନିଅନ୍ତି ଯେଉଁମାନେ ବାଟହୁଡ଼ି ଯାଇଥାନ୍ତି ସେମାନେ କେବେ ନା କେବେ ନୀଡ଼କୁ ଫେରନ୍ତି, ପୁଣି ଥରେ ଅସଜଡ଼ା ସଂସାରରେ ରଙ୍ଗ ଲେପନ୍ତି । କିନ୍ତୁ ଯେଉଁମାନେ ବାଟ ବଦଳାଇଥାନ୍ତି ବା ବାଟ ବଦଳାଇ ସ୍ୱଚ୍ଛନ୍ଦରେ ଜୀବନ ନିର୍ବାହ କରୁଥାଆନ୍ତି ସେମାନେ କେବେ ବି ଭଙ୍ଗାନୀଡ଼କୁ ସଜାଡ଼ିବାକୁ ଫେରନ୍ତି ନାହିଁ । ତଥାପି ସେମାନେ ଗୋଟେ ସମର୍ପଣର ଜୀବନ ବଞ୍ଚନ୍ତି । ଯନ୍ତ୍ରଣାର ଶିଳାଲେଖରେ ନିରବରେ କାହାଣୀ ଲେଖନ୍ତି । ନିଜ କାହାଣୀକୁ ନିଜେ ବାରମ୍ବାର ପଢ଼ନ୍ତି । ସେମାନଙ୍କ ପାଇଁ ସ୍ୱାମୀର ସିନ୍ଦୁରର ମୂଲ୍ୟ ଢ଼େର ବେଶୀ । କୌଣସି ପରିସ୍ଥିତିରେ ବି ସେମାନେ ପାପ କାମ ତ ଦୂରର କଥା, ପାପ ଚିନ୍ତା ବି ମନକୁ ଆଣନ୍ତି ନାହିଁ । ଆଉ ତମ ପରି ଝିଅମାନଙ୍କ ପାଇଁ ସ୍ୱାମୀର ଅର୍ଥ ସ୍ୱାମୀ କେକେ ଦରମା ପାଉଛି, ସ୍ୱାମୀର କେକେ ବ୍ୟାଙ୍କ୍ ବାଲାନ୍ସ ରହିଛି । ବର୍ଷରେ କେତେ ଥର ସ୍ତ୍ରୀକୁ ନେଇ ଫରେନ୍ ଟୁରରେ ଯିବାର ଦକ୍ଷତା ରହିଛି । ମନେ ରଖ ଶିଖା, ମୁଁ ତମକୁ କେବେ ପତ୍ନୀର ମାନ୍ୟତା ଦେଇନି କି ଦେବାର ବି ନାହିଁ । ତମ ଦେହକୁ ଉପଯୋଗ କରିଛି ଆଉ ତା’ ବଦଳରେ ତମକୁ ମୋର ଦରମାର ୮୦ ଭାଗ ଦେଇଛି । ଭୁଲିଯାଇଛି ମୋର ଗୋଟେ ଦେବୀ ପରି ସ୍ତ୍ରୀ ଅଛି ଆଉ ପୁଅ ବି ରହିଛି । ମୋ ସ୍ତ୍ରୀ ମୋତେ ପ୍ରାଣ ଭରି ଭଲପାଏ । ଖୁବ୍ ଖୋଜେ ମୋତେ ।

ତମ ଭାଇର ମୃତ୍ୟୁ ପରେ ତମେ ହିଁ ମୋ ସହିତ ସମ୍ପର୍କକୁ ଆଗକୁ ବଢ଼ାଇଲ । ଆଉ ତମର ଅନ୍ୟ ଜାତି ଆଉ ଆମ ଘରେ ଜାତିକୁ ବାଛନ୍ତି । ଘରର

### କାହାଣୀ ପଛର କାହାଣୀ

ଖୁବ୍ ଛୋଟ ଥିଲି, ଯେବେ ବୁଝି ନଥିଲି ସତମିଛର ଖେଳ । ଭାବେ, ପୃଥିବୀରେ ତ ସବୁ ଅଛି, ପୁଣି କାହିଁକି ଲୋକମାନେ ଭୋକ ଉପାସରେ ମରୁଛନ୍ତି । ଭଗବାନ ତ ଅଛନ୍ତି, ସବୁ ଦେଖୁଛନ୍ତି, ସେମାନଙ୍କୁ କାହିଁକି ବଂଚାଇ ପାରୁନାହାନ୍ତି । ସମୟକ୍ରମେ ମୁଁ କଲେଜ୍‌ରେ ପଢ଼ିଲି, ବିଶ୍ୱବିଦ୍ୟାଳୟରେ ପାଦ ଥାପିଲି ଆଉ ଜାଣିଲି ଏମିତି କାହିଁକି ହେଉଛି । ମୋର ଅନୁଭବ ହେଲା ବହୁତଗୁଡ଼ାଏ ସରକାରୀ ଦାୟିତ୍ୱ କିଛି ଅଯୋଗ୍ୟ ବ୍ୟକ୍ତିଙ୍କ ହାତରେ ଧରାଇ ଦିଆ ଯାଇଛି ଆଉ ସେମାନେ ଧଳାକୁ କଳା କରିବାରେ ବେଶ୍ ପାରଙ୍ଗମ । ତେବେ, ଯେବେ ଦୁଃଖରେ ଥାଏ, ଯେବେ ମନ ଭାରାକ୍ରାନ୍ତ ଥାଏ, ସେତେବେଳେ ମୋତେ ପ୍ରବନ୍ଧ, ଗପ ଆଉ କବିତା ଦେଇଛି ଆଶ୍ୱାସନା । ଦେଇଛି ଶକ୍ତି ଆଉ ବାଟ ଦେଖାଇଛି ଗୋଟେ ସବୁଜ ପୃଥିବୀ ଆଡ଼କୁ । ଏହା ଭିତରେ ଅନେକ ଗଳ୍ପ ପ୍ରକାଶ ପାଇ ସାରିଛି । ତେବେ ‘ଉଜୁଡ଼ା ନୀଡ଼ରେ ବସା’ ଗଳ୍ପରେ ଆଖପାଖରେ ଘଟୁଥିବା ନିଚ୍ଛକ ସତ୍ୟ ଘଟଣାକୁ ନେଇ ପର୍ଯ୍ୟବସିତ । ଏ ଗଳ୍ପ ନିଜ ଇଲାକାର ପ୍ରିୟମଣିଷ ମାନଙ୍କର ଅନ୍ତରର କୋହ ଆଉ ମୋହର ଗଳ୍ପ । ଏ ଗଳ୍ପ ଲେଖିବା ବେଳେ ମୋ ନିଜ ଆଖିରେ ବି ଲୁହ ଆସିଛି । ମୋର ମନେ ହୁଏ ଏହାକୁ ପଢ଼ି ସମାଜ କିଛି ମାତ୍ରାରେ ସୁଧୁରି ଯିବ, କିନ୍ତୁ ସମାଜ ଏବେ ବି ସେମିତି ରହିଛି । ଯୌତୁକ ଯୂଇରେ ଟଙ୍କା କେଇଟା ପାଇଁ ଜଳୁଛି ନବବଧୂ, ପତ୍ନୀକୁ ଛାଡ଼ି ସ୍ୱାମୀ କରୁଛି ପୁଣି ବିବାହ ଆଉ ବୁଢ଼ା ବାପାମାଆଙ୍କୁ ବୋହୂ ବୁଦ୍ଧିରେ ପଡ଼ି ପୁଅ ଛାଡ଼ି ଆସୁଛି ଜରାଶ୍ରମରେ । ସେମାନେ ବି ହସି ହସି ବରି ନିଅନ୍ତି ପୁଅର ଏଇ ଭଲପାଇବାକୁ । ଭାବେ, ଭୁଲ୍ କରୁଥିବା ଲୋକମାନେ ବଦଳି ଯାଆନ୍ତେନି ମୋ ଲେଖା ମାଧ୍ୟମରେ । ନୂଆ ସ୍ୱପ୍ନ ନେଇ ପୁଣି ଥରେ ବାଟ ଚାଲିବାର ପ୍ରତିଶ୍ରୁତିଟିଏ ଦିଅନ୍ତେନି ।

ମୋର ପ୍ରଥମ ଗଳ୍ପ ସଂକଳନ ‘ବଦଳି ଯାଉଥିବା ସମ୍ପର୍କର ରଙ୍ଗ’ପାଠକୀୟ ଶ୍ରଦ୍ଧା ହାସଲ କରିଛି । ସାହିତ୍ୟ ଏକାଡ଼େମୀ ସହଯୋଗ ରାଶିରେ ମୋର ପ୍ରଥମ କବିତା ସଂକଳନ ‘ସବୁକିଛି ହଜିଗଲା ପରେ’ ମଧ୍ୟ ପାଠକ/ପାଠିକାଙ୍କ ହୃଦୟକୁ ଛୁଇଁ ପାରିଛି । ମୋର ଦ୍ୱିତୀୟ ଗଳ୍ପ ସଂକଳନ ‘ନୀଡ଼ହରା ପକ୍ଷୀ’ ଓ ‘ହତ୍ୟା’ ଏବଂ ମୋର ପ୍ରଥମ ଉପନ୍ୟାସ ‘ଅବସୋସ’ ମଧ୍ୟ ପାଠକଙ୍କୁ ବେଶ୍ ଖୋରାକ୍ ଯୋଗାଇଛି ଆଉ ତୃତୀୟ ଗଳ୍ପ ସଂକଳନ ‘ଝଡ଼ ପରର ଦୃଶ୍ୟ’ ମଧ୍ୟ ଦେଇଛି ସାହିତ୍ୟ ଜଗତରେ ନୂଆ ଏକ ପରିଚୟ । ଲବି, ସଭା ସମିତି ଆଉ ଭିଡ଼ ମଧ୍ୟରେ ନଥିବା ପରେ ବି ପାଇଛି ପାଠକ ଆଉ ବରିଷ୍ଠ ଲେଖକଙ୍କ ସହଯୋଗ । ମୁଁ ବିଶ୍ୱାସ କରେ, ଏବେ ବି ବିନା ଲବିରେ ସାହିତ୍ୟରେ ଅନେକ ବ୍ୟକ୍ତି ସୃଜନକୁ ବଜାୟ ରଖିଛନ୍ତି । ପାଠକମାନଙ୍କର ପ୍ରେମ ମୋତେ ଆଜି ପର୍ଯ୍ୟନ୍ତ ବାନ୍ଧି ରଖିଛି । ସେମାନଙ୍କ ପ୍ରେମକୁ ଭରସା କରି ମୁଁ ଆଗେଇବାର ପ୍ରତିଶ୍ରୁତିଟିଏ ଦେଇଛି । ଆଶା ରଖିବି ସେମାନଙ୍କ ଛଳନାବିହୀନ ପ୍ରେମ, ଶ୍ରଦ୍ଧା ଆଉ ଭଲପାଇବା ଏମିତି ଥାଉ ମୋ ପାଇଁ । ଲେଖାଟିଏ ଲେଖି ସାରିବା ପରେ ମୋର ମନେ ହୁଏ ଆହୁରି କିଛି ରହିଗଲା ଲେଖିବାକୁ । ଆପଣମାନଙ୍କ ଭଲପାଇବାକୁ ପାଥେୟ କରି ରହିଲି ।

ସୁକାନ୍ତି ରାଉତ

କଥାକୁ କାଟିବା ପୁଅ ମୁଁ ନୁହେଁ । ମୋ ସ୍ତ୍ରୀ ଠାରୁ ଅଲଗା ରହିବାକୁ ତମେ ହିଁ ମୋତେ ଉସୁକାଇଛ, ନଯିବା ପାଇଁ ବାରଣ କରିଛ । ମୋ ସ୍ତ୍ରୀ ମୋ ସହିତ କଥା ନହେଲେ ତା'ର ଦିନ ଭଲରେ କଟେନି । ତମେ ହିଁ ମୋତେ ରାଣ ଦେଇ ତାକୁ ଜୀବନରେ କେବେ ଫୋନ୍ ନ କରିବା ପାଇଁ ବାଧ୍ୟ କରିଛ । ତମ ପରି ମୋ ସ୍ତ୍ରୀ ଏତେ ଶସ୍ତା ନୁହେଁ । କେବେ ସେ ମୋତେ ଟଙ୍କାଟିଏ ବି ମାଗିନି । ଦୀର୍ଘ ୨୫ ବର୍ଷର ଦାମ୍ପତ୍ୟ ମଧ୍ୟରେ ସେ କେବେ ବି ଥରେ ମୋତେ ପଚାରିନାହିଁ, ମୁଁ କେତେ ଟଙ୍କା ଦରମା ପାଉଛି । ତା'ର ଏ ପଇସାରେ କେବେ ମନ ଥାଏ । ବାରମ୍ବାର ମୋତେ ସେ କେତେବେଳେ ଖାଇବି, କେତେବେଳେ ଶୋଇବି, କେତେବେଳେ ମେଡ଼ିସିନ୍ ଖାଇବି ତୁହାଇ ତୁହାଇ ଏତେ ଦୂରରେ ଥାଇ ବି ମନେ ପକାଇ ଦିଏ । ତା' ଏସବୁ କଥା ପାଇଁ ତାକୁ ଢ଼େର ଗାଳି ଦେଇଛି, ଏମିତି କି ମାରିଛି ବି । ଏତେ ସବୁ ଲାଞ୍ଛିତ ବ୍ୟବହାର ପରେ ବି ତା'ର ମୋ ପ୍ରତି ଭଲପାଇବା କେବେ କମି ନଥିଲା, ଆଉ ଏବେ ମୋର ବିଶ୍ୱାସ କମି ନ ଥିବ ।

"ମୁଁ ଯାଇପାରିବିନି, ତମର ଯଦି ଇଚ୍ଛା ହେଉଛି ତମେ ଏ ଫ୍ଲାଟ୍ ଛାଡ଼ି ଚାଲିଯାଅ । ଏବେ ଆଉ ତମର ବୟସ, ସେ ବୟସରେ କୋଉ ଝିଅ ତମ ପାଖେ ବାନ୍ଧି ହୋଇ ରହିପାରିବନି । ଆଉ ତମ ସ୍ତ୍ରୀ, ସେ ବି ଯାଅ ଦେଖିବ, କୋଉ ପୁଅକୁ ବାହା ହୋଇ ପାରିବନି । ସେ ଜମାନା ଗଲାଣି । ୨୫ ବର୍ଷ କିଏ ବା କାହିଁକି ଅପେକ୍ଷା କରିବ ! ତମ ସହିତ ମୋର ଆଉ ଗୋଟାଏ ମୁହୂର୍ତ୍ତ ବି ରହିବାର ଇଚ୍ଛା ନାହିଁ । ତମେ ବୋଧେ ଭୁଲିଯାଇଛ– ଏ ଫ୍ଲାଟ୍ ହିଁ ମୋ ନାମରେ ଅଛି । ତମେ ଏଠାରୁ ଯାଇପାର । ମୁଁ ବି ଏହା ହିଁ ଚାହୁଁଥିଲି ରାଜଦୀପ ।" ଖୁବ୍ ଦମ୍ଭର ସହିତ କହିଲା ଶିଖା ।

ଶିଖା ଠାରୁ ଏମିତି ଶୁଣି ଉତ୍ୟକ୍ତ ହୋଇ ଘରୁ ସେଇ ପିନ୍ଧିଥିବା ସାର୍ଟରେ ବାହାରି ଆସିଲେ ।

"ରୋଜାଲିନ୍, ତମ ପ୍ରତି ଢ଼େର ଅନ୍ୟାୟ କରିଛି । ଏବେ ତମ ପାଖକୁ ଫେରିଯିବାକୁ ଚାହୁଁଛି । ଯାହା ଦଣ୍ଡ ଦେବ ସବୁ ସହିବି । ତମକୁ ତ ଏତେ ବର୍ଷ ନିରବରେ କଷ୍ଟ ଦେଇଛି । ତମେ ତ କେବେ ମୋତେ କହିନ କିଛି, ବରଂ ମୋ କଷ୍ଟକୁ ସବୁ ସହି ଯାଇଛି  ଖୁବ୍ ଅଭିମାନରେ, ପୁଣି ପ୍ରେମରେ ।" ଏମିତି ଭାବି ଭାବି ପହଞ୍ଚି ସାରିଥିଲା ନିଜ ପାଖ ଗାଁ ବିରାଜପୁରରେ । ସେଠାରେ ଏକ ନିର୍ବାଚନୀ ସଭା ଚାଲିଥିଲା । ସରକାରଙ୍କ ପଇସାରେ ଖାଇବା ବ୍ୟବସ୍ଥା ବି ଥିଲା । କିନ୍ତୁ ମାଗଣା ପାଇଲେ ତ ଲୋକମାନେ ପିମ୍ପୁଡ଼ି ପରି ଠୁଳ ହୋଇଯାଆନ୍ତି । ସେଥିପାଇଁ ଧାର୍ଯ୍ୟ ସମୟ ଆଗରୁ ଲୋକେ ଖାଲି ଖାଇବା ପାଇଁ ଯାଇଥିଲେ ଆଉ ଖାଇସାରି ପଳାଇ ଆସିଲେ । ସେଠାରେ ବି ଖାଦ୍ୟ ସରି ଯାଇଥିଲା । ଯେଉଁମାନେ ଆସିଥିଲେ ସେମାନେ ପାଖ ହୋଟେଲ୍‌ରେ ଖାଇଲେ ।

ହୋଟେଲ୍‌ରେ ପ୍ରବଳ ଭିଡ଼ । ଏତେ ଭିଡ଼ ଯେ ଘଣ୍ଟା ଘଣ୍ଟା ଅପେକ୍ଷା ନ କଲେ ଖାଦ୍ୟ ମିଳିବା ସମ୍ଭବପର ନୁହେଁ । ଅନ୍ୟାନ୍ୟ ଦିନ ଆଉ ଆଜି ଦିନ କଥା ଟିକେ ଅଲଗା । ଆଜି ସାରା ରାଜ୍ୟର ଲୋକେ ଏ ସହରରେ ଏକାଠି । ଦରଦାମ୍ ମୂଲ୍ୟବୃଦ୍ଧି ପ୍ରତିବାଦରେ ସରକାରଙ୍କ ବିରୋଧରେ ଏକାଠି ହୋଇଛନ୍ତି । ସେଥିପାଇଁ ସାଧା ମିଲ୍‌ର ବି ମୂଲ୍ୟ ୭୦ ଟଙ୍କା ଆଉ ମାଛ ଆଉ ଖାଇଲେ ଆଉ ୨୦ ଟଙ୍କା, ଚିକେନ୍ ଖାଇଲେ ୧୪୦ ଆଉ ମଟନ୍ ଖାଇଲେ ୨୦୦ । ଏସବୁ ଦେଖି ଆଶ୍ଚର୍ଯ୍ୟ ହେଉଥିଲା ରୋଜାଲିନ୍ ଆଉ ଭାବୁଥିଲା କାହିଁକି ଆଜି ଘରୁ ଖାଇକରି ଆସିଲାନି । ଗୋଟେ ଟେବୁଲ୍‌ରେ ମାତ୍ର ୬ ଜଣ ଏକା ସାଙ୍ଗରେ ଖାଇ ପାରିବେ । ଏଠି ତ ସମସ୍ତେ ସମସ୍ତଙ୍କର ଅଜଣା । କିଏ ବା କାହିଁକି କାହାକୁ ସାହାଯ୍ୟ କରିବ । ଦୁଇ ଘଣ୍ଟା ହେଲା ଛିଡ଼ା ହୋଇଛି ରୋଜାଲିନ୍ । ରୋଜାଲିନ୍ ନଜରରେ ପଡ଼ିଲା ୩ଟା ଟେବୁଲ୍ ଛାଡ଼ି ପଞ୍ଚମ ଟେବୁଲ୍‌ରେ ବସିଥିବା ଜଣେ ବୟସ୍କ ବ୍ୟକ୍ତି ତାଙ୍କୁ ହାତ ଠାରି ଡାକୁଛନ୍ତି: "ଏପଟେ ଆସ; ଏଇଠି ବସି ପଡ଼ିବ ।" ରୋଜାଲିନ୍ ବି ପାଖକୁ ଗଲା । ଦେଖିଲା ସେଇ ଚିହ୍ନାମୁହଁ ଆଉ ଚିହ୍ନା ସ୍ୱର । ଖାଲି ଯାହା ଚେହେରାରେ ଚମକ ନାହିଁ । ରାକେଶ ମହାପାତ୍ର । ଯିଏ ୨୫ ବର୍ଷ ତଳେ ଛାଡ଼ପତ୍ର ଦେଇଛନ୍ତି ରୋଜାଲିନ୍‌କୁ ।

**ହଁ, ମନେ ରଖିବିନି କେମିତି; ଛାଡ଼ପତ୍ର ଖାଲି ଅଦାଲତରେ ହୋଇଛି; ମନରେ କେବେ ସେମିତି ଭାବିନି । ମୁଁ ଏବେ ବି ଭାବେ ତମର ଆଶୀର୍ବାଦ ମୋ ଉପରେ ରହିଛି । ନହେଲେ ମୁଁ କ'ଣ ବଞ୍ଚି ପାରିଥାନ୍ତି । ଆମ ପୁଅ ବି ଏବେ ଖୁବ୍ ବଡ଼ ହୋଇ ଗଲାଣି । ତମକୁ ବି ବେଳେ ବେଳେ ଖୋଜେ । କିନ୍ତୁ ତା' ବାହାଘର କରିବା ପରେ ସେ ବୋହୂ ସହିତ ବେଶ୍ ଖୁସିରେ ଅଛି ଆଉ ମୁଁ ବି ପୁଅ ଖୁସିରେ, ଖୁସି ଅଛି ।**

– ମୁଁ ଉଠି ଯାଉଛି; ପରେ ଖାଇବି; ତମେ ଏଇଠି ଖାଇଦିଅ । କହିଲା ରାକେଶ ।

– ନାଇଁ, ତମର ପରା ଅଣ୍ଟା ଯନ୍ତ୍ରଣା ହୁଏ, ଠିକ୍ ସମୟରେ ନ ଖାଇଲେ ଗ୍ୟାସ୍ ହୋଇଯାଏ । ତମେ ଖାଇ ସାର; ମୁଁ ଲୋକ ଫାଙ୍କା ହେଲେ ଖାଇବି ।

– ତମର କ'ଣ ଆଜି ବି ମନେଅଛି ମୋର ଏସବୁ ହୁଏ ବୋଲି !

– ହଁ, ମନେ ରଖିବିନି କେମିତି; ଛାଡ଼ପତ୍ର ଖାଲି ଅଦାଲତରେ ହୋଇଛି; ମନରେ କେବେ ସେମିତି ଭାବିନି । ମୁଁ ଏବେବି ଭାବେ ତମର ଆଶୀର୍ବାଦ ମୋ ଉପରେ ରହିଛି । ନହେଲେ ମୁଁ କ'ଣ ବଞ୍ଚି ପାରିଥାନ୍ତି । ଆମ ପୁଅ ବି ଏବେ ଖୁବ୍ ବଡ଼ ହୋଇଗଲାଣି । ତମକୁ ବି ବେଳେବେଳେ ଖୋଜେ । କିନ୍ତୁ ତା' ବାହାଘର କରିବା ପରେ ସେ ବୋହୂ ସହିତ ବେଶ୍ ଖୁସିରେ ଅଛି ଆଉ ମୁଁ ବି ପୁଅ ଖୁସିରେ, ଖୁସି ଅଛି ।

– ତମେ ଆଉ ତମ ପିଲାମାନେ କେମିତି ଅଛନ୍ତି ? ଆଉ ଯାହା ପାଇଁ ଆମର ଏତେ ବର୍ଷର ସମ୍ପର୍କକୁ ଭାଙ୍ଗିଦେଇ ଚାଲିଗଲ ମୋତେ ଖୁବ୍ ଏକା କରି, ସେଇ ଝିଅ; ଯାହାକୁ ତମେ ମାଉସୀ ଝିଅ କହି ଆମ ଘରକୁ ବାରମ୍ବାର ଆଣୁଥିଲ । ଯାହା ପାଇଁ ଆମ ସଜଡ଼ା ସଂସାରକୁ ତମକୁ ଭାଙ୍ଗିବାକୁ ହଜାରେ ମିଛର ସାହାରା ନେଇଥିଲ ଆଉ ତମର ସବୁ କଥାକୁ ମୁଁ ଆଖି ବନ୍ଧ କରି ସହିଗଲି । ବୋଉ ଛୋଟବେଳେ ଶିଖାଇଥିଲା– ସାମ୍ନା ପଟୁ ଯେତେବେଳେ ଝଡ଼ ଆସେ, ସେସବୁ ସହିଯିବାକୁ । କାନେ କାନେ ମୋର କହିଥିଲା– ସ୍ୱାମୀ ହିଁ ତୋର ସବୁ; ଆଜି ଠାରୁ ଆମେ ପର । ସେଇ ଝିଅ ପାଇଁ ତମେ ଅଯଥାରେ ମୋତେ ଏତେଗୁଡ଼ାଏ ସମସ୍ୟା ଭିତରେ ଠେଲିଦେଇ ଚାଲିଗଲ, ଖାଲି ଚାଲି ଗଲନି, ଆମ ସମ୍ପର୍କ ବି ମିଛ ବୋଲି ପ୍ରମାଣ କଲ । ସେଇ ଝିଅ କେମିତି ଅଛି ?

ଅପ୍ରସ୍ତୁତ ହୋଇଗଲା ରାକେଶ ରୋଜାଲିନ୍‌ର ଏମିତି କଥା ଶୁଣି ।

– ହଁ, ସମସ୍ତେ ଭଲରେ ଅଛନ୍ତି । ଯେମିତି ତମେ ଅଛ ।

– ତମେ ଏଠାକୁ ଏକା ଆସିଛ ଯେ, ତମ ସ୍ତ୍ରୀ ଆଉ ପିଲାମାନେ ?

– ହଁ, ସେମାନେ ନିଜ ନିଜ କାମରେ ଖୁବ୍ ବ୍ୟସ୍ତ । ଆଜିକାଲି କାହା ପାଖରେ ସମୟ ନାହିଁ ଦୁଇପଦ କଥା ହେବାକୁ । ସମସ୍ତେ ସ୍ୱାର୍ଥର ଦାସ । ଫାଇଦା ପାଇଁ ସମ୍ପର୍କ  ଗଢ଼ନ୍ତି ଆଉ ଫାଇଦା ପୂରଣ ହୋଇଗଲେ ଯେଝା ବାଟରେ ଯେଝା । ଆଜିର ଯନ୍ତ୍ର

ଦୁନିଆରେ କିଏ କାହାକୁ ପଚାରୁଛି ଯେ !

– କ'ଣ ଏମିତି କହୁଛ ଯେ ! ଖୁସିରେ ରହିବ ବୋଲି ତ ମୋ ଠାରୁ ଦୂରେଇ ଗଲ । ମୋର କିନ୍ତୁ ତମ ସହିତ ସମ୍ପର୍କ ତିଆରି କରିବାରେ କିଛି ବି ଫାଇଦା ନଥିଲା । ସାରା ଜୀବନ କେବଳ ଜଳି ଜଳି ଜିଇଁଛି ଖାଲି ତମ ପାଇଁ । ଯେଉଁଭଳି ସମସ୍ୟା ଭିତରେ ମୋତେ ଆଉ ଗୋଟେ ଛୋଟପୁଅ ସହିତ ଛାଡ଼ି ଦେଇଗଲ, ସେଥିରୁ ମୁକୁଳିବା ଏତେ ସହଜ ନ ଥିଲା । ପଥର ସହିତ ପଥର ହୋଇ ତମ ପୁଅକୁ ମଣିଷ କରିଛି । ବାସ୍ତବତା ସହିତ ଲଢ଼େଇ କରି କରି ସ୍ୱପ୍ନ ମୋର ଭାଙ୍ଗି ଯାଇଛି । ଭୁଲି ଯାଇଛି ବି କେବେ ମୁଁ ସ୍ୱପ୍ନ ଦେଖୁଥିଲି । ଲୋକେ କହନ୍ତି– ମୁଁ ସରଳ ହେବାଟା ସବୁଠାରୁ ମୋର ମସ୍ତବଡ଼ ଭୁଲ୍; ହେଲେ ମୁଁ ଭାବେ ମୋର ସରଳତା ପାଇଁ ବୋଧେ ପୃଥିବୀରେ ତିଷ୍ଠି ରହିଛି । ମୁଁ ଦେଖେ ମୋ ଆଖି ସାମ୍ନାରେ ସକାଳେ ବନ୍ଧୁତ୍ୱ ସ୍ଥାପନ କରିଥିବା ଲୋକଟି ସଂଧ୍ୟାରେ ଶତ୍ରୁ ପାଲଟି ଯାଏ । ତମେ ହିଁ



ତାହାର ଗୋଟେ ଜ୍ୱଳନ୍ତ ଉଦାହରଣ । ମୋତେ ତମେ ଯେଉଁ ଅଭିଜ୍ଞତା ଆଉ ଅନୁଭୂତି, ଅଭାବ–ଅସୁବିଧାର ଶିକ୍ଷା ଦେଇଛ, ତାହା ମୋର ସାରା ଜୀବନ ମନେ ରହିବ । ଦୁଃଖ, କଷ୍ଟ, ଯନ୍ତ୍ରଣା ଆଉ ବିରହର ଅଗ୍ନିଦାହ ମଧ୍ୟରେ ମୋ ପ୍ରେମ କିନ୍ତୁ କେବେ ଥରେ ବି ପାପ ଆଡ଼କୁ ସାମାନ୍ୟତମ ଚିନ୍ତା କରି ନଥିଲା । ପ୍ରତି ମୂହୁର୍ତ୍ତରେ ମୋ ଲୁହର ଶୁଦ୍ଧ ସୁବର୍ଣ୍ଣ ବିନ୍ଦୁରେ ସିନ୍ଦୁର ପ୍ରତି ଅହେତୁକ ଆକର୍ଷଣ ବଢ଼ିବାରେ ଲାଗୁଥିଲା । ଦେହର ସମ୍ପର୍କ ଠାରୁ ଅଲଗା ଥାଇ ବି କୌଣସି ଗୋଟିଏ ଦିନ ବି ପାପ ଚିନ୍ତା କରିବାକୁ ସାହସ ନଥିଲା । ପ୍ରତି ଆଠ ଦିନରେ ଥରେ ମୁଣ୍ଡର ବାଳ ସଫା କରୁଥିଲି ସାମ୍ନାରେ । ତଥାପି ମଥାର ସିନ୍ଦୂର କୋଉଠି ନା କୋଉଠି ଲାଗି ରହିଯାଏ । ଆମ ସମ୍ପର୍କ ଏତେ ନିବିଡ଼ ଯେ, କେହି ଚେଷ୍ଟା କରି ବି ସେ ସମ୍ପର୍କକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିପାରି ନାହାନ୍ତି; ଅଥଚ ସାମାନ୍ୟ ଗୋଟେ ଝିଅ ପାଇଁ ତମେ ଆମ ଦାମ୍ପତ୍ୟର ମଧୁର ସମ୍ପର୍କକୁ ଭାଙ୍ଗି ଚୁରମାର୍ କରିଦେଲ । ଏତେବର୍ଷ ପରେ ବି ମୁଁ ତାହାର କାରଣ ଖୋଜି ପାଉନି । ଅଦାଲତ ପରିସରରେ ତମ ସହିତ ମୁଁ ଯୁକ୍ତି ତର୍କ କରିବାକୁ ଚାହୁଁ ନଥିଲି । ସ୍ୱାମୀ ସହିତ ଯୁକ୍ତି ତର୍କ, ରାଗ–ରୁଷା ବେଡ଼୍‌ରୁମ୍ ଭିତରେ କରାଯାଏ । ରାଜରାସ୍ତାରେ କି ଅଦାଲତରେ ନୁହେଁ । ଆଉ ସେଥିପାଇଁ ତମର ସବୁ ତାଚ୍ଛଲ୍ୟ ବ୍ୟବହାରକୁ ମୁଁ ନିରବରେ ସହି ଯାଇଛି । ମୁଁ ଗୋଟେ ରକ୍ଷଣଶୀଳ ପରିବାରରେ ଛୋଟରୁ ବଡ଼ ହୋଇଛି । ସେ ଘରେ ହଜାରେ ନୀତି ନିୟମ; ଜଣେ ହିଁ ମୂରବୀ । ଆଉ ସେ ନୀତି ନିୟମକୁ ଭାଙ୍ଗିବାକୁ ଆମର କାହାର ଯୁ' ନଥାଏ । ଏତେ କଟକଣା ପରେ ବି ସମସ୍ତଙ୍କ ଅନିଚ୍ଛା ସତ୍ୱେ ତମକୁ ମୁଁ ବିବାହ କଲି ।

– ନାଇଁ ରୋଜାଲିନ୍, ତମେ ହୁଏତ ଆଜି ବୁଝିବା ସ୍ଥିତିରେ ନାହଁ କି ମୁଁ ବି ତମକୁ ବୁଝାଇ ପାରିବି ନାହିଁ । ତମେ ବୋଧେ ଭୁଲି ଯାଇଛ ଯେ ମଣିଷ ଯେତେବେଳେ ଯୌବନରେ ଥାଏ, ସେତେବେଳେ ବାର୍ଦ୍ଧକ୍ୟ କଥା ଭାବି ନଥାଏ । କେବେ ବି ଥରେ ସେ ଭାବେନି ଦିନେ ସେ ବୁଢ଼ା ହୋଇଯିବ, ସବୁ ମିଛମୋହ, ଅହଂକାର ଆଉ ସାମାଜିକ ପ୍ରତିଷ୍ଠା ତୁଚ୍ଛ ହୋଇଯାଏ । ମୁଁ ବି ସେମିତି କେବେ ଭାବି ନ ଥିଲି ମୋର ବି ଦିନେ ବାର୍ଦ୍ଧକ୍ୟ ଉପନୀତ ହେବ । ମୋ ଭୁଲ୍ ମୁଁ ବୁଝି ପାରିଛି । ଆମେ ଆଉ ଥରେ ସେଇ ପ୍ରେମ, ସେଇ ବିଶ୍ୱାସରେ କ'ଣ ଘର କରି ପାରିବା ନାହିଁ ! ତମେ ମୋ ଉପରେ ଅଭିମାନ ଆଉ ରାଗ, ରୁଷା ସବୁ କରିବ ।

– ନାଇଁ, ରାଗ, ଅଭିମାନର କଥା ମୁଁ କେବେ ଠାରୁ ଭୁଲିଯାଇଛି । ଏ ବୟସରେ ତମର ମୁଁ ଏତିକି ହିଁ କରିପାରିବି, ତମ ସେବା ଯତ୍ନ ଆଉ ରୋଷେଇ କରି ଖାଇବାକୁ ଦେବି । କିନ୍ତୁ ସ୍ତ୍ରୀ ପରି ନୁହେଁ । ଚାକରାଣୀଟିଏ ରଖିଥିଲେ ତମେ ତାକୁ ମାସକୁ ୨୦୦୦ ଟଙ୍କା ଦେଇଥାନ୍ତ । ଆଉ ବର୍ଷକୁ ଦିଇଟା ଶାଢ଼ୀ ବି ଦେଇଥାନ୍ତ । ମୋତେ ବାସ୍ ୨୦୦୦ ଟଙ୍କା ଦେଇ ଦେବ । ତମକୁ କେବେ ମୁଁ ପଇସା ମାଗିଛି ବୋଲି ମୋର କାହିଁ ମନେ ପଡୁନି । ଏବେ କିନ୍ତୁ ସମୟ ବଦଳି ଯାଇଛି । ପୁଅ ତା' ସ୍ତ୍ରୀ ସହିତ ବେଶ୍ ଖୁସିରେ । ସେଇଦିନ ମୋତେ ବହୁତ କଷ୍ଟ ଦେଇଛି ଯେଉଁଦିନ ପୁଅ ମୋତେ କହିଥିଲା– ତୁ ଯଦି ଠିକ୍ ମୋତେ ଗୋଟେ ବାପା ଠାରୁ ଜନ୍ମ କରିଛୁ, ମୋତେ ନେଇ ମୋ ବାପାଙ୍କ ପାଖକୁ ଚାଲ୍ । ମୋ ପାଖରେ ନଥିଲା ତମର ଠିକଣା । ତମେ କି ଚାକିରି କରିଛ ଆଉ କୋଉଁଠି କରିଛ, ତାହା ବି ମୁଁ ଜାଣିନଥିଲି । ତାକୁ କହିଥିଲି– ସମୟ ହେଲେ ତୋ' ବାପାଙ୍କୁ ତୋତେ ଚିହ୍ନେଇ ଦେବି । କିନ୍ତୁ ମୋ ଠାରୁ ଏମିତି ଉତ୍ତର ଶୁଣି ପୁଅ ବି ସାହି ପଡ଼ିଶାଙ୍କ କଟାକ୍ଷରୁ ମୁକ୍ତି ପାଇଁ ବୋହୂକୁ ନେଇ ଚାଲିଗଲା । ବାସ୍, ମୁଁ ପରଘରେ କିଛି କାମ କରେ ଆଉ ଯାହା ଦିଅନ୍ତି ପଇସା ସେଥିରେ ସାରା ମାସ ଚଳିଯାଏ । ତମ ପାଖରେ ରହିଲେ ମୋତେ ସବୁ କାମ ବି ଛାଡ଼ିବାକୁ ପଡ଼ିବ । ତେଣୁ ତମକୁ ବି ମୋ ସର୍ତ୍ତରେ ରାଜି ହେବାକୁ ପଡ଼ିବ ।

ରୋଜାଲିନ୍‌ର ହାତ ଧରି ଜୋର୍ କରି ଟାଣି ଆଣିଥିଲା ରାକେଶ ଆଉ ନେଇ ଯାଇଥିଲା ପୁଣି ଗୋଟେ ଦେବୀ ମନ୍ଦିରକୁ । କହିଥିଲା– କୁହ ଏଇ ଦେବୀ ମନ୍ଦିରରେ ଛିଡ଼ା ହୋଇ ତମେ ମୋତେ ଏବେ ଲୋଡୁଛ କି ନାହିଁ ! କିଛି କହିବା ଆଗରୁ ଆଖି ଭିଜି ଯାଇଥିଲା ପୁରାପୁରି ଲୁହରେ । ଲୁହକୁ ପୋଛି ରାକେଶ କହିଥିଲା– ଆଜି ଠୁ ମୁଁ ତମର ସବୁ ଯତ୍ନ ନେବି । ତମର ମନେ ନଥିବ ରୋଜାଲିନ୍, ତମେ ଥରେ କହିଥିଲ, ପୃଥିବୀର ଜଣେ ବ୍ୟକ୍ତି ହିଁ ବିନା ଦରମାରେ ଚାକିରି କରେ । ସେ ହେଉଛି 'ସ୍ତ୍ରୀ' । ମୁଁ ତମ କଥାରେ ତାଳ ଦେଇଥିଲି– ସବୁ ସ୍ତ୍ରୀ କିନ୍ତୁ ତମ ପରି ନୁହେଁ । ମୋ ସାଙ୍ଗ ବିଭୂ । ତା ସ୍ତ୍ରୀ ତ ପ୍ରତ୍ୟେକ ଦିନ ହୋଟେଲ୍‌ରେ ନ ଖାଇଲେ ବିଭୂ ସହିତ କଳିଝଗଡ଼ା କରେ । ପ୍ରତି ମାସରେ ବିଭୂ ୧୦ ହଜାର ଟଙ୍କା ଦିଏ । ତା ପରେ ବି ସେ ତାକୁ ଛାଡ଼ପତ୍ର ଦେଇ ଆଉ ଜଣେ କୋଟିପତିକୁ ବାହା ହୋଇଗଲା । ଆଉ ଆଜି ତମେ ମୋର ସେଇ ସ୍ତ୍ରୀ ବିନା ଦରମାରେ ସାରା ଘରର ଜଞ୍ଜାଳ ସମ୍ଭାଳି ନେଇଥିବା ରୋଜାଲିନ୍ । ଦୁହେଁ, ହସି ହସି ବେଦମ୍ ହୋଇ ଯାଇଥିଲେ । ସନ୍ଧ୍ୟା ହେବାକୁ ଆଉ ଅଳ୍ପସମୟ ବାକି ଥିଲା । ଖୁବ୍ ଖୁସିରେ ଚାଲିଲେ ରାକେଶ ଆଉ ରୋଜାଲିନ୍ ନିଜ ପୈତୃକ ଘର ଅଭିମୁଖେ ।

# ହସଖୁସିର ପରିବାର - ୧୬

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

**ସମସ୍ୟା: ୧**

ମୁଁ ବିଜିନେସ୍ କରୁଛି । ମୋର ସ୍ତ୍ରୀ ଜଣେ ଗୃହିଣୀ । ଆମର ଏକମାତ୍ର ପୁଅ ଅଛି । ସେ ଏବେ ମାଟ୍ରିକ ପରୀକ୍ଷା ଦେବ । ସେ ବହୁତ ଭଲ ଖେଳେ । ତାହା ସହିତ ତାର ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ରହିଛି । ଯେପରିକି ଭଲ ଡ୍ରଇଂ କରିବା, ଗୀତ ବୋଲିବା, ନାଚିବା ତଥା ଡିବେଟ୍ ଇତ୍ୟାଦି । ଏପରିକି ବିଭିନ୍ନ ଅଦରକାରୀ ବସ୍ତୁରୁ ବି ଅନେକ ନୂଆ ଉପଯୋଗୀ ଜିନିଷ ତିଆରି କରିଥାଏ । କେବଳ ପାଠ ପ୍ରତି ତାର ଆଗ୍ରହ ଆଦୌ ନାହିଁ କହିଲେ ଚଳେ । ସେ ସବୁ କାମକୁ ଅତି ଆଗ୍ରହର ସହିତ କରେ । କିନ୍ତୁ ପାଠ ପଢିବା କଥା କହିଲେ ତାର ସବୁ ବାହାନା ବାହାରି ଥାଏ । କେତେବେଳେ ମୁଣ୍ଡବିନ୍ଧା, କେତେବେଳେ ପେଟ କାଟିବା ତ ଆଉ କେତେବେଳେ ଜ୍ୱର ଓ ଝାଡା । ଅଧିକାଂଶ ସମୟ ତାର ମୋବାଇଲ୍‌ରେ ଯାଉଛି । ମୋବାଇଲରେ ଗେମ ଖେଳିବା, ୟୁଟ୍ୟୁବରେ ଭିଡିଓ ଦେଖିବା ଇତ୍ୟାଦି । ମୁଁ ତାଠାରୁ ମୋବାଇଲ୍ ବି ଦୁଇ ଦୁଇ ଥର ନେଇ ଲୁଚାଇ ଦେଇଛି କିନ୍ତୁ ସେ ତାର ମାଆକୁ ବିଭିନ୍ନ ବାହାନା କରି ପୁଣି ନେଇ ଆସୁଛି । ମୁଁ ଘରେ ନ ଥିବାବେଳେ ବ୍ୟବହାର କରୁଛି । ମୁଁ ବୁଝେଇ ବୁଝେଇ ଥକି ଗଲିଣି । ହେଲେ ସେ ପାଠପଢାର ନାଁ ଧରୁନି । ସ୍କୁଲ ଯିବା କଥା କହିଲେ ଘର ଭିତରେ ଦୁଆର ବନ୍ଦ କରି ଶୋଇ ରହୁଛି । ପଚାରିଲେ କହୁଛି ମୋତେ ପାଠ ପଢିବାକୁ ଇଚ୍ଛା ହେଉନି ତୁମେ କାହିଁକି ବାଧ କରୁଛ । ଅନେକ ସମୟରେ ଏପରି ବି ଧମକ ଦେଉଛି ଯେ ମୋତେ ଏପରି ବ୍ୟସ୍ତ କଲେ ମୁଁ ଘର ଛାଡି କୁଆଡେ ପଳାଇବି । ଏଥର ତାର ମାଟ୍ରିକ ପରୀକ୍ଷା । ସେ ଯଦି ଏପରି କରିବ ତେବେ ତାର ଭବିଷ୍ୟତ କଣ ହେବ ଭାବି ମୁଁ ବହୁତ ଚିନ୍ତାଗ୍ରସ୍ଥ ହୋଇ ଗଲିଣି । ଭବିଷ୍ୟତରେ ଯାହା ବି କରିବ ସେଥିପାଇଁ ଗୋଟେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ରଖିବା ଆବଶ୍ୟକ ବୋଲି ତାକୁ ବୁଝାଇ ସାରିଲିଣି । ହେଲେ

▼ଦୀପକ ବୋଷଙ୍କ ହସଖୁସିର ପରିବାର



**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

କୌଣସି କଥାର ତା ଉପରେ କିଛି ପ୍ରଭାବ ନାହିଁ । ମୁଁ କଣ କରିବି କିଛି ବୁଦ୍ଧି ଦିଶୁନି । ଦୟାକରି ବାଟ ବତାନ୍ତୁ ।

**ସମରେନ୍ଦ୍ର ମହାନ୍ତି,** ବ୍ରହ୍ମପୁର

**ସମାଧାନର ସୂତ୍ର:**

ଆପଣ ଯେଉଁ ବିଷୟରେ ଲେଖିଛନ୍ତି ତାହା ଏକ ସମସ୍ୟା ନୁହେଁ । ତାହା ଏବେ ଏକ ସାଧାରଣ ଘଟଣା ହୋଇ ଗଲାଣି ଯାହାକି ଅଧିକାଂଶ ପରିବାରରେ ଦେଖା ଯାଉଛି । ଏହି ପରିସ୍ଥିତିରେ ଆମେ ପିଲାର ଦୋଷ କାଢିବା ଆଗରୁ ଆମେ ଆମ ନିଜର ଭୁଲ ଖୋଜିବା ଦରକାର । ସେ ଆପଣଙ୍କର ଏକମାତ୍ର ପୁଅ । ତେଣୁ ପିଲାଦିନରୁ ଆପଣ ଅତି ଗେଲବସରରେ ତାକୁ ବଢାଇ ଥିବେ । ଯାହା ଯେତେବେଳେ ମାଗିଥିବ ଆପଣ ନିଶ୍ଚୟ ଦେଇଥିବେ । କୌଣସି ପରିସ୍ଥିତିରେ ତାର ମନଦୁଃଖ ହେଲା ପରି କାମ କରି ନ ଥିବେ । ଆଜି ପର୍ଯ୍ୟନ୍ତ ସେ ଆରାମଦାୟକ ଜୀବନ କଟାଇ ଆସିଛି । ତାର ଯାହା ଇଚ୍ଛା ହୋଇଛି ସେ ତାହା ବିନା ବାଧାରେ କରି ଆସିଛି । ଏଣୁ ଏବେ ତାକୁ ଆପଣ ନିୟନ୍ତ୍ରଣ କରିବାକୁ ଚାହିଁବାରୁ ସେ ପ୍ରତିକ୍ରିୟା ପ୍ରକାଶ କରୁଛି ଅବା ଅସନ୍ତୋଷ ହେଉଛି । ଆପଣମାନେ ତାର ଦୋଷ କାଢିବାଟାକୁ ସେ ବିଲକୁଲ ବି ସହଜରେ ନେଇ ପାରୁନାହିଁ । ସେ ଆଉ ଛୋଟ ପିଲା ହେଇ ନାହିଁ । ଏଣୁ ସେ ମୁହଁ ଖୋଲି ଆପଣଙ୍କୁ କହି ଦେଇ ପାରିଲା ଯେ ତାର ଆଉ ପାଠପଢାରେ ଆଗ୍ରହ ନାହିଁ । ତାର ଯେଉଁଥିରେ ଆଗ୍ରହ ତାହାକୁ ସେ ଭଲ ଭାବରେ କରୁଛି ବୋଲି ଆପଣ ଲେଖିଛନ୍ତି । ଯଥା- ଭଲ ଡ୍ରଇଂ କରିବା, ଗୀତ ବୋଲିବା, ନାଚିବା ତଥା ଡିବେଟ୍ ଇତ୍ୟାଦି । ଏଥିରୁ ଜଣା ପଡୁଛି ଯେ ତା ଭିତରେ ସୃଜନାତ୍ମକ କଳା ରହିଛି । ଏଣୁ ତା ଉପରେ ବିରକ୍ତ ନ ହୋଇ ଥଣ୍ଡା ମୁଣ୍ଡରେ ମନ ଖୋଲି ତା ସହିତ କଥା ହୁଅନ୍ତୁ । ସେ ଭବିଷ୍ୟତରେ କେଉଁ ଦିଗରେ ଯିବାକୁ ଚାହୁଁଛି ତାହା ପଚାରି ବୁଝନ୍ତୁ । ଆଜିକାଲି ପ୍ରତ୍ୟେକ ବୃତ୍ତିରେ ଲୋକମାନେ ଆଗ୍ରହ ରଖି ସଫଳତା ପାଇ ପାରୁଛନ୍ତି । ସେ ଯଦି ନିଜର ଆଗ୍ରହ ଥିବା ବିଷୟରେ ଅଧିକ ପଢିବାକୁ ଚାହୁଁଛି ତେବେ ଆପଣ ତାକୁ ସେ ଦିଗରେ ଉତ୍ସାହିତ କରନ୍ତୁ ଓ ସାହାଯ୍ୟ କରନ୍ତୁ । ଆମର ଇଚ୍ଛାକୁ ପିଲାମାନଙ୍କ ଉପରେ ଲଦି ଦିଅନ୍ତୁ ନାହିଁ । ଏହାଦ୍ୱାରା ଫଳ ଓଲଟା ହେବାର ଅନେକ ଉଦାହରଣ ରହିଛି । ଆଶା କରୁଛି ଆପଣ ଆମ କଥାର ମହତ୍ୱ ବୁଝି ପାରିବେ ।

**ସମସ୍ୟା: ୨**

ମୁଁ ଚାକିରି କରିଛି । ବାପାମାଆଙ୍କର ମୁଁ ବଡ ଝିଅ । ମୋ ତଳେ ଆଉ ଦୁଇ ଭଉଣୀ ଅଛନ୍ତି ଏବଂ ଗୋଟିଏ ଭାଇ ଅଛି । ମୋ ବାପା ଜଣେ ଇଲେକ୍ଟ୍ରିସିଆନ୍ । ବେସରକାରୀ ଭାବରେ କାମ କରନ୍ତି । ତାଙ୍କର ଯାହା ରୋଜଗାର ହୁଏ ସେଥିରେ ଆମ ପରିବାର ଚଳେ । ଏବେ ମୁଁ ପ୍ରାଇଭେଟ୍‌ରେ ଗୋଟିଏ ଚାକିରି ପାଇବା ପରେ ମୋ ଭାଇ ଓ ଭଉଣୀଙ୍କ ପାଠପଢାର ଦାୟିତ୍ୱ ନେଇଛି । ମୋ ଭାଇ ମୋ ଠାରୁ ପ୍ରାୟତଃ ବାର ବର୍ଷ ସାନ । ମୋ ବାପାମାଆ ପୁଅକୁ ଅଧିକ ଭଲ ପାଆନ୍ତି । ଗୋଟିଏ ଭାଇ ବୋଲି ବି ଆମେ ଭଉଣୀମାନେ ତାକୁ ବହୁତ ଭଲ ପାଉ । ଆମେ ତିନି ଝିଅ ଓଡିଆ ସ୍କୁଲରେ ପାଠ ପଢିଲା ବେଳେ ଗୋଟିଏ ପୁଅ ବୋଲି ବାପା ବହୁତ କଷ୍ଟ କରି ତାକୁ ଇଂରାଜି ମିଡିୟମରେ ପାଠ ପଢାଇଥିଲେ । ହେଲେ ସେ ତାଙ୍କର କଷ୍ଟକୁ ବୁଝୁନି । ଏବେ ମୋ ଭାଇ ନବମ ଶ୍ରେଣୀରେ ପଢୁଛି । ତାର ପାଠପଢାରେ ଆଦୌ ଆଗ୍ରହ ନାହିଁ । କେବଳ ଭଲ ଖାଇବ, ଭଲ ପିନ୍ଧିବ ଓ ଅୟସ କରିବ ଏଥିରେ ହିଁ ତାର ମନ । ସେ ସବୁବେଳେ ସ୍ୱପ୍ନର ଦୁନିଆରେ ରହିବାକୁ ଭଲ ପାଉଛି । ତା ମତରେ ହଠାତ କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଯାନ୍ତା ଅବା ଆମର ଲଟେରୀ ଲାଗିଯାନ୍ତା ଯେ ଆମର ସବୁ କଷ୍ଟ ଦୂର ହୋଇଯାନ୍ତା । ସେ ଅଚଳାଚଳ ସଂପତ୍ତିର ମାଲିକ ହୋଇଯାନ୍ତା । ଏହିପରି ଅନେକ କିଛି । ସପ୍ତମ ଶ୍ରେଣୀରୁ ହିଁ ସେ ଅନ୍ୟ ସାଙ୍ଗମାନଙ୍କ ସହିତ ମିଶି ସିଗାରେଟ୍ ଖାଇବା ଆରମ୍ଭ କଲା । ଘରେ ବୁଝାଇବା ପରେ କିଛି ଦିନ ସବୁକିଛି ଠିକ ଚାଲିଥିଲା । ହେଲେ ତାହା ବେଶିଦିନ ରହିଲା ନାହିଁ । ଧୀରେ ଧୀରେ ଆମେ ଜାଣିବାକୁ ପାଇଲୁ ସେ ଟିଉସନ ନ ଯାଇ ଅନ୍ୟ ପୁଅଝିଅମାନଙ୍କ ସହିତ ବାହାରେ ଖଟି କରୁଛି । ଫିଲ୍ମ ଦେଖିବାକୁ ଯାଉଛି । ହୋଟେଲରେ ଖାଉଛି ଇତ୍ୟାଦି । ଆମେ ଅନେକ ଚେଷ୍ଟା କଲୁଣି ହେଲେ ଫଳ କିଛି ହେଉନି । ବେଳେ ବେଳେ ସେ ରାତିରେ ମଦ ପିଇ ମଧ୍ୟ ଘରକୁ ଫେରୁଛି । ଯାହା ଏବେ ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ତାକୁ କଣ କେମିତି ବୁଝାଇ ଉପଯୁକ୍ତ ରାସ୍ତାକୁ ଆଣିବୁ ସେ କଥା ଭାବି ଭାବି ମୋ ବାପାମାଆ ରୋଗଶଯ୍ୟାରେ ପଡି ଗଲେଣି । ଦୟାକରି ମୋତେ ରାସ୍ତା ବତାନ୍ତୁ ।

**ସୁଷମା ନାୟକ, ବୋଲଗଡ**

▼ତାରିଣୀ ପାଢ଼ୀଙ୍କ ହସଖୁସିର ପରିବାର





▼ରୋନାଲିସା ପଣ୍ଡାଙ୍କ ହସଖୁସିର ପରିବାର

**ସମାଧାନର ସୂତ୍ର**

ତୁମେ ଯାହା ସବୁ ଲେଖିଛ ସେଥିରୁ ସ୍ପଷ୍ଟ ଜଣା ପଡୁଛି ଯେ ତୁମ ଭାଇ ସଂପୂର୍ଣ୍ଣ ଭାବରେ ଅବାଟରେ ଚାଲିଯାଇ ସାରିଛି । ସେ କଥା ଭାବି ଭାବି ତୁମ ବାପାମାଆ ରୋଗାକ୍ରାନ୍ତ ହୋଇ ଗଲେଣି । ଖୋଲାଖୋଲି ଭାବରେ କହିବାକୁ ଗଲେ ଏଥିପାଇଁ ତୁମ ବାପାମାଆ ହିଁ ଦାୟୀ । ପୁଅଟିଏ ପାଇବା ପାଇଁ ଲୋକମାନେ ଏତେ ବ୍ୟସ୍ତ ହୋଇ ପଡନ୍ତି ଯେ ଝିଅମାନଙ୍କୁ ଅଣଦେଖା କରନ୍ତି । ତୁମେ ହିଁ ତାହା ଭଲ ଭାବରେ ଲେଖିଛ । ତୁମେ ତିନି ଭଉଣୀ ଓଡିଆ ସ୍କୁଲରେ ପଢିଥିବା ବେଳେ ପୁଅକୁ ଇଂରାଜି ସ୍କୁଲରେ ପଢାଗଲା । ଗୋଟିଏ ପୁଅ ବୋଲି ପିଲା ଦିନରୁ ନିହାତି ଭାବରେ ଅତି ଗେଲବସରରେ ବଢିଥିବ । ଯେତେବେଳେ ଯାହା ମାଗିଥିବ ବାପାମାଆ ତାହା ନିଶ୍ଚିତ ଭାବରେ ସାଙ୍ଗେ ସାଙ୍ଗେ ଯୋଗାଇ ଦେଇଥିବେ । ଏକ ଆରାମଦାୟକ ଜୀବନ କଟାଉ ଥିବାରୁ ବାପାମାଆଙ୍କର କଷ୍ଟ ସେ ବୁଝି ପାରିଲା ନାହିଁ । ବରଂ କହିଲେ ଠିକ ହେବ ଯେ ତାକୁ ଘରର କୌଣସି କଷ୍ଟ ବିଷୟରେ ଜଣାଇ ଦିଆଗଲା ନାହିଁ । ଏଣୁ ସେ ସବୁବେଳେ ଏକ ସ୍ୱପ୍ନର ଦୁନିଆରେ ରହିଲା । ଏପରିକି ସେ ବୁଝି ପାରିଲା ନାହିଁ ଯେ ତୁମେ ଘରର ବଡ ଝିଅ ହୋଇ ଏବେ ଚାକିରି କରି ଘର ଚଳାଉଛ । ଆଜି ସେ ଯେଉଁ ଭଳି ଅବାଟରେ ଚାଲି ଯାଇଛି ତାହା ତୁମେମାନେ ଆଗରୁ ଦେଖିଥିବ । ଏଣୁ ପ୍ରଥମରୁ କିଛି ପ୍ରତିକାର ବ୍ୟବସ୍ଥା କରିଥିଲେ ଏବେ ଅବସ୍ଥା ନିୟନ୍ତ୍ରଣ ବାହାରକୁ ଯାଇ ନ ଥାନ୍ତା । ସବୁ ସମସ୍ୟାର ସମାଧାନ ରହିଛି । ଏଣୁ ଏବେ ଚିନ୍ତାରେ ଭାଙ୍ଗି ନ ପଡି ଥଣ୍ଡା ମୁଣ୍ଡରେ କିଛି ବାଟ ବାହାର କରିବାକୁ ପଡିବ । ପ୍ରଥମ କାର୍ଯ୍ୟ ହେଉଛି ଯେ ବାପାମାଆଙ୍କୁ ତୁମେ ସକାରାତ୍ମକ ମନୋଭାବରେ ବୁଝାଅ ଯେପରିକି ସେମାନେ ରୋଗାକ୍ରାନ୍ତ ହେବେ ନାହିଁ । ତୁମେ ହିଁ ବାପାମାଆଙ୍କୁ ସାହସ ଦେଇ ପାରିବ । ତୁମେ ତିନି ଭଉଣୀ ଓ ବାପାମାଆ ଏକ ମନ ହୋଇ ଘର ଭିତରେ ଏକ ଶାନ୍ତ ପରିବେଶ ସୃଷ୍ଟି କର । ସାନଭାଇର ଦୋଷ କାଢିବ ନାହିଁ କିମ୍ବା ତା ଉପରେ ବିରକ୍ତ ହେବ ନାହିଁ । ତାକୁ କିଛି ନ କହି ଚୁପଚାପ୍ ରହିଲେ ହୁଏତ ତା ଉପରେ କିଛି ପ୍ରଭାବ ପଡିପାରେ । ଘରେ କିମ୍ବା ବାହାରେ ତା ବିଷୟରେ ଆଲୋଚନା କେବେ ବି କରିବ ନାହିଁ । ସେ ଅନୁଭବ କରିବା ଦରକାର ଯେ ତୁମେମାନେ ତା ଠାରୁ ଦୂରେଇ ରହିବାକୁ ଚାହୁଁଛ । ଏହା ହଠାତ ସମାଧାନ ହେବାର ଆଶା ରଖ ନାହିଁ । ଧୈର୍ଯ୍ୟ ରଖ ଦିନେନା ଦିନେ ଏହା ସମାଧାନ ହେବ ।

**ସମସ୍ୟା: ୩**

ମୋର ବୟସ ୫୦ ବର୍ଷ । ମୁଁ ବିଜିନେସ୍ କରୁଛି । ମୋ ଝିଅର ବାହାଘରକୁ ପ୍ରାୟ ୩ ବର୍ଷ ହୋଇ ଗଲାଣି । ଜ୍ୱାଇଁ ଏକ ପ୍ରାଇଭେଟ୍ କଂପାନିରେ ଚାକିରି କରେ । ଝିଅ ପାଠ ପଢିଥିଲେ ବି ଚାକିରି କରିନି । ବାହାଘରର ପ୍ରାୟ ୬ ମାସ ଯାଏଁ ସବୁ କିଛି ଠିକ୍‌ଠାକ୍ ଚାଲିଥିଲା । ଝିଅର ଖୁସି ଦେଖି ଆମେ ବି ଖୁସି ଥିଲୁ । କିନ୍ତୁ ହଠାତ ଦିନେ ଝିଅ ପାଖରୁ ଫୋନ୍ ପାଇ ଆମେ ବ୍ୟସ୍ତ ହୋଇଗଲୁ । କାରଣ ଝିଅ ଆମକୁ ଫୋନ୍ କରି କହିଲା ମୋତେ ଆସି ତୁରନ୍ତ ଏଠାରୁ ନେଇଯାଅ । ମୁଁ ଏଠାରେ ଚଳି ପାରିବି ନାହିଁ । ଆମେ ବହୁତ ବ୍ୟସ୍ତ ହୋଇ ପହଂଚିବା ପରେ ଜାଣିଲୁ ଯାହା କିଛି ବି ହୋଇଥିଲା ସେଥିରେ ଆମ ଝିଅର ବହୁତ ଭୁଲ୍ ଥିଲା । ଆମେ ଝିଅକୁ ବହୁତ ବୁଝାଇ ଆସିଲୁ । କିନ୍ତୁ ସେବେଠାରୁ ଦୁଇ ଜଣଙ୍କ ଭିତରେ ମନୋମାଳିନ୍ୟ ଲାଗି ରହିଲା । ସାମାନ୍ୟ ସାମାନ୍ୟ କଥାରେ ଦୁଇ ଜଣଙ୍କ ଭିତରେ ଝଗଡା, କଳି ଆଉ ତାପରେ ହାତାହାତି । ଏମିତିରେ ପ୍ରାୟ ୧ ବର୍ଷ ବିତିଯିବା ପରେ ଦିନେ ହଠାତ ଝିଅ ଆସି ଆମ ଘରେ ପହଂଚି ଗଲା । ଆଉ ସେ ଶ୍ୱଶୁର ଘରକୁ ଫେରି ଯିବ ନାହିଁ ବୋଲି ବି ଆମକୁ ଶୁଣାଇ ଦେଲା । ସେ ଏଠାକୁ ଆସିବା ପ୍ରାୟ ୨ ବର୍ଷ ହୋଇଯିବ । ଅନେକ ଥର ଜ୍ୱାଇଁ ଓ ତାଙ୍କ ବାପାମାଆ ତଥା ବନ୍ଧୁବାନ୍ଧବ ଆସି ଝିଅକୁ ବୁଝାଇବାକୁ ଚେଷ୍ଟା କଲେଣି । ଆମେ ବି ଅନେକ ବୁଝାଇଲୁଣି । କିନ୍ତୁ ଝିଅର ଏକା ଜିଦ୍ ସେ ଆଉ ଜ୍ୱାଇଁଙ୍କ ପାଖକୁ ଫେରି ଯିବନି କି ତାଙ୍କୁ ଛାଡପତ୍ର ବି ଦେବନି । ଏ ସବୁକୁ ନେଇ ଆମେ ବହୁତ ଚିନ୍ତାରେ ରହୁଛୁ । କଣ କରିବୁ କିଛି ବୁଦ୍ଧି ଦିଶୁନି । ଆମେ ଚାହୁଁନୁ ଆମ ଝିଅ ପାଇଁ ସେ ପୁଅର ଜୀବନ ନଷ୍ଟ ହୋଇଯାଉ ଅବା ତାଙ୍କ ବାପାମାଆ କଷ୍ଟ ପାଆନ୍ତୁ । ଏ ପରିସ୍ଥିତିର ସମାଧାନର ବାଟ ଯଦି ବତାଇ ଦିଅପେକ୍ ଆମେ ବହୁତ ଉପକୃତ ହୁଅନ୍ତୁ ।

◣**ସୁଧୀର ଖଟୁଆ,** ବଲାଙ୍ଗିର

**ସମାଧାନର ସୂତ୍ର**

ଝିଅଜ୍ୱାଇଁଙ୍କ ବିଷୟରେ ଆପଣ ଯାହା ଲେଖିଛନ୍ତି ତାହା ଅତି ଦୁଃଖଦାୟକ କଥା । ଘଟଣାଟି ଏଭଳି ଜଟିଳ ହୋଇ ଯାଇଛି ଯେ ତାର ସମାଧାନ ଅନ୍ୟ କେହି କରି ପାରିବେ ନାହିଁ । କେବଳ ଆପଣଙ୍କ ଝିଅ ଓ ଜ୍ୱାଇଁ ଦୁହେଁ ମନଖୋଲି ଯଦି କଥା ହେବେ ତେବେ ତାହା ସମ୍ଭବ ହେବ । କାରଣ ଆପଣ ଲେଖିଛନ୍ତି ଯେ ଝିଅ ଏବେ କାହା କଥା ଶୁଣୁ ନାହିଁ । ତାର ଶ୍ୱଶୁର, ଶାଶୁ ଇତ୍ୟାଦି ଆସି ବୁଝାଇଲେ ବି ସେ ବୁଝୁନାହିଁ । ଏପରିକି ଆପଣଙ୍କ ପରିବାରର କାହା କଥା ବି ସେ ଶୁଣିବାକୁ ପ୍ରସ୍ତୁତ ନୁହେଁ । ଆପଣଙ୍କ ଝିଅ ଖୋଲାଖୋଲି କହି ଦେଇ ସାରିଲାଣି ଯେ ସେ ଆଉ ଶ୍ୱଶୁର ଘରକୁ ଯିବ ନାହିଁ କି ତାଙ୍କୁ ଛାଡପତ୍ର ଦେବ ନାହିଁ । ଏଥିରୁ ସ୍ପଷ୍ଟ ଜଣା ପଡୁଛି ଯେ ସେ ଦୁଇଜଣଙ୍କ ଭିତରେ ଏପରି ଘଟଣା ଘଟିଛି ଯେଉଁଥିରେ କି ଆପଣଙ୍କ ଝିଅ ଅତ୍ୟଧିକ ମର୍ମାହତ ହୋଇଛି । ସେଥିପାଇଁ ସେ ପ୍ରତିଶୋଧ ନେବା ପରି କଥା କହୁଛି । ସ୍ୱାମୀସ୍ତ୍ରୀ ମଧ୍ୟରେ ଅନେକ ସମୟରେ ଛୋଟ ଛୋଟ କଥାରୁ ବି ମନୋମାଳିନ୍ୟ ହୁଏ । କିନ୍ତୁ ସେ ଦୁହିଁଙ୍କ ଭିତରେ ଯୁକ୍ତିତର୍କ ସହିତ ଶାରୀରିକ ଆଘାତ ପର୍ଯ୍ୟନ୍ତ କଥା ଯାଏ ବୋଲି ବି ଆପଣ ଲେଖିଛନ୍ତି । ଏଭଳି ପରିସ୍ଥିତିରେ ପ୍ରକୃତ କଥାଟା ହଠାତ ବାହାରକୁ ଆସେ ନାହିଁ । କିନ୍ତୁ ଏ କଥା ସତ ଯେ ସେଭଳି କିଛି ଘଟଣା ଘଟିଛି ଯାହା ପାଇଁ ଝିଅ ତାର ଜିଦ୍‌ରେ ଅଟଳ ରହିଛି । ଏ କ୍ଷେତ୍ରରେ ଆପଣ ଝିଅକୁ ଯେତେ ଉପଦେଶ ଦେଲେ ବି କାମ



ଡାକ୍ତର ଦୀନବନ୍ଧୁ ସାହୁଙ୍କ ହସଖୁସିର ପରିବାର

କରିବ ନାହିଁ । ଏହି କ୍ଷେତ୍ରରେ ଜଣେ ପେସାଦାର ପରିବାର ପରାମର୍ଶ ଦାତାଙ୍କର ସାହାଯ୍ୟ ଦରକାର । ଯିଏ କି ଆପଣଙ୍କ ଝିଅ ସହିତ ସିଧାସଳଖ ଖୋଲାଖୋଲି କଥା ହୋଇ ପାରିବେ । କିନ୍ତୁ ଏଥିରେ ଆପଣଙ୍କ ଝିଅ ରାଜି ହେବାର ଅଛି । ଝିଅର ଯଦି କେହି ଅନ୍ତରଙ୍ଗ ସାଙ୍ଗ ଥା'ନ୍ତି ସେ ବି ଏଥିରେ କିଛି ଅବଦାନ କରି ପାରିବେ, ଯଦି ଝିଅ ତାଙ୍କ ସହିତ ମନଖୋଲି କଥା ହେବ । ଆଶା କରୁଛି ଆପଣ ଏହି ସମାଧାନର ସୂତ୍ରଟିକୁ ଠିକ୍ ରୂପେ ବୁଝି ପାରିବେ ।

**ସମସ୍ୟା: ୪**

ମୁଁ ଜଣେ ସାଧାରଣ ଗୃହିଣୀ । ଘରେ ମୁଁ, ମୋର ସ୍ୱାମୀ, ଝିଅ ଓ ଶାଶୁ ଶ୍ୱଶୁର ରହୁ । ମୋ ପରିବାରରେ ସମସ୍ତେ ବହୁତ ଭଲ । କିନ୍ତୁ ବେଳେବେଳେ ମୋ ଶାଶୁଙ୍କର କିଛି କଥା ମୋତେ ବହୁତ କଷ୍ଟ ଦିଏ । ଏପରିକି ମୋତେ ଲାଗେ ଯେପରି ମୁଁ ଏ ଘରର ବୋହୂ ନୁହେଁ କେବଳ କାମ କରିବାକୁ ଆସିଛି । ସେ ନିଜେ ଯେତେବେଳେ ବୋହୂ ଥିଲେ ସେତେବେଳେ କେମିତି ସିଏ ତାଙ୍କ ଶାଶୁଙ୍କର କାମ କରୁଥିଲେ ସେ କଥା କହି ମୋ କାମକୁ ସିଏ ନାପସନ୍ଦ କରନ୍ତି । ଏପରିକି ସବୁ କଥାରେ ମୋ ଯାଆ ଓ ନଣନ୍ଦମାନେ କିପରି ଘର ଓ ଚାକିରି ଦୁଇଟା ଯାକ ସମ୍ଭାଳୁଛନ୍ତି ସେ କଥାର ଉଦାହରଣ ଦିଅନ୍ତି । ଏ କଥା ବି କୁହନ୍ତି ଯେ ମୁଁ ଚାକିରି କରିଲେ ଏଠି ସେ ଏକା ସବୁ କିଛି ସମ୍ଭାଳି ପାରିବେ ନାହିଁ । ମୋର ପ୍ରଥମ କର୍ତ୍ତବ୍ୟ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କର ସେବା କରିବା ବୋଲି ବି ମୋତେ କୁହନ୍ତି । ମୁଁ ସବୁ କିଛି ସହିଯାଏ । କିନ୍ତୁ ମୋତେ ବେଶି କଷ୍ଟ ଲାଗେ ଯେତେବେଳେ ସିଏ ଆମ ବନ୍ଧୁବାନ୍ଧବ ଅଥବା ମୋ ସ୍ୱାମୀଙ୍କର ବନ୍ଧୁମାନଙ୍କ ଆଗରେ ମୋତେ ଅପମାନିତ କରି କୁହନ୍ତି । ମୋ ସ୍ୱାମୀ ସେ ସବୁ ଜାଣିଲେ ବି ନିଜ ମାଙ୍କୁ କିଛି କୁହନ୍ତି ନାହିଁ ଅଥବା ସେ କଥାର କୌଣସି ପ୍ରତିବାଦ ବି କରନ୍ତି ନାହିଁ । ମୋ ଶ୍ୱଶୁର ଯଦିବା ସେ ସବୁ ପସନ୍ଦ କରନ୍ତି ନାହିଁ କିନ୍ତୁ ଶାଶୁଙ୍କୁ ବି ଉଚ୍ଚ ସ୍ୱରରେ ଏହାର ପ୍ରତିବାଦ କରନ୍ତି ନାହିଁ । ପ୍ରଥମେ ମୁଁ ଭାବିଥିଲି ଏସବୁ ସମୟାନୁସାରେ କମିଯିବ । କିନ୍ତୁ ଧୀରେ ଧୀରେ ଏ ସବୁ ଅସହ୍ୟ ହେବାରେ ଲାଗିଛି । ଆଉ ମୋ ଭିତରେ ସେ ଧୈର୍ଯ୍ୟ ରହୁନି । ତେଣୁ ଦୟାକରି ମୋତେ କିଛି ରାସ୍ତା ବତାନ୍ତୁ ।

**ପ୍ରୀତିନନ୍ଦା ପାଣି,** ଅନୁଗୋଳ

**ସମାଧାନର ସୂତ୍ର**

ବାହାଘର ପର ଠାରୁ ଆପଣ ଶ୍ୱଶୁରଘରେ ସମସ୍ତଙ୍କୁ ଭଲ ଭାବରେ ଜାଣି ସାରିଥିବେ । ଶାଶୁମାନେ ବୋହୂର ଦୋଷ କାଢ଼ିବା ଏକ ସାଧାରଣ ଘଟଣା ଯାହା ଅନେକ ପରିବାରରେ ଦେଖା ଯାଇଥାଏ । ଯେଉଁ ଶାଶୁମାନେ ବୋହୂକୁ ଝିଅ ଭଳି ଦେଖନ୍ତି ଏବଂ ଭୁଲ୍ କାଢ଼ିବା ପରିବର୍ତ୍ତେ ପ୍ରଶଂସା କରନ୍ତି, ସେମାନଙ୍କ ସଂଖ୍ୟା ବହୁତ କମ୍ । ଆପଣ ଖୁସି ହେବା ଦରକାର ଯେ ଆପଣଙ୍କର ଶ୍ୱଶୁର କିମ୍ବା ସ୍ୱାମୀ ଆପଣଙ୍କର ଦୋଷ କାଢ଼ୁ ନାହାନ୍ତି ଅବା ଆପଣଙ୍କୁ କଷ୍ଟ ହେଲା ପରି କିଛି କଥା କହୁ ନାହାନ୍ତି । ଆପଣ ଲେଖିଛନ୍ତି ଯେ ଶାଶୁଙ୍କର ଏଭଳି ବ୍ୟବହାରକୁ ଶ୍ୱଶୁର ପସନ୍ଦ କରନ୍ତି ନାହିଁ କିନ୍ତୁ ଭୟରେ କିଛି କୁହନ୍ତି ନାହିଁ, ଏଥିରୁ ଶାଶୁଙ୍କର ସ୍ୱଭାବ ଜଣା ପଡୁଛି । ଲାଗୁଛି ଘରେ ଶାଶୁଙ୍କର ବିଶେଷ କିଛି କାମ ନାହିଁ । ତେଣୁ ସେ ଆପଣଙ୍କର ଦୋଷ କାଢ଼ିବା କାମରେ ନିଜକୁ ବ୍ୟସ୍ତ ରଖୁଛନ୍ତି । ଏଭଳି ଲୋକଙ୍କୁ କେହି ବି ପରିବର୍ତ୍ତନ କରି ପାରିବେ ନାହିଁ । ଏଣୁ ତାଙ୍କର କଥାକୁ କୌଣସି ଗୁରୁତ୍ୱ ନଦେଇ ନିଜ କାମ କରି ଚାଲନ୍ତୁ । ତାଙ୍କର କଥାକୁ ଗୋଟିଏ କାନରେ ପୁରାଇ ଆର କାନରେ ବାହାର କରି ଦିଅନ୍ତୁ । ଆପଣ ଯଦି ତାଙ୍କ କଥାରେ ବିରକ୍ତ ହେବେ ଅବା ମୁହଁ ଖୋଲି କହିବେ ସେ ଆପଣଙ୍କର ଆହୁରି ଦୋଷ କାଢ଼ିବା ପାଇଁ ସୁଯୋଗ ପାଇଯିବେ । ଆପଣଙ୍କର ବନ୍ଧୁବାନ୍ଧବମାନେ ତାଙ୍କ କଥାରେ କେବେ ବି ପ୍ରଭାବିତ ହେବେ ନାହିଁ । ଏଣୁ ସେ ଆପଣଙ୍କ ବିରୁଦ୍ଧରେ ଯାହା ପାଖରେ କହିଲେ ବି ଆପଣ ଆଦୌ ଚିନ୍ତିତ ହୁଅନ୍ତୁ ନାହିଁ । ଆପଣ ନିଜର ବୁଦ୍ଧି ଓ ବିବେକ ବଳରେ ନିଜର କାମ କରନ୍ତୁ । ଶାଶୁଙ୍କ ଠାରୁ କେବେ ବି ପ୍ରଶଂସା ମିଳିବ ନାହିଁ ସେ କଥା ନିଜକୁ ବୁଝାଇ ଦିଅନ୍ତୁ । ଆପଣଙ୍କର ନିରବତା ହିଁ ଶାଶୁଙ୍କର ମନରେ ପରିବର୍ତ୍ତନ ଆଣିପାରେ ।

# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ମାନସିକ ଚିନ୍ତାରେ ଶାରୀରିକ ପ୍ରଭାବ



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

'ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି ।' ରୋଗ ଗୋଟିଏ ଶରୀରର ପ୍ରତ୍ୟେକ ଅଂଶକୁ କ୍ଷତବିକ୍ଷତ କରିଦିଏ, ସେହିଭଳି ଘୋର ମାନସିକ ଦୁଃଶ୍ଚିନ୍ତା ମଧ୍ୟ ମନ ସହ ଶରୀରକୁ ଖଣ୍ଡ ବିଖଣ୍ଡ କରିଦିଏ । ଏହି ଚିନ୍ତା ଆର୍ଥିକ ହେଉ, ମାନସିକ ହେଉ, ଚାକିରୀ ପାଇଁ ହେଉ, ବା' ପାରିବାରିକ କାରଣରୁ ହେଉ, ଧୀରେ ଧୀରେ ଶରୀରରେ ତା'ର ଆସ୍ଥାନ ଜମାଇ ବସି, କ୍ଷତ ସୃଷ୍ଟି କରିଥାଏ । ଚିକିତ୍ସା ବିଜ୍ଞାନର ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ଅଳ୍ପ ସମୟ ପାଇଁ ହେଉ ବା ବହୁ ସମୟ ପାଇଁ ହେଉ, ଦୁଃଶ୍ଚିନ୍ତା ଏକ ଦୁରାରୋଗ୍ୟ ବ୍ୟାଧି ଭଳି ଶରୀରରେ ବହୁଦିନ ଧରି ନିଜର ଉପସ୍ଥାନ ଜାହିର ରଖେ ।

ସବୁ ରୋଗୀର ରୋଗର ଇତିହାସ ନେବା ସଙ୍ଗେ ସଙ୍ଗେ ମାନସିକ ଦୁଃଶ୍ଚିନ୍ତାର ଇତିହାସ ମଧ୍ୟ ନେବା ଉଚିତ । ମାନସିକ ଚିନ୍ତା ଉଚ୍ଚରକ୍ତଚାପ, ହୃଦ୍‌ରୋଗ, ମଧୁମେହ ରୋଗ, ଶ୍ୱାସରୋଗ, ଆଲର୍ଜି, ମୁଣ୍ଡବ୍ୟଥା, ଅଣ୍ଟାବ୍ୟଥା, କ୍ଳାନ୍ତି, ଚର୍ମ୍ମ ଜନିତ ରୋଗ ଏବଂ ପାକସ୍ଥଳୀର ଘା' ବା ଅମ୍ଳଜନିତ ରୋଗକୁ ବଢ଼ାଇ ଦେଇଥାଏ ।

ଯଦି ମାନସିକ ଚିନ୍ତା କେବଳ ମନ ଭିତରେ ହିଁ ସୀମିତ ରହିଥାଏ, ତେବେ ତାହା କିଭଳି ଭାବରେ ମନରୁ ପୁଣି ଓହ୍ଲାଇ ଶରୀରକୁ ଆସେ ? କିଭଳି ଭାବରେ ଦୁଃଖ, କଷ୍ଟ ଝରଣା ପରି ବୋହି ଆସି ସାରା ଶରୀରକୁ ଭିଜାଇ ଦିଏ ? ମଣିଷଟିଏ ଭୟାତୁର ହୋଇ ପଡ଼ିଲେ ବା ଉତ୍ତେଜିତ ହେଲେ, ବା ମାନସିକ ଦୁଃସମ୍ବାଦଟିଏ ପାଇଲେ, ସାରା ଶରୀର ଥରିଉଠେ, ଛାତି ଧଡ଼ପଡ଼ ହୁଏ, ଦେହ ଝାଳେଇ ଯାଏ ଏବଂ ନାଡ଼ିର ସ୍ପନ୍ଦନ ବଢ଼ିଯାଏ । ଯଦି ମୁହୂର୍ତ୍ତକର ଚିନ୍ତା ତତ୍‌କ୍ଷଣାତ୍ ଏଭଳି ପରିସ୍ଥିତି ସୃଷ୍ଟି କରେ । ତେବେ ଭାବନ୍ତୁ, ଏ ମାନସିକ ଚିନ୍ତା ଦୀର୍ଘ ସମୟ ଧରି, କିଭଳି ଶରୀରକୁ ବହୁ ରୋଗରେ ବିବର୍ଣ୍ଣ କରି ଦେଇପାରେ । କେବଳ ଯେ, ତାହା ମନସ୍ତାତ୍ତ୍ୱିକ ସ୍ତରରେ ଏଭଳି ପରିବର୍ତ୍ତନ ଆଣେ ତାହା ନୁହେଁ, ଚିନ୍ତା ଓ ଗଭୀର ଭାବପ୍ରବଣତା ଶରୀରର ରାସାୟନିକ ସ୍ତରରେ (କେମିକାଲ ପରିବର୍ତ୍ତନ) ମଧ୍ୟ କରିଥାଏ । ତେଣୁ ମାନସିକ ସ୍ତରର କୌଣସି ଚିନ୍ତା ତତ୍‌କ୍ଷଣାତ୍ ଶାରୀରିକ ସ୍ତରକୁ ରୂପାନ୍ତରିତ ହୋଇଆସେ । ଏହ ଚିନ୍ତାର ଉଷ୍ମମ ଲାଭା କେଉଁ ଉତ୍ତରୁ ଉଦ୍‌ଗୀରଣ ହୋଇଥାଏ, ତାହା ବିବାହ, ପ୍ରେମ, ପାରିବାରିକ ପରିସ୍ଥିତି, ଆର୍ଥିକ ଅନାଶନ, ଚାକିରୀ ଭୟ, ପ୍ରିୟଜନଙ୍କ ବିଚ୍ଛେଦ, ବା ମୃତ୍ୟୁକୁ କେନ୍ଦ୍ରକରି ଆରମ୍ଭ ହୋଇଥାଏ ଏବଂ ତତ୍‌କ୍ଷଣାତ୍ ବିଦ୍ୟୁତ୍ ଭଳି ସାରା ଅଙ୍ଗକୁ ବ୍ୟାପିଯାଇଥାଏ । ମାନସିକ ଚିନ୍ତାରେ ବେଳେବେଳେ ଜୀବ ରସାୟନସ୍ତରରେ ଶରୀରରେ ଯେଉଁ ପରିବର୍ତ୍ତନ ଘଟାଏ, ତାହା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଥାଏ । ଯଦିଓ ରକ୍ତରେ ଚର୍ବି ଅଂଶତ କୋଲେଷ୍ଟେରୋଲ୍‌ର ନିୟନ୍ତ୍ରଣ ମୁଖ୍ୟତଃ ଖାଦ୍ୟ ଏବଂ ଜୀବନଧାରା ଯୋଗୁଁ ହୋଇଥାଏ, ତେବେ ମାନସିକ ଚିନ୍ତା ମଧ୍ୟ ଏହାର ପରିବର୍ତ୍ତନ ଘଟିଥାଏ । ସାଧାରଣତଃ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷାବେଳେ ଷ୍ଟ୍ରେସ୍ ଯୋଗୁଁ ତାଙ୍କ ରକ୍ତରେ ଏହି କୋଲେଷ୍ଟେରୋଲ୍ ପରିମାଣ ମଧ୍ୟ ବଢ଼ି ଯାଇଥାଏ ।

ମାନସିକ ଦୁଃଶ୍ଚିନ୍ତା ମସ୍ତିଷ୍କରେ ଏକ ବିପଦଜନକ ସତର୍କ ଘଣ୍ଟି (ଆଲାର୍ମ) ବଜାଇଦିଏ । ଫଳରେ ମସ୍ତିଷ୍କରୁ ଆଦେଶ ପାଇ ତତ୍‌କ୍ଷଣାତ୍ ଶରୀରର ସବୁ ସ୍ନାୟୁତନ୍ତ୍ରୀ ସଜାଗ ହୋଇ ଉଠନ୍ତି ଏବଂ ପଳାୟନ ପାଇଁ ବା' ଯୁଦ୍ଧ ପାଇଁ ସତର୍କ ହୋଇଯାଆନ୍ତି । ମାନସିକ ଚିନ୍ତା ମସ୍ତିଷ୍କର କ୍ଷୁଧା, କ୍ରୋଧ ତଥା ଆଉ କେତେଗୁଡ଼ିଏ ମୁଖ୍ୟ କାର୍ଯ୍ୟକଳାପର କେନ୍ଦ୍ରକୁ ଉତ୍ତେଜିତ କରିଦିଅନ୍ତି । ତେଣୁ ମାନସିକ ଚିନ୍ତାର ଅନ୍ତସ୍ରାବୀରସ ଆଡ୍ରିନାଲିନ୍ ଝରି ଆସେ । ଏହା ଧମନୀକୁ ସଙ୍କୁଚିତ କରାଇ ଦେହର ରକ୍ତଚାପ ବଢ଼ାଇଦିଏ, ରକ୍ତରେ ଶର୍କରା ଅଂଶ ବଢ଼ିଯାଏ, ନିଃଶ୍ୱାସ ନେବାରେ କଷ୍ଟହୁଏ, ହୃତ୍‌ପିଣ୍ଡ ବଢ଼ିଯାଏ ଏବଂ ବେଳେବେଳେ ହଠାତ୍ ହାର୍ଟ ଆଟାକ୍‌ରେ ମୃତ୍ୟୁ ହୋଇଥାଏ । ଏହି ଚିନ୍ତା ଅନେକ ଦିନ ଧରି ରହିଲେ ରାତିରେ ନିଦ ହୁଏ ନାହିଁ । ଅନେକଙ୍କର ଅଜୀର୍ଣ୍ଣତା ହୋଇ ଖାଦ୍ୟ ହଜମ ହୁଏ ନାହିଁ ଏବଂ ପାକସ୍ଥଳୀରେ ଘା'ହୁଏ ।

ଅନେକ ବ୍ୟକ୍ତିଙ୍କର ଟିକିଏ ମାନସିକ ପରିବର୍ତ୍ତନ ହେଲେ ସେମାନେ ରୋଗରେ ଶିକାର ହୋଇଥାନ୍ତି । ତେଣୁ ମାନସିକ ଦୁଃଶ୍ଚିନ୍ତାରେ କାହାକୁ ହୃଦ୍‌ରୋଗ, ମାନସିକ ରୋଗ, ମଧୁମେହ ରୋଗ, ଅଜୀର୍ଣ୍ଣ ଓ ଅମ୍ଳରୋଗ ହୋଇଥାଏ । ଏହାମଧ୍ୟ ରୋଗ ପ୍ରତିରୋଧକାରୀ ଶକ୍ତିକୁ ହ୍ରାସ କରିଦିଏ ।





ଇଂଲଣ୍ଡର ଏକ ଅନୁଧ୍ୟାନକାରୀ ଦଳ ୪୦୦ ବ୍ୟକ୍ତିଙ୍କର ମାନସିକ ଚିନ୍ତାର ଇତିହାସ ନେଇ, ସେମାନଙ୍କୁ ଥଣ୍ଡାଜ୍ୱରର ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେବା ପାଇଁ ଛାଡ଼ି ଦେଇଥିଲେ । ଯେଉଁମାନେ ମାନସିକ ଚିନ୍ତାରେ ବେଶି ଭାରାକ୍ରାନ୍ତ ଥିଲେ, ସେମାନଙ୍କୁ ଏହାଦ୍ୱାରା ବେଶି ପରିମାଣରେ ହୋଇଥିଲା । ମାନସିକ ରୋଗୀମାନେ କେବଳ ଭୂତାଣୁଜନିତ ରୋଗ ନୁହେଁ କର୍କଟରୋଗରେ ମଧ୍ୟ ଖୁବ୍ ଶୀଘ୍ର ଆକ୍ରାନ୍ତ ହୋଇପଡ଼ନ୍ତି ।

ତେବେ କେଉଁ ମାନସିକ ଦୁଃଶ୍ଚିନ୍ତାରେ ରୋଗ ହେବ, ତାହା ମଧ୍ୟ ଚିକିତ୍ସକମାନେ ଅନୁଧ୍ୟାନ କରି ଜାଣି ସାରିଲେଣି । କୌଣସି ଆତ୍ମୀୟ ବା ଆତ୍ମୀୟତାର ମୃତ୍ୟୁ ବା ବିଚ୍ଛେଦ ଜନିତ ଦୁଃଖ, କିମ୍ବା ନିଜ ପାଇଁ ନ୍ୟୁନ ମନୋଭାବ ଦ୍ୱାରା ଯେଉଁ ଗଭୀର ମାନସିକ ଅବସାଦ ଘଟେ, ସେଥିରେ ସାଧାରଣତଃ ଶ୍ୱାସରୋଗ ହୋଇଥାଏ । ଅଫିସ୍ କାର୍ଯ୍ୟ କରୁଥିବା ସ୍ଥାନରୁ ଜାତ ଚିନ୍ତା ଦ୍ୱାରା ଉଚ୍ଚ ରକ୍ତଚାପ, ହୃତପିଣ୍ଡ ରୋଗ, ସ୍ନାୟୁବିକ ଦୁର୍ବଳତା ଏବଂ ଅଣ୍ଟାବ୍ୟଥା ଦେଖା ଦେଇଥାଏ । ପ୍ରତିଦିନ ମାନସିକ ଓ ଶାରୀରିକ ଦୁଃଶ୍ଚିନ୍ତା ଭୋଗ କରୁଥିବା ଗୃହିଣୀମାନଙ୍କର ରୋଗ ପ୍ରତିରୋଧକାରୀ ଶକ୍ତି କମିଯାଏ ଏବଂ ସେମାନେ ବିଭିନ୍ନ ରୋଗର ଶିକାର ହୁଅନ୍ତି ।




ଏହା ବେଳେବେଳେ ବନ୍ଧ୍ୟାଦୋଷ ମଧ୍ୟ କରିଥାଏ । ନବ ବିବାହିତ ଦମ୍ପତିମାନେ ମାନସିକ ଚାପରେ ରହି କାମକଲେ, ଏହାର କୁପରିଣତି ତାଙ୍କର ଦାମ୍ପତ୍ୟ ଜୀବନରେ ପଡ଼ିଥାଏ, ଏଥିରେ ମହିଳାମାନଙ୍କର ଓଭ୍ୟୁଲେସନ୍ ଠିକ୍ ଭାବେ ହୁଏ ନାହିଁ, ଫଳରେ ବନ୍ଧ୍ୟାଦୋଷ ହୋଇଥାଏ । ବେଳେବେଳେ ଗର୍ଭଧାରଣ ହେଲେ ମଧ୍ୟ, ମାନସିକ ଚିନ୍ତାର ପ୍ରଭାବରେ ମନରେ ଉଦ୍‌ବେଗ ଭାବ ଜାତ ହୋଇଥାଏ ଏବଂ ବାରମ୍ବାର ଗର୍ଭନଷ୍ଟ ହୋଇଯାଇଥାଏ ଆଉ କେତେକଙ୍କର ଅପରିଣତ ପ୍ରସବ ବ୍ୟଥା ହୋଇ ଅଳ୍ପ ଓଜନର ଶିଶୁ ଜନ୍ମ ହୋଇଥାଏ । ବେଳେବେଳେ ମା'ର ମାନସିକ ଚାପ ଦ୍ୱାରା ଶିଶୁ ମା' ପେଟ ଭିତରେ ବଢ଼ି ନପାରି ଅଳ୍ପ ଓଜନର ହୋଇଥାଏ ।

ତେବେ ଅଳ୍ପ ସମୟ ପାଇଁ ମାନସିକ ଚିନ୍ତା ଦ୍ୱାରା ଉତ୍ପନ୍ନ ହୋଇଥିବା




ରୋଗଟି କାହିଁକି ଶରୀରରେ ବହୁଦିନ ଧରି ରହିଥାଏ ? ଚିକିତ୍ସକ 'ଥାଟେ'ଙ୍କ ମତରେ, ଶରୀରର ସବୁ ରିଆକ୍ସନ ବା ପରିବର୍ତ୍ତନ କେବଳ ସେହି ରାସ୍ତାରେ ହିଁ ଚାଳିତ ହୋଇ, ରୋଗରେ ପରିବର୍ତ୍ତିତ ହୋଇଥାଏ ।

ବେଳେବେଳେ ଅତ୍ୟଧିକ ମାନସିକ ଦୁଃଶ୍ଚିନ୍ତା ସଂଗେ ସଂଗେ କ୍ଷତି ନପହୁଂଚାଇ ବହୁବର୍ଷ ପରେ ଶରୀରକୁ ଦୁର୍ବଳ କରି ରୋଗ ଉତ୍ପନ୍ନ କରିଥାଏ । ତେବେ ସବୁ ବ୍ୟକ୍ତିକୁ କ'ଣ ମାନସିକ ଦୁଃଶ୍ଚିନ୍ତାରେ ସମଭାବରେ ଆକ୍ରାନ୍ତ ହୁଅନ୍ତି ? ବୋଧହୁଏ ନୁହେଁ, ଜଣେ ଜଣେ ଶଯ୍ୟାଶାୟୀ ହୋଇପଡ଼ିବା ବଳେ, ଠିକ୍ ସେତିକି ଦୁଃଖକୁ ଅନ୍ୟ କେତେକ ହସି ଉଡ଼ାଇ ଦିଅନ୍ତି । କଥାରେ ଅଛି– 'ମନର ମୂଳେ ଏ ଜଗତ, ହୁଅଇ ନିତ୍ୟ ଆତଜାତ ।' ତେଣୁ ମନସ୍ତତ୍ତ୍ୱବିତ୍‌ମାନେ ବିଚାର କରନ୍ତି ଯେ, ମାନସିକ ଦୁଃଶ୍ଚିନ୍ତାକୁ କିଏ କିଭଳି ଭାବରେ ଗ୍ରହଣ କରିବ, ଏହା ସଂପୂର୍ଣ୍ଣ ବ୍ୟକ୍ତିଗତ ଏବଂ ଜୀବନକୁ, ଜୀବନର ଆନନ୍ଦକୁ , ତଥା ଜୀବନର ଦୁଃଖକଷ୍ଟ କ୍ଲେଶକୁ ଯିଏ ଯେଭଳି ଭାବରେ ଗ୍ରହଣ କରିବ, ସିଏ ସେଭଳି ଭାବରେ ଏ ଜୀବନର ପ୍ରବହମାନ ସ୍ରୋତରେ ଭାସିନଯାଇ କାଳଜୟୀ ହୋଇ ଉତ୍ତୀର୍ଣ୍ଣ ହେବ, ଏବଂ ଜୀବନର ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିପାରିବ । ନିଜର ଦୃଢ଼ ମନୋବଳ ଏବଂ ସ୍ଥିତପ୍ରଜ୍ଞ ମାନସିକ ସ୍ଥିତି ହିଁ ଏଭଳି ପରିସ୍ଥିତିକୁ ସାମ୍ନା କରିପାରିବ । ନିଜର ଦୃଢ଼ ମନୋବଳ ଏବଂ ସ୍ଥିତପ୍ରଜ୍ଞ ମାନସିକ ସ୍ଥିତି ହିଁ ଏଭଳି ପରିସ୍ଥିତିକୁ ଏଡ଼ାଇ ଦେଇପାରିବ ।

# ଏମ୍ବ୍ରୋଡେରୀ ଫେଶନ୍ ଟ୍ରେଣ୍ଡ୍



# ହାତ ତିଆରି ସୂତାର କାରୁକାର୍ଯ୍ୟ ଏମ୍ବ୍ରୋଡୋରୀ



ଫ୍ୟାଶନ୍ କେତେବେଳେ ପୁରୁଣାରେ ନୂଆର ଝଲକ ତ ଆଉ କେତେବେଳେ ନୂଆ ଟ୍ରେଣ୍ଡ୍‌ର ସମାବେଶ । ଏହାର ସୀମା ବ୍ୟାପିଛି ଚତୁର୍ଦ୍ଦିଗକୁ । କପଡ଼ା ଉପରେ ବିଭିନ୍ନ ରଙ୍ଗ ସୂତାର କାରୁକାର୍ଯ୍ୟରେ କେତେବେଳେ ଫୁଲ, ଗଛଲତା ତ ଆଉ କେତେବେଳେ ସିଲ୍‌ଭର୍‌ର ତାରକସି କାମ ହୋଇଥାଏ । ପୁଣି କେତେବେଳେ ପାରମ୍ପରିକ ପୌରାଣିକ ଚିତ୍ର ଦେଖିବାକୁ ମିଳେ । ଯାହାକୁ ଏମ୍ବ୍ରୋଡୋରୀ ଡିଜାଇନ୍ କୁହାଯାଏ । ଏହାର ପ୍ରଚଳନ ଆଗରୁ ହେଲେ ମଧ୍ୟ ବର୍ତ୍ତମାନ ଏହାର କ୍ରେଜ୍ ଅଧିକ ବଢୁଛି । ସୂତା କପଡ଼ାରେ ଏମ୍ବ୍ରୋଡାରୀର କାରୁକାର୍ଯ୍ୟ ପିନ୍ଧିବାକୁ ଯେମିତି ଆରାମ୍ ଲାଗେ ଦେଖିବାକୁ ମଧ୍ୟ ଆକର୍ଷଣୀୟ ହୋଇଥାଏ । ଆସନ୍ତୁ ଜାଣିବା ଏମ୍ବ୍ରୋଡାରୀର ପ୍ରକାର ଭେଦ ।



**ଫ୍ୟାଶନ୍‌ରେ ଏମ୍ବ୍ରୋଡୋରୀର ଚଳନ:** ପରମ୍ପରାଗତ ଭାରତୀୟ ପରିଧାନରେ ଏମ୍ବ୍ରୋଡୋରୀର ବହୁତ ମହତ୍ୱ ରହିଛି । ବର୍ତ୍ତମାନ ଏହା ଫ୍ୟାଶନ୍‌ର ପରିଧି ମଧ୍ୟକୁ ଆସି ଫ୍ୟାଶନ୍ ଟ୍ରେଣ୍ଡ୍‌ରେ ପରିଣତ ହେଲାଣି । ବର୍ତ୍ତମାନ ଏହା କେବଳ ଭାରତରେ ନୁହେଁ ବିଦେଶୀ ଡିଜାଇନର୍‌ମାନଙ୍କୁ ମଧ୍ୟ ଆକର୍ଷିତ କରୁଛି । ଆମ ଦେଶରେ ଭିନ୍ନ ଭିନ୍ନ ଏମ୍ବ୍ରୋଡ଼ୋରୀ ଡିଜାଇନ୍ ରହିଛି । ତେବେ ସେ ଉପରେ ସବିଶେଷ ନଜର ପକାଇବା ଆସନ୍ତୁ ।



**ଫୁଲକାରୀ:** ଫୁଲକାରୀ କଳାକୃତି ଏମ୍ବ୍ରୋଡୋରୀ ଜମ୍ମୁ ଏବଂ ପଞ୍ଜାବରେ ପ୍ରଚଳିତ । ଏଥିରେ ରେଶମ ସୂତାରେ ଭିନ୍ନ ଭିନ୍ନ ଜ୍ୟାମିତିୟ ଆକୃତିର କାରୁକାର୍ଯ୍ୟ ଦେଖିବାକୁ ମିଳିଥାଏ । ଏଥିରେ ବେଳେବେଳେ ରପୁ ପରି ଷ୍ଟିଚିଂର ମଧ୍ୟ ପ୍ରୟୋଗ କରାଯାଏ । ଏହାକୁ ବାଗ୍ କୁହାଯାଏ । ଏହି କାରୁକାର୍ଯ୍ୟ ଶାଢ଼ି, ସାଲ୍‌ୱାର୍ କମିଜ୍, ଟପ୍, କୁର୍ତ୍ତି ଇତ୍ୟାଦିରେ କରାଯାଏ ।

**ଜରଦୋଜି:** ଏହି କଳାକୃତିର ଆରମ୍ଭ ମୋଗଲ କାଳରୁ ହୋଇଥିଲା । ବର୍ତ୍ତମାନ ଏହା ଶାଢ଼ି, ହ୍ୟାଣ୍ଡ୍‌ବ୍ୟାଗ୍, ବେଲ୍ଟ ଏବଂ ୱାଲ୍ ହ୍ୟାଙ୍ଗିଂରେ କରାହେଉଛି ।

**ଚିକନ୍:** ଚିକନ୍ ଏମ୍ବ୍ରୋଡୋରୀ ଭାରତୀୟ ଡିଜାଇନ୍ ମଧ୍ୟରୁ ଏକ ଲୋକପ୍ରିୟ ଡିଜାଇନ୍ । ଲକ୍ଷ୍ନୌ ଚିକନ୍ ପସନ୍ଦ ଆସିଥାଏ ସଭିଙ୍କୁ । ଶାଢ଼ି ଠୁ ଆରମ୍ଭ ହୋଇ କୁର୍ତ୍ତିରେ ଚିକେନ୍‌ର କାରୁକାର୍ଯ୍ୟ ବେଶ୍ ଆକର୍ଷଣୀୟ । ଏହା ଉଭୟ କଟନ୍ ଏବଂ ସିଲ୍କ କପଡ଼ାରେ ଉପଲବ୍ଧ ।

**କାନ୍ଥା:** କାନ୍ଥା ସାଧାରଣତଃ ବାଙ୍ଗ୍‌ଲାଦେଶ୍ ଓ ଭାରତର ତ୍ରିପୁରା, ଓଡ଼ିଶା, ପଶ୍ଚିମବଙ୍ଗରେ ପସ୍ରିଦ୍ଧ ଏମ୍ବ୍ରୋଡୋରୀ । ଶାଢ଼ି, କୁର୍ତ୍ତା, ଚୁଡ଼ିଦାର୍‌ରେ ଏହି କାନ୍ଥା ଏମ୍ବ୍ରୋଡୋରୀର ପ୍ରଚଳନ ହୋଇଥାଏ । ପଶ୍ଚିମବଙ୍ଗରେ ପାରମ୍ପରିକ ଶାଢ଼ି ଭାବେ କାନ୍ଥା ବେଶ୍ ପ୍ରସିଦ୍ଧ ।

**ଜାମାୱାର:** ଏହି ପ୍ରାଚୀନ ଏମ୍ବ୍ରୋଡୋରୀ ବହୁତ ପ୍ରସିଦ୍ଧ । ପୁରୁଣା ଜାମାୱାର ଡିଜାଇନ୍ ପ୍ରାୟ କୁର୍ତ୍ତିରେ ଦେଖିବାକୁ ମିଳେ ।



**କସୁଟି:** ଏହା କର୍ଣ୍ଣାଟକର ପାରମ୍ପରିକ ଏମ୍ବ୍ରୋଡୋରୀ । ଯେଉଁଥିରେ ଲାଲ, ସବୁଜ, କମଳା ଓ ନୀଳରଙ୍ଗର ସୂତାରେ ତୁଳସୀପତ୍ର, ରଥ ଏବଂ ପୌରାଣିକ ମହତ୍ୱ ଓ ପଶୁମାନଙ୍କୁ ସ୍ଥାନ ଦିଆଯାଏ ।

**ଜରି:** ଏହା ସୁନେଲି ରଙ୍ଗର ସୂତାରେ ହୋଇଥାଏ । ଏହା ସାଧାରଣତଃ ଶାଲ୍, କୁର୍ତ୍ତିରେ ଜରୀ ସହ ରେଶମର ସୂତାର ପ୍ରୟୋଗରେ କରାଯାଏ ।

**ମୁକେଶ:** ଏହା ଉତ୍ତରପ୍ରଦେଶର ପ୍ରସିଦ୍ଧ ଏମ୍ବ୍ରୋଡୋରୀ କାରୁକାର୍ଯ୍ୟ । କପଡ଼ା ଉପରେ ସିଲ୍‌ଭର୍ ଏବଂ ମେଟାଲିକ୍‌ର ସୁନ୍ଦର ତାରକସି କାମକୁ ମୁକେଶ ଏମ୍ବ୍ରୋଡୋରୀ କୁହାଯାଏ । ଏହା ସାଲ୍‌ୱାର କମିଜ୍, କୁର୍ତ୍ତି, ଶାଢ଼ିରେ ପ୍ରୟୋଗ କରାଯାଏ ।

**କଶିଦା:** ବିହାରରେ ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା କଶିଦା ମହାରାଷ୍ଟ୍ରରେ କସୁଟି ସହ ସମାନ । ଏଥିରେ ଜରିର ପ୍ରୟୋଗ କରାଯାଏ । କାଶ୍ମିରୀ କଶିଦାରେ ଫୁଲର ପ୍ରୟୋଗ ଅଧିକ ହୋଇଥାଏ । ଫର୍ମାଲ୍ କପଡ଼ାରେ କଶିଦାର ପ୍ରୟୋଗ ଅଧିକ ହୋଇଥାଏ ।


ସ୍ନିଗ୍ଧା ତ୍ରିପାଠୀ
ବିଶ୍ରାନ୍ତୱାଡ଼ି, ପୁନେ, ମହାରାଷ୍ଟ୍ର
ଫୋନ : ୯୩୦୯୧୧୯୬୨୫


ଫଟୋ ସୌଜନ୍ୟ : ଲେଖିକା

## ଯାହା କୁହନ୍ତି ଆମ ଡିଜାଇନର୍



ଏମ୍ବ୍ରୋଡୋରି ଦୁଇ ପ୍ରକାର ରହୁଛି । ଯଥା: ହ୍ୟାଣ୍ଡ୍ ଏମ୍ବ୍ରୋଡୋରୀ ଡିଜାଇନ୍ ଓ ଅନ୍ୟଟି ମେସିନ୍ ଏମ୍ବ୍ରୋଡୋରୀ । ଏହାକୁ ନେକ୍ ଫ୍ୟାଶନ୍ ପ୍ରେମୀ ପସନ୍ଦ କରୁଛନ୍ତି । ଏହାର ଡିମାଣ୍ଡ୍ ମଧ୍ୟ ବଢ଼ି ବଢ଼ି ଯାଉଛି । ହ୍ୟାଣ୍ଡ୍ ଏମ୍ବ୍ରୋଡୋରୀ ଅଧିକ ସମୟ ଲାଗୁଥିଲା ବେଳେ ମେସିନ୍ ଏମ୍ବ୍ରୋଡୋରୀ କମ୍ ସମୟ ଲାଗିଥାଏ । ଠିକ୍ ସେହିପରି ହ୍ୟାଣ୍ଡ୍ ଏମ୍ବ୍ରୋଡୋରୀର ମୂଲ୍ୟ ଟିକେ ଅଧିକ ଥିଲା ବେଳେ ମେସିନ୍ ଏମ୍ବ୍ରୋଡ଼ୋରୀର ମୂଲ୍ୟ କମ୍ ହୋଇଥାଏ । ଗୋଟିଏ ଶାଢ଼ିରେ କାନି ପଟରେ ହ୍ୟାଣ୍ଡ୍ ଏମ୍ବ୍ରେଡୋରୀର କାମ କରିବାକୁ ପ୍ରାୟ ୧୦୦୦ରୁ ୧୫୦୦ ଟଙ୍କା ଲାଗିଥାଏ । ଠିକ୍ ସେପରି ଏହାର କାମକୁ ନେଇ ମୂଲ୍ୟ ନିର୍ଦ୍ଧାରିତ କରାଯାଏ ।

**ଡିଜାଇନର୍ ଜ୍ଞାନଶ୍ରୀ ଦାସ,** ଭୁବନେଶ୍ୱର



# ବାଂଲା ରୋଷେଇ



# ଘରୁଆ ବ୍ୟଞ୍ଜନ




**ଡୋଲା ଗୁହନିୟୋଗୀ**

ନିଉଟାଉନ୍ ପଡ଼ା,
ଜଲ୍‌ପାଇଗୁଡ଼ି-୭୩୫୧୦୧, ପଶ୍ଚିମବଙ୍ଗ
ଫୋନ: ୯୭୭୫୩୦୧୪୮୮

ଫଟୋ ସୌଜନ୍ୟ : Dola Guha Neogi


## କାଙ୍କଡ଼ ଚପ୍



**ଆବଶ୍ୟକ ସାମଗ୍ରୀ :** କାଙ୍କଡ଼- ୩ଟା(ଅଧଫାଳ କରି କଟା ହୋଇଥିବ), ଆଳୁ- ବଡ଼ ଆକାରର ୨ଟା, ପନିର୍- ୧୫୦ଗ୍ରାମ, ଲଙ୍କା-୨ଟା, ପିଆଜ- ବଡ଼ ସାଇଜ୍‌ର ୧ଟା, ବେସନ୍- ୨ ବଡ଼ ଚାମଚ, ଗରମ ମସଲା- ୧ ଚାମଚ, ଅଦା ୧ ଇଂଚ୍, ଆମ୍‌ଚୁର୍ ପାଉଡ଼ର- ୧ ଚାମଚ, ଚାଟ୍ ମସଲା- ୧ ଚାମଚ, ଲୁଣ, ହଳଦୀଗୁଣ୍ଡ ଓ ଚିନି ପରିମାଣ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କାଙ୍କଡ଼କୁ ଦୁଇଫାଳ କରି କାଟି ନେବେ ଏବଂ ତାକୁ ଶିଝାଇ ନେବେ । ଆଳୁକୁ ମଧ୍ୟ ଶିଝାଇବେ । କାଙ୍କଡ଼ ଶିଝିଗଲା ପରେ ସେଥିରୁ ତାର ମଂଜିଗୁଡ଼ିକୁ ବାହାର କରିଦେବେ । ଏଥର ଶିଝା ଆଳୁ, ଅଳ୍ପ ଛେନା ବା ପନିର୍ (ଯାହା ହାତ ପାଖରେ ଥିବ), ଲୁଣ, ହଳଦୀଗୁଣ୍ଡ, ପିଆଜ, ଲଙ୍କା, ଅଳ୍ପ ଅଦା, ଗରମ ମସଲା ଗୁଣ୍ଡ, ଆମ୍‌ଚୁର୍ ପାଉଡ଼ର୍, ଏସବୁକୁ ଏକତ୍ର ମିଶାଇ ନେବେ । କଡ଼େଇରେ ତେଲ ପକେଇ ତେଲ ଗରମ ହେବା ପରେ ଏହି ମିଶ୍ରଣକୁ ହାଲ୍‌କା କରି ଭାଜିନେବାକୁ ପଡ଼ିବ । ଯେପରି ଆମେ ଆଳୁଭର୍ତ୍ତା କରୁ, ସେପରି । ତା'ପରେ ଏହି ଭଜାକୁ କାଙ୍କଡ଼ ଭିତରେ ପୁର ଆକାରରେ ଭର୍ତ୍ତି କରିବେ । ବେସନ୍‌ରେ ଲୁଣ ଅଳ୍ପ ଚିନି, ଲଙ୍କାଗୁଣ୍ଡ ଏବଂ ଅଳ୍ପ ପୋସ୍ତକ୍ ମିଶାଇ ଏକ ବହଳିଆ ମିଶ୍ରଣ କରିବାକୁ ହେବ । ଏବେ ପୁରଭର୍ତ୍ତି କାଙ୍କଡ଼କୁ ଏହି ବେସନ୍ ଘୋଳ ମଧ୍ୟରେ ବୁଡ଼ାଇ ଗରମ ତେଲରେ ଛାଣିନେବେ । ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଛାଣିବେ ଏବଂ ତା'ପରେ ଗୋଟେ ପ୍ଲେଟ୍‌ରେ ବାହାର କରିବେ । ସେଥିରେ ପିଆଜକୁ ରିଂ ଆକାରରେ କାଟି ଚାଟ୍ ମସଲା ସହିତ ଗାର୍ନିସ୍ କରି ଭାତ ସହିତ ଖାଇଲେ ଏହାର ସ୍ୱାଦ ପାଇବେ ।

## ଧୋକ୍‌ଲାର ଡାଲ୍‌ମା

**ଆବଶ୍ୟକ ସାମଗ୍ରୀ :** ବୁଟଡାଲି ୨୫୦ଗ୍ରାମ, ଧଣିଆଗୁଣ୍ଡ ୧ ଚାମଚ, ଜିରାଗୁଣ୍ଡ ୧ ଚାମଚ, ଆମ୍ବଚୁର ପାଉଡର୍ ୧ ଚାମଚ, ଗରମ ମସଲା ୧ ଚାମଚ, ଅଦା ୧.୫ ଇଂଚ୍, ସୋରିଷ ତେଲ ୩ ଚାମଚ, ଶୁଖିଲା ଲଙ୍କା୨ଟା(ଛୁଙ୍କ ପାଇଁ), ଗୋଟା ଗରମ ମସଲା ଆବଶ୍ୟକ ଅନୁସାରେ, ଲଙ୍କା ୩ଟା, ଘିଅ, ଲୁଣ ଓ ଚିନି ପରିମାଣ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ରାତିରେ ବୁଟଡାଲିକୁ ପାଣିରେ ଭିଜାଇ ରଖନ୍ତୁ । ପରଦିନ ପାଣିରୁ ବଚ୍ଚୁରା ବୁଟଡାଲିକୁ ଛାଣି ନିଅନ୍ତୁ । ସେହି ଡାଲିରେ ଧଣିଆ ଗୁଣ୍ଡ, ଜିରାଗୁଣ୍ଡ, ଲୁଣ, ଅଳ୍ପ ଚିନି, ଅଦା ଓ ଲଙ୍କା ବଟା ମିଶାଇ ତାହା ସହିତ ଆମ୍ବଚୁର, ପାଉଡର ଓ ଗରମମସଲା ଗୁଣ୍ଡ ମଧ୍ୟ ପକାନ୍ତୁ । ଏଥର ଏସବୁକୁ ମିକ୍ସିରେ ପେଷ୍ଟ୍ କରିନେବା ବେଳେ ଆବଶ୍ୟକ ପରିମାଣରେ ଅଳ୍ପ ପାଣି ଦେଇ ପାରନ୍ତି । କିନ୍ତୁ ମନେରଖିବେ ମିଶ୍ରଣଟି ଯେମିତି ବହୁତ ବହଳିଆ କିମ୍ବା ପତଳା ନହୁଏ । ଏହାପରେ ଗ୍ୟାସ୍‌ରେ କଡ଼େଇ ବସାନ୍ତୁ । ସୋରିଷ ତେଲ ଦେଇ ଏହି ମିଶ୍ରଣକୁ ସେଥିରେ ପକେଇ ଭାଜନ୍ତୁ । ମିଶ୍ରଣରୁ ପାଣି ଶୁଖିବା ପର୍ଯ୍ୟନ୍ତ ଭାଜିବାକୁ ପଡ଼ିବ । ତାପରେ କଡ଼େଇ ଓହ୍ଲେଇ ଆଣି ସେହି ଭଜା ମିଶ୍ରଣକୁ ଗୋଟିଏ ଥାଳିରେ ରଖନ୍ତୁ । ଏହାକୁ ଥାଳିରେ ବିଛେଇ ଦେଇ ଖଣ୍ଡ ଖଣ୍ଡ କରି ଛୋଟ ସନ୍ଦେଶ ଆକାରରେ କାଟି ନିଅନ୍ତୁ । ଏଥର ଏଗୁଡ଼ିକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ । ଏଥର କଡ଼େଇରେ ଟିକେ ବେଶି ପରିମାଣର ସୋରିଷ ତେଲ ପକାନ୍ତୁ । ସେଥିରେ କଟା ହେଇଥିବା ଧୋକ୍‌ଲା ଖଣ୍ଡଗୁଡ଼ିକୁ ପକାଇ ହାଲ୍‌କା ଭାଜି ଆଣନ୍ତୁ । ସମସ୍ତ ଧୋକ୍‌ଲା ଖଣ୍ଡ ଗୁଡ଼ିକ ଭଜା ହୋଇଯିବା ପରେ କଡ଼େଇରେ ଗୋଟା ଗରମ ମସଲା, ତେଜପତ୍ର, ଶୁଖିଲା ଲଙ୍କା, ଗୋଟା ଜିରା ପକେଇ ଭାଜନ୍ତୁ । ସୁନ୍ଦର ଗନ୍ଧ ନାକରେ ବାଜିଲେ ପୂର୍ବରୁ ରଖିଥିବା ସିଝା ଆଳୁର ଟୁକୁଡ଼ା ଗୁଡ଼ିକୁ ପକାନ୍ତୁ । ଜିରା, ଧଣିଆ ଓ ଅଦାବଟା ଦେଇ ମସଲାକୁ ଭଲ ଭାବରେ କଷି ନିଅନ୍ତୁ । ଲୁଣ ଓ ଚିନି ମଧ୍ୟ ଏହି ସମୟରେ ପକାନ୍ତୁ । ମିଠା ଚାହୁଁ ନଥିଲେ ଆପଣ ଚିନି ପକେଇବେ ନାହିଁ । ମସଲା କଷି ହୋଇଗଲା ପରେ ସେଥିରେ ଅଳ୍ପ ପାଣି ଦେଇ ଝୋଳ ବନାନ୍ତୁ । ଝୋଳ ଫୁଟି ଆସିଲେ ଭଜା ହୋଇ ରଖା ଯାଇଥିବା ଧୋକ୍‌ଲା ଖଣ୍ଡଗୁଡ଼ିକୁ ସେଥିରେ ପକାନ୍ତୁ । ଏଥର କିଛିକ୍ଷଣ ଫୁଟିବା ପାଇଁ ଛାଡ଼ି ଦିଅନ୍ତୁ । ତାପରେ ସେଥିରେ ଘିଅ ଓ ଗରମମସଲା ପାଉଡ଼ର ପକାଇ ଓହ୍ଲାଇ ଆଣନ୍ତୁ । ଏଥର ପ୍ରସ୍ତୁତ ହୋଇଗଲା ଆପଣଙ୍କର ପ୍ରିୟ ଧୋକ୍‌ଲା ଡାଲ୍‌ମା ।



# ଅନୁରାଧାଙ୍କ ରାନ୍ଧଣା



# ଦୁଇଟି ବଢିଆ ବ୍ୟଞ୍ଜନ




**ଅନୁରାଧା ସିଂହ**

ନାଲ୍କୋ ନଗର, ଅନୁଗୁଳ

ଫୋନ : ୭୦୭୭୧୨୮୧୦୨


ଫଟୋ ସୌଜନ୍ୟ : ଲେଖିକା

## ମ୍ୟାଗି ଚପ୍



**ଆବଶ୍ୟକ ସାମଗ୍ରୀ :** ମ୍ୟାଗି ୨ପିସ୍, ମ୍ୟାଗି ମସଲା-୧ପ୍ୟାକେଟ୍, ସିଝା ଆଳୁ-୨ଟା, ଚାଉଳ ଚୁନା-୩ ଚାମଚ୍, କିଛି ପରିବା କଟା (ଯଥା- ଗାଜର, କ୍ୟାପ୍‌ସିକମ୍, ବିନ୍) ଅଦା ଓ ରସୁଣ ବଟା ୧ ଚାମଚ୍, କଟା ପିଆଜ -୧ଟା, ଲଙ୍କା କଟା ସ୍ୱାଦ ଅନୁସାରେ, ବେସନ- ଅଧାକପ୍, ଧନିଆପତ୍ର ଅଳ୍ପ ।

**ପ୍ରସ୍ତୁତି ପ୍ରଣାଳୀ:** ପାଣି ଶୁଖାଇ ଦେବେ । ଥଣ୍ଡା ହେଲା ପରେ ସେଥିରେ ଆଳୁସିଝା, ପରିବା କଟା, ଲଙ୍କା କଟା, ଧନିଆଁପତ୍ର କଟା, ଚାଉଳ ଗୁଣ୍ଡ ଓ ମ୍ୟାଗି ମସଲାକୁ ମିଶାଇ ଚକଟି ଦେବେ । ଲୁଣ ପକାଇବେ । ଏବେ ତାକୁ ଗୋଲ୍ ଗୋଲ୍ ଚପ୍ ପରିକା ଆକାର ଦେବେ । ଗୋଟିଏ ପାତ୍ରରେ ବେସନର ଘୋଳ ପ୍ରସ୍ତୁତ କରିବେ । ଆଉ ଗୋଟିଏ ଥାଳିରେ ମ୍ୟାଗିକୁ ହାତରେ ଭାଙ୍ଗି ଛୋଟ ଛୋଟ ଖଣ୍ଡ କରି ରଖିବେ । ଏବେ ମ୍ୟାଗିର ଚପ୍ ଗୁଡ଼ିକୁ ବେସନ ଘୋଳ ବୁଡ଼ାଇ ମ୍ୟାଗି ଖଣ୍ଡ ଉପରେ ଗଡ଼ାଇ ଛାଣି ଦେବେ ।

## ପୁରଦିଆ ପୋଟଳ ତରକାରୀ

**ଆବଶ୍ୟକ ସାମଗ୍ରୀ :** ପୋଟଳ ୫ ରୁ ୭ଟା, ପନୀର-୨୦୦ଗ୍ରାମ, ପିଆଜ ବଟା- ବଡ଼ ଚାମଚ, ଅଦା ଓ ରସୁଣ ବଟା-୧ ବଡ଼ ଚାମଚ, ଗୋଟିଏ ବଡ଼ ଟମାଟୋ ପେଷ୍ଟ, ଧନିଆଁ ଗୁଣ୍ଡ ଅଧା ଚାମଚ, ଜିରା ଗୁଣ୍ଡ ଅଧା ଚାମଚ, କିଛି କାଜୁ ଓ ପୋସ୍ତ ପେଷ୍ଟ, ଘିଅ-୧ ଚାମଚ, କିଛି ଗୋଟା ଗରମ ମସଲା, ଲଙ୍କା, ଲୁଣ, ହଳଦୀ ଗୁଣ୍ଡ, ଆବଶ୍ୟକ ଅନୁସାରେ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପୋଟଳର ଚୋପାକୁ ରାମ୍ପି ଛଡ଼ାଇ ଦିଅନ୍ତୁ । ପୋଟଳର ଗୋଟିଏ ପାଖକୁ କାଟି ଚାମୁଚ୍‌ର ପଛ ପଟ ଦେଇ ପୋଟଳର ଭିତର ଅଂଶକୁ କୋରି କରି ବାହାର କରି ଦିଅନ୍ତୁ । ଏବେ ସେଇ ପୋଟଳର ଭିତର ମଞ୍ଜି ଅଂଶକୁ ବାଟି ପେଷ୍ଟ କରି ନିଅନ୍ତୁ । କଡ଼େଇରେ ଅଳ୍ପ ତେଲ ପକାନ୍ତୁ । ତେଲରେ ଅଳ୍ପ ଅଦା, ରସୁଣ ପେଷ୍ଟ ପକାଇ କଷନ୍ତୁ । କଷିହେଲା ପରେ ସେଥିରେ ସେଇ ପୋଟଳ ଭିତର ଅଂଶ ବଟାକୁ ପକାଇ କଷନ୍ତୁ । କଷିହେଲା ପରେ ପନୀର୍‌କୁ ହାତରେ ଭାଙ୍ଗି ସେଥିରେ ପକାଇ ଦେଇ କଷନ୍ତୁ । ସ୍ୱାଦାନୁସାରେ ଲୁଣ ପକାଇ କଷି ଥଣ୍ଡା କରନ୍ତୁ । ଏବେ ସେଇ ପୁରକୁ ପୋଟଳ ଭିତରେ ଭରି ଦିଅନ୍ତୁ । ଏବେ କଡ଼େଇରେ ତେଲ ପକାଇ ପୋଟଳକୁ ଭାଜି ଦିଅନ୍ତୁ । କଡ଼େଇରେ ପୁଣି ତେଲ ପକାନ୍ତୁ । ତେଲ ଗରମ ହେଲେ ସେଥିରେ ଡାଲ୍‌ଚିନି ଖଣ୍ଡେ, ଗୁଜୁରାତି ୨/୩ଟି, ଲବଙ୍ଗ ୨/୩ଟି ପକାଇ ଫୁଟାନ୍ତୁ । ଏବେ ସେଥିରେ ପିଆଜବଟା, ଅଦା, ରସୁଣବଟା ଓ ଟମାଟୋ ବଟା ପକାଇ କଷନ୍ତୁ, ସେଥିରେ ଗୁଣ୍ଡ ମସଲା ଯଥା ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଧନିଆଁଗୁଣ୍ଡ ପକାଇ କଷନ୍ତୁ । କଷିହେଲା ପରେ କାଜୁ ଓ ପୋସ୍ତ ପେଷ୍ଟ ପକାଇ ତେଲ ଛାଡ଼ିଲା ପର୍ଯ୍ୟନ୍ତ କଷନ୍ତୁ । ଏବେ ସେଥିରେ ଆବଶ୍ୟକ ଅନୁସାରେ ପାଣି ପକାନ୍ତୁ ପାଣି ଫୁଟିଲା ପରେ ସେଥିରେ ପୋଟଳ ଭଜାକୁ ପକାନ୍ତୁ । ଲୁଣ ପକାନ୍ତୁ । ଝୋଳ ମୋଟା ହେଲା ପରେ ସେଥିରେ ଗରମ ମସଲା ଗୁଣ୍ଡ ଓ ଘିଅ ପକାନ୍ତୁ ।



# ମାଆର ହାତରନ୍ଧା



# ଦୁଇଟି ଦେଶୀ ବ୍ୟଞ୍ଜନ




**ମଞ୍ଜୁଲତା ନନ୍ଦ**

ରାଜ ନୀଳଗିରି, ବାଲେଶ୍ୱର

ଫୋନ :୯୪୩୭୮୮୨୩୮୨


ଫଟୋ ସୌଜନ୍ୟ : ଲେଖିକା



## କଦଳୀମଞ୍ଜା ବରା

**ଆବଶ୍ୟକ ସାମଗ୍ରୀ :** କଦଳୀ ମଞ୍ଜା ଛୋଟଖଂଡ଼େ । ମୁଠେ ବତୁରା ଅରୁଆ ଚାଉଳ । ମୁଠେ ବୁଟ ଡାଲି(ବତୁରା) । ଜୀରା- ୧ ଚାମଚ, ପିଆଜ ୨ ଟା, କଞ୍ଚାଲଙ୍କା- ୨ ଟା, ବେସନ- ୨ ଚାମଚ, ୧ ଟା ସିଝା ଆଳୁ, ଲୁଣ- ସ୍ୱାଦ ଅନୁସାରେ, ସୋରିଷ ତେଲ, ହଳଦୀ- ୧ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବତୁରା ଡାଲି ଓ ଚାଉଳକୁ, ଜୀରା ପକେଇ ଭଲଭାବରେ ବାଟି ଦିଅନ୍ତୁ ଅଳ୍ପ ପାଣି ମିଶେଇ । ମଞ୍ଜାକୁ ସରୁସରୁ ଚୁନାଚୁନା କରି କାଟି ଦିଅନ୍ତୁ । ମଞ୍ଜାରେ ଅଳ୍ପ ଲୁଣ ଗୋଳେଇ ଅଧାଘଣ୍ଟା ରଖି ଦିଅନ୍ତୁ । ତା'ପରେ ଭଲଭାବରେ ମଞ୍ଜାକୁ ଚିପୁଡ଼ି ପାଣି ଅଂଶ ବାହାର କରି ଦିଅନ୍ତୁ । ସେଥିରେ ଚାଉଳ ବଟା, କଞ୍ଚାଲଙ୍କା ଓ ପିଆଜକୁ ଚୁନାଚୁନା କାଟି, ୨ ଚାମଚ ବେସନ, ହଳଦୀଗୁଣ୍ଡ, ଲୁଣ ପକାଇଲା ପରେ ସିଝା ଆଳୁକୁ ପକେଇ ଚକଟି ଦିଅନ୍ତୁ । ଏବେ ତାୱାରେ ତେଲ ଗରମ କରି ଚେକା ବରା ଭଳିଆ ପକେଇ ବଢ଼ା ଭାବରେ ଭାଜନ୍ତୁ ।

## ଅଷାଢୁଆ ଚଟଣି

**ଆବଶ୍ୟକ ସାମଗ୍ରୀ :** ଅଷାଢୁଆ-୭ଟା, ସିଝା ଆଳୁ- ୨ ଟା, ଭଜାବଡ଼ି-୫ଟା, ଗୋଟେ କଟା ପିଆଜ, ୫/୬ କୋଳା ରସୁଣ, କଞ୍ଚାଲଙ୍କା- ୨ ଟା, କଞ୍ଚା ସୋରିଷ ତେଲ- ୧ ଚାମଚ, ଲୁଣ- ସ୍ୱାଦ ଅନୁସାରେ, ଅଳ୍ପ କିଛି ଧଣିଆ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁ ଏବଂ ଅଷାଢୁଆକୁ ଭଲଭାବେ ପୋଡ଼ିବେ । ତା'ପରେ ଆଳୁରୁ ଚୋପା ଛଡ଼ାଇ ଅଷାଢୁଆ ଆଳୁ, କଟା ପିଆଜ, ରସୁଣ ଛେଚା, ବଡ଼ି ଛେଚା, ଲଙ୍କା ଛେଚା, ସୋରିଷ ତେଲ, ଲୁଣ ପକାଇ ଭଲ ଭାବରେ ଛେଚିବେ । ପରିଶେଷରେ ଧଣିଆପତ୍ର ପକେଇ ଗୋଳେଇ ଦେବେ । ବାସ୍ ।



# ଓଡ଼ିଆ ରାନ୍ଧଣା



# ଦୁଇଟି ବ୍ୟଞ୍ଜନ




**ଇନ୍ଦୁଲତା ତ୍ରିପାଠୀ**

ବାଲିପଡ଼ା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା-୭୫୪୨୧୫
ଫୋନ : ୮୭୬୩୩୩୭୦୮୦


ଫଟୋ ସୌଜନ୍ୟ : ଲେଖିକା

## ଅଟା ଚିଲ୍ଲି



ଖାଇବାର ସ୍ୱାଦ ଯଦି ଭଲ ହୋଇଥାଏ, ଖାଇବାର ମଜ଼ା ବି ଅଲଗା ହୋଇଥାଏ । ଅଟାରେ ପ୍ରସ୍ତୁତ ଚିଲ୍ଲି ଖାଇବାକୁ ବହୁତ ସ୍ୱାଦିଷ୍ଟ ଲାଗେ ।

**ଆବଶ୍ୟକ ସାମଗ୍ରୀ:** ଅଧଗିନା ଅଟା, ତେଲ, ଲୁଣ, ଲଙ୍କା, ଟମାଟୋ ଗୋଟେ, କ୍ୟାପ୍‌ସିକମ୍ ଗୋଟେ, ପିଆଜ ଗୋଟେ, ଧନିଆପତ୍ର, ଅଧଚାମଚ ଜିରା ।

**ପ୍ରସ୍ତୁତି ପ୍ରଣାଳୀ:** ଅଟାକୁ ପାଣି ଦେଇ ଗୋଳାନ୍ତୁ, କ୍ୟାପ୍‌ସିକମ୍, ପିଆଜ ଓ ଟମାଟୋକୁ ଛୋଟ ଛୋଟ କରି କାଟନ୍ତୁ । ଧନିଆପତ୍ର ଓ ଲଙ୍କାକୁ ମଧ୍ୟ ଛୋଟ ଛୋଟ କରି କାଟି ଏସବୁ କଟାକୁ ଅଟାରେ ପକାନ୍ତୁ । ଏହାପରେ ଲୁଣ ଏବଂ ଜିରା ଏହା ଉପରେ ପକାଇ ଗୋଳାଇ ଦିଅନ୍ତୁ । ଗ୍ୟାସ୍‌ରେ ପ୍ୟାନ୍ ବସାଇ ଦିଅନ୍ତୁ । ଟିକେ ଗରମ ହେଲା ପରେ ଏହି ବ୍ୟାଟର୍‌କୁ ପିଠା ପରି ବୁଲାନ୍ତୁ । ଏହା ଉପରେ ତେଲ ଦିଅନ୍ତୁ । ଏହାପରେ ଓଲଟାଇ ଦିଅନ୍ତୁ । ଏହାକୁ ଗରମଗରମ ସସ୍ ସହ ଖାଆନ୍ତୁ ।

## ଅଟା କେକ୍

ଆଜିର ବ୍ୟସ୍ତବହୁଳ ଜୀବନରେ ମେଦବୃଦ୍ଧି ପାଇଁ ଅନେକେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହୁଛନ୍ତି । ସେଥିପାଇଁ ଖାଇବା ଉପରେ ଅଧିକ ଧ୍ୟାନ ମଧ୍ୟ ଦେଉଛନ୍ତି । କେକ୍ ଖାଇବାକୁ ସମସ୍ତଙ୍କୁ ଭଲ ଲାଗେ । ହେଲେ ମଇଦା ବେଶି ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଉଚିତ୍ ହୋଇନଥାଏ । ତେବେ ଅଟାରେ ତିଆରି କେକ୍ ଖାଇବାକୁ ଯେପରି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହାନିକାରକ ହୋଇ ନଥାଏ ।

**ଆବଶ୍ୟକ ସାମଗ୍ରୀ :** କପେ ଅଟା, ଚିନି ଗୋଟେ କପ୍‌ର ଏକ ତୃତୀୟାଂଶ, ତେଲ ଅଧ କପ୍, କ୍ଷୀର ୧ କପ୍, ବେକିଙ୍ଗ୍ ପାଉଡ଼ର, ଛୋଟ ଚାମଚରେ ଅଧ ଚାମଚ, ଖାଇବା ସୋଡ଼ା- ଛୋଟ ଚାମଚରେ ଅଧ ଚାମଚ, ପସନ୍ଦ ଅନୁଯାୟୀ କାଜୁ, ଚେରୀ, ଆଲ୍‌ମଣ୍ଡ୍ ନିଅନ୍ତୁ ।

**ପ୍ରସ୍ତୁତି ପ୍ରଣାଳୀ:** ଗ୍ୟାସ୍ ଉପରେ ଚଉଡ଼ା ଓ ଖୋଲା ମୁହଁବାଲା ଡିସ୍‌ରେ ଲୁଣକୁ ଖେଳାଇ କମ୍ ଆଞ୍ଚରେ ବସାନ୍ତୁ । ସେହି ଲୁଣ ଉପରେ ଏକ ଷ୍ଟାଣ୍ଡ୍ ରଖନ୍ତୁ । ଅନ୍ୟପଟେ ଗୋଟେ ପାତ୍ରରେ ତେଲ ସହ ଚିନି ଗୋଳାନ୍ତୁ ଯେପରି ଟିଣ୍ଡା ନହୁଏ । ଏହାପରେ ଖାଇବା ସୋଡ଼ା ଏବଂ ବେକିଙ୍ଗ୍ ପାଉଡ଼ର ପକାଇ ଗୋଳାନ୍ତୁ । ନିଜ ଇଚ୍ଛା ଅନୁଯାୟୀ କାଜୁ, ଚେରୀ ଏବଂ ଆଲ୍‌ମଣ୍ଡ୍ ପକାନ୍ତୁ । ତାପରେ କେକ୍ କଣ୍ଟେନର୍‌ରେ ସାମାନ୍ୟ ତେଲ, ଟିକିଏ ଅଟା ପକାଇ କଣ୍ଟେନର୍ ଚତୁଃପାର୍ଶ୍ୱରେ ବୁଲାଇ ଆଣନ୍ତୁ । ଏହାପରେ ପ୍ରସ୍ତୁତ ହୋଇଥିବା କେକ୍ ବ୍ୟାଟର୍‌କୁ କଣ୍ଟେନର୍‌ରେ ପକାନ୍ତୁ । ସଜାଇଲା ପରି କାଜୁ ଚେରୀ ରଖି ଏହାକୁ ଗ୍ୟାସ୍ ଉପରେ ବସା ହୋଇଥିବା ଡିସ୍ ଭିତରେ ରଖନ୍ତୁ । ଏହାପରେ ଏହି ଡିସ୍‌କୁ ଘୋଡ଼ାଇ ଦିଅନ୍ତୁ । ୩୦ ମିନିଟ୍ ପରେ ଛୁରୀକୁ କେକ୍ ଭିତରେ ପୁରାଇ ଦେଖନ୍ତୁ ଯଦି କେକ୍‌ର ବ୍ୟାଟର୍ ଛୁରୀରେ ଲାଗୁନି ତେବେ କେକ୍ ହୋଇ ଯାଇଚି । ଟିକେ ଥଣ୍ଡା ହେଲା ପରେ ଗୋଟେ ପାତ୍ରରେ ରଖି ଏହାକୁ କାଟି ପରଷନ୍ତୁ ।



# ଶୁଭଶ୍ରୀଙ୍କ ରୋଷେଇ



# ଦୁଇଟି ବ୍ୟଞ୍ଜନ



**ଶୁଭଶ୍ରୀ ମହାପାତ୍ର**

ନୟାପଲ୍ଲୀ, ଭୁବନେଶ୍ୱର

ଫୋନ : ୮୦୧୮୮୯୮୦୦୯

ଫଟୋ ସୌଜନ୍ୟ : ଲେଖିକା

## ବ୍ରେଡ୍ ମସଲା



**ଆବଶ୍ୟକ ସାମଗ୍ରୀ:** ବ୍ରେଡ୍ ୪ ପିସ୍, ୧ଟି କ୍ୟାପ୍‌ସିକମ୍, ଗାଜର, ମସ୍‌ରୁମ୍, ଟମାଟୋ, ପିଆଜ, ଅଦା, ରସୁଣ, ଧନିଆ ପତ୍ର, ତେଲ, ହଳଦୀ ଗୁଣ୍ଡ, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପ୍ୟାନ୍‌ରେ ୨ ଚାମଚ ତେଲ ଦେଇ ଗରମ କରନ୍ତୁ । ଏହାପରେ ୪ ପିସ୍ ବ୍ରେଡ୍‌କୁ ମଧ୍ୟ ଗରମ କରନ୍ତୁ । ବ୍ରାଉନ୍ କଲର୍ ହୋଇଗଲେ ପ୍ଲେଟ୍‌କୁ ବ୍ରେଡ୍ କାଢ଼ି ଦିଅନ୍ତୁ । ଏବେ ମସଲା ପ୍ରସ୍ତୁତି ପାଇଁ ଅନ୍ୟ ଗୋଟିଏ ପ୍ୟାନ୍‌ରେ ତେଲ ଗରମ କରନ୍ତୁ । କଟା ରସୁଣ, ଅଦା, ପିଆଜ ଦେଇ ଭାଜନ୍ତୁ । କଟା କ୍ୟାପ୍‌ସିକମ୍, ଗାଜର, ମସ୍‌ରୁମ୍ ମଧ୍ୟ ମିଶାନ୍ତୁ । ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ଲଙ୍କା ଗୁଣ୍ଡ ଦେଇ ଭଲ ଭାବେ କଷି ଦିଅନ୍ତୁ । ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ । ଅଧକପ୍ ପାଣି ଦେଇ ଢାଙ୍କୁଣି ଘୋଡ଼େଇ ଦିଅନ୍ତୁ । ୫ ମିନିଟ୍ ପରେ ଭଜା ହୋଇଥିବା ବ୍ରେଡ୍‌କୁ ଛୋଟ ଛୋଟ ପିସ୍ କରି ମସଲାରେ କଷି ଦିଅନ୍ତୁ । ବ୍ରେଡ୍‌ରେ ମସଲା ମିଶିଲା ପରେ ପ୍ଲେଟ୍‌କୁ କାଢ଼ି ନିଅନ୍ତୁ । ମସଲା ବ୍ରେଡ୍‌କୁ ଧନିଆପତ୍ର ଓ ଟାଟୋ ସସ୍‌ରେ ସଜେଇ ଦିଅନ୍ତୁ । ଏବେ ରେଡି ହେଇଗଲା ବ୍ରେଡ୍ ମସଲା । ଆପଣ ସକାଳେ ବ୍ରେକ୍‌ଫାଷ୍ଟ କିମ୍ବା ସନ୍ଧ୍ୟାରେ ଟିଫିନ୍‌ରେ ଖାଇ ପାରିବେ ବ୍ରେଡ୍ ମସଲା ।


## କ୍ୟାପ୍‌ସିକମ୍ ରାଇସ୍

**ଆବଶ୍ୟକ ସାମଗ୍ରୀ :** କ୍ୟାପ୍‌ସିକମ୍, ଗାଜର, ବିଟ୍, ଟମଟୋ, କଟା ପିଆଜ, ତେଜପତ୍ର, ଅଳେଇଚ, ବାଦାମ ଗୁଣ୍ଡ ଓ ରାଇସ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ତେଲ ଗରମ କରନ୍ତୁ । ଏହା ପରେ ତେଜପତ୍ର, ଅଳେଇଚ ଓ ପିଆଜ ଦେଇ ଭାଜନ୍ତୁ । କଟା କ୍ୟାପ୍‌ସିକମ୍, ଟମାଟୋ ଓ ଗାଜରକୁ ମଧ୍ୟ ପକାନ୍ତୁ । ସାମାନ୍ୟ ହଳଦୀ ଗୁଣ୍ଡ ଓ ଲୁଣ ସ୍ୱାଦ ଅନୁସାରେ ଦିଅନ୍ତୁ । ଭଲ ଭାବରେ ମସଲା କଷି ହେଲା ପରେ ଅଧ କପ୍ ବାଦାମ ଗୁଣ୍ଡ ଦିଅନ୍ତୁ । ଅଳ୍ପ ପାଣି ଦେଇ ଢାଙ୍କୁଣି ଘୋଡ଼େଇ ଦିଅନ୍ତୁ । ପାଞ୍ଚମିନିଟ୍ ପରେ ପୂର୍ବରୁ ପ୍ରସ୍ତୁତ ରାଇସ୍‌କୁ ଏଥିରେ ପକାଇ ଦିଅନ୍ତୁ । ଏବେ ଗରମ ଗରମ ପ୍ଲେଟ୍‌କୁ କାଢ଼ି ପରଷି ଦିଅନ୍ତୁ କ୍ୟାପ୍‌ସିକମ୍ ରାଇସ୍ ।



# ପଶ୍ଚିମା ସ୍ୱାଦ



# ଦୁଇଟି ଦେଶୀ ବ୍ୟଞ୍ଜନ




**ସ୍ମିତପ୍ରଜ୍ଞା ମେହେର**

୩୦୭, ୟେଲାହାଙ୍କ ସେଟଲାଇଟ୍ ଟାଉନ, ବେଙ୍ଗାଲୁରୁ
ଫୋନ : ୭୯୭୮୯୫୧୫୫୩


ଫଟୋ ସୌଜନ୍ୟ : ଲେଖିକା



## ସୁଜି, ଚାଉଳ, ଚୁନା ଆଉ ଅଟା ଗୁଣ୍ଡ

**ଆବଶ୍ୟକ ସାମଗ୍ରୀ :** ସୁଜି ଅଧା କିଲୋ, ଚାଉଳ ଚୁନା ୨୫୦ ଗ୍ରାମ୍, ଅଟା ୨୫୦ ଗ୍ରାମ୍, ଚିନି ୧୫୦ଗ୍ରାମ, ଗୋଟିଏ ଚାମଚ ଲୁଣ, ପୁର ପାଇଁ ଗୋଟିଏ ନଡ଼ିଆ, କିଛି ଛେନା କିମ୍ବା ଖୁଆ, ଅଳ୍ପ ଅଳେଇଚ ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟିଏ ପାତ୍ରରେ ଗୋଟିଏ ଲିଟର ପାଣି ପକେଇ ଗରମ କରିବା, ସେଥିରେ ଚିନି ପକେଇବା ଆଉ ଗୋଟିଏ ଚାମଚ ଲୁଣ ମଧ୍ୟ । ପାଣି ପୁଟିଗଲା ପରେ ଅଳ୍ପ ଅଳ୍ପ କରି ସୁଜି, ଅଟା ଆଉ ଚାଉଳ ଚୁନାର ମିଶ୍ରଣକୁ ପକେଇ ଘାଣ୍ଟିବା । ଗ୍ୟାସ୍ ଅଫ୍ କରି କିଛି ସମୟ ଥଣ୍ଡା ହେବାକୁ ଛାଡ଼ିଦେବା । ଟିକିଏ ଥଣ୍ଡା ହେଲା ପରେ ତାକୁ ଭଲ କରି ଚକଟି ଛୋଟ ଛୋଟ ଗୁଳା ତିଆରି କରିବା । ମଣ୍ଡାର ପୁର ପାଇଁ ନଡ଼ିଆ କୋରା ଆଉ ଛେନା, ଚିନି ଆଉ ଅଳେଇଚ ଗୁଣ୍ଡ ମିଶେଇ ଅନ୍ୟ ଏକ କଡ଼େଇରେ କିଛି ସମୟ ଗରମ କରି ରଖିବା । ଏବେ ସେଇ ଛୋଟ ଛୋଟ ଗୁଳାକୁ ରୁଟି ଆକାରରେ ବେଲି ତାର ଗୋଟିଏ ପାର୍ଶ୍ୱରେ ପୁର ଦୁଇ ଚାମଚ କରି ରଖିବା ଓ ଆରପାଖକୁ ତା ଉପରେ ଢାଙ୍କି ଭଲ ସେ ଖୋଲାଥିବା ପାର୍ଶ୍ୱକୁ ବୁଜିଦେବା । କଡ଼େଇରେ ତେଲ ଗରମ କରି ସେଇ ଗଢ଼ା ହୋଇଥିବା ମଣ୍ଡାକୁ ପକେଇ ଏଥର ଛାଣିବା । ଗରମ ଗରମ ଖାଇ ତାର ମଜା ନେବା । ଏହାକୁ ଥଣ୍ଡା ହେଲା ପରେ ବି ଖାଇ ପାରନ୍ତି ।

## ଝୁଡଙ୍ଗ ଡାଲି ରସବରା

**ଆବଶ୍ୟକ ସାମଗ୍ରୀ :** ଅଧା କିଲୋ ଝୁଡ଼ଙ୍ଗ ଡାଲି, ଅଧ କିଲୋ ଚିନି, ଛାଣିବା ପାଇଁ ଅଧା ଲିଟର ତେଲ, ଦୁଇ ଚାମଚ ଅଳେଇଚ ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପାଞ୍ଚ ଘଣ୍ଟା  ପୂର୍ବରୁ ବତୁରାଇ ରଖା ହୋଇଥିବା ଝୁଡ଼ଙ୍ଗ ଡାଲିକୁ ପ୍ରଥମେ ଭଲକରି ଚୋପା ଛାଡ଼ିବା ପର୍ଯ୍ୟନ୍ତ ଧୋଇବା । ତାପରେ ତାକୁ ଭଲ ସେ ପାଣି ନିଗାଡ଼ି  ରଖିବା । ଗ୍ରାଇଣ୍ଡର୍ ପାତ୍ରରେ ଅଳ୍ପ ଅଳ୍ପ ପାଣି ଦେଇ ତାକୁ ଗ୍ରାଇଣ୍ଡିଂ କରି ନେବା, ପୁରା ଚିକ୍କଣ ନହେଲେ ଭଲ । ତାପରେ ତାକୁ ୧୦ ମିନିଟ ପର୍ଯ୍ୟନ୍ତ ଭଲ କରି ଫେଣ୍ଟି ରଖିବା । ଏବେ ପ୍ରସ୍ତୁତ କରିବା ଚିନି ସିରା । ଗୋଟିଏ କଡ଼େଇରେ ଅଧା କିଲୋ ଚିନି ଦେଇ, ସେଇଟା ଭିଜିବା ପର୍ଯ୍ୟନ୍ତ ଖାଲି ପାଣି ଦେବା । ଏବେ ଦୁଇ ଚାମଚ ଅଳଇଚ ଗୁଣ୍ଡ ଦେଇ ତାକୁ ଫୁଟିବା ପର୍ଯ୍ୟନ୍ତ ଘାଣ୍ଟିବା । ଅନ୍ୟ ଏକ କଡ଼େଇରେ ତେଲ ଗରମ କରି ବଟା ହୋଇଥିବା ଝୁଡ଼ଙ୍ଗ ଡାଲିକୁ ଅଳ୍ପ ଅଳ୍ପ ନେଇ ଗୋଲ ଆକାରର ବରା ଛାଣିବା ଲାଲ୍ ହେବା ପର୍ଯ୍ୟନ୍ତ । ତାପରେ ତାକୁ ଛାଣି ଚିନି ସିରାରେ ପକେଇବା । ପାଞ୍ଚ ମିନିଟ ସିରାରେ ରହିଲା ପରେ ଆମେ ସେଇ ସ୍ୱାଦିଷ୍ଟ ରସବରାକୁ ଖାଇ ପାରିବା ।



# ଲେଖକର ଲାଇସେନ୍ସ

ମୋର ଜଣେ ସମସାମୟିକ ଲେଖକବନ୍ଧୁଙ୍କୁ ଥରେ କଥା ଛଳରେ ପଚାରିଲି: "ଆପଣଙ୍କ ପାଖରେ ଲେଖକୀୟ ଲାଇସେନ୍ସ ଅଛି ?" ଲେଖକବନ୍ଧୁ ଜଣକ ପ୍ରଥମେ ଏହାକୁ ମୋର ଥଟ୍ଟା ପରିହାସ ମନେକରି କଥାଟିକୁ ଗୁରୁତ୍ୱ ଦେଲେନି । ନିରବ ରହିଲେ । ମୁଁ କିନ୍ତୁ କଥାଟିକୁ ଦୋହରାଇଲି । ସେ ଅଗତ୍ୟା ଯେଉଁ ଉତ୍ତର ଦେଲେ, ତାହା ଏବଂ ଉତ୍ତର ଦେବା ଆଗରୁ ଯେଉଁ ନିରୀହ ହସଟିଏ ହସିଲେ, ଏ ଦୁଇଟି ମୋ ମନରେ ରେଖାପାତ କରିବାରୁ, ଆଜି ସେଇ ପ୍ରସଙ୍ଗଟି ଆପଣମାନଙ୍କ ସହ ବାଣ୍ଟିବାକୁ ଚାହିଁଲି ।

ଲେଖକବନ୍ଧୁ ଜଣକ କହିଲେ, "ନା ଭାଇ ଲାଇସେନ୍ସ ନାହିଁ । ଆମକୁ ଭଲା ଲାଇସେନ୍ସ କିଏ ଦେଲା ? ଜୀବନ ସାରା ତ ବିନା ଲାଇସେନ୍ସରେ ଲେଖି ଆସିଲୁ । ତେଣୁ ଆମକୁ ଲାଇସେନ୍ସ କଥା ପଚାରିଲେ ଆମେ କହିବୁ କ'ଣ ?"

ପୁଣି ଯୋଡ଼ିଲେ, "କିନ୍ତୁ ସୁନ୍ଦର ଆଇଡ଼ିଆ ଭାଇ । ଏହାକୁ କାର୍ଯ୍ୟକାରୀ କରାଯିବା ଦରକାର ।"

ସତରେ, ଆମ ଲେଖକମାନେ ଆରମ୍ଭରୁ ଶେଷଯାଏଁ ଲେଖି ଚାଲନ୍ତି । କିଏ ଗପ ଲେଖନ୍ତି ତ କିଏ କବିତା । କିଏ ପୁଣି ଉପନ୍ୟାସ ଲେଖନ୍ତି । ଲେଖୁ ଲେଖୁ ସେ ଲେଖକ ଭାବରେ ସାହିତ୍ୟିକ ମହଲରେ ପ୍ରତିଷ୍ଠା ପାଆନ୍ତି । ପରିଚୟ ପାଆନ୍ତି । କିନ୍ତୁ ପାଆନ୍ତି ନାହିଁ 'ଲାଇସେନ୍ସ' ବା 'ଲେଖକୀୟ ଅଧିକାର ପତ୍ର' । ପାଆନ୍ତି ନାହିଁ ଏଇଥିପାଇଁ ଯେ, ଏହାକୁ ପ୍ରଦାନ କରିବା ପାଇଁ ସରକାରୀ ସ୍ତରରେ କୌଣସି ବିଧିବ୍ୟବସ୍ଥା ନାହିଁ କି ଏହାକୁ କାର୍ଯ୍ୟକାରୀ କରିବାକୁ କୌଣସି 'ଅଥରିଟୀ'ର ବ୍ୟବସ୍ଥା କରାଯାଇ ନାହିଁ ଅଦ୍ୟାବଧି ।

ତେଣୁ ଲେଖକଟିଏ ଆଜୀବନ ଲେଖି ଚାଲେ, ପୁରସ୍କାର ପାଇ ଚାଲେ, ବହିମାନ ଛପେଇ ଚାଲେ । କିନ୍ତୁ ସବୁକିଛି ଚାଲେ ବିନା ଲାଇସେନ୍ସରେ । ବିନା 'ଅନୁଜ୍ଞାପତ୍ର'ରେ । ଅଲିଖିତ ଭାବରେ । କାହିଁକି ? ଲେଖକଟିଏ କଣ ଏତିକି ସ୍ୱୀକୃତି ପାଇବାକୁ ଅଯୋଗ୍ୟ ନା ସେ ଅପଦାର୍ଥଟିଏ ଯେ ଲେଖି ଚାଲେ ! ଲେଖି ଚାଲେ ! ଏବଂ ଲେଖି ଚାଲେ !

ଏବେ ତ ମଣିଷର ଜୀବନ ହେଇଗଲାଣି ଡିଜିଟାଲ୍ । ତାର ପରିଚୟ ଏକ ନିର୍ଦ୍ଦିଷ୍ଟ ଡିଜିଟ୍ ବା ସଂଖ୍ୟାରେ ଜଣାପଡ଼େ । ଆପଣ ଦେଶର ନାଗରିକ ତ ଆପଣଙ୍କ ପାଖରେ ଆଧାର ନମ୍ବର ଅଛି । ଜଣେ ସାମାନ୍ୟ ସାଇକେଲଟିଏ କିଣିଲେ, ରିକ୍‌ସାଟିଏ କିଣିଲେ ପୌର ପରିଷଦ କିମ୍ବା ସଂପୃକ୍ତ କର୍ତ୍ତୃପକ୍ଷ ଦେଇଥାଏ ଲାଇସେନ୍ସ । ଏବେ ତ ପ୍ରତ୍ୟେକ ନାଗରିକୁ ନାଗରିକ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା ହୋଇସାରିଲାଣି । ଅର୍ଥାତ୍ ଆପଣ କେବଳ ଆପଣଙ୍କୁ ପ୍ରାପ୍ତ ଲାଇସେନ୍ସର କୋଡ୍ ନମ୍ବରଟି କହିଲେ ଯଥେଷ୍ଟ । ଆପଣଙ୍କ ପୁରା ପରିଚୟ ବାହାରି ପଡ଼ିବ । ଏପରି ସ୍ଥଳରେ ଲେଖକ ସମୁଦାୟଙ୍କ ଲାଇସେନ୍ସ ବ୍ୟବସ୍ଥା ହେବାର ଆବଶ୍ୟକତା ବେଶ୍ ପ୍ରାସଙ୍ଗିକ ମନେହୁଏ ।

ତେବେ ଲଇସେନ୍ସ କଥା ଉଠିଲେ ଏ ପ୍ରସଙ୍ଗରେ ଆହୁରି ଅନେକ ଗୁଡ଼ିଏ ପ୍ରଶ୍ନ ଆସିପାରେ । ସେସବୁକୁ ନେଇ ପରେ ଆଲୋଚନା କରିବା । କିନ୍ତୁ ବର୍ତ୍ତମାନ ଲେଖକର ଲାଇସେନ୍ସ କଥାଟି କେତେଦୂର ସମୀଚୀନ, ସେ ବିଷୟରେ ଲେଖକମାନେ ଚିନ୍ତାଭାବନା କରିବାର ସମୟ ଆସିଛି । କାରଣ ସବୁକଥାରେ ଅଧିକାରର କଥା ଆସେ । ଲେଖାଲେଖି ଭଳି ଏକ ସୃଜନଶୀଳ କର୍ମରେ ଲିପ୍ତ ବ୍ୟକ୍ତିଙ୍କ ପାଇଁ ଅଧିକାର ପତ୍ର ବା ଲାଇସେନ୍ସ (ୟୁନିକ୍ କୋଡ଼ ନମ୍ବର ସହିତ) ଦିଆଯିବା କଥାଟି କାହିଁକି ଘଟିବ ନାହିଁ ।

ଲେଖକର ଲାଇସେନ୍ସ ବ୍ୟବସ୍ଥା ଚାଲୁ ହେଲେ, ଲେଖକଟିଏ ଭିତରେ ଏକ ଆତ୍ମବିଶ୍ୱାସ ଆସିବ ଯେ ରାଜ୍ୟର ସେ ଜଣେ ସ୍ୱୀକୃତ-ଲେଖକ । ସୁତରାଂ ଲେଖାଲେଖି ପ୍ରତି ତାର ସ୍ୱତଃ ନିଷ୍ଠା ବଢ଼ିବାର ସମ୍ଭାବନା ରହିବ । ଏହାବ୍ୟତୀତ ଲାଇସେନ୍ସ ହୋଲ୍‌ଡ଼ର୍ ବା 'ଅଧିକାରପତ୍ର ଧାରକ' ଲେଖକମାନେ ଛଦ୍ମଲେଖକ ବା ଅଲେଖକଙ୍କୁ ଚିହ୍ନଟ କରି ପାରିବେ ଏବଂ ତଦନୁସାରେ ସେମାନଙ୍କ ଠାରୁ ଦୂରତା ବଜାୟ ରଖି ପାରିବେ । ଜଣେ ନୂଆ ଲେଖକ ତାର ଲେଖାଲେଖି ଆରମ୍ଭ କରିବା ପରେ ପରେ କୌଣସି ଏକ ପତ୍ରିକା ବା ମାଧ୍ୟମ ଖୋଜେ ପ୍ରକାଶିତ ହେବା ପାଇଁ । ତା'ର ପ୍ରଥମ ଲେଖାଟି ତାକୁ ଲେଖକର ପ୍ରଥମ ସ୍ୱୀକୃତି ପରି ଲାଗେ । ତା'ପରେ ସେ ଧିରେ ଧିରେ ଆଗକୁ ବଢ଼େ । କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଏ ଯେ, ପ୍ରୋତ୍ସାହନ ଅଭାବରୁ ଏବଂ ସଠିକ୍ ମାର୍ଗଦର୍ଶନ ନମିଳିବା କାରଣରୁ ଅନେକ ନୂଆ ଲେଖକ ନିରୁତ୍ସାହିତ ହୋଇ ପଡ଼ନ୍ତି । ଲେଖାଲେଖିରୁ ବିଚ୍ୟୁତ ହୋଇ ନିରବି ଯାଆନ୍ତି ମଧ୍ୟ । ଏସବୁ କ୍ଷେତ୍ରରେ କାହାର କିଛି କରିବାର ନଥାଏ ।

ଲେଖକଙ୍କ ପାଇଁ ଲାଇସେନ୍ସ ପ୍ରଦାନର ବ୍ୟବସ୍ଥା ହେଲେ, ଅନ୍ତତଃ ନୂଆ ଲେଖକମାନେ କିଛିଟା ସୁରକ୍ଷିତ ହେବେ । ସେମାନଙ୍କ ଭିତରେ ଏଇ ଧାରଣାଟି ରହିବ ଯେ, ଆମେ ରାଜ୍ୟର ଜଣେ ସ୍ୱୀକୃତିପ୍ରାପ୍ତ ଲେଖକ ତ ! ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ଲାଇସେନ୍ସର ନବୀକରଣ ହୋଇ ପାରୁ କି ନପାରୁ, ଲାଇସେନ୍ସ ରଦ୍ଦ ହୋଇ ଯାଉ କି ନଯାଉ, ତାହା ତାଙ୍କ ଲେଖକୀୟ ନିଷ୍ଠାପରତା ଏବଂ ନିରବଚ୍ଛିନ୍ନ ଲେଖାଲେଖି ପ୍ରକ୍ରିୟା ଉପରେ ନିର୍ଭର କରିବ ।

ଏ ପ୍ରକାର ଏକ ନୂତନ ଧାରା ପ୍ରଚଳନ ପାଇଁ ପ୍ରଥମେ ଓଡ଼ିଶା ସରକାରଙ୍କ 'ଭାଷାସାହିତ୍ୟ ଓ ସଂସ୍କୃତି ବିଭାଗ' ବା ନିର୍ଦ୍ଦେଶାଳୟ ଆଗଭର ହେବା ଦରକାର । ଏଥିପାଇଁ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ'କୁ ଦାୟିତ୍ୱ ଦିଆ ଯାଇପାରେ କିମ୍ବା ନିର୍ଦ୍ଦେଶାଳୟରେ ସ୍ୱତନ୍ତ୍ର ଏକ 'ସେଲ୍' ମଧ୍ୟ ଖୋଲାଯାଇ କାର୍ଯ୍ୟ କରା ଯାଇପାରେ । କିନ୍ତୁ ଏଥିପାଇଁ ପ୍ରଥମେ ଏକ ଲେଖକ-ଅନୁକୂଳ ଯୋଜନା ପ୍ରସ୍ତୁତ କରିବାକୁ ହେବ । ଆଶା କରିବି, ଏ ଦିଗରେ ଆପଣମାନେ ସୁଚିନ୍ତିତ ମତ ଦେବେ ।






MP

A Brand that continues to grow with your "TRUST"

3rd GENERATION

3rd ANNIVERSARY

OF OUR MEGA SHOWROOM

DIAMOND | GOLD | PLATINUM | SILVER

MANHARLAL PALA

Jewellers

V.N. Marg, Near HQ Hospital, Balasore | Ph: (06782) 262424, Mob: 9040819380

E-mail: mpalajewellers@yahoo.co.in | www.mpalajewellers.com

The **REBATI AMA MATIRA SWARA** ● August 2020 Vol - 2 Issue - 10 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50

Total Page : 108




Associate editor : **Krushna Kumar Mohanty** Editor : **Subasini Jena**